# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୧୧/୨୦୧୯ (୧୬ ପୃଷ୍ଠା) | Sambalpur, Friday, January 11/ 2019 | ★★

୧୫ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆଲିଆ**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମେତ ଅନ୍ୟ କଳାକାରମାନେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି।

୦୨

୧୧

**ମେରିକମ୍ ଶୀର୍ଷରେ**

ଭାରତୀୟ ମହିଳା ବକ୍ସର ଏମ୍‌ସି ମେରିକମ୍ ଅନ୍ତର୍ଜାତୀୟ ବକ୍ସିଂ ମହାସଂଘ ପକ୍ଷରୁ ପ୍ରକାଶିତ ର୍ୟାଙ୍କିଙ୍ଗ୍ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି।








## ଆଜିଠୁ ବରଗଡ଼ ଧନୁଯାତ୍ରା

ବରଗଡ଼ ଅଫିସ,୧୦।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସ୍ଥାନୀୟ ହାଟପଦା ରାଜଦରବାର ମଞ୍ଚରେ ସନ୍ଧ୍ୟା ୭ଟାରେ ଉଦ୍‌ଘାଟିତ ହେବ । ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ ପରେ ୧୧ଦିନ ବ୍ୟାପୀ ବରଗଡ଼ ମଥୁରା ନଗରୀ ଓ ଅମ୍ବାପାଲି ଗୋପପୁର ପାଲଟିବ । ଆଉ ବରଗଡ଼ ଓ ଅମ୍ବାପାଲି ମଝିରେ ବହି ଯାଇଥିବା ଜୀରା ନଦୀ ହେବ ଯମୁନା। ପରମ୍ପରା ଦୃଷ୍ଟିରୁ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଏମ୍‌ପି ଡ. ପ୍ରଭାସ ସିଂ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିବେ ବୋଲି ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି। ସେହିପରି ଅପରାହ୍ନ ୧ଟାରୁ ସ୍ଥାନୀୟ ☞ପୃଷ୍ଠା-୮

# ଆଲୋକ ବର୍ମା ପଦଚ୍ୟୁତ

ନୂଆଦିଲ୍ଲୀ,୧୦।୧(ପି.ଟି.)



ଆଲୋକ ବର୍ମା

**ସିବିଆଇରେ ଓଲଟପାଲଟ**

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିଲା ଚୟନ କମିଟି ବୈଠକ
- ୨:୧ ସଂଖ୍ୟାଗରିଷ୍ଠତାରେ ସିବିଆଇ ନିର୍ଦ୍ଦେଶକ ପଦରୁ ବର୍ମା ବିଦା
- ହଟାଯିବା ନିଷ୍ପତ୍ତିକୁ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧ
- ବର୍ମାଙ୍କୁ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଦାୟିତ୍ୱ
- ଅତିରିକ୍ତ ନିର୍ଦ୍ଦେଶକ ଏମ୍.ନାଗେଶ୍ୱର ରାଓ ସିବିଆଇ ମୁଖ୍ୟ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଭାବେ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିବାର ଦୁଇଦିନ ପରେ ପଦଚ୍ୟୁତ ହୋଇଛନ୍ତି ଆଲୋକ ବର୍ମା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ ଚୟନ କମିଟିର ମାରାଥନ ବୈଠକରେ ଗୁରୁବାର ସନ୍ଧ୍ୟାରେ ୨:୧ ସଂଖ୍ୟାଗରିଷ୍ଠତାରେ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚୟନ କମିଟିର ସଦସ୍ୟ ତଥା ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ହେଁ ତାଙ୍କ ପ୍ରସ୍ତାବ ଗ୍ରହଣୀୟ ହୋଇନାହିଁ। ପ୍ରଧାନମନ୍ତ୍ରୀ ରାଫାଲ ଚୁକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତକୁ ଭୟ କରୁଛନ୍ତି। ଏଥିଯୋଗୁ ସେ ବର୍ମାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏକତରଫା ଭାବେ ସିବିଆଇ ମୁଖ୍ୟ ପଦରୁ ହଟାଇଦେଇଛନ୍ତି ବୋଲି କଂଗ୍ରେସ ସମାଲୋଚନା କରିଛି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ହଠାତ୍ ସରଗରମ ହୋଇଯାଇଛି।

ସିବିଆଇରେ ଅହମିକାର ଲଢ଼େଇ ଚରମସୀମାରେ ପହଞ୍ଚିବା ପରେ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ବିବାଦ ଉଗ୍ରରୂପ ଧାରଣ କରିବାରୁ ୨୦୧୮ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ରାତିଅଧିଆ ଏହି ଦୁଇ ଶୀର୍ଷ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ। ଏଥିସହ ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଏମ୍.ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଥିଲେ। ଶେଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ବର୍ମାଙ୍କୁ ପୁନଃ ଅବସ୍ଥାପିତ କରିଥିଲେ। ଏହାସହ ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ☞ପୃଷ୍ଠା-୮

## ଡିଏମ୍‌ଏଫ୍ ପାଣ୍ଠିରେ କାର୍ଯ୍ୟକାରୀ ହେବ ୧୧,୪୩୪ ପ୍ରକଳ୍ପ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

- ୬,୪୩୮ କୋଟି ମଞ୍ଜୁର
- ୮ ଖଣିଜ ସମ୍ପଦ ଭରା ଜିଲା ପାଇଁ ୧୧,୨୫୪ ପ୍ରକଳ୍ପ

ରାଜ୍ୟ ସରକାର ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ) ପାଣ୍ଠିରେ ୬,୪୩୮.୨୩ କୋଟି ଟଙ୍କାରେ ବିଭିନ୍ନ ଜିଲାରେ ୧୧,୪୩୪ ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ପାନୀୟ ଜଳ, ଶିକ୍ଷା, ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ପରିମଳ, ଦକ୍ଷତା ବିକାଶ ଏବଂ ଜୀବିକାର୍ଜନ ଆଦି ୯,୦୪୪ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଅବଶିଷ୍ଟ ୨,୩୭୮ଟି ପ୍ରକଳ୍ପ ଯଥା ଭିତ୍ତିଭୂମି, ଜଳସେଚନ, ଜଳଛାୟା, ଶକ୍ତି ଏବଂ ବନୀକରଣ ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେବ। ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଡିଏମ୍‌ଏଫ୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବୈଷୟିକ ସହାୟତା ଯୋଗାଇ ଦେବାକୁ ବିଭାଗଗୁଡ଼ିକୁ ଉନ୍ନୟନ କମିଶନର ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଅଧିକ ସଂଖ୍ୟକ ପ୍ରାଥମିକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନୁଗୋଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ, କୋରାପୁଟ, ମୟୂରଭଞ୍ଜ ଏବଂ ରାୟଗଡ଼ା ଜିଲାର ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ୮ଟି ଜିଲାରୁ ଡିଏମ୍‌ଏଫ ପାଣ୍ଠି ☞ପୃଷ୍ଠା-୮

**ଘରୋଇ କଳି**

## ଭାଗଚାଷୀଙ୍କ ଆତ୍ମହତ୍ୟା

ସୁନ୍ଦରଗଡ଼,୧୦।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଲେଫ୍ରିପଡା ଥାନା ଅନ୍ତର୍ଗତ ବେଲସରା ରଙ୍ଗିଆପଡ଼ାରେ ଜଣେ ଭାଗଚାଷୀ ଘରୋଇକଳିକୁ କେନ୍ଦ୍ର କରି ବୁଧବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀଙ୍କ ନାମ ବଂଶୀଧର ବଡାଇକ(୪୦)। ☞ପୃଷ୍ଠା-୮

## ପୁନର୍ବାର ଜିତିବା ପାଇଁ ନବୀନ ଆଶାବାଦୀ

**ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍ କାର୍ଯ୍ୟକ୍ରମ**



- କହିଲେ ମୁଖ୍ୟ ପ୍ରସଙ୍ଗ ହେବ ଦରବୃଦ୍ଧି, ଚାଷୀ ଅସନ୍ତୋଷ, ବେକାରି
- କୃଷକ ସଶକ୍ତୀକରଣ ପାଇଁ କାଳିଆ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ଦରବୃଦ୍ଧି, ଚାଷୀ ଅସନ୍ତୋଷ ଏବଂ ବେକାରି ସମସ୍ୟା ୨୦୧୯ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ। ବିଶେଷ କରି ପ୍ରାକୃତିକ ଗ୍ୟାସର ମୂଲ୍ୟ ବୃଦ୍ଧି ସାଧାରଣ ନିର୍ବାଚନ ଉପରେ ପଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର 'ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍' କାର୍ଯ୍ୟକ୍ରମରେ ପୁନର୍ବାର ଜିତିବା ନେଇ ଆଶାବାଦୀ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ବିଜେଡି କୌଣସି ଜାତୀୟ ମେଣ୍ଟର ସହଯୋଗୀ ହେବ ନାହିଁ। ପୂର୍ବପରି ଉଭୟ ଭାଜପା-କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବ। ଆଗକୁ ମଧ୍ୟ ଏପରି ☞ପୃଷ୍ଠା-୮

## କ୍ଷୁଦ୍ର ବ୍ୟବସାୟୀଙ୍କୁ ଜିଏସ୍‌ଟି ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦।୧



- ଛାଡ଼ ସୀମା ୪୦ ଲକ୍ଷକୁ ବୃଦ୍ଧି
- ଉପକୃତ ହେବେ ୨ କୋଟି କ୍ଷୁଦ୍ର ବ୍ୟବସାୟୀ
- କେରଳରେ ଲାଗୁ ହେବ ୧% ଅତିରିକ୍ତ ବିପର୍ଯ୍ୟୟ ସେସ୍
- ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଛାଡ଼ ସୀମା ୨୦ ଲକ୍ଷ
- ନୂଆ ନିଷ୍ପତ୍ତିରୁ ରାଜକୋଷକୁ ୫,୨୦୦ କୋଟିର କ୍ଷତି
- କମ୍ପୋଜିଶନ ସ୍କିମ ଚୟନ ଲାଗି ସୀମା ୧.୫ କୋଟିକୁ ବଢ଼ିଲା

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି କାଉନସିଲ୍‌ର ୩୨ତମ ବୈଠକ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କାଉନସିଲ୍ ବାର୍ଷିକ କାରବାର ଛାଡ଼ ସୀମାକୁ ୨୦ ଲକ୍ଷ ଟଙ୍କାରୁ ୪୦ ଲକ୍ଷ ଟଙ୍କାକୁ ବଢ଼ାଇ ଦେଇଛି। ସେହିଭଳି କମ୍ପୋଜିଶନ ସ୍କିମ ଚୟନ ଲାଗି କାରବାର ସୀମାକୁ ୧ କୋଟିରୁ ବଢାଯାଇ ୧.୫ କୋଟି ଟଙ୍କା କରାଯାଇଛି। ଏହା ଚଳିତ ବର୍ଷ ଏପ୍ରିଲ ପହିଲାରୁ ଲାଗୁ ହେବ। ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ୧% ଅତିରିକ୍ତ ସେସ୍ ଲାଗୁ କରିବା ଲାଗି କାଉନସିଲ୍ କେରଳକୁ ଅନୁମତି ପ୍ରଦାନ କରିଛି। ଅନ୍ତଃରାଜ୍ୟ ସାମଗ୍ରୀ ଓ ସେବାର ବିକ୍ରୟ କ୍ଷେତ୍ରରେ ଏଭଳି ସେସ୍‌କୁ କେରଳ ଦୁଇ ବର୍ଷ ପାଇଁ ଲାଗୁ କରିପାରିବ। ଗତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେରଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେଠାରେ ବିଭିନ୍ନ ବିକାଶ କାର୍ଯ୍ୟ ଲାଗି ଏପରି ସେସ୍ ଲାଗୁ ହେବ ବୋଲି ଜଣା ପଡ଼ିଛି।

କାଉନସିଲ୍‌ର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ ଜେଟ୍‌ଲୀ କହିଛନ୍ତି ଯେ, ଏଣିକି ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ କାରବାର କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ଏହା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଆଶ୍ୱସ୍ତି ପ୍ରଦାନ କରିବ। ସେହିଭଳି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏହି ଛାଡ଼ ସୀମାକୁ ୨୦ ଲକ୍ଷ ଟଙ୍କାକୁ ବଢାଯାଇଛି। ଏହା ପୂର୍ବରୁ ଏହା ୧୦ ଲକ୍ଷ ଟଙ୍କା ରହିଥିଲା। ସୂଚନାଯୋଗ୍ୟ, ୨୦ ଲକ୍ଷ ଟଙ୍କାର କାରବାର କ୍ଷେତ୍ରରେ ବର୍ତ୍ତମାନ ବାଣିଜ୍ୟ ସଂସ୍ଥାଗୁଡ଼ିକ ଜିଏସ୍‌ଟି ପଞ୍ଜୀକରଣରୁ ଛାଡ଼ ପାଉଛନ୍ତି। ଜିଏସ୍‌ଟି କାଉନସିଲ୍‌ର ଏଭଳି ନିଷ୍ପତ୍ତି ଯୋଗୁ ସରକାରଙ୍କ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

ତାଳିପକା ସମାଧାନ

**ଆଜିର ମନ୍ତବ୍ୟ**

"ସେନାରେ ସମଲିଙ୍ଗୀ ସମ୍ପର୍କ ଓ ବ୍ୟଭିଚାରକୁ ଅନୁମତି ଦିଆଯିବ ନାହିଁ।

-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

୨୦୧୪-୧୫ ଆର୍ଥିକ ବର୍ଷ ଠାରୁ ୨୦୧୭-୧୮ ଆର୍ଥିକ ବର୍ଷ ମଧ୍ୟରେ ଦେଶର ହାରାହାରି ବାର୍ଷିକ ଅଭିବୃଦ୍ଧି ୭.୩% ରହିଛି।

– ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 10.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 68 | 116 | 126 |
| DKL | 68 | 116 | 126 |
| BDK | 69 | 118 | 128 |
| BLS | 71 | 120 | 130 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


## ହୀରାକୁଦରେ ନିର୍ମାଣ ହେବ ଦ୍ୱିତୀୟ ସ୍ପିଲ୍‌ୱେ

ଭୁବନେଶ୍ୱର,୧୦।୧(ବ୍ୟୁରୋ)



- ଖର୍ଚ୍ଚ ହେବ ୫୦୦ କୋଟି
- ୩ ବର୍ଷରେ ଶେଷ ହେବ ପ୍ରକଳ୍ପ

ରାଜ୍ୟର ବଡ ଜଳଭଣ୍ଡାର ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ପାଇଁ ନିର୍ମାଣ ହେବ ଦ୍ୱିତୀୟ ସ୍ପିଲ୍‌ୱେ (ବନ୍ୟା ଜଳ ନିଷ୍କାସନ ପଥ)। ଏହି ପ୍ରକଳ୍ପ କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ ହେବ ଏବଂ ଏଥିପାଇଁ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ଏହା ବିଶ୍ୱବ୍ୟାଙ୍କ ଅର୍ଥରୁ ଖର୍ଚ୍ଚ କରାଯିବ। ଅଭିନବ ଜ୍ଞାନକୌଶଳକୁ ଉପଯୋଗ କରାଯାଇ ଏହି ନୂତନ ସ୍ପିଲ୍‌ୱେ ନିର୍ମାଣ ହେବ ବୋଲି ଜଳ ସମ୍ପଦ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜେନା କହିଛନ୍ତି ଯେ ଜଳ ଭଣ୍ଡାରକୁ ପ୍ରବଳ ବର୍ଷା ଜଳ ପ୍ରବେଶ କରିବା ବେଳେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଗେଟ୍‌ଗୁଡ଼ିକରୁ ନିଷ୍କାସନ ପର୍ଯ୍ୟାପ୍ତ ହେଉ ନାହିଁ। ଏହାକୁ ସମ୍ପ୍ରସାରଣ କରିବାର ଆବଶ୍ୟକତା ଦେଖା ଦେଇଛି। ଏଥିପାଇଁ ଦ୍ୱିତୀୟ ଜଳ ନିଷ୍କାସନ ପଥ ଜଳଭଣ୍ଡାରର ଡାହାଣ ପଟେ ନିର୍ମାଣ କରାଯାଉଛି। ଏଭଳି ନିର୍ମାଣ ଦେଶରେ ପ୍ରଥମ ହେବାକୁ ଯାଉଛି। ହୀରାକୁଦ ଡ୍ୟାମ୍ ବହୁ ପୁରାତନ ବୈଷୟିକ ଜ୍ଞାନକୌଶଳକୁ ଆଧାର କରି ନିର୍ମାଣ ହୋଇଥିଲା। ଏବେ ନୂତନ ଜ୍ଞାନକୌଶଳ ଉପଯୋଗ କରାଯାଇ ବିଶ୍ୱବ୍ୟାଙ୍କ ଏବଂ ସିଡବ୍ଲ୍ୟୁସି ଅନୁଦାନରେ ନିର୍ମାଣ କରାଯାଉଛି। ଏଥିଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଟାଟା ଇଞ୍ଜିନିୟରିଂ କାମ ଆରମ୍ଭ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବ ବୋଲି ଜେନା କହିଛନ୍ତି।

ସୂଚନାଯୋଗ୍ୟ ଯେ ହୀରାକୁଦ ଜଳଭଣ୍ଡାର ମହାନଦୀ ଉପରେ ୨୫.୮ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଛି। ସ୍ୱାଧୀନତା ପରଠାରୁ ଏହା ହେଉଛି ପ୍ରଥମ ବହୁମୁଖୀ ଜଳଭଣ୍ଡାର ପ୍ରକଳ୍ପ। ୧୯୫୭ ଜାନୁୟାରୀ ୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ୧୯୫୬ରେ ହୀରାକୁଦରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ସହ ଚାଷ ଜମିକୁ ଜଳସେଚନ ମଧ୍ୟ ଆରମ୍ଭ ହୋଇଥିଲା। ଏହି ଜଳଭଣ୍ଡାର ନିର୍ମାଣ ହେବା ଫଳରେ ଉପକୂଳ ଓଡିଶାରେ ଦେଖା ଦେଉଥିବା ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇ ପାରିଛି। ଏଥିସହିତ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଆଦି ଜିଲାରେ ଚାଷ ଓ ପାନୀୟ ଜଳ ଯୋଗାଣ ଏବଂ ଶିଳ୍ପକୁ ଜଳ ଯୋଗାଣରେ ମଧ୍ୟ ହୀରାକୁଦ ସହାୟକ ହେଉଛି।

**ଆହାର ଯୋଜନାରେ ଚଞ୍ଚକତା ଅଭିଯୋଗ**

## ୮ହଜାର ଲୋକଙ୍କ ଖାଦ୍ୟ ଫୋପାଡ଼ି ଦିଆଗଲା

ସମ୍ବଲପୁର,୧୦।୧(ବ୍ୟୁରୋ)

- ରାସ୍ତାରେ ଅଟକି ରହିଥିବା ଲୋକଙ୍କୁ ମିଳିଲାନି ଖାଦ୍ୟ
- ରୋଷେଇ କମ୍, ବିଲ୍‌ରେ ଅନିୟମିତତା ଅଭିଯୋଗ

ସମ୍ବଲପୁର ମହାନଗର ନିଗମ ଅଧୀନରେ ଚାଲିଥିବା ଆହାର କେନ୍ଦ୍ରର ଖାଦ୍ୟକୁ ଗୁରୁବାର ଫିଙ୍ଗି ଦିଆଯାଇଛି। ପ୍ରାୟ ୮ ହଜାର ଲୋକଙ୍କ ଖାଦ୍ୟକୁ ଏକ ଟ୍ରାକ୍ଟରରେ ନିଆଯାଇ ଦୁର୍ଗପାଳିସ୍ଥିତ ଡମ୍ପିଂୟାର୍ଡରେ ପକାଇ ଦିଆଯାଇଛି । ଓକିଲ ସଂଘର ୩ ଦିନିଆ ଅର୍ଥନୈତିକ ଅବରୋଧ ଓ ଭାରତ ବନ୍ଦ ପାଳନ ଯୋଗୁ ଆହାର କେନ୍ଦ୍ରକୁ କେହି ଖାଇବାକୁ ଆସି ନ ଥିଲେ । ସେଥିପାଇଁ ୨ ଦିନ ଧରି ଖାଦ୍ୟ ବଳକା ରହିଥିଲା । ସେହି ଖାଦ୍ୟ ନଷ୍ଟ ହୋଇଯାଇଥିବାରୁ ଏପରି ପଦକ୍ଷେପ ନିଆଯାଇଛି ବୋଲି ସଫେଇ ଦିଆଯାଇଛି। ପ୍ରଥମ ଦିନ ଖାଦ୍ୟ ନଷ୍ଟ ହେବ କଥା ଜାଣିବା ପରେ ଠିକା ନେଇଥିବା ମାନା ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ଦିନ କାହିଁକି ଏତେ ପରିମାଣ ଖାଦ୍ୟ ରନ୍ଧା ଯାଇଥିଲା ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ମିଳିଥିବା ସୂଚନା ଅନୁଯାୟୀ, ☞ପୃଷ୍ଠା-୮



ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଶାନ୍ତି ପ୍ରକ୍ରିୟାକୁ ସଫଳ କରିବା ପାଇଁ ଭାରତ ଯଥାସମ୍ଭବ ସକ୍ରିୟ ଭୂମିକା ନେବା ଆବଶ୍ୟକ ।
- ହମିଦ୍ କାର୍‌ଜାଇ, ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି




# ଘୁଞ୍ଚିଯାଉଛି ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ଉତ୍ତରପ୍ରଦେଶର ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣିରୁ ଜଷ୍ଟିସ୍ ୟୁ. ୟୁ. ଲଳିତ ଓହରିଯାଇଛନ୍ତି। ଫଳରେ ଆସନ୍ତା ୨୯ ତାରିଖକୁ ଏହାର ଶୁଣାଣି ଘୁଞ୍ଚାଇ ଦିଆଯାଇଛି। ଜାନୁୟାରୀ ୨୯ ପୂର୍ବରୁ ସୁପ୍ରିମକୋର୍ଟରେ ନୂଆ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯିବ। ଏହି ପୀଠ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ମାମଲାର ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ ଗୁରୁବାର ନିଷ୍ପତ୍ତି ନେଇଛନ୍ତି।

ବହୁପ୍ରତୀକ୍ଷିତ ଅଯୋଧ୍ୟା ମାମଲାର ଶୁଣାଣି ଗୁରୁବାର ହେବାର ଥିଲା। ଏଥିପାଇଁ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯାଇଥିଲା। ଏଥିରେ ଜଷ୍ଟିସ୍ ଉଦୟ ଉମେଶ ଲଳିତ, ଏସ୍.ଏ. ବୋବ୍‌ଡେ, ଏନ୍.ଭି. ରାମାନ୍ନା ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ମଧ୍ୟ ସାମିଲ ଥିଲେ। କୋର୍ଟରୁମ୍‌ରେ ଶୁଣାଣି ଆରମ୍ଭ ହେବା ମାତ୍ରେ ମୁସଲମାନ ପକ୍ଷଙ୍କ ଓକିଲ ରାଜୀବ ଧୱନ ଜଷ୍ଟିସ୍ ଲଳିତଙ୍କୁ ନେଇ ଆପତ୍ତି ଉଠାଇଥିଲେ। ଆଇନଜୀବୀ ଧୱନ ଯୁକ୍ତି ବାଢ଼ିଥିଲେ ଯେ, ୧୯୯୪ରେ ଜଷ୍ଟିସ୍ ଲଳିତ ଜଣେ ଆଇନଜୀବୀ ଭାବେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ(ବର୍ତ୍ତମାନ ରାଜସ୍ଥାନ ରାଜ୍ୟପାଳ)ଙ୍କ ପକ୍ଷରୁ ଅଯୋଧ୍ୟା ସମ୍ପର୍କିତ ଏକ ମାମଲା ପରିଚାଳନା କରିଥିଲେ। କିନ୍ତୁ ସାମ୍ବିଧାନିକ ପୀଠରୁ ତାଙ୍କୁ ବାଦ୍ ଦେବା ପାଇଁ ସେ କହୁନାହାନ୍ତି। ସେହିପରି ଏହି ପ୍ରସଙ୍ଗରେ ପୂର୍ବରୁ ଏକ ୩ ଜଣିଆ ଖଣ୍ଡପୀଠରେ ଶୁଣାଣି କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସିଜେଆଇ ଏହାକୁ ୫ ଜଣିଆ ଖଣ୍ଡପୀଠରେ ଶୁଣାଣି କରିବାକୁ କାହିଁକି ନିଷ୍ପତ୍ତି ନେଇଛନ୍ତି ବୋଲି ଧୱନ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିପକ୍ଷ ଓକିଲଙ୍କ ଏହି ଯୁକ୍ତି ଶୁଣିବା ମାତ୍ରେ ଜଷ୍ଟିସ୍ ଲଳିତ ନିଜଆଡୁ ଏହି ମାମଲାର ବିଚାର ପ୍ରକ୍ରିୟାରୁ ଓହରିଯାଇଥିଲେ। ଫଳରେ ୨୦ ମିନିଟର ଶୁଣାଣି ପରେ ସିଜେଆଇ ଗୋଗୋଇ ମାମଲାର ବିଚାରକୁ ଆସନ୍ତା ୨୯ ଯାଏ ଘୁଞ୍ଚାଇଦେଇଛନ୍ତି। ଏହାପୂର୍ବରୁ ଜଷ୍ଟିସ୍ ଲଳିତଙ୍କ ବଦଳରେ ଅନ୍ୟ ଜଣେ ବିଚାରପତିଙ୍କୁ ନେଇ ନୂଆ ଖଣ୍ଡପୀଠ ଗଠନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, କଲ୍ୟାଣ ସିଂ ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୯୨ ଡିସେମ୍ବର ୬ରେ ବିବାଦୀୟ ଢାଞ୍ଚା ବାବ୍ରି ମସ୍‌ଜିଦ ଭଙ୍ଗାଯାଇଥିଲା। ସେତେବେଳେ ସେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଦେଇଥିବା ପ୍ରତିଶ୍ରୁତି ରଖିପାରି ନ ଥିଲେ। ଫଳରେ ତାଙ୍କୁ କୋର୍ଟରେ ହାଜର ହୋଇ ଜବାବ ରଖିବାକୁ ପଡ଼ିଥିଲା। ଜଷ୍ଟିସ ଲଳିତ ସେହି ମାମଲାରେ କଲ୍ୟାଣଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ।

୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଏହି ବହୁଚର୍ଚ୍ଚିତ ମାମଲାର ଶୁଣାଣି କରି ବିବାଦୀୟ ୨.୭୭ ଏକର ଜମିକୁ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମଲାଲାଙ୍କ ମଧ୍ୟରେ ସମାନ ତିନିଭାଗରେ ବାଣ୍ଟି ଦେଇଥିଲେ। ହେଲେ ହାଇକୋର୍ଟଙ୍କ ରାୟ ପରେ ଭୂମିକୁ ନେଇ ସହମତି ପ୍ରକାଶ ପାଇ ନ ଥିଲା। ଉକ୍ତ ରାୟ ବିରୋଧରେ ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଛି। ପୂର୍ବରୁ ଆବେଦନକାରୀଙ୍କ ମଧ୍ୟରେ ଏମ୍. ସିଦ୍ଦିକି ରହିଥିଲେ। ସିଦ୍ଦିକିଙ୍କ ମୃତ୍ୟୁ ପରେ ଆଇନଗତ ଉତ୍ତରାଧିକାରୀ ଭାବେ ତାଙ୍କ ପୁଅ ଏହି ମାମଲାର ଏକ ପକ୍ଷ ଅଛନ୍ତି। ବରିଷ୍ଠ ଆଇନଜୀବୀ ଧୱନ ତାଙ୍କ ପକ୍ଷରୁ ମାମଲା ଲଢୁଛନ୍ତି।


ଜଷ୍ଟିସ୍ ୟୁ. ୟୁ. ଲଳିତ



### ବିଚାରରୁ ଓହରିଲେ ଜଷ୍ଟିସ୍ ଲଳିତ

- କଲ୍ୟାଣ ସିଂଙ୍କ ପକ୍ଷରୁ ମାମଲା ଲଢ଼ିଥିଲେ
- ଆପତ୍ତି ଉଠାଇଲେ ପ୍ରତିପକ୍ଷ ଓକିଲ
- ଗଠନ ହେବ ନୂଆ ଖଣ୍ଡପୀଠ
- ୨୯ରେ ପରବର୍ତ୍ତୀ ଶୁଣାଣି

## 'ସିଧା ପ୍ରସାରଣ ହେଉ'

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ଅଯୋଧ୍ୟା ମାମଲାର ଶୁଣାଣିର ସିଧା ପ୍ରସାରଣ କରିବାକୁ ଗୁରୁବାର ଆର୍‌ଏସ୍‌ଏସ୍‌ର ପୂର୍ବତନ ବିଚାରକ କେ.ଏନ୍. ଗୋବିନ୍ଦାଚାର୍ଯ୍ୟ ଦାବି କରିଛନ୍ତି। ସୁପ୍ରିମକୋର୍ଟରେ ରାଜନୈତିକ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାର ନ୍ୟାୟିକ ପ୍ରକ୍ରିୟାର ଟିଭିରେ ସିଧା ପ୍ରସାରଣ କରିବାକୁ ଗୋବିନ୍ଦାଚାର୍ଯ୍ୟ କେନ୍ଦ୍ର ସରକାରଙ୍କ ନିକଟକୁ ଚିଠି ଲେଖିଛନ୍ତି। ଗୋବିନ୍ଦାଚାର୍ଯ୍ୟ ଓ ବରିଷ୍ଠ ଆଇନଜୀବୀ କେ.ଜି. ଗୁପ୍ତା କ୍ୟାବିନେଟ ସଚିବ ପି.କେ. ସିହ୍ନାଙ୍କ ପାଖକୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜାନୁୟାରୀ ୨୯ରେ ଏହି ମାମଲାର ଶୁଣାଣି ପୂର୍ବରୁ ସରକାର ସିଧା ପ୍ରସାରଣର ପର୍ଯ୍ୟାପ୍ତ ବ୍ୟବସ୍ଥା କରନ୍ତୁ। ଏହାଦ୍ୱାରା ନାଗରିକମାନେ ଦେଶର ସର୍ବପୁରାତନ ମାମଲାର ପ୍ରସାରଣ ଦେଖିପାରିବେ। କାରଣ ପ୍ରଧାନମନ୍ତ୍ରୀଙ୍କ ସମେତ ସାରା ଦେଶ ଉତ୍କଣ୍ଠାର ସହିତ ଏହାର ରାୟକୁ ଅପେକ୍ଷା କରିଛନ୍ତି।


କେ.ଏନ୍. ଗୋବିନ୍ଦାଚାର୍ଯ୍ୟ

## ବିଳମ୍ବ ପ୍ରତିବାଦରେ ବିକ୍ଷୋଭ



ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ଶୁଣାଣିରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ଗୁରୁବାର ସୁପ୍ରିମକୋର୍ଟ ବାହାରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସମେତ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ। ପୋଲିସ ଜଣେ ବିକ୍ଷୋଭକାରୀଙ୍କୁ ଗିରଫ କରିନେଉଛି।

## ଶୀଲା ଦୀକ୍ଷିତ ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷା

**ନୂଆଦିଲ୍ଲୀ,୧୦।୧(ପି.ଟି.)**



ଦିଲ୍ଲୀର ତିନିଥର ମୁଖ୍ୟମନ୍ତ୍ରୀ ରହିଥିବା ଶୀଲା ଦୀକ୍ଷିତ (୮୦) ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟିର ନୂତନ ଅଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କମିଟିର ସଭାପତି ପଦରୁ ବରିଷ୍ଠ କଂଗ୍ରେସ ନେତା ଅଜୟ ମାକେନ୍ ଇସ୍ତଫା ଦେବା ପରେ ଶୀଲାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହା ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ସେ ଦିଲ୍ଲୀରେ ଦଳର କମାଣ୍ଡ ସମ୍ଭାଳିବେ ବୋଲି ଦଳ ତରଫରୁ କୁହାଯାଇଛି। ଏଥିରେ ତାଙ୍କୁ ୩ କାର୍ଯ୍ୟକାରୀ ସଭାପତି ସହଯୋଗ କରିବେ। ମାକେନ୍ ଦଳର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଶୀଲାଙ୍କ ଦୀର୍ଘବର୍ଷର ସାଙ୍ଗଠନିକ ଦକ୍ଷତା ଓ ବଳିଷ୍ଠ ନେତୃତ୍ୱରେ କଂଗ୍ରେସ ଉଭୟ ଦିଲ୍ଲୀ ଏବଂ କେନ୍ଦ୍ରରେ ପ୍ରଭାବଶାଳୀ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି।

## କେଜ୍‌ରିୱାଲ-ପ୍ରକାଶ ରାଜ ସାକ୍ଷାତ

**ନୂଆଦିଲ୍ଲୀ,୧୦।୧**

ଅଭିନେତାରୁ ରାଜନେତା ପାଲଟିଥିବା ପ୍ରକାଶ ରାଜ ଆମ୍ ଆଦ୍‌ମୀ ପାର୍ଟି ସୁପ୍ରିମୋ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗୁରୁବାର ତାଙ୍କ ବାସଭବନରେ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ସହ ସମାଲୋଚନା କରିଆସୁଥିବା ପ୍ରକାଶ ରାଜ ଆସନ୍ତା ଲୋକସଭା ନିର୍ବାଚନରେ ସେଣ୍ଟ୍ରାଲ୍ ବାଙ୍ଗାଲୁରୁରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ। କେଜ୍‌ରିୱାଲ ତାଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସହାୟତାର ହାତ ବଢ଼ାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ବିଭିନ୍ନ ପ୍ରସଙ୍ଗକୁ କିଭଳି ଜନସାଧାରଣଙ୍କ ନିକଟରେ ସଫଳତାର ସହ ଉପସ୍ଥାପିତ କରାଯାଇପାରିବ ସେ ସମ୍ବନ୍ଧରେ ସହଯୋଗ କରିବାକୁ ତାଙ୍କୁ ଅନୁରୋଧ କରିଛନ୍ତି।



■ ତିନି ତଲାକ୍: ଅବଧି ଶେଷ ହେବା ପୂର୍ବରୁ

## ପୁନଃ ଅଧ୍ୟାଦେଶ ପାଇଁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୦।୧(ପି.ଟି.)-** ତିନି ତଲାକ୍ ନିରୋଧୀ ଅଧ୍ୟାଦେଶର ଅବଧି ଶେଷ ହେବା ପୂର୍ବରୁ ପୁଣିଥରେ ଅଧ୍ୟାଦେଶ ଆଣିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଏନେଇ ଗୁରୁବାର କ୍ୟାବିନେଟର ମଞ୍ଜୁରୀ ମିଳିଛି।

ମୁସଲମାନ ମହିଳାଙ୍କୁ ଲଗାତର ୩ ଥର ତଲାକ୍ କହି ଛାଡ଼ପତ୍ର ଦେବା ଏକ ଅପରାଧ ବୋଲି କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଆଣିଥିଲେ। ଗତ ସେପ୍ଟେମ୍ବର ୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏଥିରେ ମୋହର ମାରିଥିଲେ। କିନ୍ତୁ ୬ ମାସ ମଧ୍ୟରେ ଏହା ପାଲାମେଣ୍ଟର ଉଭୟ ଗୃହରେ ଗୃହୀତ ହୋଇପାରି ନାହିଁ। ମୁସ୍‌ଲିମ ମହିଳା (ବିବାହ ଅଧିକାର ସୁରକ୍ଷା) ଅଧ୍ୟାଦେଶ, ୨୦୧୮ର ଅବଧି ଜାନୁୟାରୀ ୨୨ରେ ଶେଷ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ସରକାର ପୁଣିଥରେ ଅଧ୍ୟାଦେଶ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି।

## ୨୧ ପୋଲିସ ନିହତ

**କାବୁଲ,୧୦।୧(ପି.ଟି.)-** ପଶ୍ଚିମ ଓ ଉତ୍ତର ଆଫଗାନିସ୍ତାନରେ ତାଲିବାନ ଆକ୍ରମଣରେ ୨୧ ପୋଲିସ ଯବାନ ନିହତ ହୋଇଛନ୍ତି। ପଶ୍ଚିମ ବଦ୍‌ଘିସ୍, ଉତ୍ତର ବାଘଲାନ ଏବଂ ତକ୍‌ହାର ପ୍ରଦେଶରେ ପୋଲିସ କର୍ମୀଙ୍କୁ ତାଲିବାନମାନେ ଟାର୍ଗେଟ୍ କରିଛନ୍ତି। ଏଥିରେ ୨୩ ସୁରକ୍ଷା ବଳ ଯବାନ ଗୁରୁତର ଆହତ ହୋଇଥିବା ସରକାରୀ ଭାବେ ସୂଚିତ କରାଯାଇଛି। ସୁରକ୍ଷା ବଳ ଓ ଆଫଗାନ ସେନା ଉପରେ ଏଭଳି ବାରମ୍ବାର ଆକ୍ରମଣ ହୋଇଆସୁଥିବା ନେଇ ସରକାର ଗମ୍ଭୀର ଥିବା କୁହାଯାଇଛି।



# ଫୁର୍ସତ

## ସୌରମଣ୍ଡଳ ବାହାରେ ନୂଆ ଗ୍ରହ

**ୱାଶିଂଟନ୍:** ନାସାର କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ତଥ୍ୟକୁ ବ୍ୟବହାର କରି ବୈଜ୍ଞାନିକମାନେ ଏକ ନୂଆ ଗ୍ରହ ଆବିଷ୍କାର କରିଛନ୍ତି। ଏହା ପୃଥିବୀ ଆକୃତିର ୨ଗୁଣ ଏବଂ ନିଜ ନକ୍ଷତ୍ରଠାରୁ ବାସଯୋଗ୍ୟ ଦୂରତାରେ ରହିଛି। ଯେଉଁଠାରେ କି ଗ୍ରହର ପୃଷ୍ଠଭୂମିରେ ଜଳ ତରଳ ଅବସ୍ଥାରେ ରହିବା ସମ୍ଭାବନା ରହିଛି। ଏହି ନୂଆ ଗ୍ରହ କେ୨-୨୮ବିବି ନାମରେ ପରିଚିତ। ଏହାର ପୃଷ୍ଠଭୂମି ପଥୁରିଆ ଏବଂ ନେପ୍‌ଚ୍ୟୁନ ଭଳି ବାଷ୍ପରେ ପରିପୂର୍ଣ୍ଣ। ସୌରମଣ୍ଡଳ ବାହାରେ ଥିବା ଏକ୍ସୋପ୍ଲାନେଟ୍‌ଗୁଡ଼ିକ ମଧ୍ୟରେ ଏହା ବିରଳ ଆକୃତିର ଗ୍ରହ। ଏ ସମ୍ପର୍କିତ ଏକ ଅଧ୍ୟୟନ ଆଷ୍ଟ୍ରୋନୋମିକାଲ ଜର୍ନାଲରେ ପ୍ରକାଶ ପାଇଛି। ତେବେ ଏଭଳି ଗ୍ରହ ଆବିଷ୍କାର ଅତ୍ୟନ୍ତ ଉତ୍ସାହଜନକ। ଏଭଳି ଗ୍ରହର ଆକୃତି ଅତ୍ୟନ୍ତ ଅସାଧାରଣ ବୋଲି ଆମେରିକାର ଶିକାଗୋ ୟୁନିଭର୍ସିଟିସ୍ଥିତ ଗ୍ରାଜୁଏଟ୍ ଛାତ୍ର ଆଡିନା ଫିଏନ୍‌ଷ୍ଟିନ୍ ପ୍ରକାଶ କରିଛନ୍ତି। ନୂତନ ଗ୍ରହ କେ୨-୨୮ବିବି ପ୍ରତି ୩୧.୩ ଦିନରେ ନିଜ ନକ୍ଷତ୍ରକୁ ପରିକ୍ରମା କରୁଛି।




## ପୁଣି ବିବାଦରେ ନୟନତାରା

**ନାଗପୁର:**

ମରାଠୀ ସାହିତ୍ୟ ମହାମଣ୍ଡଳର ବାର୍ଷିକ ବୈଠକକୁ ଲେଖିକା ନୟନତାରା ସେହଗଲଙ୍କୁ ନିମନ୍ତ୍ରଣ ପ୍ରତ୍ୟାହାର କରାଯିବା ପରେ ଏକ ବିବଦମାନ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିନେଇ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ମହାମଣ୍ଡଳ ସଭାପତି ଶ୍ରୀପଦ ଜୋଷୀ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଶାସକ ଭାଜପା ନିର୍ଦ୍ଦେଶରେ ସେହଗଲଙ୍କ ନିମନ୍ତ୍ରଣ ବାତିଲ କରାଯାଇଥିବା ରାଜ୍ୟ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରତିବର୍ଷ ମହାମଣ୍ଡଳ ଆନୁକୂଲ୍ୟରେ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୁଏ। ଚଳିତବର୍ଷ ଜାନୁୟାରୀ ୧୧ରେ ମହାରାଷ୍ଟ୍ରର ୟଓ୍ୱତମାଲଠାରେ ଉକ୍ତ ଉତ୍ସବ ଅନୁଷ୍ଠିତ ହେଉଛି। ଅପରପକ୍ଷରେ ଜୋଷୀ ତାଙ୍କ ଇସ୍ତଫା ପତ୍ର ବିଦର୍ଭ ସାହିତ୍ୟ ସଂଘର ସଭାପତିଙ୍କୁ ପଠାଇ ଦେଇଥିବା ମହାମଣ୍ଡଳର ସମ୍ପାଦକ ଡକ୍ଟର ଇନ୍ଦ୍ରଜିତ ଓରେକର ସୂଚନା ଦେଇଛନ୍ତି। ଶ୍ରୀମତୀ ସେହଗଲଙ୍କ ଭଳି ଜଣେ ଭାରତୀୟ ଇଂଲିଶ ଲେଖକଙ୍କୁ ବୈଠକ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଜାନୁୟାରୀ ୬ରେ ଏହାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ସାହିତ୍ୟ ସମ୍ମିଳନୀର ଆୟୋଜକମାନେ ଉକ୍ତ ନିମନ୍ତ୍ରଣକୁ ପ୍ରତ୍ୟାହାର କରି ନେଇଥିଲେ। ଗୋ-ରକ୍ଷକମାନେ ଆଇନ ହାତକୁ ନେଇ ହିଂସାତ୍ମକ ଦଣ୍ଡଦେବା ଭଳି ପ୍ରସଙ୍ଗ ଉପରେ ସେହଗଲ ବକ୍ତୃତା ଦେବା ଆୟୋଜକଙ୍କୁ ସୁରାକ ମିଳିବା ପରେ ଉକ୍ତ ନିମନ୍ତ୍ରଣପତ୍ର ନାକଚ କରିଦିଆଯାଇଥିବା ଶିବସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ନୟନତାରା ଗାନ୍ଧୀ-ନେହେରୁ ପରିବାର ସଦସ୍ୟା ହୋଇଥିବାରୁ ସେ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ଆଶଙ୍କା କରି ତାଙ୍କଠାରୁ ନିମନ୍ତ୍ରଣ ପ୍ରତ୍ୟାହାର କରାଯାଇଥିବା କୁହାଯାଉଛି। ପ୍ରକାଶ ଯେ, ଗତବର୍ଷ ଅସହିଷ୍ଣୁ ପ୍ରସଙ୍ଗ ଉଠାଇଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଅନ୍ୟତମ ଥିଲେ ନୟନତାରା।



### ଇତିହାସର ଆଇନାରେ

## ଜାନୁୟାରୀ ୧୧ର ପ୍ରମୁଖ ଘଟଣା

୧୯୪୨ ଜାନୁୟାରୀ ୧୧ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଜାପାନୀ ସେନା ମାଳୟ ରାଜ୍ୟସମୂହର ରାଜଧାନୀ କ୍ୱାଲାଲମ୍ପୁରକୁ ଅଧିକାର କରିଥିଲା। ଜାପାନ ଆକ୍ରମଣକାରୀ ସେନା ଏବଂ ବ୍ରିଟିଶ ବାହିନୀ ମଧ୍ୟରେ କ୍ୱାଲାଲମ୍ପୁରଠାରେ ଯୁଦ୍ଧ ହୋଇଥିଲା। ଏହାକୁ କ୍ୱାଲାଲମ୍ପୁର ଯୁଦ୍ଧ କୁହାଯାଏ। ୧୯୪୧ ଡିସେମ୍ବର ୨୧ ଏବଂ ୨୨ରେ ଜାପାନୀ ନୌସେନାର ବିମାନ କ୍ୱାଲାଲମ୍ପୁର ଉପରେ ପ୍ରଥମକରି ରକେଟମାଡ କରିବାପରେ ବ୍ରିଟିଶ ସେନା ଜାପାନର ଏକ ବିମାନକୁ ଗୁଳିକରି ଖସାଇ ଦେଇଥିଲେ।

୧୯୭୨ ଜାନୁୟାରୀ ୧୧ରେ ପୂର୍ବ ପାକିସ୍ତାନର ନାମ ହେଲା ବାଂଲାଦେଶ। ୧୯୭୧ ପର୍ଯ୍ୟନ୍ତ ପୂର୍ବ ପାକିସ୍ତାନ ଥିଲା ପାକିସ୍ତାନର ଅନ୍ୟତମ ପ୍ରଦେଶ। ଏହା ହେଉଛି ଆଧୁନିକ ବାଂଲାଦେଶର ଭୂଖଣ୍ଡ। ଏହାର ସୀମାରେଖା ବଙ୍ଗୋପସାଗର ଉପକୂଳ ସମେତ ଭାରତ ଓ ମ୍ୟାନ୍‌ମାରକୁ ସଂଯୋଗ କରୁଛି।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୨.୨ |
| ଚାନ୍ଦବାଲି | ୨୫.୫ | ୧୩.୦ |
| କଟକ | ୨୬.୮ | ୧୨.୦ |
| ପାରାଦ୍ୱୀପ | ୨୬.୪ | ୧୪.୮ |
| ଭୁବନେଶ୍ୱର | ୨୮.୪ | ୧୨.୮ |
| ଗୋପାଳପୁର | ୨୬.୯ | ୧୪.୩ |
| ପୁରୀ | ୨୬.୪ | ୧୫.୨ |
| ଅନୁଗୋଳ | ୨୬.୭ | ୦୮.୦ |
| ବାରିପଦା | ୨୪.୪ | ୧୨.୬ |
| ଝାରସୁଗୁଡ଼ା | ୨୬.୧ | ୦୯.୫ |
| କେନ୍ଦୁଝର | ୨୩.୩ | ୦୯.୪ |
| ସମ୍ବଲପୁର | ୨୭.୪ | ୧୦.୦ |
| ସୁନ୍ଦରଗଡ଼ | ୨୬.୦ | ୦୯.୦ |
| ହୀରାକୁଦ | ୨୬.୫ | ୧୦.୬ |
| ତାଲଚେର | ୩୦.୫ | ୧୧.୦ |
| ଭବାନୀପାଟଣା | ୨୬.୮ | ୦୮.୫ |
| ବଲାଙ୍ଗୀର | ୨୬.୦ | ୦୯.୪ |
| କୋରାପୁଟ | ୨୭.୦ | ୦୮.୬ |
| ଫୁଲବାଣୀ | ୨୫.୦ | ୦୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୧୨.୮ |
| ସୋନପୁର | ୨୭.୮ | ୧୦.୪ |
| ଦାରିଙ୍ଗିବାଡ଼ି | ୨୪.୦ | ୦୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବଲିଉଡ୍ କଳାକାର

**ନୂଆଦିଲ୍ଲୀ/ମୁମ୍ବାଇ:**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମେତ ରଣବୀର ସିଂ, ରଣବୀର କପୁର ଏବଂ ବରୁଣ ଧାବନ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଫିଲ୍ମ ଟିକେଟରେ ଜିଏସ୍‌ଟି ହ୍ରାସ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ସହିତ ବଲିଉଡ୍ ପ୍ରଯୋଜକ ଏକ ବୈଠକରେ ମିଳିତ ହେବାର ସପ୍ତାହକ ପରେ କଳାକାରମାନେ ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଫିଲ୍ମ ଟିକେଟରେ ଜିଏସ୍‌ଟି ଲାଗୁନେଇ ବଲିଉଡ ଶିଳ୍ପରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ତେବେ ବୈଠକର କାର୍ଯ୍ୟସୂଚୀ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଗୁପ୍ତ ରଖାଯାଇଛି। ପ୍ରଯୋଜକ ଏବଂ ଅଭିନେତାଙ୍କୁ ନେଇ ଯେଉଁ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି ତାହାର ଆୟୋଜକ ଅଛନ୍ତି ଫିଲ୍ମ ନିର୍ମାତା କରନ୍ ଜୋହର। ତେବେ ପ୍ରତିନିଧିମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ଏବଂ ଅଶ୍ୱିନୀ ତିୱାରୀ, ପ୍ରଯୋଜକ ଏକତା କପୁର ଓ ମହାବୀର ଜୈନ, ଅଭିନେତା ରାଜକୁମାର ରାଓ, ଭିକି କୌଶଲ, ଆୟୁଷ୍ମାନ୍ ଖୁରାନା, ଭୂମି ପେଡନ୍‌କର ଏବଂ ସିଦ୍ଧାର୍ଥ ମଲହୋତ୍ରା। ଡିସେମ୍ବର ୧୯ରେ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ସମୟରେ କୌଣସି ଅଭିନେତ୍ରୀ ଉପସ୍ଥିତ ନ ଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ପରେ ଆଲିଆ ଓ ଭୂମିଙ୍କ ସମେତ ବଲିଉଡ କଳାକାରମାନେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।



■ସିମରନ ମୃତ୍ୟୁ ଘଟଣା, ହତ୍ୟା ମାମଲା ରୁଜୁ

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ପରିବାର ଲୋକେ

**ଝାରସୁଗୁଡ଼ା ଅଫିସ/ ସମ୍ବଲପୁର,(ବ୍ୟୁରୋ)୧୦।୧**

ସମ୍ବଲପୁରୀ ଆଲବମ୍ ଅଭିନେତ୍ରୀ ସିମରନ ମୌର୍ଯ୍ୟା ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଗୁରୁବାର ପରିବାର ଲୋକେ ଝାରସୁଗୁଡ଼ା ଜିଲାପାଳଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବି ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଗୃହ ବିଭାଗକୁ ଅନୁରୋଧ କରାଯିବ ବୋଲି ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି। ସିମରନ ମୃତ୍ୟୁ ମାମଲାରେ ଦିନକୁ ଦିନ ନୂଆ ଟ୍ୱିଷ୍ଟ ସାମ୍ନାକୁ ଆସୁଛି। କାହାର ଭଏସ୍ ମେସେଜ୍ ତ ସିମରନଙ୍କ ପ୍ରତି କାହାର ଏକତରଫା ପ୍ରେମ ମାମଲାର ତଦନ୍ତକୁ ଜଟିଳ କରୁଛି। ଏହାସହ ପୋଲିସ ଏହି ମାମଲାକୁ ଗୁରୁତର ସହ ତଦନ୍ତ କରୁ ନ ଥିବା ସିମରନଙ୍କ ପରିବାର ଲୋକେ ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗୁରୁବାର ସିମରନଙ୍କ ପରିବାର, ବନ୍ଧୁବର୍ଗ, ଶୁଭେଚ୍ଛୁ ଏବଂ ସହ କଳାକାରମାନେ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସିମରନଙ୍କ ବାପା ବିଜେନ୍ଦ୍ର ସିଂ ବୁର୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧/୧୮ରେ ଏକ ହତ୍ୟ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଜେନ୍ଦ୍ରଙ୍କ ଅଭିଯୋଗ କ୍ରମେ ତାଙ୍କ ଝିଅକୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇ ନଦୀ ତଳକୁ ଫିଙ୍ଗି ଦିଆଯାଇଛି। ତେଣୁ ଏହାକୁ ଠିକ୍ ଭାବେ ତଦନ୍ତ କରାଯାଉ । ହତ୍ୟାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ ହୀରାକୁଦ ଏସଡିପିଓ ଶିଶୁ ରଞ୍ଜନ ମହାପାତ୍ର କହିଛନ୍ତି , ପରିବାର ଲୋକଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲା ରୁଜୁ ହୋଇଛି । ଯେଉଁମାନଙ୍କ ନାମରେ ଅଭିଯୋଗ ହୋଇଛି ପୋଲିସ ତଦନ୍ତ କରିବ । ଯଦି ସୁରାକ ମିଳେ ସେମାନଙ୍କୁ ଗିରଫ କରାଯିବ ।

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଅର୍ଥନୈତିକ ଅବରୋଧ ଶେଷ

**ସମ୍ବଲପୁର,୧୦।୧(ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ୭୨ଘଣ୍ଟିଆ ଅର୍ଥନୈତିକ ଅବରୋଧ ଗୁରୁବାର ସକାଳ ୬ଟାରେ ଶେଷ ହୋଇଛି । ବିଭିନ୍ନ ଛକରେ ଆନ୍ଦୋଳନ ଜାରି ରଖିଥିବା ଜିଲା ଓକିଲ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଭାରିଯାନଗୁଡିକ ଛାଡି ଦେଇଛନ୍ତି । ଏହାପରେ ସମ୍ବଲପୁର ଜିଲା ପୋଲିସ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଛକଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ସମ୍ବଲପୁର- ଦେବଗଡ, ସମ୍ବଲପୁର- ଝାରସୁଗୁଡ଼ା, ସମ୍ବଲପୁର- ଅନୁଗୋଳ, ସମ୍ବଲପୁର- ବରଗଡ ରାସ୍ତାର ଉଭୟ ପାର୍ଶ୍ୱରେ ୭୨ଘଣ୍ଟା ଧରି ଅଟକି ରହିଥିବା ସହସ୍ରାଧିକ ଯାନବାହାନ ଚଳାଚଳ ସ୍ୱାଭାବିକ ହେବାରୁ ଜିଲା ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା । ଅପରପକ୍ଷେ ସମ୍ବଲପୁର ଜିଲା ଓକିଲ ସଂଘର ଆନ୍ଦୋଳନ ୧୨୮ଦିନରେ ପହଞ୍ଚିଛି । ବିଚାରବିଭାଗୀୟ କାର୍ଯ୍ୟ ସମେତ ଅନ୍ୟାନ୍ୟ ସରକାରୀ ଅଫିସ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି । ଏଥିସହ ରିଲେ ଆମରଣ ଅନଶନ ୫୩ ଦିନରେ ପହଞ୍ଚିଛି । ଏହି ଅନଶନରେ ସମ୍ବଲପୁର ଜିଲା ଟ୍ୟାକ୍ସ ବାର୍ ସଂଘର ସଞ୍ଜୀବ ମେହେର, ରାଜେନ୍ଦ୍ର ଜେନ, ସଞ୍ଜିତ ଚାନ୍ଦ, ନନ୍ଦକିଶୋର ମିଶ୍ର ଓ ଜଗନ୍ନାଥ ପ୍ରଧାନ ସାମିଲ ହୋଇଛନ୍ତି ।














ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ




## ଜନ୍ମଦିନର ଶୁଭେଚ୍ଛା

ନାମ: .....................................
ବୟସ:.....................................
ଜନ୍ମ ତାରିଖ: ...............................


ମାନି
ପରିବାରବର୍ଗ


ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।






## classified

automobile

**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10485

healthcare

Roshin ayurvedic massage club fully relaxed by smart lady home service facility available. 9937637219. D-64684

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

real estate

**SALE**

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

Ready to move 3/2 BHK flat's for sale backside of V2-showroom at-Patrapada, Bhubaneswar. 9861037729, 9040337729. D-63929

to-let

1000, 750, 700, 650, 450 sqft. available for office purpose at Centrally located Unit-9, 2300 sqft. office space available at Metro House, Vani Vihar, 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10483

800 sqft. commercial space available at Gautam Nagar, Bomikhal, Kharvel Nagar. Contact: 9437033691. D-63897

Godown/ warehouse available 2000 sqft. near Patia Square, Bhubaneswar. 8763802787. D-63898


■ବଲ୍ଲଭ ପିଣ୍ଡି ନିକଟରେ ରକ୍ତବୁନ୍ଦା

# ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

ପୁରୀ ଅଫିସ,୧୦।୧

ଶ୍ରୀମନ୍ଦିରରେ ଗୁରୁବାର ବଡ଼ ମହାସ୍ନାନ ହୋଇଛି। ବଲ୍ଲଭ ପିଣ୍ଡି ନିକଟରେ ରକ୍ତ ପଡିଥିବାରୁ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଇଥିବା ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ପଛ ଭୋଗ ମଣ୍ଡପ ବଢ଼ିବା ପରେ ବଲ୍ଲଭ ପିଣ୍ଡି ନିକଟରେ ଦୁଇ ତିନି ବୁନ୍ଦା ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଏହା ଜଣାପଡିବା ପରେ ସେହିଠାରେ ନୀତି ଅଟକି ବଡ଼ ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ପୂଜା ସରିବା ପରେ ପୁଣି ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ସେଠାରେ କିପରି ରକ୍ତ ପଡିଲା, ତାହା ସ୍ପଷ୍ଟ ଜଣାପଡି ନାହିଁ। କୌଣସି ସେବାୟତଙ୍କ ଗୋଡ଼ ଖଣ୍ଡିଆ ହୋଇ ରକ୍ତ ପଡିଥାଇପାରେ ବୋଲି ଅନୁମାନ କରାଯାଉଛି।

# ଝାଡ଼ଖଣ୍ଡରେ ଗ୍ଲୋବାଲ୍ ସ୍କିଲ୍ ସମିଟ୍

■ ବିଶ୍ୱର ମାନବ ସମ୍ବଳ ଆବଶ୍ୟକତା ପୂରଣ ଶକ୍ତି ଭାରତର ଅଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ବିଶ୍ୱର ମାନବ ସମ୍ବଳ ଆବଶ୍ୟକତା ପୂରଣ କରିବାର ଶକ୍ତି ଭାରତର ରହିଛି ବୋଲି ଝାଡଖଣ୍ଡ ରାଜଧାନୀ ରାଞ୍ଚିଠାରେ ଆୟୋଜିତ ଗ୍ଲୋବାଲ୍ ସ୍କିଲ୍ ସମିଟ୍‌ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏଥିରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ବିଭିନ୍ନ ସଂସ୍ଥା ପକ୍ଷରୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଗୋଟିଏ ମଞ୍ଚରେ ଲକ୍ଷେରୁ ଊର୍ଦ୍ଧ୍ୱ ନିଯୁକ୍ତି ଦେବା ଦେଶର ପ୍ରଥମ ଘଟଣା ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଭାରତରେ ଯୁବପିଢ଼ି ପାଖରେ ପ୍ରତିଭା କମ୍ ନାହିଁ। ଏମାନେ ବିଶ୍ୱର ମାନବ ସମ୍ବଳ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ। ଝାଡଖଣ୍ଡରେ ନିର୍ମାଣ, ପର୍ଯ୍ୟଟନ ପରି ଅନେକ କ୍ଷେତ୍ର ରହିଛି। ଏହି ରାଜ୍ୟରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ଝାଡଖଣ୍ଡ ସରକାରଙ୍କ ନୂତନ ପଦକ୍ଷେପ ଓ କାର୍ଯ୍ୟକ୍ରମ ଲୋକଙ୍କୁ କଠିନ ପରିଶ୍ରମ କରେଇବା ସହ ନୂଆନୂଆ ସ୍ୱପ୍ନ ଦେଖିବାର ସୁଯୋଗ ଦେଇଛି। ଯୁବକଙ୍କୁ ଚାକିରି ଦେବାସହ ଦକ୍ଷ କରିବା ପାଇଁ ଝାଡଖଣ୍ଡ ସରକାରଙ୍କ ଅବଦାନ ଅତୁଳନୀୟ। ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱରେ ରାଜ୍ୟ ବହୁ ଉପରକୁ ଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଗ୍ଲୋବାଲ୍ ସ୍କିଲ୍ ମିଟ୍‌ରେ ୧ଲକ୍ଷ ୭ହଜାର ଯୁବତୀଯୁବକଙ୍କୁ ବେସରକାରୀ କ୍ଷେତ୍ରରେ ଚାକିରି ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୧୯ଟି ଦେଶର ବିଦେଶୀ କମ୍ପାନୀ ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାପଡାହାଣ୍ଡି,୧୦।୧(ଡି.ଏନ.ଏ.)

**ଗୋଟିଏ ଜୁଇରେ ଅନ୍ତିମ ସତ୍କାର**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ଗୁମିଦରା ନିକଟ ଏକ କାଜୁ ଗଛରୁ ଗୁରୁବାର ପ୍ରେମୀଯୁଗଳଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ପାପଡାହାଣ୍ଡି ବ୍ଲକ ନୂଆଗୁଡା ଗ୍ରାମର ବନବାସୀ ଦଣ୍ଡସେନା ଓ ଗୁମିଦାର ଗ୍ରାମର ସାତି ପାଇକ ଉଭୟ ପରସ୍ପରକୁ ୨ ବର୍ଷ ହେଲା ଭଲ ପାଇ ଆସୁଥିଲେ। ଉଭୟ ବିବାହ କରିବାକୁ ସ୍ଥିର କରିଥିଲେ। କିନ୍ତୁ ବନବାସୀଙ୍କ ପିତା ବିବାହ ପାଇଁ ରାଜି ହୋଇ ନ ଥିଲେ। ଶେଷରେ ଉଭୟେ କାଜୁ ଗଛରେ ବେକରେ ଓଢଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳେ ଗ୍ରାମର କିଛି ଲୋକ ଶୌଚ ପାଇଁ ଯାଇଥିବା ବେଳେ ଉଭୟଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ପାପଡାହାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରେ ଉଭୟ ପରିବାରଙ୍କ ନିଷ୍ପତ୍ତି କ୍ରମେ ପ୍ରେମୀ ଯୁଗଳଙ୍କ ମୃତଦେହ ଗୋଟିଏ ଜୁଇରେ ଅନ୍ତିମ ସତ୍କାର କରାଯାଇଥିଲା।

■ମହିଳା ସଂରକ୍ଷଣ ପ୍ରସଙ୍ଗ

# ସମର୍ଥନ ଜଣାଇ ନବୀନଙ୍କୁ ଶରଦଙ୍କ ଚିଠି

ଭୁବନେଶ୍ୱର,୧୦।୧(ବ୍ୟୁରୋ)

**ପ୍ରୟାସକୁ ସ୍ୱାଗତ**

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସମସ୍ତ ପ୍ରମୁଖ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ଚିଠି ଲେଖି ସମର୍ଥନ ମାଗିଛନ୍ତି। ସେହି କ୍ରମରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଶରଦ ପାୱାର ନବୀନଙ୍କ ପ୍ରସ୍ତାବକୁ ସମର୍ଥନ କରି ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି। ଶରଦ କହିଛନ୍ତି ଯେ, ୧୯୯୧ରେ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ମହାରାଷ୍ଟ୍ର ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ ଆଣିଥିଲେ। ୨୦୧୧ରେ ମହାରାଷ୍ଟ୍ରର ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସର୍ବସମ୍ମତ କ୍ରମେ ଗୃହୀତ ହୋଇସାରିଛି। ତେଣୁ ମହିଳାଙ୍କ ସଶକ୍ତୀକରଣ ପାଇଁ ଏନ୍‌ସିପି ସର୍ବଦା ପ୍ରତିଶ୍ରୁତିବଦ୍ଧ। ବିଜେଡି ଏଥିପାଇଁ କରୁଥିବା ପ୍ରୟାସ ଧନ୍ୟବାଦଯୋଗ୍ୟ। ପାର୍ଲାମେଣ୍ଟରେ ଏନେଇ ଯେଉଁଦିନ ବିଧେୟକ ଅଣାଯିବ, ଉକ୍ତଦିନ ଏନ୍‌ସିପି ଏହାକୁ ସମର୍ଥନ କରିବ ବୋଲି ଶରଦ କହିଛନ୍ତି।


# ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପତିତପାବନ ପଣ୍ଡା**
ବଡଗଡ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୨।୧୯୬୦
ତିରୋଧାନ: ୨୬।୧୨।୨୦୧୮
ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଅମରାତ୍ମା ସଦ୍‌ଗତି ଲାଭ କରୁ। ଆପଣଙ୍କର ସମାଜସେବା, ପରୋପକାର, ଧୈର୍ଯ୍ୟ, ସାଙ୍ଗଠନିକ ଦକ୍ଷତା, ସାହାଯ୍ୟ ଓ ସହାନୁଭୂତି ଆଦି ଗୁଣ ସମାଜ ପାଇଁ ପ୍ରେରଣାର ଉତ୍ସ ହେଉ। ଶୋକସନ୍ତପ୍ତ: ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିନ୍ତାମଣି ପଣ୍ଡା, ପ୍ରସନ୍ନ ମହାସୁଆର, ଜ୍ୟୋତ୍ସ୍ନା, ସନ୍ଧ୍ୟା, ସଞ୍ଜୁ, ରୀତା ମନେଇ, ଲିଲି, ଝିଲି, ବାବୁନି, ସୁବାସ, ମୁନା, ନାରାୟଣ, ସନ୍ତୋଷ, ଟୁଟୁ ଓ ପରିବାରବର୍ଗ। ଧ-୫୬୧୬୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବଟକୃଷ୍ଣ ସାହୁ**
ଲୁଇସ୍‌ରୋଡ଼, ଓଲ୍ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୨।୧୯୪୧
ତିରୋଧାନ: ୦୧।୦୧।୨୦୧୯
ଆଜି ଏକାଦଶାହରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଶ୍ରୀମତୀ ସକୁନ୍ତଳା ସାହୁ (କୁନି) (ପତ୍ନୀ), ଭାଇ-ହିନ, ପୁତ୍ର-ମୁନା, ମଣ୍ଟୁ, ପୁତ୍ରବଧୂ-ଚିଲିନା, ମାମା, କନ୍ୟା- କୁଲି, ଜ୍ୱାଇଁ: ଜ୍ଞାନେନ୍ଦ୍ର, ନାତି: ଜିନୁ, ଆର୍ଯ୍ୟନ, ଜିତ୍, ଅରମାନ୍, ନାତୁଣୀ: ଗୋଲ୍‌ଡି, ଆସି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ। ଧ-୫୮୦୨୯

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସାରଦା ମହାକୁଡ଼**
ସ୍ଥାନ-ପଥରଗାଡ଼ିଆ, ଭୁବନେଶ୍ୱର
ଆବିର୍ଭାବ: ୦୨।୦୨।୧୯୪୯
ତିରୋଧାନ: ୦୨।୦୧।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ପ୍ରେମ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତାହୁଁ ତାହୁଁ ଦଶଦିନ ବିତିଗଲା ଏ ତେଲ ଲୁଣ ସଂସାରରୁ ଚାଲିଯିବାର, କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଦିଅର, ଯା', ପୁତୁରା, ପୁତୁରାବୋହୂ, ଝିଆରୀ, ନାତି, ନାତୁଣୀସହ ବନ୍ଧୁ ଓ ପରିବାରବର୍ଗ। ଧ-୧୦୪୪୩

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**√ ରାଜଲକ୍ଷ୍ମୀ ମିଶ୍ର**
ଆବିର୍ଭାବ : ୧୫.୧.୧୯୨୯
ତିରୋଧାନ : ୨୬.୧୨.୨୦୧୪
କିଏ ସ୍ୱତ କିଏ ଦାରା କେ ଭଉଣୀ ଭାଇ
ଅଦୃଶ୍ୟ ଆତ୍ମାର ନାମକରଣ ବା କାହିଁ ?
ଏ ଜୀବଜଗତ ଡାକେ ତ୍ରାହି ତ୍ରାହି ତ୍ରାହି
ଶରଣାଗତରେ ପୁନର୍ଜନ୍ମ ଦିଅ ନାହିଁ ।
ମା' - ଚାରିବର୍ଷ ବିତିଗଲା,
ତୁମର ଆଶିଷ ସଦା ବରଷୁ ଥାଉ ।
ମିଶ୍ର ପରିବାର, ୩୧୬-ଏ, ସହିଦ ନଗର
ଲାବଣ୍ୟମ, ଭୁବନେଶ୍ୱର ଧ-୬୪୭୭୦

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଗୋଲକ ବିହାରୀ ନାୟକ**
ନିମାପଡ଼ା ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା, ସ୍ନେହୀ, ବର୍ଷୀୟାନ ସମାଜସେବୀ, ବିଶିଷ୍ଟ ଶିକ୍ଷାବିତ୍, ଅନୁଷ୍ଠାନପ୍ରେମୀ
ଆବିର୍ଭାବ: ୧୮।୧୦।୧୯୩୯
ତିରୋଧାନ: ୦୧।୦୧।୨୦୧୯
ଆପଣଙ୍କର ଆତ୍ମାର ସଦ୍‌ଗତି ଓ ଉତ୍ତରଣ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୩୮୯୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**√ ପଞ୍ଚାନନ କରଣ**
ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଅକ୍ଷୁର୍ଣ୍ଣ
ପ୍ରଥମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ବଡଗଡ ଉପରସାହି, ଭୁବନେଶ୍ୱର
ଆବିର୍ଭାବ:୦୪.୦୩.୧୯୪୪
ତିରୋଧାନ:୨୨.୧୨.୨୦୧୭
ତୁମେ ଆମମାନଙ୍କୁ ଛାଡି ଆରପାରିକୁ ଚାଲିଗଲ, ତୁମର ସ୍ମୃତି ଅନୁଭୂତିକୁ ସାଇଁଟି ଦୁନିଆ ଦାଣ୍ଡରେ ଠିଆ ହୋଇଛି ସତ, କିନ୍ତୁ ପ୍ରତିଟି ମୁହୂର୍ତ୍ତରେ ତୁମ ରୂପ ଆମ ଆଖି ଆଗରେ ନାଚି ଉଠୁଛି। ତୁମ ପରିଚୟ ନେଇ ଆମେ ବଞ୍ଚିଛୁ, ତୁମର ସ୍ନେହ ସତ୍ୟନିଷ୍ଠତା ଆମମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
-: ଶୋକାକୁଳ ପରିବାର :-
ଉଲ୍ଲାସିନି କରଣ (ଧର୍ମପତ୍ନୀ), ମନୋଜ କରଣ (ପୁତ୍ର), ସରୋଜ କରଣ (ପୁତ୍ର), ବନୋଜ କରଣ (ପୁତ୍ର), ଅଞ୍ଜନା, ସରିତା, ଚିନ୍ମୟୀ (ପୁତ୍ରବଧୂ), ନେହା, ରିଆ (ନାତୁଣୀ), ବୁଗୁ, ରିଷି (ନାତି)
ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ
ଧ-୧୦୪୮୨

**ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଇଂ ସଦାନନ୍ଦ ନାୟକ**
ଆବିର୍ଭାବ: ୧୬।୦୫।୧୯୪୦
ତିରୋଧାନ: ୦୧।୦୧।୨୦୧୯
ବାବା, ଆଜିକୁ ଏଗାରଦିନ ହେଲା ଆମକୁ ଛାଡ଼ି ଚାଲିଗଲ। ଯେଉଁଠି ଥାଅ ଭଲରେ ଥାଅ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ତୁମର ଅନୁପସ୍ଥିତିକୁ ସହ୍ୟ କରିବାକୁ ଆମକୁ ଶକ୍ତି ଦିଅନ୍ତୁ।
ପ୍ରେମଲତା, ନୀନା, ଲୁନା, ଇନୁ, ଇତୁ, ବାପୁ, ନରେନ୍ଦ୍ର, ମାନ, ଗୌତମ, ରୁବୀ, ରୋମୁ, ନୁଠୁ, ଅର୍ପୁ, ଚେରୀ, ସାନା, ଜୋୟା।
ଧ-୧୦୪୯୫

**ଏକାଦଶାହ ଉପଲକ୍ଷେ**



**√ବସନ୍ତ ମହାରଣା**
ବକ୍ସି ବଜାର, ବଣିଆ ସାହି, କଟକ
ଆବିର୍ଭାବ : ୨୧.୦୧.୧୯୪୪
ତିରୋଧାନ : ୦୧.୦୧.୨୦୧୯
ଭାଇ, ତୁମେ ଆମମାନଙ୍କୁ ହଠାତ୍ ଛାଡିଚାଲିଗଲ ବିଶ୍ୱାସ ହେଉନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳତା ଓ ଆଦର୍ଶ ଆମ ନିତ୍ୟଜୀବନରେ ସହାୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଭାଇ, ଭଉଣୀ, ସ୍ତ୍ରୀ-ବିଜୟଲକ୍ଷ୍ମୀ, ପୁତ୍ର-ଲୁଲୁ, ବୋହୂ-ମୋନା, ନାତି-ରାହୁଲ ଏବଂ ମହାରଣା ପରିବାର
9437170511
ଧ-୧୦୪୯୬


# ସ୍ୱାଧୀନତା ସଂଗ୍ରାମୀ କୃଷ୍ଣମୂର୍ତ୍ତିଙ୍କ ପରଲୋକ



ପୁରୁଷୋତ୍ତମପୁର,୧୦।୧ (ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମୀ ତଥା ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର ପ୍ରଥମ ଅଧ୍ୟକ୍ଷ ପି.କୃଷ୍ଣମୂର୍ତ୍ତିଙ୍କର ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। କୃଷ୍ଣମୂର୍ତ୍ତି ପାଣ୍ଡିଆ ଗ୍ରାମରେ ୧୯୨୩ ଅଗଷ୍ଟ ୮ରେ ଜନ୍ମଗ୍ରହଣ କରିଥିଲେ। କୃଷ୍ଣମୂର୍ତ୍ତି ୧୯୪୨ ଅଗଷ୍ଟରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ନିଜକୁ ସାମିଲ କରି ବ୍ରହ୍ମପୁରଠାରେ ହୋଇଥିବା ଆନ୍ଦୋଳନରେ ଯୋଗ ଦେଇଥିଲେ। ଏପରିକି ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କୃଷ୍ଣମୂର୍ତ୍ତି ଶେଷ ପର୍ଯ୍ୟନ୍ତ ଖଦଡ ବସ୍ତ୍ର ପରିଧାନ କରିଥିଲେ। ୧୯୪୪-୪୫ରେ ହୋଇଥିବା ଦୁର୍ଭିକ୍ଷରେ ଗରିବଙ୍କୁ ସାହାଯ୍ୟ ସହଯୋଗ କରିଥିଲେ। ସେତେବେଳେ ପାଣ୍ଡିଆରେ ମ୍ୟାଲେରିଆ ବ୍ୟାପି ୭ଶହ ଲୋକଙ୍କ ପ୍ରାଣ ଯାଇଥିଲା। ଗ୍ରାମବାସୀଙ୍କ ସେବାକରି କୃଷ୍ଣମୂର୍ତ୍ତି ବହୁ ଲୋକଙ୍କ ଜୀବନ ବଞ୍ଚାଇଥିଲେ। ୧୯୪୯ରୁ ୬୧ ପର୍ଯ୍ୟନ୍ତ ସେ ନିର୍ଦ୍ୱନ୍ଦ୍ୱରେ ପାଣ୍ଡିଆ ସରପଞ୍ଚ ହୋଇଥିବାବେଳେ ୧୯୬୨ରୁ ୬୬ ପର୍ଯ୍ୟନ୍ତ ପୁରୁଷୋତ୍ତମପୁର ବ୍ଲକର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ସେ ଗ୍ରାମର ଜଉଗଡ ହାଇସ୍କୁଲ, ପାଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର, ପାଠାଗାର ପରି ବହୁ ଅନୁଷ୍ଠାନ କରିଥିଲେ। ମୃତ୍ୟୁଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଛନ୍ତି। ତାଙ୍କ ପୁଅ ତଥା ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ, ନାତି ପି. ଗୋପାଳ ଓ ନାତୁଣୀ ବୋହୂ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ପି. ହରପ୍ରିୟାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ଶତଭିଷା ନକ୍ଷତ୍ରରେ ରହି ଶନିଙ୍କ ଦୃଷ୍ଟିପଥରେ ରହିଥିବାରୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। କର୍ମକ୍ଷେତ୍ରରେ କେତୁଙ୍କ ପ୍ରଭାବରୁ ସମସ୍ୟା ସମାଧାନ ହେବା ବଦଳରେ ବଢ଼ିଯାଇପାରେ। ଧାର କରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରିପାରନ୍ତି। ସମସ୍ୟା ନିୟନ୍ତ୍ରଣାଧୀନ ରହିବାରେ ଆପଣଙ୍କୁ ଗୁରୁଜନଙ୍କ ପରାମର୍ଶ ପ୍ରାପ୍ତ ହେବ।

**ବୃଷ** ରାଶ୍ୟାଧିପ ଶୁକ୍ରଙ୍କ ସମ୍ମୁଖ ଭାଗରେ ଶନି ଥିବାରୁ ଦିନଟିରେ ଯେଉଁ କାମକୁ ଆରମ୍ଭ କରିବେ ତାହା ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଧାତୁ, ଅଳଙ୍କାର କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ରାଶ୍ୟାଧିପତି ଚତୁର୍ଥାଧିପତି ହୋଇ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରି ଖୁସୀ ରହିବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗୃହସଜ୍ଜା, ନିର୍ମାଣ, ଦୋକାନ, ଆଇନ ଅଦାଲତ ଓ ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରୁ ସୁଫଳ ପାଇବେ ।

**କର୍କଟ** ପରିବାରସ୍ଥାନାଧିପତି ଶୁକ୍ର ଦେବଗୁରୁଙ୍କ ସହ ଲାଭଭାବକୁ ଦେଖୁଥିବାରୁ ଯାହା ପାଇବାକୁ ଆଶା କରିଛନ୍ତି, ନିଶ୍ଚିତ ପାଇପାରିବେ। କେତେକ କ୍ଷେତ୍ରରେ ଆକସ୍ମିକ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ମନ ବୁଝିଲାଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** ଭାଗ୍ୟାଧିପ ମଙ୍ଗଳ ଅଷ୍ଟମସ୍ଥ ହେତୁ ଆଜିର କାମଗୁଡିକ ସହଜରେ ହେବାର କ୍ଷୀଣ ଆଶା ରହିଛି। ବୁଧଙ୍କ ସ୍ଥିତି ଜନିତ ଆର୍ଥିକ ସମସ୍ୟା ସୁଧୁରି ଯିବାରେ ପାଖ ପଡୋଶୀ ସହାୟତା କରିବେ। କର୍ମକ୍ଷେତ୍ରର ଜଞ୍ଜାଳ ମଧ୍ୟରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରି ପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା** କେତୁଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବଦଳିଯିବା କାରଣରୁ ଭଲ କରିବାକୁ ଯାଇ ଭୁଲ୍ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ହେତୁ ଆକସ୍ମିକ କଳହ ଜନିତ ଅସ୍ଥିରତା ଲାଗି ରହିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇପାରିବ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣି ଆଣିପାରନ୍ତି।

**ତୁଳା** କର୍ମାଧିପ ଶନି କ୍ଷେତ୍ରସ୍ଥ ହୋଇ ରାଶିଠାରୁ ଅଷ୍ଟମସ୍ଥ ହେତୁ କାର୍ଯ୍ୟପ୍ରବାହର ପଥରୋଧ ହେବାର ସୂଚନା ରହିଛି। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରି ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବେନି । ନିର୍ମାଣ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ।

**ବିଛା** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ବିଶିଷ୍ଟବ୍ୟକ୍ତି ମାନଙ୍କ ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟରେ ଡିପ୍ରେସନ ଲାଗି ରହିବ। ଉତ୍ସାହ ନ ଥାଇ ପରିସ୍ଥିତିବଶତଃ ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ ।

**ଧନୁ** ପ୍ରତ୍ୟେକ କାମ ସମ୍ପନ୍ନ କରିବାରେ ସଫଳ ହେବେ କିନ୍ତୁ ପ୍ରତିବନ୍ଧକ ପିଛା ଛାଡିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାସମିତିରେ, ସ୍ଥଗିତ କାମକୁ ପୂରା କରିବେ। ମୂଳା ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ କିନ୍ତୁ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ । ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଧନିଷ୍ଠାର ଆନୁଷ୍ଠାନିକ କାମ, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ। ମାଲିମକଦ୍ଦମା, କ୍ରୀଡା, ପ୍ରେସ୍ ଓ ପବ୍ଲିକେଶନ ତଥା ଆର୍ଥିକ ଦିଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ମାନସିକ ଚାପ ବୃଦ୍ଧିପାଇବା କାରଣରୁ ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅସୁବିଧାର ସମ୍ମୁଖୀନ ହେବେ। ପରିବାରରେ ପାରସ୍ପରିକ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇବ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ଓ ବନ୍ଧୁ ମିଳନରୁ ଖୁସୀ ହେବେ । ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶାନୁରୂପ ଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ପାଇବେ ଓ ପ୍ରଶଂସିତ ମଧ୍ୟ ହେବେ।

ଆଜି ପୌଷ ଶୁକ୍ଳ ୫ମୀ ଶୁକ୍ରବାର, ଜାନୁୟାରୀ ୧୧ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ବରଗଡରେ ୧୧ ଦିନବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ରାଶି, ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୭।୪୮ମି. ମଧ୍ୟେ ଘ.୪।୦୦ମି. ଗତେ, ଘ.୫।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୫୨ମି. ଗତେ, ଘ.୯।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୦୦ମି. ଘ.୧୧।୫୪ମି. ମଧ୍ୟେ ରାହୁ କାଳ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଅନ୍ୟ ଅତିଥିମାନେ ଜାତୀୟ ହସ୍ତତନ୍ତ ମେଳାର ଷ୍ଟଲ ବୁଲି ଦେଖୁଛନ୍ତି ।

# ଜାତୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ବରଗଡ଼ ଅଫିସ,୧୦।୧

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ବୟନିକା ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ ପରିସରରେ ଜାତୀୟ ହସ୍ତତନ୍ତ ମେଳା-୨୦୧୯ ଉଦ୍‌ଘାଟିତ ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ବୟନିକା ସଭାପତି ଶେଷ କୁମାର ମେହେର ସଭା ପରିଚାଳନା କରିଥିବା ବେଳେ ମନ୍ତ୍ରୀ ଛୁରିଆଙ୍କ ସମେତ ବରଗଡ଼ ଲୋକସଭା ଏମପି ଡ. ପ୍ରଭାସ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ରାଜ୍ୟ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର, ମାର୍କଫେଡର ଅଧ୍ୟକ୍ଷ ବିଭୁଦତ୍ତ ପ୍ରଧାନ, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଅତାବିରା ଏନଏସି ଉପାଧ୍ୟକ୍ଷା ଜ୍ୟୋତିର୍ମୟୀ ଦାଶ, ବୟନିକାର ପରିଚାଳନା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଜିଲାପଳ ତପିରାମ ମାଝି, ଏସପି ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ଉତ୍ତରପ୍ରଦେଶ, ଜାମ୍ମୁ କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଣ୍ଡିଚେରୀ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ହରିୟାନା ଏବଂ ଓଡ଼ିଶାର ପ୍ରାୟ ଶହେ ଜଣ ଅଂଶଗ୍ରହଣ କରି ସେମାନଙ୍କ ବିଭିନ୍ନ ହସ୍ତତନ୍ତ ବସ୍ତ୍ର, ପରିଧାନ ପ୍ରଦର୍ଶନ ସହିତ ବିକ୍ରି କରୁଛନ୍ତି। ପ୍ରଦର୍ଶନୀରେ ଦେଶର ବିଭିନ୍ନ କୋଣ, ଅନୁକୋଣରେ ପ୍ରସ୍ତୁତ ସୂତତା, ସିଲ୍‌କ୍, ଟସର, ଏରି ଓ ବିଭିନ୍ନ ଡିଜାଇନର ଶାଢ଼ୀ, ଡ୍ରେସ, ଡ୍ରେସ ମାଟେରିଆଲ, ପରଦା, କପଡ଼ା, ଲୁଙ୍ଗି, ଧୋତି, ଟାୱେଲ, ଫର୍ନିସିଙ୍ଗ କପଡ଼ା ଆଦି ଉପଲବ୍ଧ ହେଉଛି । ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବାର କାର୍ଯ୍ୟକ୍ରମ ରହିଥିବାବେଳେ ପ୍ରତ୍ୟେହ ଦିନ ୧୧ଟାରୁ ରାତ୍ରି ସାଢ଼େ ୯ଟା ପର୍ଯ୍ୟନ୍ତ ଷ୍ଟଲ ଗୁଡ଼ିକ ଖୋଲା ରହିବ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ତିନି ରଥ ଆକୃତିର ସାଜସଜ୍ଜା ଏହି ମେଳାର ସ୍ୱତନ୍ତ୍ର ଆକର୍ଷଣ ହୋଇଛି । ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ତଥା ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଏହା ସହିତ କାରିଗର ଏବଂ ଗ୍ରାହକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବ ବିନିମୟ, ପରସ୍ପର ଜ୍ଞାନ କୌଶଳ, ବୟନ ଶୈଳୀ, ଡିଜାଇନ ଆଦି ଉପରେ ଆଲୋଚନା କାର୍ଯ୍ୟକ୍ରମ ରହିଛି ବୋଲି ବୟନିକା ପକ୍ଷରୁ ସୂଚନା ଦିଆଯାଇଛି ।

# ଚମ୍ପଟ ମାରିଥିବା କଏଦୀ ଧରାପଡିଲେ

ଝାରସୁଗୁଡ଼ା ଅଫିସ,୧୦।୧



ଜିତ ପ୍ରଧାନ।

ଝାରସୁଗୁଡ଼ା ଏସ୍‌ଡିଜେଏମ୍ କୋର୍ଟ ପରିସରରୁ ବୁଧବାର ମଧ୍ୟାହ୍ନରେ ଚମ୍ପଟ ମାରିଥିବା କଏଦୀ ଜିତ୍ ପ୍ରଧାନଙ୍କୁ ପୋଲିସ ଗୁରୁବାର ରାତି ୮ଟାରେ ଧରିଛି । ଝାରସୁଗୁଡ଼ା ଉପକାରାଗାରରୁ କୋର୍ଟରେ ହାଜର ପାଇଁ ତାଙ୍କୁ ଅଣାଯାଇଥିଲା । ବିଚାରପତିଙ୍କ ସମ୍ମୁଖରେ ଉପସ୍ଥାପନ କରାଇବା ପାଇଁ କୋର୍ଟ ପରିସରରେ ଅପେକ୍ଷାରେ ଥିବାବେଳେ ପୋଲିସ ଆଖିରେ ଧୂଳି ଦେଇ ସେ ଫେରାର ହୋଇଯାଇଥିଲେ। ବୁଧବାରଠାରୁ ପୋଲିସ ତାଙ୍କୁ ଧରିବାକୁ ତନାଘନା ଜାରି ରଖିଥିଲେ ମଧ୍ୟ ଗୁରୁବାର ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳି ନ ଥିଲା । ବଡ଼ମାଲ ଥାନା ପତ୍ରାପାଲିର ଭୁକଚନ୍ ପ୍ରଧାନଙ୍କ ପୁଅ ଜିତ୍। ଗତ ଡିସେମ୍ବର ୨୭ ତାରିଖରେ ଝାରସୁଗୁଡ଼ା ସଦର ବ୍ଲକ ବଡ଼ମାଲ ଥାନା ପତ୍ରାପାଲି ଗାଁର କୃପା ପ୍ରଧାନ ଏବଂ ଜିତ୍‌ଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିତ୍ ଏକ ଟାଙ୍ଗିଆରେ କୃପାଙ୍କ ଗୋଡ଼କୁ ପିଟି ଦେଇଥିଲେ। ଫଳରେ କୃପାଙ୍କ ଡାହାଣ ଗୋଡ଼ର ହାଡ ଚୂରମାର ହୋଇଯାଇଥିଲା। ଏହି ଘଟଣାରେ ପୋଲିସ ଜିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାନୁୟାରୀ ୯ ତାରିଖରେ ଜିତଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିଲା। ନିୟୋଜିତ ଥିବା ସୁରକ୍ଷାକର୍ମୀଙ୍କ ଅନ୍ୟମନସ୍କତାର ଫାଇଦା ଉଠାଇ ଜିତ୍ କୋର୍ଟ ପରିସରରୁ ଫେରାର ହୋଇଯାଇଥିବା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ ।

■ହାଇକୋର୍ଟରେ ଭେଡେନ ଗଣବଳାତ୍କାର, ହତ୍ୟା ମାମଲା

# ସବିଶେଷ ତଥ୍ୟ ଦାଖଲ ପାଇଁ ସରକାରଙ୍କୁ ନୋଟିସ

କଟକ ଅଫିସ, ୧୦।୧

ବରଗଡ଼ ଜିଲା ଭେଡେନ ଅଞ୍ଚଳରେ ଘଟିଥିବା ୩ଜଣ ମହିଳାଙ୍କୁ ଗଣବଳାତ୍କାର ଓ ୩ ଜଣଙ୍କୁ ହତ୍ୟା ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଥିଲା। ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସି.ଆର୍. ଦାସ ଘଟଣା ସମ୍ପର୍କରେ ସରକାରଙ୍କଠାରୁ ଜବାବ ମାଗିଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ଏ ସମ୍ପର୍କିତ ସବିଶେଷ ତଥ୍ୟ ହାଇକୋର୍ଟରେ ଦାଖଲ କରିବା ପାଇଁ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ୨୦୧୬ ସେପ୍ଟେମ୍ବର ୨୩ରେ ଏହି ଲୋମଟାଙ୍କୁରା ଘଟଣା ଘଟିଥିଲା। ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ଅନୁସୂଚିତ ଜାତି ବର୍ଗ ପରିବାରର ୩ ଜଣ ମହିଳାଙ୍କୁ ତତ୍କାଳୀନ ଭେଡେନ ଥାନା ଏସ୍‌ଆଇ ପୋଲିସ ଭ୍ୟାନରେ ଉଠାଇ ନେଇଥିଲେ। ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାର ପରେ ସେମାନଙ୍କୁ ଗାଁ ଲୋକଙ୍କ ହାତରେ ଘରକୁ ପଠାଇ ଦେଇଥିଲେ। ମାତ୍ର ଗ୍ରାମବାସୀ ମଧ୍ୟ ଉକ୍ତ ୩ ଜଣ ମହିଳାଙ୍କୁ ୧୦ଦିନ କାଳ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ଜଣେ ମହିଳା ସେମାନଙ୍କ କବଳରୁ ଖସି ଆସିଥିଲେ ଓ ଅନ୍ୟ ଦୁଇଜଣଙ୍କୁ ଗ୍ରାମବାସୀ ହତ୍ୟା କରିଥିଲେ। ଖସି ଆସିଥିବା ମହିଳା ଜଣକ ଘଟଣା ସମ୍ପର୍କରେ ନିଜ ଦେଢଶୁରଙ୍କୁ ଜଣାଇବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏପରିକି ପରବର୍ତ୍ତୀ ସମୟରେ ଅଭିଯୋଗ କରିଥିବା ଦେଢ଼ଶୁର ମଧ୍ୟ ହତ୍ୟାର ଶିକାର ହୋଇଥିଲେ। ସମୁଦାୟ ଘଟଣା ଉପରେ ନ୍ୟାୟ ପାଇବା ପାଇଁ ମୃତ ଅଭିଯୋଗକାରୀଙ୍କ ସ୍ତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ସୁନ୍ଦରଗଡ଼ରେ ହକି ନର୍ସରି ପ୍ରତିଷ୍ଠା ଆଶା

■ହୃଦୟର କଥା କହିଲେ ୨ ଅନ୍ତର୍ଜାତୀୟ ହକି ତାରକା

ରାଉରକେଲା ଅଫିସ,୧୦।୧

ସୁନ୍ଦରଗଡ଼ ଜିଲାରେ ହକି ନର୍ସରୀ ପ୍ରତିଷ୍ଠା କରିବାକୁ ସ୍ୱପ୍ନ ଦେଖୁଛନ୍ତି ବିଶିଷ୍ଟ ମହିଳା ହକି ତାରକା ତଥା ଏକଲବ୍ୟ ପୁରସ୍କାର ବିଜୟିନୀ ସୁଭଦ୍ରା ପ୍ରଧାନ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ ଖେଳାଳି ତଥା ପୂର୍ବତନ ଭାରତୀୟ ଦଳର ଅଧିନାୟିକା ଜ୍ୟୋତିସୁନୀତା କୁଲୁ। ମାନସିକ ପ୍ରସ୍ତୁତି ପରେ ଏହାକୁ କିପରି ସାକାର ରୂପ ଦିଆଯିବ ସେ ନେଇ ଚେଷ୍ଟା ଆରମ୍ଭ କରିଛନ୍ତି ଏହି ଦୁଇ ହକି ତାରକା।

ଏହି ଦୁଇ ତାରକାଙ୍କ କହିବାନୁସାରେ, ଆବହମାନ କାଳରୁ ସୁନ୍ଦରଗଡ଼ ଜିଲା ହକିର ଅନ୍ତୁଡ଼ିଶାଳ ଭାବେ ଦେଶବିଦେଶରେ ସୁନାମ ଅର୍ଜନ କରିଛି। ରାତି ପାହିଲେ ଯେଉଁ ଜିଲାର ଗାଁଗଣ୍ଡାର ଖେଳପଡ଼ିଆରେ ହକି ବାଡ଼ିର ଠଣଠଣ ଶବ୍ଦ ଶୁଣାଯାଏ, ସେହି ଜିଲାର ଭବିଷ୍ୟତ ସୁନିଶ୍ଚିତ ହେବା ନିହାତି ଆବଶ୍ୟକ। ହକି ନର୍ସରି ପ୍ରତିଷ୍ଠା ପଛରେ ଆମର ଅନେକ ମହତ୍ତ୍ୱାକାଂକ୍ଷା ରହିଛି। ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ହକି ଖେଳି ଅନେକ ଖେଳାଳି ଆମ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଏମାନଙ୍କ ପଧରେ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଇଗ୍ନେଶ ତିର୍କୀ ଅନ୍ୟତମ। ସୁନ୍ଦରଗଡ଼ ମାଟିର ଅନେକ ଦକ୍ଷ ଖେଳାଳି ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ। ସମୟ କ୍ରମେ ବରିଷ୍ଠ ଖେଳାଳିଙ୍କ ମଧ୍ୟରୁ ଅନେକ ହକି ଖେଳଠାରୁ ପ୍ରତ୍ୟକ୍ଷ ଭାବେ ଦୂରେଇ ଯିବା ନଜିର ରହିଛି। ଯେଉଁମାନଙ୍କ ପ୍ରେରଣା ପାଇବାକୁ ଖେଳ ଅଭ୍ୟାସ କରୁଥିବା ଯୁବ ଖେଳାଳି ବ୍ୟାକୁଳ ହୋଇଥାନ୍ତି। କିନ୍ତୁ ବିଭିନ୍ନ କାରଣରୁ ସେହି କ୍ରୀଡ଼ା ପ୍ରତିଭାଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ସଂସ୍ପର୍ଶରେ ଆସିପାରନ୍ତିନି ଏମାନେ। କ୍ରୀଡ଼ା ଜୀବନର ପରବର୍ତ୍ତୀ ସମୟରେ ରାଜନୀତି ଓ ପଦ ପ୍ରତିଷ୍ଠା ମୋହରେ ଛନ୍ଦି ହୋଇ ପଡ଼ିଥିବା ଖେଳାଳିଙ୍କୁ ପଛକୁ ଫେରି ଚାହିଁବାକୁ ସମୟ ଅଭାବ ପଡ଼େ। ଏପରି ଅବସ୍ଥାରେ ସୁନ୍ଦରଗଡ଼ ଜିଲାର ନୂଆ ପିଢ଼ି ଅବହେଳିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଯେଉଁମାନେ ନିୟମିତ ହକି ଅଭ୍ୟାସ ଜାରି ରଖିଛନ୍ତି ସେମାନଙ୍କୁ ନିଶ୍ଚିତ ରୂପେ କେଉଁଠି ନା କେଉଁଠି ଅଣଦେଖା କରାଯାଉଛି ବୋଲି ଆମେ ଅନୁଭବ କରୁଛୁ। ଯେଉଁ କାରଣରୁ ଏ ମାଟିର ହକି ରତ୍ନଙ୍କୁ ଦିନେ ଆମେ ହରାଇ ବସିବା ବୋଲି କହିଛନ୍ତି ସୁଭଦ୍ରା ଓ ଜ୍ୟୋତିସୁନୀତା।

ଏବେ ଆମ ରାଜ୍ୟରେ ହାତଗଣତି କେତେଜଣ ହକି ପ୍ରଶିକ୍ଷକ ନୂଆ ପିଢ଼ି ଖେଳାଳିଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଦିନେ ସେମାନେ ଅବସର ନେବେ। ତା' ପରେ ପ୍ରଶିକ୍ଷକଙ୍କ ସଙ୍କଟ ସୃଷ୍ଟି ହେବ। ସମସ୍ତେ ଏଠି ଖେଳିବା ପାଇଁ ଆଗ୍ରହୀ। ହେଲେ ସେମାନଙ୍କ



ଜ୍ୟୋତିସୁନୀତା କୁଲୁ



ସୁଭଦ୍ରା ପ୍ରଧାନ

ଭବିଷ୍ୟତ ନେଇ ନିଘା କମ୍। ନିକଟରେ ଏହି ମାଟିରେ ଗ୍ରାମାଞ୍ଚଳ ହକି ମହାକୁମ୍ଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରାଷ୍ଟ୍ରପତି ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଜିଲାବାସୀଙ୍କୁ ଉତ୍ସାହିତ କଲା। ପରେ ନ୍ୟୁ ସାଉଥ୍ ୱେଲ୍‌ସ ବନାମ ଓଡ଼ିଶା ପ୍ରଦର୍ଶନୀ ମ୍ୟାଚ୍ ଖେଳାଗଲା। ଯେଉଁଠି ଜିଲାର ହକି ପ୍ରେମୀଙ୍କ ଖେଳ ପ୍ରତି ନିଷ୍ଠା ଓ ଆଗ୍ରହ ଖୁବ୍ ନିକଟରୁ ପ୍ରମାଣିତ ହୋଇଥିଲା। ଆମ ହାତରେ ସୁଯୋଗ ଓ ଆଗ୍ରହ ରହିଛି। ସମ୍ପଦର ଅଭାବ ନାହିଁ। ଏହାକୁ ହରାଇବା ଉଚିତ ହେବ ନାହିଁ ବୋଲି କହିଛନ୍ତି ଦୁଇ ହକି ପ୍ରତିଭା। ହକି ନର୍ସରି ପ୍ରତିଷ୍ଠା ହେଲେ ୫ମରୁ ୭ମ ପର୍ଯ୍ୟନ୍ତ ପ୍ରାରମ୍ଭିକ ତାଲିମ ପ୍ରଦାନ ନେଇ ସୁଯୋଗ ସୃଷ୍ଟି ହେବ। ଏମାନେ ଶୈଶବରୁ ସମୃଦ୍ଧ ହେବେ। ଜିଲାର ହକି ପ୍ରତିଭା ସଶକ୍ତ ହେବେ। ହକିର ଭବିଷ୍ୟତ ସୁରକ୍ଷିତ ରହିବ। ଏହି ଆଶାରେ ଆମେ ଦୁଇ ଖେଳାଳି ଉଭୟ ସ୍ଥାନ ଷ୍ଟିଲ ସିଟି ଓ ସୁନ୍ଦରଗଡ଼ରେ ଦୁଇଟି ହକି ନର୍ସରି ସ୍ଥାପନ ନେଇ ଚିନ୍ତା କରିଛୁ। ସରକାର ତଥା ଜିଲା ପ୍ରଶାସନ ଚାହିଁଲେ ଜମି ଓ ଅନ୍ୟ ଆବଶ୍ୟକ ସୁବିଧା ମିଳିପାରିବ। ଏ ନେଇ ଆମେ ଖୁବଶୀଘ୍ର ପଦକ୍ଷେପ ନେବାକୁ ଯାଉଛୁ। ଆଶା ରହିଛି ଉଦ୍ୟମ ସଫଳ ହେବ। ଆମକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସୁଭଦ୍ରା ଓ ଜ୍ୟୋତିସୁନୀତା ପ୍ରକାଶ କରିଛନ୍ତି। ଏ ନେଇ ପାନପୋଷ କ୍ରୀଡ଼ା ସଙ୍ଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରାଙ୍କୁ ପଚାରାଯିବାରୁ ସେ କହିଥିଲେ, ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଚିନ୍ତାଧାରା। ଦୁଇ ଖେଳାଳିଙ୍କ ପ୍ରଚୁର ଅନୁଭବ ରହିଛି। ହକି ନର୍ସରି ନେଇ ସରକାର ଆଗକୁ ଆସିବା ଦରକାର। ଏହା ଆମ ରାଜ୍ୟ ପାଇଁ ଏକ ମାଇଲଖୁଣ୍ଟ ହୋଇ ରହିବ। ତେବେ ଏ ନେଇ ଆନ୍ତରିକତା ଲୋଡ଼ା। ବରିଷ୍ଠ ପ୍ରଶିକ୍ଷକ ମିଲ୍‌ଟନ ବିଲୁଙ୍ଗ କୁହନ୍ତି, ଯଦି ଉଭୟ ଖେଳାଳି ନର୍ସରି ପ୍ରତିଷ୍ଠା କରି କିଛି ନୂତନତା ଆଣିପାରିବେ ତେବେ ତାହା ସ୍ୱାଗତଯୋଗ୍ୟ। ସରକାରଙ୍କ ପକ୍ଷରୁ କ୍ରୀଡ଼ା ଛାତ୍ରାବାସ ରହିଛି ବୋଲି ସେ କହିଛନ୍ତି।



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରାର ବିରୋଧିତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ।
-ଶ୍ରୀଅରବିନ୍ଦ



# ତାଳିପକା ସମାଧାନ

ସାଧାରଣ ନିର୍ବାଚନ ସହ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ନିଜର ଭାଗ ପାଇବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କୌଶଳ ଆପଣାଇଛନ୍ତି। ନିକଟରେ ଅନୁଷ୍ଠିତ କେତେକ ରାଜ୍ୟର ନିର୍ବାଚନ ଫଳ ପ୍ରକାଶ ପାଇବା ପରଠାରୁ କୃଷକ ପ୍ରସଙ୍ଗ ପୁଣି ପ୍ରମୁଖତା ଲାଭ କରିଛି। ତେବେ ନିର୍ବାଚନ ଫଳ ପ୍ରକାଶ ପର୍ଯ୍ୟନ୍ତ ଏ ପ୍ରସଙ୍ଗ ଯେ ପୂରା ସୁପ୍ତ ଥିଲା ବା ଜାତୀୟ ଚର୍ଚ୍ଚା ପରିସରରୁ ବାହାରେ ଥିଲା ସେ କଥା କୁହାଯାଉ ନାହିଁ। ବାସ୍ତବରେ ଚାଷୀ ଆନ୍ଦୋଳନ ୨୦୧୮ର ବହୁଳାଂଶ ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା। ଗତବର୍ଷ ଜୁନ୍‌ମାସରେ ଅନେକ ରାଜ୍ୟରେ କୃଷକମାନେ ୧୦ ଦିନିଆ ପ୍ରତିବାଦ ମାଧ୍ୟମରେ ସରକାରଙ୍କୁ ପ୍ରତିଶ୍ରୁତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଦାବି ଜଣାଇଥିଲେ। ତା'ଛଡ଼ା ସେମାନେ ଦେଶ ସାରା କୃଷିଋଣ ଛାଡ଼କରିବା ପାଇଁ ମଧ୍ୟ ଦାବି କରିଥିଲେ। ଗତବର୍ଷ ମଧ୍ୟପ୍ରଦେଶର ମନ୍ଦସୌରଠାରେ ଏଭଳି ଆନ୍ଦୋଳନ ଅବସରରେ ଘଟିଥିବା ହିଂସାକାଣ୍ଡରେ ପୋଲିସ ଗୁଳିରେ ପାଞ୍ଚଜଣ କୃଷକଙ୍କର ମୃତ୍ୟୁ ଘଟିଥିଲା। ଓଡ଼ିଶାରେ ଧାନର ଏମ୍‌ଏସ୍‌ପି ବୃଦ୍ଧିକରିବା ପାଇଁ କୃଷକମାନେ ବାରମ୍ବାର ଦାବି କରିଆସୁଛନ୍ତି। ରାଜ୍ୟ ସରକାର ମଧ୍ୟ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ବାରମ୍ବାର କେନ୍ଦ୍ର ଆଗରେ ଦାବି ଉପସ୍ଥାପନ କରିଆସିଛନ୍ତି। ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ଏଥିପାଇଁ ଦଳର କର୍ମୀ ତଥା କୃଷକମାନଙ୍କୁ ନେଇ ଦିଲ୍ଲୀରେ ଏକ ର୍‍ୟାଲି କରାଯାଇଥିଲା। କେନ୍ଦ୍ର ସରକାର କୃଷକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରି ନ ଥିବାରୁ ଏଇ କିଛିଦିନ ଭିତରେ ଦେଶ ସାରା କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଦେଖାଯାଇଛି।

ଦେଶର ପ୍ରାୟ ଅଧାଲୋକ କୃଷିକ୍ଷେତ୍ରରେ ହିଁ ଜୀବିକା ନିର୍ବାହ କରୁଥିବାବେଳେ କୃଷିକ୍ଷେତ୍ରରୁ ଭାରତର ଜିଡିପିକୁ ଅବଦାନ ମାତ୍ର ୧୫ ପ୍ରତିଶତ। ଏହା ଆମ କୃଷିକ୍ଷେତ୍ରର ତଥା ଏହା ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଦୁରବସ୍ଥାର ଏକ ବଡ଼ ସୂଚକ। ନିକଟରେ ଅନୁଷ୍ଠିତ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ସୂଚନା ମିଳିଛି ଯେ, ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାକୁ ଯାଉଛି। ଭାରତରେ କୃଷକମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଜମିର ସ୍ୱଳ୍ପ ଉତ୍ପାଦନଶୀଳତା, ଦୁର୍ବଳ କୃଷି ଭିତ୍ତିଭୂମି, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ ବ୍ୟବସ୍ଥାର ଅଭାବ, ଦୁର୍ବଳ ବିପଣନ ବ୍ୟବସ୍ଥା ଏହି କ୍ଷେତ୍ରକୁ ଆକ୍ରାନ୍ତ କରି ରଖିଛି।

## ଆଜିର ଅର୍ଥନୀତି

ଏହାର କୌଣସି ସହଜ ସମାଧାନ ନାହିଁ। ଅଧିକାଂଶ କୃଷିଋଣ ଛାଡ଼ କରିବା ପାଇଁ ଦାବି କରୁଥିଲେ ମଧ୍ୟ ଏହାଦ୍ୱାରା କୃଷକମାନଙ୍କର ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏହା କୃଷକମାନଙ୍କ କ୍ଷତର ଆରୋଗ୍ୟ ପାଇଁ ଏକ ମନସ୍ତାତ୍ତ୍ୱିକ ମଲମ ପରି କାମ ଦେଇପାରେ। ଆମ ଦେଶର ପ୍ରାୟ ୪୮ ପ୍ରତିଶତ କୃଷକ ଋଣ କରି ନ ଥାନ୍ତି ଏବଂ ଅତି କମ୍ ସଂଖ୍ୟକ କୃଷକ ଆନୁଷ୍ଠାନିକ କୃଷିଋଣ କରିଥାନ୍ତି।

ଆମେ ସଚେତନ ଯେ ଆମ କୃଷିକ୍ଷେତ୍ର ଅନେକ ଦିଗରୁ ଉନ୍ନତି କରିବାର ସମ୍ଭାବନା ଅଛି। କିନ୍ତୁ ସେଥିପାଇଁ ସରକାରଙ୍କୁ ଭୋଟବାକ୍ସ ବାହାରେ ଚିନ୍ତା କରିବାକୁ ହେବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସମର୍ଥ କରିବା ପାଇଁ କୃଷି ସଂସ୍କାରରେ ଅଧିକ ଅନ୍ତର୍ଭୁକ୍ତୀକରଣ ହେବା ଦରକାର। ଭୂମିସ୍ୱତ୍ୱକୁ ଅଧିକ ଉତ୍ପାଦନଶୀଳ ଓ ବଜାର-ଅନୁକୂଳ କରିବା ପାଇଁ ଏହାକୁ ମଜଭୁତ କରିବାର ଆବଶ୍ୟକତା ରହିଛି। ଦ୍ୱିତୀୟତଃ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଦକ୍ଷତା ଓ ଉତ୍ପାଦକତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ଦରକାର, ଯାହାଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ଅମଳ ହୋଇପାରୁଥିବ। ଏହା ଉପରେ ଅଧିକ ଗବେଷଣା ପାଇଁ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଏ କ୍ଷେତ୍ରରେ ରାଜ୍ୟ ସରକାରଗୁଡ଼ିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷକମାନଙ୍କୁ କୃଷି-ବ୍ୟବସାୟ ଦିଗରେ ମନ ବଳାଇବା ପାଇଁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଅଛି। ଧାନ ଓ ଗହମ ପରି ପାରମ୍ପରିକ କୃଷି ବଦଳରେ ଫଳ, ପନିପରିବା, ଡାଇରି ଉତ୍ପାଦ, ମାଂସ, ଅଣ୍ଡା, ମାଛ ପ୍ରଭୃତି ଉଚ୍ଚ ମୂଲ୍ୟଯୁକ୍ତ ଓ ଅଧିକ ଲାଭଜନକ ଚାଷ ଓ ବ୍ୟବସାୟକୁ ସେମାନେ ଆପଣାଇବା ଦରକାର। କୃଷକମାନଙ୍କ ବଳକା ଉତ୍ପାଦନକୁ ସାଇତି ରଖିବା, ପ୍ରକ୍ରିୟାକରଣ କରିବା ଓ ରପ୍ତାନି କରିବା ପାଇଁ ସରକାର ବ୍ୟବସ୍ଥା କରିବା ଉଚିତ।

ବର୍ତ୍ତମାନ କୃଷକମାନେ ଅଧିକ ଅମଳ କଲେ ବଜାରରେ ଅତ୍ୟଧିକ ସୁଲଭତା ହେତୁ ତାହାର ମୂଲ୍ୟ ହ୍ରାସପାଉଛି। ଫଳରେ ସେମାନେ ଉପଯୁକ୍ତ ମୂଲ୍ୟ ନ ପାଇ କ୍ଷତିଗ୍ରସ୍ତ ହେଉଛନ୍ତି। କୃଷକମାନଙ୍କ ପାଇଁ ଏକ ଆୟ ସମର୍ଥନକାରୀ କାର୍ଯ୍ୟକ୍ରମ ମଧ୍ୟ ହାତକୁନେବାର ଆବଶ୍ୟକତା ରହିଛି। ଆମ ରାଜ୍ୟ ସରକାର ଯେଉଁ କାଳିଆ ଯୋଜନା ଆରମ୍ଭ କରିଛନ୍ତି, ତାହା ଏ ଦିଗରେ ଏକ ଉତ୍ତମ ପଦକ୍ଷେପ। ତେବେ ସରକାର ଆବଶ୍ୟକ ସଂଖ୍ୟକ ଫର୍ମ ଯୋଗାଇ ନ ପାରିବାରୁ ତା'ର କଳାବଜାର ହେଉଥିବା ରିପୋର୍ଟ ପ୍ରକାଶ ପାଇଛି। ଏଣୁ ସରକାର ଆବଶ୍ୟକତାକୁ ଚାହିଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଉପଯୁକ୍ତ ହିତାଧିକାରୀ ଯେପରି ଉପକୃତ ହୁଅନ୍ତି ତାହା ସୁନିଶ୍ଚିତ କରିବା ତଳସ୍ତରରେ କାମ କରୁଥିବା ଅଫିସର ଓ କର୍ମଚାରୀମାନଙ୍କ ଦାୟିତ୍ୱ। କେବଳ ଭୋଟବାକ୍ସ ଚିନ୍ତା ସରକାରଙ୍କ ଦୃଷ୍ଟିକୋଣକୁ ମଳିନ କରିବା ଉଚିତ ନୁହେଁ।

### ଚିରନ୍ତନୀ

ସବୁ ଧର୍ମ ପରେ ଯେଉଁ ଜୀବ-ଧର୍ମ	ଚିର ପ୍ରତିଷ୍ଠିତ
ତାହାର ସନ୍ଧାନେ ଧାଏଁ ଅବିରାମ	ନବୀନର ଚିତ୍ତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | 4 | | | | | | C | | | 2 | 8 | 0 |
| | | | | 0 | 6 | C | | 9 | D | 4 | 1 | | | E |
| | 1 | | | C | | A | | | 0 | | | 6 | | |
| | | | | | | 7 | | | | | A | 3 | | |
| | | | | | B | | | 4 | | 5 | E | | A | |
| | | 2 | 1 | | | | | | | A | | | 5 | |
| 3 | | 0 | | 6 | | | 9 | | | | B | | | A |
| | | | | | | | | | | | 4 | 9 | 2 | D |
| 8 | 5 | 4 | B | A | | | | | 6 | C | D | | | |
| B | | | D | | 4 | | | | E | | 8 | | 0 | 6 |
| 6 | | 8 | | | | | | 1 | | 3 | 5 | 4 | | |
| 1 | E | | 3 | | C | | | | | | 9 | 5 | | |
| | 7 | | | | 5 | | | 0 | | | | | | |
| | A | 3 | | | | 4 | | | B | 1 | | E | | C |
| | | 5 | 8 | 1 | | | | | | E | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | 4 | B | 6 | 3 | E | 8 | 9 | 2 | 7 | 0 | 1 | A | 5 |
| A | 0 | 2 | 7 | 8 | 1 | B | 5 | D | C | 3 | 6 | 9 | E | 4 |
| 9 | 5 | E | 4 | C | 0 | 1 | 3 | 6 | B | A | 8 | D | 7 | 2 |
| B | 7 | 8 | D | A | 9 | 0 | 4 | 2 | E | 1 | 5 | C | 6 | 3 |
| 3 | 1 | 6 | E | 2 | 5 | A | C | 7 | D | 4 | 9 | 8 | 0 | B |
| 6 | 8 | 7 | C | 3 | 2 | 4 | E | A | 1 | B | D | 0 | 5 | 9 |
| 4 | 3 | D | 0 | E | 6 | C | 1 | 5 | 9 | 8 | A | 2 | B | 7 |
| 5 | A | 1 | 9 | 4 | 8 | 2 | 7 | B | 0 | 6 | C | 3 | D | E |
| 0 | 9 | B | 5 | 7 | A | D | 6 | 8 | 3 | E | 2 | 4 | 1 | C |
| 2 | E | C | 1 | B | D | 9 | 0 | 3 | 4 | 5 | 7 | A | 8 | 6 |
| E | B | A | 8 | 9 | C | 6 | 2 | 0 | 5 | D | 4 | 7 | 3 | 1 |
| 7 | 4 | 9 | 2 | 1 | B | 8 | D | E | 6 | 0 | 3 | 5 | C | A |
| 8 | C | 5 | A | 0 | E | 3 | 9 | 1 | 7 | 2 | B | 6 | 4 | D |
| 1 | 2 | 3 | 6 | D | 7 | 5 | A | 4 | 8 | C | E | B | 9 | 0 |
| D | 6 | 0 | 3 | 5 | 4 | 7 | B | C | A | 9 | 1 | E | 2 | 8 |

ଗତକାଲିର ଉତ୍ତର

# ସଙ୍ଗତି ଓ ମାନବ ମୂଲ୍ୟ



ଉପେନ୍ଦ୍ର ବିଶ୍ୱାଳ

ରସାୟନ ବିଜ୍ଞାନାନୁଯାୟୀ ଦୁଇଟି ଉଦ୍‌ଜାନ ଓ ଗୋଟିଏ ଅମ୍ଳଜାନ ପରମାଣୁର ମିଶ୍ରଣ ଫଳରେ ସୃଷ୍ଟି ହୁଏ ଜଳଅଣୁ। ପ୍ରତିଟି ଜଳବିନ୍ଦୁ କେତେଗୁଡ଼ିଏ ଜଳଅଣୁର ସମାହାର। ନର୍ଦ୍ଦମାରେ ବୋହିଯାଉଥିବା ଜଳରେ ଯେଉଁ H2O ଅଣୁ ଥାଏ, ସମୁଦ୍ରରେ ମଧ୍ୟ ତାହା। ମାତ୍ର ନର୍ଦ୍ଦମାର ଜଳକୁ ପାଦରେ ବି ଛୁଇଁବାକୁ ମନ କୁହେନା। ନଦୀ, ସମୁଦ୍ରରେ ଆମେ ଅତିବେଶିରେ ସ୍ନାନ କରିବାକୁ ପସନ୍ଦ କରିଥାଉ। କିନ୍ତୁ ନଳକୂପର ସେହି H2O ଜଳଅଣୁକୁ ଜୀବନ ରକ୍ଷାକାରୀ ପାନୀୟ ଭାବେ ସାଦରେ ଗ୍ରହଣ କରୁ। ଗଙ୍ଗାର ଜଳ ତା'ଠାରୁ ବି ଅଧିକ ଆଦର ଓ ମହିମାଯୁକ୍ତ। ଆକାଶରୁ ଝରିପଡୁଥିବା ଶିଶିର ବିନ୍ଦୁରେ ମଧ୍ୟ ଉଦ୍‌ଜାନ ଓ ଅମ୍ଳଜାନ ଅଛି। ଏହାର ମୂଲ କିନ୍ତୁ ଅମୂଲ। କାରଣ ଗୋଲାପକୁ ବିକଶିତ କରିବାରେ ହିଁ କେବଳ ଶିଶିର ବିନ୍ଦୁର ଅଛି ସାମର୍ଥ୍ୟ। ଯାହା କି ଉପରୋକ୍ତ ଉତ୍ସର ଜଳରେ ନାହିଁ। ଶିଶିରବିନ୍ଦୁଠାରୁ ବି ଆହୁରି ଅଧିକ ମୂଲ୍ୟବାନ ଆକାଶରୁ ଝରି ପଡୁଥିବା ସେହି ଜଳବିନ୍ଦୁ, ଯାହା ଏକ ନିର୍ଦ୍ଦିଷ୍ଟ ସମୟରେ (ଆକାଶରେ ଚନ୍ଦ୍ର ସ୍ୱାତୀ ନକ୍ଷତ୍ରରେ ଥିବାବେଳେ) ଶାମୁକାର ସ୍ୱର୍ଣ୍ଣିମ ସ୍ୱପ୍ନକୁ ସାକାର କରି ତା' ଭିତରେ ମହାର୍ଘ ମୁକ୍ତା ତିଆରି କରିଥାଏ। ସେଥିପାଇଁ କୁହାଯାଏ- ସ୍ୱାତୀ ନକ୍ଷତ୍ରର ଜଳ, ପାତ୍ର ବିଶେଷରେ ଫଳ।

ନର୍ଦ୍ଦମାଠୁ ନଈନାଳ, ଗାଡ଼ିଆଠୁ ଗୋଲାପ କଢ଼ି, ସାଗରଠୁ ଶାମୁକା ପର୍ଯ୍ୟନ୍ତ ସବୁଠି ଅଛି ଜଳର ସେହି ସମାନ ଅଣୁ। ସଂସ୍ପର୍ଶ ବା ସଙ୍ଗତି ହିଁ ଜଳକଣାର ମୂଲ୍ୟକୁ ବଢ଼ାଇ ଥାଏ। ଠିକ୍ ସେମିତି, ଆମ ଜୀବନର ଗୌରବ-ଗରିମା ନିର୍ଭର କରେ ଆମର ସଙ୍ଗତି ଉପରେ। କୁସଙ୍ଗ ଆମକୁ ନର୍ଦ୍ଦମାର ଜଳପରି ନିମ୍ନଗାମୀ ବା ନୀଚ ଭାବେ ସୂଚିତ କରୁଥିଲା ବେଳେ, ମୁକ୍ତାସମ ଆମ ଜୀବନକୁ ଜାଜ୍ୱଲ୍ୟମାନ କରିଥାଏ ସୁସଙ୍ଗ। ଜୀବନରେ ହେୟ ବା ଶ୍ରେୟ ନିର୍ଭର କରେ ଆମର ମତି-ଗତି-ସଙ୍ଗତି ଉପରେ। ମନେ ପଡ଼େ ମହାଭାରତରେ ଭୀଷ୍ମଙ୍କ ଶରଶଯ୍ୟା ସମୟର ସ୍ୱୀକାରୋକ୍ତି। ଶରଶଯ୍ୟାରେ ଶୋଇ ଶୋଇ ଅତୀତକୁ ଅନୁଶୀଳନ କରୁଛନ୍ତି ପିତାମହ ଭୀଷ୍ମ। ଶରୀରରୁ କ୍ଷରିତ ହୋଇଚାଲିଛି ପାପାନ୍ନରେ ତିଆରି ଶୋଣିତର ଧାର। ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଶଯ୍ୟାଧାରରେ ସମବେତ ହେଲେ ଦ୍ରୌପଦୀଙ୍କ ସମେତ ପଞ୍ଚପାଣ୍ଡବ। ଶୁଣିବେ ଧର୍ମନୀତି ସମ୍ବନ୍ଧୀୟ ଉପଦେଶାବଳୀ। ନୀତିନିଷ୍ଠ, ଧର୍ମାତ୍ମା ଭୀଷ୍ମଙ୍କଠାରୁ ମୂଲ୍ୟବାନ ମାର୍ଗଦର୍ଶନ ଶୁଣୁ ଶୁଣୁ ପାଞ୍ଚାଳିଙ୍କର ମନେ ପଡ଼ିଯାଇଛି କୁରୁସଭାରେ ସେଦିନର ଲାଞ୍ଛନା। ମନେ ମନେ ମାପୁଥାନ୍ତି ପଞ୍ଚାମୃତ ସମ ଆଜିର ପବିତ୍ର ଉଚ୍ଚାରଣ ଓ କାଲିର ସେ ନିଷ୍ଠୁର ନୀରବତା। ଆଜି ପିତାମହଙ୍କର ଏପରି ଧର୍ମବାଣୀ ଶୁଣି ନିଜକୁ ଆଉ ସମ୍ଭାଳି ନ ପାରି ଫେଁ କରି ହସିଦେଲେ ସର୍ବ ସମ୍ମୁଖରେ। ଗୁରୁଜନମାନଙ୍କ ପ୍ରତି ପ୍ରଚଣ୍ଡ ଭକ୍ତିଭାବ ରଖୁଥିବା ପାଞ୍ଚାଳିଙ୍କର ହସକୁ କିନ୍ତୁ ପଢ଼ି ପାରିଥିଲେ ଶ୍ରୀକୃଷ୍ଣ ଓ ପିତାମହ ଭୀଷ୍ମ। ହସର କାରଣ ସେ ନିଜେ ବୋଲି ଭୀଷ୍ମ ସ୍ୱୀକାର କରିଛନ୍ତି ସେଇଠି। ସତ୍ୟପ୍ରିୟ, ନ୍ୟାୟନିଷ୍ଠ ପିତାମହଙ୍କ ମର୍ଯ୍ୟାଦା, ମୁରବିପଣ ସବୁ ମାଟିରେ ମିଶି ଯାଇଥିଲା, ସଙ୍ଗତିର ମାରାତ୍ମକ ପ୍ରଭାବ ଯୋଗୁ। ଦୁଷ୍ଟମନା କୌରବକୁଳର ସଂସ୍ପର୍ଶ ଓ ସଙ୍ଗତି ତଥା ତାଙ୍କ ପାପାନ୍ନ ଭୁଞ୍ଜି ଭୁଲି ଚାଲିଥିଲେ ଭୀଷ୍ମ ତାଙ୍କ ମହାନୁଭବତାକୁ, ମହନୀୟତାକୁ। ଧୃତରାଷ୍ଟ୍ରଙ୍କ ଦୁଷ୍ଟ ସନ୍ତାନଙ୍କ ଦୌରାତ୍ମ୍ୟ, ଉତ୍ପୀଡ଼ନ, ଅନ୍ୟାୟର ପ୍ରତିବାଦ କରିବାକୁ ଅସହାୟ ମଣୁଥିଲେ ସେ। ସମର୍ଥ ଥାଇ ବି ସେ ଥିଲେ ଅସମର୍ଥ। ଏପରି କି କୁରୁ ରାଜସଭାରେ ଲାଞ୍ଛିତା ଲଳନାଟିର ବିକଳ ପ୍ରାର୍ଥନା ବି କର୍ଣ୍ଣବିଦ୍ଧ କରି ପାରୁ ନ ଥିଲା ସେଦିନର ବଧିର-ଭୀଷ୍ମଙ୍କୁ। ମୌନ ରହି ମୁରବୀଜଣଙ୍କ ଏକପ୍ରକାର ପରୋକ୍ଷ ସମର୍ଥନ ଦେଇଥିଲେ ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ଦୁଷ୍ଟାତ୍ମାଙ୍କ ଦୁଷ୍କର୍ମକୁ। ଇଏ ହେଉଛନ୍ତି ସେହି ଭୀଷ୍ମ, ମହିଳାମାନଙ୍କ ପ୍ରତି ଯାହାଙ୍କର ଥିଲା ଗଭୀର ମର୍ଯ୍ୟାଦାବୋଧ। ଏପରି କି, ମହିଳା ବେଶଧାରୀ ଶତ୍ରୁ ଉପରକୁ ମଧ୍ୟ ଅସ୍ତ୍ର ଉଠାଇବେ ନାହିଁ ବୋଲି ଯାହାଙ୍କର ଥିଲା ନୀତିଗତ ନିଷ୍ପତ୍ତି। 'ନାରୀ ମାତ୍ରେ ହିଁ ନମସ୍ୟା' ତାଙ୍କର ଏହି ଉଚ୍ଚକୋଟୀର ଆଦର୍ଶପଣ କିନ୍ତୁ ଲୁଚିଯାଇଥିଲା ସେତେବେଳେ, ଯେତେବେଳେ ଜଣେ କୁଳବଧୂଙ୍କୁ ସର୍ବସମ୍ମୁଖରେ ଅତି ନିର୍ଲଜ୍ଜ ଭାବେ ନିର୍ଯାତିତ କରାଯାଉଥିଲା। କେବଳ ଭୀଷ୍ମ ନହୁନ୍ତି ସତ୍ୟାନୁରାଗୀ, ଆଦର୍ଶ ଆଚାରର ପାଠ ପଢ଼ାଉଥିବା ଆଚାର୍ଯ୍ୟ ଦ୍ରୋଣ ମଧ୍ୟ ଭୁଲିଯାଇଥିଲେ ସତ୍ୟ-ନ୍ୟାୟ-ଆଦର୍ଶର ପାଠ, ଦୁଷ୍ଟମତିମାନଙ୍କ ମେଳରେ ରହି ରହି। ଏହାର ଠିକ୍ ବିପରୀତ ଘଟଣା ସୁସଙ୍ଗର ସଂସ୍ପର୍ଶ ଯୋଗୁ ଘଟିଥିଲା। ଅତି ନିଷ୍ଠୁର, ଅମାନବୀୟ ମାର୍ଗକୁ ଆପଣାଇ ନେଇଥିଲା ଦସ୍ୟୁ ରତ୍ନାକର। ସଂଯୋଗକ୍ରମେ ଜଣେ ସାଧୁଙ୍କ ସାନ୍ନିଧ୍ୟରେ ଆସି ତାଙ୍କ ସତ୍ ପରାମର୍ଶ ବଳରେ ଚମକପ୍ରଦ ପରିବର୍ତ୍ତନ ଘଟିଲା ତାଙ୍କ ଜୀବନରେ। ରକ୍ତପିପାସୁ ପିଶାଚ ଜଣକ ପରିବର୍ତ୍ତିତ ହେଲେ ଦିବ୍ୟତ୍ୱରେ, ଋଷି ବାଲ୍ମୀକି ଭାବେ।

ଅନ୍ୟ ଏକ ଦିଶାଦର୍ଶୀ ଦୃଷ୍ଟାନ୍ତ ଏହିପରି। ଏକଦା ଜଣେ ସାଧୁଙ୍କୁ ଭେଟିବାକୁ ଆଶ୍ରମରେ ଯାଇ ପହଞ୍ଚିଲେ ମଗଧର ରାଜା। ସନ୍ଥଙ୍କ ଅତ୍ୟନ୍ତ ସରଳ, ନିରଳସ ଜୀବନ-ଯାପନ ଦେଖି ଦୁଃଖାଭିଭୂତ ହେଲେ ରାଜା। ଦୟାର୍ଦ୍ର ଚିତ୍ତରେ ସନ୍ଥଙ୍କୁ କିଛି ଧନ ଦାନ କରିବାକୁ ମନସ୍ଥ କଲେ। ମାତ୍ର ନମ୍ରତାର ସହିତ ସାଧୁ ତାହା ପ୍ରତ୍ୟାଖ୍ୟାନ କଲେ। ଆଶ୍ଚର୍ଯ୍ୟ ହୋଇ ରାଜା ପଚାରିଲେ ତେବେ ଆଶ୍ରମର ଚଳଣିର ବ୍ୟବସ୍ଥା କ'ଣ ? ଅର୍ଥ ଆଗମନର ସୂତ୍ର କ'ଣ ? ସନ୍ଥ କହିଲେ- ତମ୍ବାକୁ ସୁନାରେ ପରିଣତ କରିବାର ରସାୟନ ସହିତ ମନ୍ତ୍ର ବି ମୋ ପାଖରେ ଅଛି। ଚାହିଁଲେ ତୁମେ ମଧ୍ୟ ତାହା ହାସଲ କରିପାରିବ। ରାଜା ଅତୀବ ଆଗ୍ରହର ସହିତ ତାହା ଜାଣିବାକୁ ଇଚ୍ଛାକରି ସାଧୁଙ୍କ ସାଙ୍ଗରେ ମାସଟିଏ ରହିଲେ। ସୁବର୍ଣ୍ଣର ଲାଭ ଓ ଲୋଭରେ ଆଶ୍ରମର ଆଚାରବିଧି, ସାଧୁମାନଙ୍କ ସଙ୍ଗ ଆଦି ସବୁଥିରେ ମନୋଯୋଗ ସହିତ ସାମିଲ ହେଉଥିଲେ। ମାସଟିଏ ଅତିକ୍ରାନ୍ତ ହୋଇଯିବା ପରେ ରାଜାଙ୍କୁ ସ୍ମରଣ କରାଇ ସନ୍ଥ କହିଲେ- ରାଜନ୍! ସେହି ରସାୟନ ଓ ମନ୍ତ୍ର ନେବାକୁ ଆପଣଙ୍କର କ'ଣ ମନେ ନାହିଁ? ପ୍ରସନ୍ନ ଚିତ୍ତରେ ପ୍ରଣିପାତ ପୂର୍ବକ ରାଜା କହିଲେ- ମହାତ୍ମାଜୀ, ଆଶ୍ରମରେ ମାସଟିଏ ରହି ମୁଁ ବୁଝିସାରିଛି ସତ୍‌ଆଚାର, ସତ୍‌ସଙ୍ଗ ହେଉଛି ସେହି ଅମୂଲ୍ୟ ସମ୍ପଦ, ଯାହା ମନୁଷ୍ୟକୁ ବାସ୍ତବ ସୁଖ-ଶାନ୍ତି-ସନ୍ତୋଷ ଦେଇ ପାରିବ। ମଣିଷକୁ ଦେବତାରେ ପରିଣତ କରିପାରିବ। ମଣିଷର ମର୍ଯ୍ୟାଦାକୁ ବହୁଗୁଣିତ କରିପାରିବ।

ଏହିପରି ସଙ୍ଗତି ହିଁ ପ୍ରଭାବିତ କରେ ଆମ ବିଚାରକୁ, ଭାବନାକୁ। ମନର ଭାବ ହିଁ ପ୍ରଭାବିତ କରେ ଆଚରଣକୁ। ମନୋଭାବ ହିଁ ଦେଖାଇଥାଏ ଦୁର୍ଗତି ଅବା ସଦ୍‌ଗତିର ପଥ। ଅତଏବ ସଙ୍ଗତି ହିଁ ନିର୍ଦ୍ଧାରଣ କରେ ଆମ ମୂଲ୍ୟ। ଏଣୁ ସାଙ୍ଗମାନଙ୍କୁ ଆପଣାଇବା ପୂର୍ବରୁ ପ୍ରଥମେ ପରଖିନେବା ପ୍ରାର୍ଥନୀୟ। ଜୀବନର ଲମ୍ବା ଚଲାପଥରେ ଅନେକ ସାଥୀଙ୍କ ସଂସ୍ପର୍ଶରେ ଆମେ ଆସିଥାଉ। ବିବିଧତାଭରା ଏ ଦୁନିଆରେ ବ୍ୟକ୍ତିଙ୍କ ବିଚାର-ଭାବନା ବି ଭିନ୍ନ ଭିନ୍ନ ହୋଇଥାଏ। ପୁନଶ୍ଚ ଆଜିର ଦିନରେ ମତ୍‌ଲବ୍‌ଖୋର ମଣିଷମାନେ ତ ସୁଯୋଗ ଉଣ୍ଡି ମାଡ଼ିଆସନ୍ତି, ଠିକ୍ ସରୋବରର ମଣ୍ଡୁକମାନଙ୍କ ପରି। ପୁଷ୍କରିଣୀ ଭିତରେ ଜଳ ଭର୍ତ୍ତି ହେବାକୁ ଲାଗିଲେ, କେଉଁଠୁ କେଜାଣି ମଣ୍ଡୁକମାନେ ମାଡ଼ି ଆସନ୍ତି। ନିଷ୍କପଟ ହୃଦୟରେ ସରୋବର ତାଙ୍କୁ ସାଥୀ ଦିଏ, ସାହାରା ସାଜେ। ମାତ୍ର, ସରୋବର ଯେବେ ଶୁଖିବା ଆରମ୍ଭ କରେ, ବେଙ୍ଗମାନେ ତା'ଠୁ ଦୂରେଇ ଯାଆନ୍ତି। ସେମିତି, ସଂସାରରୂପକ ସରୋବରରେ ମଧ୍ୟ ବେଙ୍ଗରୂପୀ ସ୍ୱାର୍ଥୀ ମଣିଷମାନଙ୍କର ଅଜସ୍ର ଭିଡ଼। ଏମାନେ ସମ୍ପଦବେଳେ ସଖା। ବିପଦ-ଆପଦ, ଦୁଃଖ-ଦୁର୍ଦ୍ଦଶାବେଳେ ଦୂରେଇ ଯାଆନ୍ତି। ଏଣୁ କୁସଙ୍ଗଠାରୁ ଦୂରରେ ରହିବାକୁ ଆଚାର୍ଯ୍ୟ ଚାଣକ୍ୟଙ୍କ ସୁପରାମର୍ଶ ସର୍ବଦା ସ୍ମରଣୀୟ। ଦୁଷ୍ଟବନ୍ଧୁମାନେ ଭୟଙ୍କର ଜନ୍ତୁମାନଙ୍କଠାରୁ ବି ଆହୁରି ଭୟଙ୍କର। ସେଥିପାଇଁ ଆମକୁ ସତର୍କ କରି ଚାଣକ୍ୟ କହିଛନ୍ତି - ହସ୍ତୀ ହସ୍ତ ସହସ୍ରେଣ ଶତହସ୍ତେନ ବାଜିନଃ। ଶୃଙ୍ଗିଣୋ ଦଶହସ୍ତେନ ସ୍ଥାନତ୍ୟାଗେନ ଦୁର୍ଜନଃ॥ ଅର୍ଥାତ୍ ବଣୁଆ ହାତୀଟିଏ ଦେଖିଲେ ତା' ଶୁଣ୍ଢଠାରୁ ହଜାର ହାତ ଦୂରରେ ରୁହ। ମାରଣା ଘୋଡ଼ାଠାରୁ ଶହେ ହାତ ଦୂରରେ ଏବଂ ଶିଙ୍ଗ ଥିବା ଜନ୍ତୁଠାରୁ ଦଶହାତ ଦୂରରେ ରୁହ। କିନ୍ତୁ ଦୁର୍ଜନମାନଙ୍କୁ ଦେଖିଲେ ସେ ସ୍ଥାନ ଛାଡ଼ି ଚାଲିଯିବା ହିଁ ମଙ୍ଗଳକର।

ସଜନାଗଡ, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩,
ଇ-ମେଲ:unbiswal05@gmail.com

# ଯୁଧିଷ୍ଠିରଙ୍କ ଅଶ୍ୱମେଧ



ଦେବଦତ୍ତ ପଟ୍ଟନାୟକ

ମହାଭାରତ ଯୁଦ୍ଧର ଏକ ଦୁଃଖାନ୍ତକ ଅନ୍ତ ଘଟିଛି। କୁରୁକ୍ଷେତ୍ରରେ ରକ୍ତର ନଦୀ ବହିଯାଇଛି। ଶେଷରେ ପାଣ୍ଡବମାନଙ୍କର ବିଜୟ ହୋଇଛି। ଏହା ପରର ପର୍ବଟି ହେଉଛି ଅଶ୍ୱମେଧ ପର୍ବ। ଏହି ପର୍ବରେ ଯୁଧିଷ୍ଠିର କିପରି ରାଜା ହେଲେ ଓ ଶ୍ରୀକୃଷ୍ଣଙ୍କ ପ୍ରସ୍ତାବ ଅନୁସାରେ ଅଶ୍ୱମେଧ ଯଜ୍ଞ କଲେ ତାହା ବର୍ଣ୍ଣିତ ହୋଇଛି। ଯଜ୍ଞର ବିଧାନ ଅନୁସାରେ ଯୁଧିଷ୍ଠିର ତାଙ୍କର ଏକ ସର୍ବସୁଲକ୍ଷଣଯୁକ୍ତ ଘୋଡ଼ାକୁ ଉନ୍ମୁକ୍ତ ଛାଡ଼ିଦେଲେ। ଘୋଡ଼ା ପଛେ ପଛେ ସୈନ୍ୟବାହିନୀକୁ ନେଇ ଗଲେ ଅର୍ଜୁନ। ଘୋଡ଼ା ଭାରତବର୍ଷର ଯେଉଁ ରାଜ୍ୟକୁ ଗଲା, ସେ ରାଜ୍ୟ ପାଣ୍ଡବ ଶାସନାଧୀନ ବା ପାଣ୍ଡବଙ୍କ ମିତ୍ର ରାଜ୍ୟ ହୋଇଗଲା। ଏହା କେବଳ ଏକ ବିଜୟୀ ରାଜାଙ୍କର ରାଜ୍ୟଜୟ ନୁହେଁ ବରଂ ପୁରୁଣା ଶତ୍ରୁଙ୍କ ସହ ଶତ୍ରୁତା ଭୁଲି ତାଙ୍କୁ ମିତ୍ର ଭାବେ ଆପଣେଇ ନେବାର ଓ ଶାନ୍ତି ସ୍ଥାପନ କରିବାର ପ୍ରଚେଷ୍ଟା।

ମଧ୍ୟଯୁଗରେ ଯେତେବେଳେ ସଂସ୍କୃତ ଭାଷାରେ ଲିଖିତ ପୁରାଣଗୁଡ଼ିକ ଆଞ୍ଚଳିକ ଭାଷାରେ ଅନୂଦିତ ହେଉଥିଲା, ସେତେବେଳେ ବିଶେଷତଃ କର୍ନାଟକ, ଆସାମ, ମଣିପୁର ଓ ବଙ୍ଗଳାର ରାଜାମାନଙ୍କୁ ଅଶ୍ୱମେଧ ପର୍ବର କାହାଣୀ ଭଲ ଲାଗିଲା। ବ୍ୟାସଙ୍କ ଶିଷ୍ୟ ଜୈମିନୀ ସଂସ୍କୃତ ଭାଷାରେ ଏହି ପର୍ବର ସର୍ବପୁରାତନ ପୁନର୍ଲିଖନକାର। ତଥାପି ତାଙ୍କ ମହାଭାରତ ବ୍ୟାସଙ୍କ ମହାଭାରତଠାରୁ ଅଲଗା।

କାହାଣୀ ଅନୁସାରେ ମହାଭାରତ ଯୁଦ୍ଧ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ପାଇଁ ଜୈମିନୀ ନିଜର ଗୁରୁ ବ୍ୟାସଦେବଙ୍କ ପାଖକୁ ଆସୁଥିଲେ। କିନ୍ତୁ ସେ ବ୍ୟାସଙ୍କୁ କେଉଁଠି ନ ପାଇ ଚାରୋଟି ପକ୍ଷୀଙ୍କୁ ତାଙ୍କ ବିଷୟରେ ପଚାରିଲେ। ଏହି ପକ୍ଷୀ ଚାରୋଟି ମହାଭାରତ ଯୁଦ୍ଧର ପ୍ରତ୍ୟକ୍ଷ ଦ୍ରଷ୍ଟା। ଏମାନେ ଯୁଦ୍ଧର ଏପରି କିଛି ଅଂଶ ଦେଖିଥିଲେ ଯାହା ବ୍ୟାସ ଦେଖି ନ ଥିଲେ। ସେମାନେ ସେ ବିଷୟରେ ଜୈମିନୀଙ୍କୁ କହିଥିଲେ, ଯାହା ଜୈମିନୀ ତାଙ୍କ ମହାଭାରତରେ ଲେଖିଛନ୍ତି। ତେଣୁ ଜୈମିନୀ ଅଶ୍ୱମେଧ ପର୍ବରେ ଏପରି କିଛି କଥା ଲେଖିଛନ୍ତି, ଯାହା ବ୍ୟାସଦେବଙ୍କ ମହାଭାରତରେ ବର୍ଣ୍ଣିତ ବିଷୟଠାରୁ ଅଲଗା। କେତେକ ପ୍ରସଙ୍ଗ ଏକା ଓ ଆଉ କେତେକ ଅଲଗା। ଏହି ପର୍ବରେ ଅଛି ଯଜ୍ଞ ପାଇଁ କେମିତି ଏକ ସର୍ବଗୁଣସମ୍ପନ୍ନ ରାଜକୀୟ ଧଳାଘୋଡ଼ା ଯୋଗାଡ଼ କରାହେଲା ଏବଂ କେମିତି ଏ ଘୋଡ଼ାକୁ ଜଣେ ରାଜା ଚୋରି କରିନେଲେ, ଯିଏ ଏହା ମାଧ୍ୟମରେ ଜଣେ ଭକ୍ତଭାବରେ ଭଗବାନ୍ କୃଷ୍ଣଙ୍କ ସାକ୍ଷାତ୍‌କାର ଚାହୁଁଥିଲେ। ଅନ୍ୟ ଏକ କାହାଣୀରେ ଅଛି ଆମାଜନ ରାଣୀ ପ୍ରମିଳାଙ୍କ କଥା, ଯିଏ ଅର୍ଜୁନଙ୍କ ପ୍ରେମରେ ପଡ଼ିଥିଲେ। ସେ ଏକ ପୁରୁଷବିହୀନ ମହିଳାଙ୍କ ରାଜ୍ୟରେ ବାସ କରୁଥିଲେ, କିନ୍ତୁ ଅର୍ଜୁନଙ୍କ ପ୍ରେମରେ ପଡ଼ି ତାଙ୍କର ପତ୍ନୀ ହେବାକୁ ନିଷ୍ପତ୍ତି ନେଲେ। ସଂସ୍କୃତ ମହାଭାରତରେ ଏ କାହାଣୀ ନାହିଁ।

ସଂସ୍କୃତ ମହାଭାରତରେ ଏକ ଲୋକପ୍ରିୟ ଉପାଖ୍ୟାନ ଅଛି, ଯାହା ଆସାମୀ ଓ ମଣିପୁରୀ ମହାଭାରତରେ ବି ଦେଖିବାକୁ ମିଳେ। ଏହି ଉପାଖ୍ୟାନ ଅନୁସାରେ ଅର୍ଜୁନ ନିଜର ପୁତ୍ର ବବ୍ରୁବାହନଙ୍କ ସହ ଯୁଦ୍ଧ କରିଥିଲେ। କିନ୍ତୁ ସେ ଯେ ତାଙ୍କ ଔରସରୁ ଜନ୍ମିଥିବା ମଣିପୁରର ରାଣୀ ଚିତ୍ରାଙ୍ଗଦାଙ୍କ ପୁତ୍ର ଏ କଥା ସେତେବେଳେ ସେ ଜାଣି ନ ଥିଲେ। ତ୍ରୟୋଦଶ ଶତାବ୍ଦୀରେ ହରିହର ବିପ୍ରଙ୍କ ଦ୍ୱାରା ରଚିତ ଆସାମୀ ମହାଭାରତରେ ଅଛି ଅର୍ଜୁନଙ୍କ ଅନ୍ୟ ଏକ ପତ୍ନୀ ଉଲୁପି ନାଗମଣି ସୁରକ୍ଷିତ ଭାବେ ରଖିଥିଲେ। ଅନ୍ୟ ମହାଭାରତରେ ଅଛି ଯେ ଯୁଦ୍ଧରେ ବବ୍ରୁବାହନ ଅର୍ଜୁନଙ୍କୁ ହତ୍ୟା କରିବା ପରେ ତାଙ୍କ ମାଆ ଚିତ୍ରାଙ୍ଗଦା ଆସି ଜଣାଇଦେଲେ ଯେ ସେ ହେଉଛନ୍ତି ତାଙ୍କ ପିତା ଅର୍ଜୁନ। ଏଣୁ ପିତାଙ୍କୁ ବଞ୍ଚାଇବା ପାଇଁ ସେ ନାଗଲୋକକୁ ଯାଇ ଭୟଙ୍କର ଯୁଦ୍ଧ କରି ଓ ଦୁଃସାହସିକତା ପ୍ରଦର୍ଶନ କରି ନାଗମଣି ପ୍ରାପ୍ତ ହୋଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ ଲଙ୍ଗଜମ୍ ଚନ୍ଦ୍ରଶ୍ୟାମଙ୍କ ଦ୍ୱାରା ରଚିତ ମଣିପୁରୀ ମହାଭାରତରେ ଅଛି ଯେ ଅର୍ଜୁନଙ୍କୁ ବବ୍ରୁବାହନ ହତ୍ୟାକରିବା ପରେ କୃଷ୍ଣ ତାଙ୍କୁ ବଞ୍ଚାଇଦେଇଥିଲେ।

ଷୋଡ଼ଶ ଶତାବ୍ଦୀରେ ଲକ୍ଷ୍ମୀଶଙ୍କ ଦ୍ୱାରା ରଚିତ କନ୍ନଡ଼ ଜୈମିନୀ ଭାରତରେ ଅଛି ଯେ, ପାଣ୍ଡବଙ୍କ ଯାତ୍ରାପଥରେ ସେମାନେ ତାଙ୍କର ପୁରୁଣା ଶତ୍ରୁ ଶକୁନି ଓ ଜୟଦ୍ରଥଙ୍କ ପୁଅମାନଙ୍କ ସହ ଭେଟ ହୋଇଛନ୍ତି ଏବଂ ଶତ୍ରୁତା ଭୁଲି ପରସ୍ପରର ମିତ୍ର ଓ ସହଯୋଗୀ ପାଲଟି ଯାଇଛନ୍ତି। ପୁନଶ୍ଚ ଯାତ୍ରାପଥରେ ସେମାନେ ଅନେକ ଯାଦୁମୟ ସ୍ଥାନ, ବିଜ୍ଞ ଋଷିଙ୍କ ସ୍ଥାନ ଏବଂ ବିଭିନ୍ନ ପ୍ରକାର ପ୍ରାଣୀଙ୍କ ସଂସ୍ପର୍ଶରେ ଆସିଛନ୍ତି। ଶେଷରେ ଘୋଡ଼ାକୁ ଯେତେବେଳେ ଯଜ୍ଞରେ ଉତ୍ସର୍ଗ କରାଯାଇଛି, ସେ ଆନନ୍ଦରେ ହସିବାର ଦେଖାଯାଇଛି, କାରଣ ଏହାଦ୍ୱାରା ସେ ବୈକୁଣ୍ଠକୁ ଯାଇପାରିବ। ସୁତରାଂ ଅଶ୍ୱମେଧ ମାନେ ନୁହେଁ ଯଜ୍ଞରେ ଘୋଡ଼ାକୁ ବଳିଦେବା ବା ରାଜା ସବୁ ଦେଶ ଜୟ କରିବା ବରଂ ଏହା ହେଉଛି କୃଷ୍ଣଙ୍କୁ ଲାଭ କରିବା ଓ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଯଜ୍ଞ।

(ଲେଖକ ଜଣେ ବିଶିଷ୍ଟ ପୁରାଣବିତ୍ ଏବଂ ପୁରାଣଶାସ୍ତ୍ର ଉପରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଥିବା ମଡର୍ନ ବୁକ୍ ଡିପୋ, ଫୋନ୍- ୦୬୭୪-୨୫୩୪୩୭୩, modbooks. bbsr @ gmail.comରେ ଉପଲବ୍ଧ।)

ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ଆମ ଦେଶର ପୁରୁଷପ୍ରଧାନ ସମାଜରେ ମହିଳାମାନେ ପୁରୁଷଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି। କେତେକ ସ୍ଥଳରେ ମହିଳା ମଧ୍ୟ ନିଜର ପ୍ରଭାବ ବିସ୍ତାର କରି ପୁରୁଷଙ୍କୁ ଅସମ୍ମାନ କରିଥାନ୍ତି। ଭାରତର ଅନେକ ଅଞ୍ଚଳରେ ସାମାଜିକ ପରମ୍ପରା ବେଶ୍ କଠୋର। ନାରୀ-ପୁରୁଷ ସମାନତା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଏ ସବୁ ଅଞ୍ଚଳରେ ପୁରୁଷଙ୍କ ସମ୍ମୁଖରେ ନାରୀମାନେ ନତମସ୍ତକ ହୁଅନ୍ତି। ମଧ୍ୟପ୍ରଦେଶ ରାଜ୍ୟର ଚମ୍ବଲ ଜିଲାର ଆମେଠ ଗାଁରେ ମହିଳାମାନେ ପୁରୁଷଙ୍କୁ ଦେଖିଲେ ପାଦରୁ ଚପଲ ଓହ୍ଲାଇ ହାତରେ ଧରି ଖାଲିପାଦରେ ଚାଲିଥାଆନ୍ତି। ଏହାଦ୍ୱାରା ମହିଳାମାନେ ପୁରୁଷଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିବା ବୁଝିବାକୁ ହୁଏ। ଏହି ପରମ୍ପରା ଏଠାରେ ଅତି ପ୍ରାଚୀନ କାଳରୁ ଚଳିଆସୁଛି। ଗାଁର ଜନସଂଖ୍ୟା ପ୍ରାୟ ୧୨୦୦ ହେବ। ସେଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ପାଖାପାଖି ୫୦୦। ଏଠାରେ ଉତ୍କଟ ଜଳ ସମସ୍ୟା ଦେଖାଦେଇଥାଏ। ତେଣୁ ମହିଳାମାନେ ପାନୀୟ ଜଳ ପାଇଁ ଦୈନିକ ଚାଲିଚାଲି ଯାଇ ପ୍ରାୟ ୨କିଲୋମିଟର ଦୂର କେନାଲରୁ ପାଣି ବୋହି ଆଣନ୍ତି। ଏହି ସମୟରେ ସେମାନେ ପୁରୁଷ ସଦସ୍ୟଙ୍କୁ ଦେଖିଲେ ତତ୍‌କ୍ଷଣାତ୍ ପାଦରୁ ଚପଲ ଓହ୍ଲାଇ ହାତରେ ଧରିଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୪

- ବୋସନିଆରେ ମୁତୟନ ଥିବା ପାଶ୍ଚାତ୍ୟ ଦେଶର ଶାନ୍ତିବାହିନୀ ଯଦି ପ୍ରତ୍ୟାହାର କରି ନିଆଯାଏ ତାହାହେଲେ ସେହି ସ୍ଥାନରେ ବୋସନିଆର ଅଧିକ ମୁସ୍‌ଲିମ ଦେଶରୁ ସୈନ୍ୟ ମୁତୟନ ପାଇଁ ମାଲେସିଆର ଜାତିସଂଘକୁ ଅନୁରୋଧ।
- କର୍ନାଟକ ମନ୍ତ୍ରିମଣ୍ଡଳରୁ ୮ଜଣ ମନ୍ତ୍ରୀଙ୍କ ଇସ୍ତଫା ପରେ ସୃଷ୍ଟ ରାଜନୈତିକ ସଙ୍କଟର ସମାଧାନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କୁ ବାଙ୍ଗାଲୋର ପଠାଗଲା।
- ଡାକ୍ତରୀ ପଢିବା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା ସ୍ୱତନ୍ତ୍ର ଭାବେ କରା ନ ଯାଇ ଇଞ୍ଜିନିୟରିଂ ଓ ଡାକ୍ତରୀ ପାଇଁ ଯୁଗ୍ମ ପ୍ରବେଶିକା ପରୀକ୍ଷା କରିବା ନେଇ ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୁକୁର ପ୍ରତି ସାବଧାନ

ମହାଶୟ,

ଅତିଥି ଦେବତାଙ୍କ ସହ ସମାନ। ଦେବତାମାନେ ମଣିଷର ଧାର୍ମିକ ପଣିଆକୁ ପରୀକ୍ଷା କରିବା ପାଇଁ ଅତିଥିରୂପରେ ଗୃହସ୍ଥ ଘରେ ଉପସ୍ଥିତ ହୋଇଥାନ୍ତି। ସେଥିପାଇଁ ଅତିଥିଙ୍କୁ ପରିବାର ସଦସ୍ୟମାନେ ଆନନ୍ଦରେ ଘରକୁ ପାଛୋଟି ନେଇଥାନ୍ତି ଏବଂ ତାଙ୍କୁ ସେବା ଯୋଗାଇଥାନ୍ତି। ବର୍ତ୍ତମାନ ସମୟରେ ମଣିଷମାନେ ସ୍ୱାର୍ଥପର ହୋଇ ଉଠିଛନ୍ତି। ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଚଳିବାକୁ ପସନ୍ଦ କରୁଛନ୍ତି। ଦୁଃଖୀରଙ୍କି ଓ ଅତିଥି ଅଭ୍ୟାଗତ ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। କିଛି ଲୋକ ନିଜ ପିତାମାତାଙ୍କୁ ପ୍ରତିପୋଷଣ କରିବାକୁ ବି ନାରାଜ। ଏପରି ଲୋକମାନଙ୍କ ଘରକୁ ନିଜର ବନ୍ଧୁବାନ୍ଧବ ଆସିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଆଜିକାଲି ଲୋକେ ଅତିଥିସେବାକୁ ଘୃଣା କରୁଥିବା ବେଳେ କୁକୁରସେବାରେ ମନୋନିବେଶ କରୁଛନ୍ତି। ପାଳିତ କୁକୁର ପାଇଁ ଦାମୀ ପୋଷାକ, ଆରାମ ଚେୟାର, ଚୌକି ଓ ସ୍ୱାଦିଷ୍ଟ ଖାଦ୍ୟ ସବୁ ଯୋଗାଇଥାନ୍ତି। ପୂର୍ବେ ଘର ଫାଟକରେ ସ୍ୱାଗତମ୍ ଫଳକ ଝୁଲାଯାଉଥିଲା। ମାତ୍ର ବର୍ତ୍ତମାନ ଅତିଥିମାନଙ୍କୁ ନିଷେଧାଜ୍ଞା ସ୍ୱରୂପ 'କୁକୁର ପ୍ରତି ସାବଧାନ' ଫଳକ ଫାଟକରେ ଝୁଲାଇ ଦିଆଯାଉଛି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ପାନଛେପ ଦ୍ୱାରା ପ୍ରଦୂଷଣ

ପାନ ଦୋକାନ ସହରଠାରୁ ଗ୍ରାମାଞ୍ଚଳ ଯାଏ ପରିବ୍ୟାପ୍ତ। ସକାଳ ହେଲେ ପାନ ଦୋକାନରେ ପ୍ରବଳ ଭିଡ଼। କିଏ ସାଦା ପାନ, କିଏ କଡ଼ା ପାନ ଖାଆନ୍ତି। ଭାତ ଖାଇସାରିବା ପରେ ବହୁ ଲୋକ ପାନ ଖାଇଥାନ୍ତି। ବୁଢ଼ା ଲୋକମାନେ ବଟୁଆରେ ରଖି ପାନ ଖାଇଥାନ୍ତି। 'ପାନ ଗୁଆ ଖଇର ଗୁଆକାତି, ଭଲ ବ୍ୟବସାୟ ରାଜନୀତି' ଗୀତଟି ଲେଖା ହୋଇଛି ପାନକୁ ନେଇ। କାହାଣୀ, ଉପନ୍ୟାସ ବି ଲେଖାହୋଇଛି। ରଜପର୍ବରେ ପାନର ଆଦର ବେଶି। କିନ୍ତୁ ପାନ ଖାଇ ଏଣେତେଣେ ଛେପ ପକାଇବା ଅଶୋଭନୀୟ ଆଚରଣ। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହୁଏ ଓ ରୋଗ ବ୍ୟାପେ। ସରକାରୀ ଅଫିସ୍‌ର କାନ୍ଥ କୋଣରେ, ଏପରି କି ମନ୍ଦିର ବେଢ଼ାରେ ବି ଲୋକମାନେ ପାନଛେପ ପକାଉଛନ୍ତି, ଯାହା ଅତ୍ୟନ୍ତ ଅଭଦ୍ରାମିର ପରିଚୟ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବଡ଼ ବିଚିତ୍ର କଥା ଯେ ଯେଉଁମାନେ ଉପଦେଶ ମାଗନ୍ତି, ସେହିମାନଙ୍କୁ ହିଁ ତାହା ସୁଖ ଲାଗେ ନାହିଁ।

- ଜନ୍‌ସନ

## ସଂକ୍ଷେପରେ



### ଆକାଶବାଣୀରେ ବିଶ୍ୱ ହିନ୍ଦୀ ଦିବସ ପାଳିତ

**ସମ୍ବଲପୁର, ୧୦।୧ (ବ୍ୟୁରୋ)** ବିଶ୍ୱ ହିନ୍ଦୀ ଦିବସ ଗୁରୁବାର ସମ୍ବଲପୁର ଆକାଶବାଣୀ କେନ୍ଦ୍ରଠାରେ ପାଳିତ ହୋଇଯାଇଛି । ଆକାଶବାଣୀ କେନ୍ଦ୍ରର ମୁଖ୍ୟ ଏମ୍.ଆର୍.କେ. ରାଓଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଡ. ହରିଶ୍ଚନ୍ଦ୍ର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିନ୍ଦୀ ଭାଷା ବିଦେଶରେ କିପରି ଲୋକପ୍ରିୟ ହୋଇପାରିଛି, ସେ ଉପରେ ଆଲୋଚନା କରିଥିଲେ । ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସୂଚନା ଦେଇଥିଲେ । ହିନ୍ଦୀ ଭାଷାର ବ୍ୟବହାର କିପରି ଜାତୀୟସ୍ତରରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ର ଦ୍ୱିତୀୟ ପୁରସ୍କାର ପାଇଛି । ଏହା କେନ୍ଦ୍ର ପାଇଁ ଗର୍ବ ଓ ଗୌରବ ବୋଲି ଅଧିକାରୀ ଓ କର୍ମଚାରୀମାନେ ମତବ୍ୟକ୍ତ କରିଛନ୍ତି ।



### ଭୀମସାର ନିର୍ଦ୍ଦେଶକଙ୍କୁ ପୁନଃ ଅବସ୍ଥାପିତ ଦାବି

**ସମ୍ବଲପୁର, ୧୦।୧ (ବ୍ୟୁରୋ)** ଭୀମସାର ନିର୍ଦ୍ଦେଶକ ଡା. ଅଶ୍ୱିନୀ ପୂଜାରୀଙ୍କୁ ତୁରନ୍ତ ପୁନଃ ଅବସ୍ଥାପିତ କରାଯିବାକୁ ଦାବି ହୋଇଛି । ଗୁରୁବାର ବୁର୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସହରର ପେଟ୍ରୋଲ ପମ୍ପ ଛକ, ପକ୍କା ମାର୍କେଟ, କଚ୍ଚା ମାର୍କେଟ, ବିଷ୍ଣୁ ମନ୍ଦିର ପଡା, ଇନ୍ଦିରା ଛକ, କଣ୍ଟ୍ରାକ୍ଟର କଲୋନୀ, କରେଲପଡା, ବୋର୍ଡ କଲୋନୀ, ମହତାପ୍‌ ନଗର ପ୍ରଭୃତି ଅଞ୍ଚଳରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଫୁଲ୍ଲ ନାୟକ, ଲକ୍ଷ୍ମୀଧର ମହାନ୍ତି, ଶିବ ଦଲାଇ, ମୁନା ମେହେର, ନାରାୟଣ ବାରିକ, ସୁଶୀଲ ବନଛୋର, ନାରାୟଣ ପତି, ପ୍ରତାପ ବଗର୍ତ୍ତି, ଦୁବରାଜ କର୍ଞ୍ଚାର, ଭୁବନ ବିଶ୍ୱାଳ, ପଙ୍କଜ ବେହେରା, କ୍ରୀଷ୍ଣା ରେଡ୍ଡି, ଦିନ ରାଉତ, ବଳରାମ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆବାହକ ରୁବେନ୍‌ ଛତ୍ରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ୍‌ କପ୍‌ ଚତୁର୍ଥ ଦିନ

# ଧାନବାଦକୁ ହରାଇ ପଦମ୍‌ପୁର ବୋଡାସମ୍ବର ସେମିରେ

**ଦେବଗଡ,୧୦।୧ (ସ୍ୱ.ପ୍ର.)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ପ୍ରଥମ ପ୍ରଧାନପାଟ କପ୍‌ ସର୍ବଭାରତୀୟ ଫୁଟବଲ୍‌ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଥିବାବେଳେ ଗୁରୁବାର ଚତୁର୍ଥ ଦିନରେ ଝାଡ଼ଖଣ୍ଡର ଧାନ୍‌ବାଦ୍‌ ଏବଂ ପଦମ୍‌ପୁରର ବୋଡାସମ୍ବର ମଧ୍ୟରେ ଗ୍ରୁପ 'ବି'ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବୋଡାସମ୍ବର ୩/୨ ଗୋଲରେ ଧାନ୍‌ବାଦ୍‌ ଦଳକୁ ହରାଇ ବିଜୟୀ ହୋଇ ଗ୍ରୁପ 'ବି'ରୁ ସେମିଫାଇନାଲ ପ୍ରବେଶ କରିଥିଲା। ଖେଳକୁ ରେଫରି ଭାବେ ଅରୁଣ ଭୋଇ, ସୁଧାଂଶୁ ସେଠୀ, ରାଜୀବ ନାୟକ, ରାଜନ ଝାଙ୍କର, ପ୍ରଦୀପ ଦାସ ପ୍ରମୁଖ ସହଯୋଗ କରିଥିବାବେଳେ ବେଣୁଧର ଗଡ଼ନାୟକ ଧାରା ବିବରଣୀ ଦେଇଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ କୁମାର ପ୍ରଧାନ, ନେତ୍ରାନନ୍ଦ ମହାକୁଳ, ପ୍ରଦୀପ ଅମାନ୍ତ ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ମ୍ୟାଚ କମିଶନର ହେମନ୍ତ ମହାପାତ୍ର, କ୍ଲବର ସଭାପତି ଯୋଗେନ୍ଦ୍ର ସାହୁ, କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାଏକ, ପ୍ରଦୀପ ବେହେରା, ବିକାଶ ପ୍ରଧାନ, ମଛିନ୍ଦ୍ର ନାୟକ, ବିକାଶ ଅଗ୍ରୱାଲ, ଟିକେଶ୍ୱର ଗୁରୁ, ରାଘବ ମହାରଣା, ସଞ୍ଜୀବ ବେହେରା, ସନ୍ତୋଷ ଦେହୁରୀ, ଅନନ୍ତ ମେହେର, ନନ୍ଦ ମାଝି, ମନୋଜ ନାୟକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ବିଏଏଫ ଦେବଗଡ ଏବଂ ସ୍ୱଟିଙ୍ଗ କ୍ଲବ କୋରାପୁଟ ମଧ୍ୟରେ ଗ୍ରୁପ 'ବି'ର ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି।



ପ୍ରଧାନପାଟ କପ୍‌ ସର୍ବଭାରତୀୟ ଫୁଟବଲ୍‌ ଟୁର୍ନାମେଣ୍ଟର ଅତିଥି, ଆୟୋଜକଙ୍କ ସହ ଖେଳାଳି।



### ଅଟୋ ଦୁର୍ଘଟଣାରେ ୮ ଆହତ

**ଧମା,୧୦।୧(ଡି.ଏନ.ଏ.)**

ଗୁରୁବାର ସକାଳେ ଏକ ଅଟୋ ଦୁର୍ଘଟଣା ଗ୍ରସ୍ତ ହୋଇ ୮ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ଦାରାସିଂ ମହାକୁର, ନିତେଶ ସାହୁ, ସୁଶାନ୍ତ ଦରିହା, ପ୍ରିୟଙ୍କା ଦାସ, ରୂପାମୁଦ୍ରା ଭୋଇ, ରେଣୁକା ରଣା, ଅଙ୍କିତ ପୃଷ୍ଟେଠ ଓ ବବଲି । ସମସ୍ତଙ୍କୁ ସମ୍ବଲପୁର ସଦରଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ସମ୍ବଲପୁରରୁ ଧମା ପଟେ ଏକ ଯାତ୍ରୀବାହୀ ନମ୍ବର ବିହୀନ ଅଟୋ ଆସୁଥିବା ବେଳେ ସକାଳ ସାଢ଼େ ୯ଟା ସମୟରେ ଧମା ଥାନା ଅନ୍ତର୍ଗତ ନୂଆଗାଁ ଛକରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଅଟୋରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଖବରପାଇ ଧମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇ ଅଟୋଟିକୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି ।

## ରାଧାକୃଷ୍ଣ କ୍ରିକେଟ୍‌ ଉଦ୍‌ଘାଟିତ: କୁଚିଣ୍ଡା ବିଜୟୀ

**ଦେବଗଡ, ୧୦।୧(ସ୍ୱ.ପ୍ର)**

ଦେବଗଡ ଜିଲା ରିଆମାଳ ବ୍ଲକ କଂଟାବାହାଳ ଗ୍ରାମରେ ରାଜ୍ୟସ୍ତରୀୟ ରାଧାକୃଷ୍ଣ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଶିବଶକ୍ତି କ୍ଲବ କୁଚିଣ୍ଡା ଏବଂ ବଉଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭର ୪ଟା ଉଇକେଟ ହରାଇ ୧୯୦ରନ କରିଥିଲା। ଦଳ ପକ୍ଷରୁ ସୁନିଲ ନାଏକ ସର୍ବାଧିକ ୧୩୨ କରିଥିଲେ। ଜବାବରେ ବଉଦ ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ କରି ପରାଜୟ ବରଣ କରିଥିଲା। ଖେଳକୁ ଅମ୍ପାୟାର ଭାବେ ତପନ ବେହେରା ଏବଂ ତପୁବାବୁ ପରିଚାଳନା କରିଥିଲେ। ସ୍କୋରର ଆଲୋକ ସାହୁ, ଧାରା ବିବରଣି ସୁଶାନ୍ତ କିଷାନ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଯୁବନେତା ସୁଧିର କୁମାର ବ୍ରହ୍ମା, ସମ୍ମାନିତ ଅତିଥି ଭାବେ ଦୟାଶଙ୍କର ଦ୍ୱିବେଦୀ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ଲୁଲୁ ସାହୁ, କର୍ଦ୍ଦପ ସାହୁ, ଟୁନା କିଷାନ, ଜଗନ୍ନାଥ ସାହୁଙ୍କ ସମତେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ମାନବିକତା ଦେଖାଇଲେ ପୋଲିସ କର୍ମଚାରୀ

**ବାମରା,୧୦।୧(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ବରିଷ୍ଠ ନାଗରିକ ସୁରକ୍ଷା ସେଲ୍‌ ପକ୍ଷରୁ ପ୍ରତି ମାସରେ ଅସହାୟ ବରିଷ୍ଠ ନାଗରିକଙ୍କୁ ଭେଟି ପୋଲିସ କର୍ମଚାରୀ ତାଙ୍କ ହାଲଚାଲ ପଚାରି ବୁଝିଥାନ୍ତି । ଏହି ପରିପେକ୍ଷୀରେ ବୁଧବାର ଗୋବିନ୍ଦପୁର ଥାନା ଏସଆଇ ଥୋମାସ କେର୍କେଟା ଓ କନଷ୍ଟେବଲ ରମେଶ କର୍ଷ ଗଣେଷ ନଗର ନିବାସୀ ଶଙ୍କର ଖଣ୍ଡେଲୱାଲଙ୍କ ଘରକୁ ଯାଇଥିଲେ । ମାତ୍ର ସେ ଏକ ଭଙ୍ଗା ଦଦରା କୁଡିଆ ଘରେ ରହୁଥିବା ବେଳେ ଶୀତରେ ଘୋଡେଇବା ପାଇଁ ତାଙ୍କ ପାଖରେ କୌଣସି ଶୀତ ବସ୍ତ୍ର ନ ଥିବା ଦେଖି ନିଜ ପାଖରେ ଥିବା ଏକ ନୂଆଁ କମ୍ବଳ ନେଇ ତାଙ୍କୁ ଦେଇଥିଲେ । ଅନ୍ୟପକ୍ଷେ ଉକ୍ତ ବରିଷ୍ଠ ନାଗରିକ ଜଣଙ୍କ ଅତି ଦୟନୀୟ ପରିସ୍ଥିତିରେ ରହିଥିବାରୁ ତାଙ୍କୁ ପୋଲିସ ପକ୍ଷରୁ ସହାୟତା କରାଯିବ ବୋଲି ରମେଶ କର୍ଷ କହିଛନ୍ତି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ନାକଟିଦେଉଳ,୧୦।୧(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରୀୟ ପ୍ରଧାନ ଏବଂ ଧନଞ୍ଜୟ ମହାକୁଡ଼ଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ବିମଳେଶ୍ୱର ଶିବ ମନ୍ଦିରରୁ ମଶାଲ ଆଣିଥିଲେ। ପରେ ଯୁକ୍ତଦୁଇ ଅଧ୍ୟକ୍ଷ କନ୍ଦର୍ପ ରାଉଳ ଏବଂ ଯୁକ୍ତ ତିନି ଅଧ୍ୟକ୍ଷ ସୁଧିର ସାହୁ ମିଳିତ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଖେଳପଡ଼ିଆଠାରେ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହେବ । ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ୧୪ଟି ବିଭାଗରେ ଖେଳ ହେବାକୁ ଥିବାବେଳେ ସମୁଦାୟ ୧୬୦ଜଣ ଛାତ୍ରୀଛାତ୍ର କରିଛନ୍ତି।

## ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ରିଆମାଳ, ୧୦।୧ (ଡି.ଏନ.ଏ.)**

ରିଆମାଳ ବ୍ଲକ ସଭାଗୃହଠାରେ ଗୁରୁବାର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ ସଭାପତିତ୍ୱ କରିଥିବାବେଳେ ବିଡିଓ ଶିବ ଟପୋ ସଂଯୋଜନା ଓ ସଭା ପରିଚାଳନା କରିବା ସହିତ ବିସ୍ତୃତ ଆଲୋଚନା କରିଥିଲେ। ଆସନ୍ତା ୧୭ ତାରିଖ ସୁଦ୍ଧା ଛାତ୍ରୀଛାତ୍ରମାନଙ୍କୁ ନେଇ ସିନିୟର ଓ ଜୁନିୟର ବର୍ଗରେ ଗୀତ, ରଚନା, ବକ୍ତୃତା, ଡିବେଟ୍‌ ଆଦି ପ୍ରତିଯୋଗିତା କରାଯାଇ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ସେହିପରି ସାଧାରଣତନ୍ତ୍ର ଦିବସରେ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରଭାତଫେରି ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁଜନ କୁମାର ସାହୁ, ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ସ୍ଥାନୀୟ ସମିତିସଭ୍ୟ ଗାନ୍ଧୀ ଚରଣ ନାୟକ, ବିଜ୍ଞାନ ଶିକ୍ଷକ ସୁକାନ୍ତ କୁମାର ନନ୍ଦ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ସାହୁ, ବଡ଼ବାହାଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ସାହାଣୀ, ଓଇଓ ଅନିଭା ନାୟକ, ରିଆମାଳ ଯୁକ୍ତଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ନିକାରକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଚୋରି ବାଇକ ଉଦ୍ଧାର, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୦।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ପୋଲିସ ୩ବାଇକ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଶାସନଥାନା ପିପିଳିପାଲି ଗ୍ରାମର ସୁମିତ ବାଗ (୨୬) । ଏ ନେଇ ଥାନାରେ କେସ ନଂ ୫/୧୮ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ସୁମିତକୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ସୂଚନା ଅନୁସାରେ ସୁମିତ ୨୦୧୬ରେ ଜିଲା ସଦର ଡାକ୍ତରଖାନାରୁ ଓଡି ୧୫- କ୍ୟୁ୨୩୨୧ ଓ ବଡରମା ମନ୍ଦିର ନିକଟରୁ ଓଆର ୧୫- ଆର -୯୩୧୩ ଚୋରି ହୋଇଥିଲା । ସେହପରି ଜାନୁୟାରୀ ୪ତାରିଖ ଚର୍ଚ୍ଚ ଛକ ନିକଟସ୍ଥ ଏକ ମିଲ ହୋଟେଲ ସମ୍ମୁଖରୁ ବାଇକ ନଂ ଓଆର ୧୫- ପି -୨୦୬୦ ଚୋରି ହୋଇଥିଲା । ଏହି ଘଟଣାର ପୋଲିସ ତଦନ୍ତ କରୁଥିବାବେଳେ ଅଭିଯୁକ୍ତ ସୁମିତ ଚୋରିକରିଥିବା ଜାଣିବାକୁପାଇଥିଲା। ପରେ ପୋଲିସର ଏକ ଟିମ ଗଠନ କରାଯାଇ ଅଭିଯୁକ୍ତଙ୍କ ଘରେ ଚଢାଉ କରାଯାଇଥିଲା। ହେଲେ ଚଢାଉ ବେଳେ ୩ଟି ଚୋରି ବାଇକ ଜବତ କରିଥିଲା ।

## ଟାଙ୍ଗରପାଲିରେ ଫୁଟ୍‌ ଓଭର ବ୍ରିଜ ନିର୍ମାଣ ଦାବି

# ଡିଆରଏମଙ୍କ ସହ ବିଧାୟିକାଙ୍କ ଆଲୋଚନା

**ସମ୍ବଲପୁର,୧୦।୧ (ବ୍ୟୁରୋ)**



ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ସହ ଅଞ୍ଚଳବାସୀ ଡିଆରଏମ ଅଫିସ ଆସିଛନ୍ତି।

ସମ୍ବଲପୁର ସହର ଉପକଣ୍ଠରେ ଥିବା ଟାଙ୍ଗରପାଲି ଠାରେ ଫୁଟ୍‌ ଓଭର ବ୍ରିଜ ନିର୍ମାଣ ଜରୁରୀ ଅଟେ । ଏହାଦ୍ୱାରା ଅଞ୍ଚଳବାସୀ ସୁବିଧାରେ ଯାତାୟତ କରିପାରିବେ । ଗୁରୁବାର ଏ ନେଇ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଫୁଟ୍‌ ଓଭର ବ୍ରିଜ ନିର୍ମାଣ ପାଇଁ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତାଙ୍କୁ ପ୍ରସ୍ତାବ ଦେଇଛନ୍ତି । ଟାଙ୍ଗରପାଲି ରେଳ ଲାଇନ ଦୁଇ ପାର୍ଶ୍ୱରେ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି । ବିପଦ ଶଙ୍କୁଳ ଅବସ୍ଥାରେ ସେମାନେ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟ ପାଇଁ ଯାତାୟତ କରିଥାନ୍ତି । ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ମଧ୍ୟ ଡିଆରଏମଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି ।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
R.P. No. 064/2013/CTC
(Arising out of OA No. 116 of 2011)
**NOTICE UNDER SECTION 28(4A) OF THE RECOVERY OF DEBTS DUE TO BANK & FINANCIAL INSTITUTION ACT, 1993**

Next Date: 13.02.2019

**State Bank of India, SAMB,** 4th Floor, OSCARD Bank Building, A/34, Bhubaneswar ...Certificate Holder Bank

Vs.

Trilochan Mohanty & Others ...Certificate Debtors

To,

1. **Trilochan Mohanty,** S/o- Balakrushna Mohanty, At/PO: Rangadhipa, Dist.: Sundargarh.
2. **Binod Meher,** S/o- Ghanashyam Meher, At: Samda, PO: Belpahar, Dist.: Jharsuguda.
3. **Bansidhar Meher,** S/o- Radheshyam Meher, At: Samda, PO: Belpahar, Dist.: Jharsuguda.
4. **Smt. Gulapi Meher,** W/o- Radheshyam Meher, At: Samda, PO: Belpahar, Dist.: Jharsuguda.
5. **Sailesh King Subhneel,** S/o- Sunil Kumar Maharana, At: Beheramal, PO/Dist.: Jharsuguda.

WHEREAS you have failed to pay the decretal dues alongwith interest & cost, which is amounting to **Rs.85,30,017.30** (Rupees Eighty Five Lac Thirty Thousand Seventeen and Paise Thirty only) along with interest @ 9% per annum rests from 09.12.2010 till realization of the entire Dues payable by you in respect of the demand notice issued by the undersigned as per certificate dt.26.06.2013 arising out of OA No. 116 of 2011 issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks & Financial Institutions Act, 1993.

Now under the provision of section 28(4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **13.02.2019.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **14th day of December, 2018.**

Sd/- (R.P. Patnaik)
Recovery Officer

**RAVENSHAW UNIVERSITY**
**CUTTACK- 753003, ODISHA**

**WALK- IN -INTERVIEW**

Applications are invited for walk-in-interview for engagement of Guest faculty / Visiting faculty in **Physics, Botany, Geology, Education, Integrated B.Ed., Applied Geography, Economics, Odia, English, Hindi and Sanskrit** of Ravenshaw University. For details please visit 'www.ravenshawuniversity.ac.in'.

No. 52 / Dt. 7.1.2019 Registrar

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
**R.P. No. 167/2017/ CTC**
(Arising out of OA No. 335 of 2015)
Form no. ITCP-I
**NOTICE OF DEMAND TO THE CERTIFICATE DEBTORS**
(See Rule- 48 of the Second Schedule as referred to in section 29 of Recovery of Debts due to Bank & Financial Institutions Act. 1993)

**Utkal Grameen Bank, Sakhipara Evening Branch, At: Sakhipara, Po/Dist: Sambalpur, Pin - 768001**
**Certificate Holder Bank**

**vs**

**Shri Prasanna Kumar Behera & Ors Certificate Debtors**

To,

1. Shri Prasanna Kumar Behera, S/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
2. Yasobanti Behera, W/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
3. Shri Prasanta Kumar Behera,S/o: Late Hemanta Kumar Behera, At: Qr. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
4. Pranati Behera, D/o: Late Hemanta Kumar Behera, At: Qr. No. R5/ 15, Jagannath Colony, P.O: Budharaja, Dist.: Sambalpur, Pin: 765004
5. Shri Bibhas Barai, S/o: Manoranjan Barai, At: Deheripali, P.O: Budharaja, Dist.: Sambalpur, Pin: 765004

Take notice that Certificate arising out of **OA No. 335 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 24,76,651.00 **(Rupees Twenty Four Lac Seventy Six Thousand Six Hundred Fifty One only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 24,76,651.00 |
| 2. Cost of the suit as allowed (+) | : Rs. 27,000.00 |
| 3. Interest @ 13.25 % with quarterly rests from 13.05.2018 to 27.03.2018 | : Rs.11,27,417.00 |
| **TOTAL** | **: Rs. 36,31,068.00** |

**(Rupees Thirty Six Lac Thirty One Thousand Sixty Eight only)** with interest @ 13. 25% p.a. with quarterly rests from 28.03.2018 till realization of the entire dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In Addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.01.2019** and report the details of payment made by you.

Give under my hand & seal at Cuttack on this 28th day of November, 2018

**Sd./- S. R. Parida**
**Recovery Officer**

No.75-i

District Mineral Foundation, Angul

Development and Welfare of Mining Affected Areas & People

NOW HIRING DOCTORS (Attractive Packages)

We Are Looking for Professional Individuals to Join Our Team

| | | | |
|---|---|---|---|
| O & G Specialist | : 1 No. | Anesthesia Specialist | : 4 Nos. |
| Pediatrics Specialist | : 4 Nos. | ENT Specialist | : 1 No. |
| Medicine Specialist | : 2 Nos. | MO (MBBS) | : 15 Nos. |
| Surgery Specialist | : 2 Nos. | Dental Surgeon | : 3 Nos. |

Send Application To
DMF Cell, DRDA Angul, Pin: 759122, Odisha
Or dmfangul@gmail.com

Last Date 31.01.2019

For More Details Please visit www.angul.nic.in

-Sd-
Collector & Chairperson – Cum-Managing Trustee, DMF, Angul

24012/11/0026/1819

**COURT OF THE RECOVERY OFFICER**
**DEBTS RECOVERY TRIBUNAL, CUTTACK**
**Plot No. C-71, Sector-7, CDA, Cuttack-753014**
**R.P. No. 45/2012/CTC**
**(Arising out of OA No. 354 of 2009)**
**NOTICE FOR SETTLING A SALE PROCLAMATION**
(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**State Bank of India, SARC,** Madhupatna, Cuttack-753010, PS: Madhupatna, Town/Dist.: Cuttack **...Certificate Holder Bank**

**Vs.**

**Sri Subhranshu Kumar Jena & Ors. ...Certificate Debtors**

**To,**

1. **Sri Subhranshu Kumar Jena,** S/o- Sudhanshu Sekhar Jena, At: Kalyani Nagar, PS: Madhupatna, Town/Dist.: Cuttack, And also at E-103, Ashraya Apartment, Professorpara, PO: Cuttack-753012, PS: Malgodown, Town/Dist.: Cuttack.

WHEREAS in execution of Recovery Certificate No. **OA No. 354 of 2009,** dt.08.03.2012 issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties.

**Schedule of Property:**

Property consisting of flat situated at Ashraya Apartment, Flat No. E/103, 4th Floor, Khata No.: 918, Plot No.: 2093, Area: 1021 sqft. (SBA), Unit-23, Professor Para, P.S: Madhupatna, Cuttack Town-753012, standing in the name of Shri Subhranshu Kumar Jena.

You are hereby informed that the (date) **04.02.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **28th day of December, 2018.**

**Sd/- (S. R. Parida)**
**Recovery Officer**



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



### ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କଲେ ଦେବେଗୌଡ଼ା

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ମହିଳାମାନଙ୍କ ଲାଗି ସଂସଦ ଏବଂ ବିଧାନସଭାରେ ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟରେ ପାସ୍ କରାଇବାକୁ ବିଜେଡି ଏକ ପ୍ରକାର ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପ୍ରତିନିଧି ଏମ୍‌ପି ନଗେନ୍ଦ୍ର ପ୍ରଧାନ ଓ ରବୀନ୍ଦ୍ର କୁମାର ଜେନା ଗୁରୁବାର ଜନତା ଦଳ(ଏସ୍) ସଭାପତି ଏଚ୍‌ଡି ଦେବେଗୌଡାଙ୍କୁ ତାଙ୍କ ବାଙ୍ଗାଲୋରସ୍ଥିତ ବାସଭବନରେ ଭେଟି ସମର୍ଥନ ଲୋଡିଛନ୍ତି। ଦେବେଗୌଡା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ଏ ସମ୍ପର୍କିତ ବିଲ୍ କାହିଁକି ଲୋକ ସଭାରେ ପାସ୍ କରାଯାଇ ପାରିବ ନାହିଁ ବୋଲି

## ଭାଜପା ଭେଟିବାକୁ ସମୟ ଦେଇ ନାହିଁ: କଳିକେଶ

ବିଜେଡି ଏମ୍‌ପି କଳିକେଶ ସିଂଦେଓ ପ୍ରଶ୍ନ ଉଠାଇଛନ୍ତି।

କଳିକେଶ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ମତଦେଇ କହିଛନ୍ତି ଯେ, ବିଜେଡି ନିଜ ହିସାବରେ ଏକ ଉଦ୍ୟମ ଆରମ୍ଭ କରିଛି। ୨୦୦୯-୧୦ରେ ମହିଳାଙ୍କ ଲାଗି ସ୍ଥାନ ସଂରକ୍ଷଣ କ୍ଷେତ୍ରରେ ଏକ ଉଦ୍ୟମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇ ରହିଛି। ତାକୁ ପୁଣିଥରେ ଆରମ୍ଭ କରି ଏଥିପାଇଁ ପ୍ରାଧିକରଣ ଆଣିବା ଏବଂ



ପାର୍ଲାମେଣ୍ଟରେ ଏହି ବିଲ୍ ପାସ୍ କରାଇବା ପାଇଁ ଆମେ ସବୁ ଦଳକୁ ଭେଟୁଛୁ। ଏନେଇ କେବଳ ଭାଜପାର ଆଭିମୁଖ୍ୟ ସ୍ପଷ୍ଟ ନାହିଁ। ଆମକୁ ଭେଟିବା ଲାଗି ଭାଜପା ସମୟ ଦେଇନାହିଁ। ଏବେ ମଧ୍ୟ ଆମେ ଚେଷ୍ଟା କରିବୁ। ଆଗାମୀ ଦିନରେ ବଜେଟ୍ ଅଧିବେଶନ ରହିଛି। ସେ ସମୟରେ ମଧ୍ୟ ଆମେ ଏହି ବିଲ୍ ପାସ୍ କରାଇବା ଲାଗି ଚେଷ୍ଟା କରିବୁ। ବିଜେଡି ପ୍ରତିନିଧିମାନେ ସବୁ ଦଳର ସଭାପତିଙ୍କୁ ଭେଟୁଛନ୍ତି। ସେମାନଙ୍କୁ ଆମେ ବୁଝେଇବାକୁ ଚେଷ୍ଟା କରୁଛୁ। ଏ ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ପାସ୍ ହୋଇଯାଇଛି। ଲୋକ ସଭାରେ କିନ୍ତୁ ପାସ୍ ହୋଇପାରି ନାହିଁ। ସାଧାରଣ ବର୍ଗ ଗରିବଙ୍କ ପାଇଁ ୧୦ପ୍ରତିଶତ ସଂରକ୍ଷଣ ସମ୍ପର୍କିତ ବିଲ୍ ଯଦି ଗୋଟିଏ ଦିନରେ ପାର୍ଲାମେଣ୍ଟରେ ପାସ୍ ହୋଇପାରିଲା ତେବେ ମହିଳା ସଂରକ୍ଷଣ ବିଲ୍ ପାଇଁ କାହିଁକି ଏତେଦିନ ଲାଗିବ ବୋଲି କଳିକେଶ ପ୍ରଶ୍ନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ହୋଇଛି ଝଡ଼ି ବରଷା,**
**କ୍ଷେତ ଛାଡ଼ିକରି ପଳାଏ ଚଷା ।**

ଚାଷ ସମୟରେ ଆବଶ୍ୟକ ପରିମାଣର ବର୍ଷା ନ ହୋଇ ଅସମୟରେ ବର୍ଷା ହେଲେ ଚାଷନଷ୍ଟ ହୋଇଯାଇଥାଏ। ଅସମୟରେ ହେଉଥିବା ଝଡ଼ବର୍ଷା ଚାଷ ଓ ଚାଷୀ ଉଭୟଙ୍କ ପାଇଁ କ୍ଷତିକାରକ ହୋଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆଗରେ କାହାର ଜୋର ରହି ନ ଥାଏ। ଏପରିସ୍ଥଳେ ଅଦିନରେ ଝଡ଼ ବରଷା ହେଲେ ଚାଷୀ କ୍ଷେତ ଛାଡ଼ି ପଳାଇଯିବା ଛଡ଼ା ଅନ୍ୟ ପନ୍ଥା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅମାନିଆ ପୁଅ ବଣରେ ପଶେ,**
**ମାନିଆ ପୁଅ କୋଳରେ ବସେ ।**

ପିତାମାତା ତଥା ଗୁରୁଜନଙ୍କ ଉପଦେଶକୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳବାଳୁଙ୍ଗା ବୋଲାଇଥାଏ। ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ। ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁ ଉନ୍ନତି କରିଥାଏ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଆଲୋକ ବର୍ମା ...

ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସିଭିସିଙ୍କ ତଦନ୍ତ ଆଧାରରେ ବର୍ମାଙ୍କ ଉପରେ ନିଷ୍ପତ୍ତି ନେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଆସନ୍ତା ୩୧ରେ ଅବସର ନେବାକୁ ଥିବା ବର୍ମା ବୁଧବାର ସିବିଆଇ କାର୍ଯ୍ୟାଳୟକୁ ଯାଇ ନିଜ କାର୍ଯ୍ୟରେ ଯୋଗଦେଇଥିଲେ। ଏହାସହ ସେ ନାଗେଶ୍ୱର ରାଓଙ୍କ ପକ୍ଷରୁ ଜାରି ଅଧିକାଂଶ ଅଧିକାରୀଙ୍କ ବଦଳି ଆଦେଶକୁ ବାତିଲ କରିଦେଇଥିଲେ। ବୁଧବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଚୟନ କମିଟିର ବୈଠକ ବସିଥିଲା। କିନ୍ତୁ ଏଥିରେ କ'ଣ ନିଷ୍ପତ୍ତି ହୋଇଥିଲା ତାହା ଜଣାପଡ଼ି ନ ଥିଲା। ଗୁରୁବାର ଉକ୍ତ କମିଟିର ବୈଠକ ପୁଣି ବସିଥିଲା। ଏଥିରେ ପ୍ରଧାନମନ୍ତ୍ରୀ, ସିଜେଆଇଙ୍କ ପ୍ରତିନିଧି ଜଷ୍ଟିସ୍ ଏ.କେ. ସିକ୍ରି ଏବଂ କଂଗ୍ରେସ ନେତା ଖାର୍ଗେ ଯୋଗଦେଇଥିଲେ। ହାଇପ୍ରୋଫାଇଲ୍ ବୈଠକରେ ୩ ଜଣଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଓ ଜଷ୍ଟିସ୍ ସିକ୍ରି ସିବିଆଇ ନିର୍ଦ୍ଦେଶକ ପଦରୁ ବର୍ମାଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଥିବାବେଳେ ଖାର୍ଗେ ଏହାକୁ ବିରୋଧ କରିଥିଲେ। ବର୍ମାଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଯାଇଥିବାରୁ ତାଙ୍କ କାର୍ଯ୍ୟକାଳ ସମାନ ଅବଧି (୭୭ ଦିନ) ଅଧିକ ବୃଦ୍ଧି କରାଯାଉ ବୋଲି ଖାର୍ଗେ ଯୁକ୍ତି ବାଢ଼ିଥିଲେ। ବର୍ମାଙ୍କୁ ପଦରୁ ହଟାଇବାକୁ ଏହା ଖାର୍ଗେଙ୍କ ଦ୍ୱିତୀୟ ବିରୋଧ। ଅନ୍ୟପକ୍ଷରେ ୧୯୭୯ ବ୍ୟାଚ୍ ଏଜିଏମ୍‌ୟୁଟି କ୍ୟାଡର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ବର୍ମା ପୁଣିଥରେ ସିବିଆଇ ନିର୍ଦ୍ଦେଶକ ପଦ ସମ୍ଭାଳିବାର ୨୪ ଘଣ୍ଟା ପରେ ତାଙ୍କୁ ଅପ୍ରତ୍ୟାଶିତ ଭାବେ ହଟାଯାଇ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ବିଭାଗରେ ଯୋଗଦେବେ। ସେ ଜାନୁୟାରୀ ୩୧ରେ ଅବସର ନେବେ। ତଦନ୍ତକାରୀ ସଂସ୍ଥାର ୫୫ ବର୍ଷ ଇତିହାସରେ କୌଣସି ସିବିଆଇ ନିର୍ଦ୍ଦେଶକ ବର୍ମାଙ୍କ ଭଳି ପଦଚ୍ୟୁତ ହୋଇ ନ ଥିଲେ। ବର୍ମାଙ୍କ ସ୍ଥାନରେ ସିବିଆଇର ଅତିରିକ୍ତ ନିର୍ଦ୍ଦେଶକ ଏମ୍.ନାଗେଶ୍ୱର ରାଓଙ୍କୁ ଅବସ୍ଥାପିତ କରାଯାଇଥିବା ନେଇ ଏକ ସରକାରୀ ବିବୃତି ଜାରି କରାଯାଇଛି।

### ଡିଏମ୍‌ଏଫ୍ ପାଣ୍ଠିରେ କାର୍ଯ୍ୟକାରୀ ...

ସଂଗ୍ରହ କରାଯାଉଥିବା ବେଳେ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରାଯାଉଛି। ସମୁଦାୟ ୧୧,୪୩୪ଟି ପ୍ରକଳ୍ପରୁ ଉକ୍ତ ୮ଟି ଜିଲାରେ ୧୧,୨୫୪ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଅନୁଗୋଳ ଜିଲାରେ ୨୨୧୪ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଯାଜପୁର ୧୮୭୫, ଝାରସୁଗୁଡା ୫୦୮, କେନ୍ଦୁଝର ୭୭୧, ସୁନ୍ଦରଗଡ ୪୬୩୧, କୋରାପୁଟ ୮୦୧, ମୟୂରଭଞ୍ଜ ୭୭ ଏବଂ ରାୟଗଡା ଜିଲାରେ ୩୭୭ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

### ପୁନର୍ବାର ଜିତିବା ପାଇଁ ...

ଜାରି ରହିବ। ସେହିପରି ଆସନ୍ତା ସାଧାରଣ ନିର୍ବାଚନରେ ପୁନର୍ବାର ବିଜେଡି କ୍ଷମତାସୀନ ହେବ କି ବୋଲି ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଲଗାତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେହିପରି ରାଜ୍ୟବାସୀଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦିଆଯାଇଛି, ତାହାକୁ କାର୍ଯ୍ୟରେ ମଧ୍ୟ ପ୍ରତିଫଳିତ କରାଯାଇଛି। ତେଣୁ ରାଜ୍ୟବାସୀ ପୁନର୍ବାର ଆସ୍ଥା ପ୍ରକଟ କରିବେ ବୋଲି ନବୀନ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଲାଗୁ କରାଯାଇଥିବା କାଳିଆ ଯୋଜନା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ମାଇଣ୍ଡ ରକ୍ କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥିଲେ। ସେ କହିଛନ୍ତି ଯେ, ଚାଷୀମାନଙ୍କୁ ସଶକ୍ତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ କାଳିଆ ପରି ଏକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଆସନ୍ତା ୩ ବର୍ଷ ମଧ୍ୟରେ ୧୦,୦୦୦ କୋଟିରୁ ଅଧିକ ଟଙ୍କା ଏଥିରେ ଖର୍ଚ୍ଚ ହେବ। ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ଚାଷୀ, ନାମମାତ୍ର ଚାଷୀ ଏବଂ ଭୂମିହୀନ ଶ୍ରମିକଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ବୀମା ସୁବିଧା ପ୍ରଦାନ କରାଯାଉଛି। ସେହିପରି ଆମ୍ବ, ପଣସ ଗଛ ଲଗାଇବା ଏବଂ ମାଛ ଧରିବା ପ୍ରଭୃତିକୁ ମଧ୍ୟ ଯୋଜନାରେ ଗୁରୁତ୍ୱ ଦିଆଯାଇଛି।

### ଭାଗଚାଷୀଙ୍କ ...

ରାତିରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏହା ପରେ ବଂଶୀଧର ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ ବଂଶୀଧରଙ୍କ ସମ୍ପର୍କୀୟ ଭଣଜା ଟଙ୍କଧର ନାଏକ ଲେଫ୍ରିପଡା ଥାନାରେ ଏ ନେଇ ରିପୋର୍ଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### କ୍ଷୁଦ୍ର ବ୍ୟବସାୟୀଙ୍କୁ ...

ରାଜକୋଷକୁ ବାର୍ଷିକ ୫,୨୦୦ କୋଟି ଟଙ୍କାର ରାଜସ୍ୱହାନି ହେବ। ଜେଟ୍‌ଲୀ କହିଛନ୍ତି ଯେ, କମ୍ପୋଜିଶନ ସ୍କିମ୍ ଅନୁଯାୟୀ ବାର୍ଷିକ ୧ କୋଟି ଟଙ୍କା କାରବାର ଆଧାରରେ ୧ ପ୍ରତିଶତ ଟିକସ ଦେଉଥିବା ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଏହି ସୀମାକୁ ୧.୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେ କହିଛନ୍ତି ଯେ, ଏଣିକି ସାମଗ୍ରୀ ଓ ସେବା କ୍ଷେତ୍ରରେ ଉଭୟ ସେବା ପ୍ରଦାନକାରୀ ଏବଂ ଯୋଗାଣକାରୀ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିଲେ ସେମାନେ ଜିଏସ୍‌ଟି କମ୍ପୋଜିଶନ ସ୍କିମ ଚୟନ କରିପାରିବେ। ଏହି କ୍ଷେତ୍ରରେ ସେମାନେ ୬% ଟିକସ ପ୍ରଦାନ କରିବେ। କମ୍ପୋଜିଶନରେ ଏଭଳି ଦୁଇଟି ନିଷ୍ପତ୍ତି ଯୋଗୁ ରାଜକୋଷକୁ ୩ ହଜାର କୋଟି ଟଙ୍କାର କ୍ଷତି ହେବ। ରିୟଲ ଇଷ୍ଟେଟ ଉପରେ ପରିବର୍ତ୍ତିତ ଜିଏସ୍‌ଟି ନେଇ କାଉନସିଲ୍‌ରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ସଦସ୍ୟଙ୍କ ମଧ୍ୟରେ ସହମତି ପ୍ରକାଶ ନ ପାଇବାରୁ ୭ ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କରିବାକୁ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ଲଟେରି ଉପରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇ ନାହିଁ। ଏକ ମନ୍ତ୍ରିଗୋଷ୍ଠୀ ଏହି ପ୍ରସଙ୍ଗ ଉପରେ ବିଚାର କରିବ ବୋଲି ଜେଟଲୀ କହିଛନ୍ତି। ତେବେ କମ୍ପୋଜିଶନ ସ୍କିମ ଚୟନ କରୁଥିବା ସଂସ୍ଥାଗୁଡ଼ିକ ବର୍ଷକୁ ଗୋଟିଏ ଥର ଟିକସ ରିଟର୍ନ ଫାଇଲ କରିବେ। ମାତ୍ର ପ୍ରତି ତ୍ରୈମାସରେ ସେମାନେ ଟିକସ ପ୍ରଦାନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ବର୍ତ୍ତମାନ ୧.୧୫ କୋଟିରୁ ଉର୍ଦ୍ଧ୍ୱ ବାଣିଜ୍ୟ ସଂସ୍ଥା ଜିଏସ୍‌ଟିରେ ପଞ୍ଜୀକରଣ କରିଛନ୍ତି। ସେହିଭଳି ୧୮ ଲକ୍ଷ ସଂସ୍ଥା କମ୍ପୋଜିଶନ ସ୍କିମ ଚୟନ କରିଛନ୍ତି।

### ୮ହଜାର ଲୋକଙ୍କ...

ଗତ ୮ ଓ ୯ ଦୁଇଦିନ ଧରି ୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏଣେ ଓକିଲ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ ଚାଲୁ ରହିଥିଲା । ଫଳରେ ସହରର ଦୋକାନ ବଜାର ଏକ ପ୍ରକାର ବନ୍ଦ ରହିଥିବା ବେଳେ ଯାତ୍ରୀମାନଙ୍କ ଯିବା ଆସିବା ବନ୍ଦ ରହିଥିଲା । ଏହାର ପ୍ରଭାବ ବସ୍,ଟ୍ରକ ଓ ଟ୍ରେନ ଯାତ୍ରୀଙ୍କ ଉପରେ ପଡିଥିଲା । ହେଲେ ଏପରି ସମୟରେ ଆହାର କେନ୍ଦ୍ରକୁ ଖାଦ୍ୟ ରନ୍ଧା ହୋଇ ଆସିଥିଲା । ହେଲେ ଖାଇବାକୁ କେହି ଆସି ନ ଥିଲେ । ଫଳରେ ପ୍ରଥମ ଦିନର ଖାଦ୍ୟ ବଳି ପଡିଥିଲା । ତା'ପର ଦିନ ଅର୍ଥାତ୍ ୯ ତାରିଖରେ ବି ଖାଦ୍ୟ ରନ୍ଧା ହୋଇ ଆସିଥିଲା । ସେଦିନ ମଧ୍ୟ କେହି ଖାଇବାକୁ ନ ଆସିବାରୁ ତାହା ମଧ୍ୟ ବଳି ପଡିଥିଲା । ଏମିତି ୨ ଦିନର ଖାଦ୍ୟ ଆହାର କେନ୍ଦ୍ରରେ ରହିବା ପରେ ତାହା ନଷ୍ଟ ହୋଇଯାଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ସେଇ ୨ଦିନ ରାସ୍ତାରେ ଫସି ରହିଥିବା ଟ୍ରକ ଡାଇଭର ଓ ହେଲପରମାନେ ବି ଖାଇବାକୁ ପାଇ ନ ଥିଲେ। କଳବଲ ହୋଇଥିଲେ ଅନେକ ଯାତ୍ରୀ । କେତେକ ଅନୁଷ୍ଠାନ ପକ୍ଷରୁ ରାସ୍ତାରେ ଅଟକି ରହିଥିବା ଲୋକମାନଙ୍କୁ ଖାଇବାକୁ ଦିଆଯାଇଥିଲା । ହେଲେ ମହାନଗର ନିଗମ ପକ୍ଷରୁ ରନ୍ଧା ଯାଇଥିବା ହଜାର ହଜାର ଲୋକଙ୍କ ଖାଦ୍ୟ ସେମାନଙ୍କୁ ଦିଆ ନ ଯାଇ ନଷ୍ଟ କରି ଦିଆଯାଇଥିଲା । ପ୍ରଥମ ଦିନ ଖାଦ୍ୟ ନଷ୍ଟ ହେବା ଜାଣିବା ପରେ ଦ୍ୱିତୀୟ ଦିନ କାହିଁକି ପୁଣି ଥରେ ଖାଦ୍ୟ ରନ୍ଧା ଯାଇ ଆହାର କେନ୍ଦ୍ରକୁ ପଠାଗଲା ତାହା ବିବାଦ ସୃଷ୍ଟି କରିଛି । ଦୁଇ ଦିନିଆ ବନ୍ଦର ସୁଯୋଗ ନେଇ ଠିକା ସଂସ୍ଥା ଫାଇଦା ନେଇଥିବା ଅଭିଯୋଗ ହେଉଛି । କମ୍ ପରିମାଣ ଖାଦ୍ୟ ଯୋଗାଣ କରି ଲକ୍ଷାଧିକ ଟଙ୍କା ଲାଭ କରିବାକୁ ଏହି ସଂସ୍ଥା ଚକ୍ରାନ୍ତ କରିଥିବା ଆଲୋଚନା ହେଉଛି। ଗୋଟିଏ ମିଲ ପାଇଁ ଲୋକମାନେ ୫ଟଙ୍କା ଦେଉଥିବାବେଳେ ସରକାରଙ୍କ ପକ୍ଷରୁ ଉପରୋକ୍ତ ସଂସ୍ଥାକୁ ୧୫ଟଙ୍କା ଦିଆଯାଉଛି । ଅର୍ଥାତ ୨ ଦିନରେ ଏଥିପାଇଁ ୧ ଲକ୍ଷ ୩୫ହଜାର ଟଙ୍କା ବିଲ୍ କରାଯାଇଥିବା ଭଳି ସାଂଘାତିକ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ମହାନଗର ନିଗମ ଅତିରିକ୍ତ କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ଆହାର କେନ୍ଦ୍ର ପାଇଁ ପ୍ରତିଦିନ ଭଳି ରୋଷେଇ ହୋଇଥିଲା । ବନ୍ଦର ପ୍ରଭାବ ଯୋଗୁ ଖାଇବାକୁ କେହି ଆସି ନ ଥିଲେ । ତେଣୁ ଖାଦ୍ୟ ନଷ୍ଟ ହୋଇଯାଇଥିଲା । ସେହି ଖାଦ୍ୟକୁ ଫିଙ୍ଗି ଦିଆଯାଇଛି ବୋଲି ସେ କହିଛନ୍ତି । ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମଙ୍ଗଳବାର ଓ ବୁଧବାର ବନ୍ଦ ପାଳନ ଯୋଗୁ କିଛି ରନ୍ଧା ଖାଦ୍ୟକୁ ଫିଙ୍ଗି ଦିଆଯାଇଛି। ଘଟଣାର ତଦନ୍ତ ପାଇଁ ଅତିରିକ୍ତ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛି। ମାନା ଟ୍ରଷ୍ଟର ସମ୍ବଲପୁର ଶାଖା ପରିଚାଳକ ସ୍ୱରୂପ ରଞ୍ଜନ ମହାପାତ୍ର କହିଛନ୍ତି, ପ୍ରତିଦିନ କେତେଜଣ ଲୋକଙ୍କ ପାଇଁ ଖାଦ୍ୟ ରନ୍ଧା ହେବ ଆମକୁ ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥାଏ । ଯେହେତୁ ୨ ଦିନ ବନ୍ଦ ପାଳନ ବେଳେ ସେମାନେ ଆମକୁ ଖାଦ୍ୟ ରାନ୍ଧିବାକୁ ମନା କରି ନ ଥିଲେ ସେଥିପାଇଁ ଆମେ ଖାଦ୍ୟ ଯୋଗାଣ କରିଥିଲୁ। ପ୍ରାୟ ୩ ହଜାର ଲୋକଙ୍କ ଖାଦ୍ୟ ଫିଙ୍ଗା ଯାଇଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ସମ୍ବଲପୁରରେ ୫ଟି ଆହାର କେନ୍ଦ୍ର ରହିଛି । ଜିଲା ସଦର ଡାକ୍ତରଖାନା, ବୁର୍ଲା ଡାକ୍ତରଖାନା, ଲକ୍ଷ୍ମୀ ଟକିଜ ଛକ, ଚେରୁଆପଡା, ଜେଲଛକରେ ଏହି ଆହାର କେନ୍ଦ୍ର ଖୋଲାଯାଇଛି । ପ୍ରତିଦିନ ମୋଟ ୪ ହଜାର ୫ଶହ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଉପରୋକ୍ତ କେନ୍ଦ୍ରକୁ ଯୋଗାଇ ଦିଆଯାଉଛି ।

### ଆଜିଠୁ ବରଗଡ଼...

ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିର ଅଭିମୁଖେ ବାହାରିବ ।

ନବବର୍ଷରେ ପଦାର୍ପଣ କରିଥିବା ୭୦ତମ ଧନୁଯାତ୍ରା ମହୋତ୍ସବରେ ସବୁଦିଗରେ ନୂତନତା ଅଣାଯିବାକୁ ଉଦ୍ୟମ କରାଯାଇ ଥିବାବେଳେ ପ୍ରସ୍ତୁତି ଚୂଡ଼ାନ୍ତ ସୋପାନରେ ପହଞ୍ଚିଛି। ମହାରାଜ କଂସ ଓ ତାଙ୍କ ପାତ୍ରମନ୍ତ୍ରୀଙ୍କ ପାଇଁ ହାତୀ, ଓଟ, ଘୋଡ଼ା ମାହୁନ୍ତ ସହିତ ପହଞ୍ଚି ସାରିଛନ୍ତି । ଆକର୍ଷଣୀୟ ତୋରଣ, ଆଲୋକମାଳାରେ ସହର ଚଳଚଞ୍ଚଳ ହୋଇ ପଡ଼ିଲାଣି । ଅମ୍ବାପାଲି(ଗୋପପୁର)ର ଘରେ ଘରେ କାନ୍ଥରେ କୃଷ୍ଣଲୀଳା ଚିତ୍ର ଅଙ୍କାଯାଇଛି। ଏହା ସହିତ ଘର ଲିପାପୋଛା ଜୋର୍‌ସୋର୍‌ରେ ଚାଲିଥିବାବେଳେ ଧନୁଯାତ୍ରା ଦେଖିବା ପାଇଁ ବନ୍ଧୁ, ପରିଜନ ମଧ୍ୟ ଉଭୟ ବରଗଡ଼ ଓ ଅମ୍ବାପାଲିକୁ ଆସିଲେଣି ।

ଧନୁଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି । ଧନୁଯାତ୍ରା ପାଇଁ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କ ତତ୍ତ୍ୱାବଧାନରେ ୨ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୧୪ଜଣ ଇନ୍ସପେକ୍ଟର, ୩୫ଜଣ ଏସ୍‌ଆଇ, ୫୬ଜଣ ଏଏସ୍‌ଆଇ, ୨୨ଜଣ ହାବିଲଦାର, ୧୨୮ଜଣ କନଷ୍ଟେବଳ, ୨୦୦ଜଣ ହୋମଗାର୍ଡ଼ ଏବଂ ୪୦ସେକ୍ସନ ଫୋର୍ସ ମୁତୟନ କରାଯିବା ବ୍ୟବସ୍ଥା ହୋଇଥିବା ଏସ୍‌ଡିପିଓ ସୁରେଶ କୁମାର ନାଏକ ସୂଚନା ଦେଇଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ଼, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027



FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Krolbagh
Contact:- 8676907143
7050017585

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA
Teh.- DADRI, Dist- BHIWANI

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ପଦାର୍ପଣରେ ଚମକ

ରଣଜୀ ଟ୍ରଫି

ଦୁଇ ଅଭିଜ୍ଞ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ (ବାମ) ଓ ବସନ୍ତ ମହାନ୍ତି (ଡାହାଣ)ଙ୍କ ସହ ରାଜେଶ ମହାନ୍ତି ।



ଚଳିତ ସିଜନ ପାଇଁ ଓଡ଼ିଶାର ରଣଜୀ ଟ୍ରଫି ଅଭିଯାନ ଶେଷ ହୋଇଛି । ଓଡ଼ିଶା ଦଳ ନକଆଉଟରେ ପ୍ରବେଶ କରିପାରି ନ ଥିଲେ ହେଁ ୨ ଜଣ ଖେଳାଳି ନିଜ ପଦାର୍ପଣ ସିଜନରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ କ୍ରିକେଟର ଭବିଷ୍ୟତ ଭାବେ ଉଭା ହୋଇଛନ୍ତି । ଏହି ଦୁଇ ଖେଳାଳି ହେଲେ ରାଜେଶ ମହାନ୍ତି ଓ ଦେବାଶିଷ ସାମନ୍ତରାୟ ।



ଦେବାଶିଷ ସାମନ୍ତରାୟ



ସନ୍ଦୀପ୍ ପଟ୍ଟନାୟକ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି । ଏଲିଟ ଗ୍ରୁପ-ସିରେ ସାମିଲ ଓଡ଼ିଶା ୯ଟି ଲିଗ୍ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ଓ ୨ଟି ଡ୍ର ବଳରେ ୨୬ ପଏଣ୍ଟ ପାଇବା ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି । ନକଆଉଟ ପ୍ରବେଶ ସୁଯୋଗ ଅଳ୍ପକେ ହାତଛଡ଼ା କରିଥିଲେ ହେଁ କେତେକ ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା । ୨୦୧୮-୧୯ ରଣଜୀ ସିଜନରେ କେତେକ ଯୁବ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଆଗାମୀ ଦିନରେ ଓଡ଼ିଶା କ୍ରିକେଟର ଭବିଷ୍ୟତ ଭାବେ ସାମ୍ନାକୁ ଆସିଛନ୍ତି । ଏମାନେ ଅନଭିଜ୍ଞ ହୋଇ ସୁଦ୍ଧା ଚମତ୍କାର ପ୍ରଦର୍ଶନ କରି ଦଳର ଅଭିଜ୍ଞ ଖେଳାଳିଙ୍କ ଉପରେ ଭାରି ପଡ଼ିଥିଲେ । ବିଶେଷ କରି ପଦାର୍ପଣ ସିଜନରେ ସେମାନେ ଚମକ ସୃଷ୍ଟି କରି ଉଜ୍ଜଳ ଭବିଷ୍ୟତର ସୂଚନା ଦେଇଛନ୍ତି । ଏହି ଖେଳାଳି ଦୁଇଜଣ ହେଲେ ରାଜେଶ ମହାନ୍ତି ଓ ଦେବାଶିଷ ସାମନ୍ତରାୟ । ଅଭିଜ୍ଞତା ନ ଥିଲେ ହେଁ ଏମାନେ ନିଜ ଦକ୍ଷତା ବଳରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି । ଓଡ଼ିଶା କ୍ରିକେଟର ସିନିୟର ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତା ରହି ନ ଥିବାବେଳେ ଏମାନଙ୍କ ପ୍ରଦର୍ଶନ ଯୋଗୁ ଓଡ଼ିଶା ନିଜର ସମ୍ମାନ ରଖିବାରେ ସକ୍ଷମ ହୋଇଛି । ଅନ୍ୟଜଣେ ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ହେଲେ ସନ୍ଦୀପ ପଟ୍ଟନାୟକ । ଆରମ୍ଭରେ ସିଜନ ସଫଳତା ପାଇ ନ ଥିଲେ ହେଁ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଶତକ ହାସଲ କରି ସେ ନଜ ଦକ୍ଷତା ଦେଖାଇଛନ୍ତି । ତେଣୁ ଆଗାମୀ ଦିନରେ ଓଡ଼ିଶା କ୍ରିକେଟର ଭାର ଏମାନଙ୍କ କାନ୍ଧରେ ରହିବ ବୋଲି କହିଲେ ଭୁଲ ହେବନି ।

ଡାହାଣହାତୀ ପେସ ବୋଲର ରାଜେଶ ମହାନ୍ତିଙ୍କର ଚଳିତ ସିଜନରେ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ ହୋଇଥିଲା । ୮ଟି ମ୍ୟାଚ୍ ଖେଳି ୪୦ଟି ଉଇକେଟ ଦଖଲ କରିବା ସହ ନିଜ ଉପସ୍ଥିତିକୁ ଜାହିର କରିଥିଲେ ରାଜେଶ । କିଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହରିୟାଣା ବିପକ୍ଷ ପ୍ରଥମ ମ୍ୟାଚରେ ରାଜେଶଙ୍କୁ ୨ଟି ଉଇକେଟ ମିଳିଥିଲା । ପରେ ଉତ୍ତରପ୍ରଦେଶ ବିପକ୍ଷରେ ୨ଟି ଉଇକେଟ ପାଇବା ପରେ ଗୁଆହାଟୀରେ ଘରୋଇ ଆସାମ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ । ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍‌ରେ ମୋଟ ୧୧ଟି ଉଇକେଟ ରାଜେଶଙ୍କ ଖାତାକୁ ଆସିଥିଲା । ବିକାଶ ଗ୍ରାଉଣ୍ଡରେ ଖେଳାଯାଇଥିବା ସିଜିନର ଅନ୍ତିମ ମ୍ୟାଚ୍ ଗୋଆ ବିପକ୍ଷରେ ମଧ୍ୟ ରାଜେଶ ମୋଟ ୮ଟି ଉଇକେଟ ଦଖଲ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୪୯ରନ ବିନିମୟରେ ୫ଟି ଉଇକେଟ ନେଇଛନ୍ତି । ରାଜସ୍ଥାନ ଓ ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ଖେଳିଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମଧ୍ୟ ସେ ଯଥାକ୍ରମେ ୫ଟି ଓ ୭ଟି ଉଇକେଟ ଦଖଲ କରିଥିଲେ । ଡାହାଣହାତୀ ବ୍ୟାଟିଂ କରୁଥିବା ରାଜେଶ ରନସଂଗ୍ରହରେ ମଧ୍ୟ ଧୂରନ୍ଧର । ଗୋଆ ବିପକ୍ଷ ମ୍ୟାଚ୍‌ରେ ସେ ଅପରାଜିତ ୩୦ରନ କରିଥିଲେ । ତେଣୁ ପେସ ବୋଲିଂ କ୍ଷେତ୍ରରେ ରାଜେଶଙ୍କୁ ଓଡ଼ିଶାର ଭବିଷ୍ୟତ କୁହାଯାଇପାରେ ।

ପଦାର୍ପଣ ସିରିଜରେ ଚମତ୍କାର ପ୍ରଦର୍ଶନ କରି ଅନ୍ୟଜଣେ ଖେଳାଳି ଏବେ ଚର୍ଚ୍ଚାରେ ରହିଛନ୍ତି, ସେ ହେଲେ ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ । ବିକାଶ ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ଦେବାଶିଷ ପଦାର୍ପଣ କରିଥିଲେ । ପ୍ରଦାର୍ପଣରେ ହିଁ ଦେବାଶିଷ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ସଂଗ୍ରହ କରିଥିଲେ । ପ୍ରଥମ ଇନିଂସରେ ୫୦ରନ୍ ଓ ଦ୍ୱିତୀୟ ଇନିଂସରେ ୨୧ରନ୍ କରିବା ପରେ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ୍‌ରେ ୮୫ରନ୍ କରିଥିଲେ । ୪ଟି ମ୍ୟାଚ୍‌ରୁ ସେ ୩୨୬ରନ ସଂଗ୍ରହ କରିଛନ୍ତି । ସର୍ଭିସେସ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦେବାଶିଷଙ୍କ ୧୦୨ରନ୍‌ର ଇନିଂସ ତାଙ୍କ କ୍ୟାରିୟରକୁ ଭିନ୍ନ ମୋଡ଼ ଦେଇଛି ।

ଅନ୍ୟଜଣେ ଯୁବ ଖେଳାଳି ହେଉଛନ୍ତି ସନ୍ଦୀପ ପଟ୍ଟନାୟକ । ୨୩ବର୍ଷରୁ କମ୍ ଓଡ଼ିଶା ଦଳରେ ନିୟମିତ ଖେଳାଳି ଭାବେ ସାମିଲ ହେଉଥିଲେ ସୁଦ୍ଧା ଚଳିତ ରଣଜୀ ସିଜିନରେ ତାଙ୍କୁ ୩ଟି ମ୍ୟାଚ ଖେଳିବାର ସୁଯୋଗ ମିଳିଥିଲା । ଏପରିକି ଗୋଆ ବିପକ୍ଷ ମ୍ୟାଚ୍‌ରେ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ବାଦ ଦେଇ ସନ୍ଦୀପଙ୍କୁ ଦଳରେ ସାମିଲ କରାଯାଇଥିଲା । ବୟସ କମ୍ ହୋଇଥିଲେ ମଧ୍ୟ ସନ୍ଦୀପ ୧୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ସାରିଲେଣି । ଚଳିତ ସିଜନରେ ସେ ୩ ମ୍ୟାଚ୍‌ରୁ ୧୭୨ରନ୍ ସଂଗ୍ରହ କରିଛନ୍ତି । ଗୋଆ ବିପକ୍ଷରେ ଶତକୀୟ ଇନିଂସ ମଧ୍ୟ ସନ୍ଦୀପଙ୍କ ନାମରେ ଯୋଡ଼ି ହୋଇଛି ।

-ପ୍ରସ୍ତୁତି: କୁମାରଶ୍ରୀ

# ବିରାଟ ସଫଳତା

ଟି୨୦ ସିରିଜ ଡ୍ର, ଟେଷ୍ଟ ସିରିଜରେ ଐତିହାସିକ ସଫଳତା ପରେ ଏବେ ଅଷ୍ଟ୍ରେଲିଆ ମାଟିରେ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି ଟିମ୍ ଇଣ୍ଡିଆ। ପୂର୍ବ ଦୁଇ ସିରିଜ ପରି ପ୍ରଭାବୀ ପ୍ରଦର୍ଶନ କରି ଏଥରେ ମଧ୍ୟ ଭାରତର ବିଜୟଧ୍ୱଜା ଉଡ଼ାଇବା ଲକ୍ଷ୍ୟରେ ରହିଛି ବିରାଟ ବାହିନୀ...



ନିର୍ମଳ କୁମାର ମିଶ୍ର

ଭାରତ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିବାର ବିରଳ କୃତିତ୍ୱ ଅର୍ଜନ କରିଛି । ୭୧ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇ ଅଷ୍ଟ୍ରେଲିଆରେ ଇତିହାସ ରଚିବାକୁ ସକ୍ଷମ ହୋଇଛି ବିରାଟ ବାହିନୀ । ଏପରି ଏକ ସିରିଜ ବିଜୟ ଆଗାମୀ ଏକଦିବସୀୟ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳର ମନୋବଳ ବଢ଼ାଇବାରେ ବେଶ୍ ସହାୟକ ହୋଇପାରିଛି । ଆଡିଲେଡରେ ବିଜୟ, ପର୍ଥରେ ପରାଜୟ ପରେ ମେଲବୋର୍ନରେ ବେଶ୍ ପ୍ରଭାବୀ ପ୍ରଦର୍ଶନ ଭାରତକୁ ସିରିଜ ବିଜୟୀ କରାଇବାରେ ସହାୟକ ହୋଇଥିଲା । ବର୍ଷା ଏବଂ ଉପଯୁକ୍ତ ଆଲୋକ ଅଭାବ ଯୋଗୁ ଭାରତ ସିଡ୍‌ନୀରେ ଏକ ନିଶ୍ଚିତ ବିଜୟକୁ ହାତଛଡ଼ା କରିଥିଲେ ହେଁ ବର୍ଡର ଗାଭାସ୍କର ଟ୍ରଫି ହାସଲ କରିଥିଲା । ବିରାଟ କୋହଲି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେବା ପରେ ଏହା ହେଉଛି ବିଦେଶରେ ତାଙ୍କର ଚତୁର୍ଥ ସିରିଜ ବିଜୟ । ଭାରତ ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ବିପକ୍ଷରେ ୨ ଥର ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଥରେ ସିରିଜ ବିଜୟୀ ହୋଇଥିଲା । ଇଂଲଣ୍ଡଠାରୁ ସିରିଜ ହାରିଥିଲେ ହେଁ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟୀ ହୋଇ ସେ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ନିଜ ମାଟିରେ ଏହା ଅଷ୍ଟ୍ରେଲିଆର ୨୨ତମ ସିରିଜ ପରାଜୟ ଅଟେ । ପୂର୍ବରୁ ଏହି ଦଳ ଇଂଲଣ୍ଡଠାରୁ ସର୍ବାଧିକ ୧୩, ୱେଷ୍ଟଇଣ୍ଡିଜଠାରୁ ୪, ଦକ୍ଷିଣ ଆଫ୍ରିକାଠାରୁ ୩ ଏବଂ ନ୍ୟୁଜିଲାଣ୍ଡଠାରୁ ଗୋଟିଏ ସିରିଜ ହାରିଥିଲା । ୧୯୭୮ରେ ବିଶେନ୍‌ସିଂ ବେଦୀଙ୍କ ନେତୃତ୍ୱରେ ଭାରତ ପ୍ରଥମ ପରିବର୍ତ୍ତନ ସପକ୍ଷରେ ମତ ଦେଇଛନ୍ତି । ଭାରତ ଯେ କୌଣସି ଦେଶକୁ କୌଣସି ସ୍ଥାନରେ ପରାସ୍ତ କରିବାର ଦକ୍ଷତା ରଖିଛି ବୋଲି ବିରାଟ କୋହଲି ମନ୍ତବ୍ୟ ଦେଇଛନ୍ତି । ଫାଷ୍ଟ ବୋଲର ଯଶପ୍ରୀତ ବୁମରା ଏହି ସିରିଜରେ ସର୍ବାଧିକ ୨୧ଟି ଓ ମହମ୍ମଦ ସାମି ୧୬ଟି ଉଇକେଟ୍ ନେଇଛନ୍ତି । ଚେତେଶ୍ୱର ପୂଜାରା ସର୍ବାଧିକ ୫୨୧ରନ୍ ସଂଗ୍ରହ କରିଥିବା ବେଳେ ସେଥିରେ ୩ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ହାସଲ କରି ନିଜର ବ୍ୟାଟିଂ ଦକ୍ଷତାର ପରିପ୍ରକାଶ କରିଛନ୍ତି । ନିଜେ ବିରାଟ ଏହି ସିରିଜରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସହ ୨୮୬ ରନ୍ ସଂଗ୍ରହ କରିଛନ୍ତି । ଏପରି ଏକ ଅବିସ୍ମରଣୀୟ ବିଜୟ ପରେ ବିରାଟ ବାହିନୀ ଆସନ୍ତା ୧୨ତାରିଖରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକଦିବସୀୟ ଅଭିଯାନ ଆରମ୍ଭ କରିବାକୁ ଯାଉଛି ।

ଉଭୟ ଦେଶ ମଧ୍ୟରେ ଏ ପର୍ଯ୍ୟନ୍ତ ୧୨୮ଟି ଏକଦିବସୀୟ ଖେଳାଯାଇଛି । ସେଥିରୁ ଭାରତ ୪୫ଟି ଓ ଅଷ୍ଟ୍ରେଲିଆ ୭୩ଟି ମ୍ୟାଚରେ ଜିତିଥିବାବେଳେ ୧୦ ମ୍ୟାଚରୁ ଫଳାଫଳ ମିଳିନାହିଁ । ଆଗାମୀ ଏକଦିବସୀୟ ସିରିଜରେ ୩ଟି ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚ ଜାନୁୟାରୀ ୧୨ ଏବଂ ଦ୍ୱିତୀୟ ମ୍ୟାଚ ୧୫ ଓ ତୃତୀୟ ମ୍ୟାଚ ୧୮ରେ ଖେଳାଯିବ । ଟିମ୍ ଇଣ୍ଡିଆର ଏକଦିବସୀୟ ମ୍ୟାଚ ଜିତିବା ହାର ୩୮.୧୩ ହୋଇଥିବା ବେଳେ ଅଷ୍ଟ୍ରେଲିଆର ୬୧.୮୬ ପ୍ରତିଶତ ।

ଅଷ୍ଟ୍ରେଲିଆ ବିପକ୍ଷରେ ଟିମ୍ ଇଣ୍ଡିଆର ସର୍ବାଧିକ ଏକଦିବସୀୟ ସ୍କୋର ୩୮୩/୬ ହୋଇଥିବାବେଳେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସର୍ବାଧିକ ସ୍କୋର ୩୫୯/୨ । ଭାରତ ୧୫ଥର ଏବଂ ଅଷ୍ଟ୍ରେଲିଆ ୨୨ ଥର ୩୦୦ ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛି । ଏକଦିବସୀୟରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସର୍ବନିମ୍ନ ସ୍କୋର ୬୩ ଏବଂ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସର୍ବନିମ୍ନ ସ୍କୋର ୧୦୧ ରନ । ଭାରତର ଅଷ୍ଟ୍ରେଲିଆ ଗସ୍ତ ଏଥର ଟି୨୦ରୁ ଆରମ୍ଭ ହୋଇଥିଲା । ବର୍ଷା ଯୋଗୁ ଗୋଟିଏ ମ୍ୟାଚ ଅଧାରୁ ବାତିଲ ହୋଇଥିବାବେଳେ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ଡ୍ର ରହିଥିଲା । ପରେ ଟେଷ୍ଟ ସିରିଜରେ ଭାରତର ଐତିହାସିକ ବିଜୟ ଦଳର ମନୋବଳକୁ ବହୁ ପରିମାଣରେ ବଢ଼ାଇ ଦେଇଛି । ତେଣୁ ଆଗାମୀ ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ବେଶ୍ ରୋମାଞ୍ଚକର ହେବା ଆଶା କରାଯାଏ ।

### ଏକଦିବସୀୟ କାର୍ଯ୍ୟସୂଚୀ

୧୨।୧: ପ୍ରଥମ ଏକଦିବସୀୟ (ସିଡନୀ)
୧୫।୧: ଦ୍ୱିତୀୟ ଏକଦିବସୀୟ (ଆଡିଲେଡ୍ ଓଭାଲ)
୧୮।୧: ତୃତୀୟ ଏକଦିବସୀୟ (ମେଲବୋର୍ନ)



ଟ୍ରଫି ସହ ବିରାଟ କୋହଲି

ଟେଷ୍ଟ ଜିତିଥିବା ବେଳେ ୨୦୧୯ର ପ୍ରାରମ୍ଭରେ ଟିମ୍ ଇଣ୍ଡିଆର ଏହି ଐତିହାସିକ ସିରିଜ ବିଜୟ ବିରାଟ କୋହଲିଙ୍କ କ୍ୟାରିୟରର ବୃହତ୍ତମ ସଫଳତା ବୋଲି କହିବାକୁ ହେବ ।

ସାମ୍ପ୍ରତିକ ସିରିଜ ପରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ୍ ୱ ଏହା ଅଷ୍ଟ୍ରେଲିଆ ପାଇଁ ଦଳଗତ ବିପର୍ଯ୍ୟୟ କହିବା ସହିତ ଦଳରେ ଆମୂଳଚୂଳ

# ବିଫଳତାରୁ ଉଠି ସଫଳ ହେବାର ମଜା ନିଆରା

ସବୁ ଖେଳାଳି ସଫଳ ହେବାର ସ୍ୱପ୍ନ ଦେଖନ୍ତି । ମାତ୍ର ପ୍ରତ୍ୟେକ ଖେଳାଳିଙ୍କ ଜୀବନରେ ଏପରି ଏକ ସମୟ ଆସେ ଯେତେବେଳେ ବିଫଳତା ସେମାନଙ୍କ ପିଛା କରେ । ସେ ସମୟକୁ ଅତିକ୍ରମ କରିବା କଷ୍ଟସାଧ୍ୟ । କ୍ୟାରିୟରର ଉତ୍ଥାନ ଓ ପତନ ଭିତରେ ତିଷ୍ଠି ରହି ସଫଳତା ହାସଲ କରିବାର ଖୁସି ବି ଅଲଗା । ଏ କଥା କହିଛନ୍ତି ଭାରତୀୟ ଟେବୁଲ ଟେନିସର ଅନ୍ୟତମ ତାରକା ଖେଳାଳି ମାଧୁରିକା ପାଟକର । ୨୦୧୦ ମସିହା ସାଫ୍ ଗେମ୍ସରେ ୪ଟି ପଦକ ଜିତିବା ପରେ ମାଧୁରିକା ଜାତୀୟ ସ୍ତରର ଖେଳରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଏପରି କି ଏକଦା ଜାତୀୟ ର୍‍ୟାଙ୍କିଙ୍ଗର ଶୀର୍ଷରେ ଥିବା ମାଧୁରିକା ଦୁଇ ବର୍ଷ ଭିତରେ ର୍‍ୟାଙ୍କ ୨୦କୁ ଖସି ଯାଇଥିଲେ । ପରେ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରି କଡ଼ା ଅଭ୍ୟାସ ସହ ସେ ନିଜ ଗେମ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଟିଟି ଚାମ୍ପିୟନଶିପ୍‌ରେ ଯୋଗ ଦେବା ଅବସରରେ ମାଧୁରିକାଙ୍କ ସହ ସାକ୍ଷାତ୍‌କାର...



ପ୍ର-ଟେବୁଲ ଟେନିସରେ କ୍ୟାରିୟର କିପରି ଆରମ୍ଭ ହୋଇଥିଲା ?

ଉ-ପିଲା ବେଳେ ଘରେ ବହୁତ ଦୁଷ୍ଟାମି କରେ । ଦୁଷ୍ଟାମି ଅର୍ଥ ଘର ଭିତରେ ଧାଁ ଦୌଡ଼ ଦିନ ରାତି ଚାଲିଥାଏ । ସେବେ ଘର ଲୋକ ଭାବିଥିଲେ ମୋତେ ଖେଳ କିମ୍ବା ଡ୍ୟାନ୍ସ ସେଣ୍ଟରରେ ଭର୍ତ୍ତି କରିବାକୁ । ପରେ ବିଭିନ୍ନ ଖେଳକୁଦ କରିବା ସହ ଡ୍ୟାନ୍ସ ମଧ୍ୟ ଶିଖିଥିଲି । ଜଣେ ଭଲ ସୁଇମର ମଧ୍ୟ ଥିଲି । ହେଲେ ଟେବୁଲ ଟେନିସ ଖେଳ ପ୍ରତି ଭଲ ପାଇବା ରହିଗଲା । ଏକାଗ୍ର ରହି ଟିଟି ଖେଳରେ କ୍ୟାରିୟର କରିବି ବୋଲି ସ୍ଥିର କରିନେଲି ।

ପ୍ର-ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ?

ଉ-ବହୁତ ଭଲ ମୁହୂର୍ତ୍ତ ରହିଛି । ହେଲେ ନିକଟ ଅତୀତର କଥା କହିଲେ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ପ୍ରଦାନ ଉତ୍ସବ ସମୟ ମନକୁ ରୋମାଞ୍ଚିତ କରେ । ଏହି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲି । ତେଣୁ ପଦକ ପ୍ରଦାନ ବେଳେ ଆମ ଜାତୀୟ ସଙ୍ଗୀତ ବାଜିବା ଓ ଜାତୀୟ ପତାକା ଶୀର୍ଷକୁ ଉଠିବା ବେଳର ମୁହୂର୍ତ୍ତ ମନେ ପଡ଼ିଲେ ବହୁତ ଖୁସି ଲାଗେ ।

ପ୍ର-ଭାରତରେ ମହିଳା ଟିଟିର ଭବିଷ୍ୟତକୁ କିପରି ଦେଖୁଛନ୍ତି ?

ଉ-ଉଜ୍ଜ୍ୱଳ । ଏବେ ଭିତ୍ତିଭୂମିର ବିକାଶ ବହୁମାତ୍ରାରେ ହେଉଛି । ଆଗାମୀ ଦିନରେ ହେବ ବୋଲି ମଧ୍ୟ ଆଶା ରହିଛି । ଦେଶରେ କ୍ରୀଡ଼ା ଏବେ ଏକ ପରମ୍ପରା ହୋଇ ସାରିଲାଣି । ଯେଉଁମାନେ ଭଲ ଖେଳିବେ ସେମାନଙ୍କ ପାଇଁ ସରକାରୀ ସ୍ତରରେ ମଧ୍ୟ ଅନେକ ପ୍ରୋତ୍ସାହନ ମିଳୁଛି । ଏଣୁ ମହିଳା ଟିଟି ଖେଳାଳିମାନେ ନିରାଶ ହେବାର ପ୍ରଶ୍ନ ଉଠୁନି ।

ପ୍ର-ଆଗାମୀ ଲକ୍ଷ୍ୟ କ'ଣ ?

ଉ-ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି । ଏପରି ଏକ ବଡ଼ ଟୁର୍ନାମେଣ୍ଟ ପାଇଁ ବହୁ ଦିନ ଆଗରୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ । ତେଣୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିକୁ ଜୋରଦାର କରିବାକୁ ହେବ । ଆଗାମୀ ମେଗା ପ୍ରତିଯୋଗିତାରେ ପଦକ ଜିତିବାକୁ ମୁଁ ଆଶା ରଖିଛି ।

### ଇତିହାସ

ଏକସ୍ତରୀ ବର୍ଷ ପରେ ଟିମ୍ ଇଣ୍ଡିଆ
ମୁହଁରେ ଫୁଟିଛି ହସ
ଟେଷ୍ଟ ସିରିଜରେ କଙ୍ଗାରୁ ମାଟିରେ
କଙ୍ଗାରୁଙ୍କୁ କରି ନାଶ
ରଚିଅଛି ଇତିହାସ
କ୍ରିକେଟରେ ନୂଆ ସ୍ମୃତି ରହିଗଲା
ନୂଆ ବର୍ଷ ଉଣେଇଶ ।
ଅନ୍ତର୍ଜାତୀୟ ସ୍ତରରେ ଭାରତ
ଶରତ କମଲ ଭାଇ
ଓଡ଼ିଶା ମାଟିରେ ନୂଆ ଇତିହାସ
କଟକରେ ମାରେ ହାଇ
ନ'ଥର ଟାଇଟଲ ଜୟୀ
ଛଅ ଦିନ ଧରି ଛଅଶ ଖେଳାଳି
ପାଖେ ତା'ର ଗଲେ ଶୋଇ ।
ଭୁବନେଶ୍ୱରରେ ହକି ୱାର୍ଲ୍ଡକପ୍‌ରେ
ଟିମ୍ ଖାଇଥିଲା ନାତ
ଭାରତୀୟ ଜେଣ୍ଟସ୍ ହକି କୋଚ୍ ପଦରୁ
ହରେନ୍ଦ୍ର ସିଂ ବହିଷ୍କୃତ
ସତ ଇତିହାସ ମିତ
ବାତ୍ ଝୁଟା ହେଉ ପସନ୍ଦ ରହିଲେ
ଖାଇବାକୁ ମିଳେ ଭାତ ।

-ସୁବାସ ଚନ୍ଦ୍ର ପ୍ରଧାନ



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଇଭିଏମ, ଭିଭିପାଟ ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,୧୦।୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଇଭିଏମ ଏବଂ ଭିଭିପାଟ ମେସିନ୍ ବ୍ୟବହାର ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗୁରୁବାର ଗୋଛରା, ପାରୁଆଭାଡିର ୫ଟି ସ୍ଥାନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିଇଓ ଦୀପକ ପଟେଲ, ଗଗନ ପଟେଲ ଏବଂ ଅଚ୍ୟୁତ ଖୁଣ୍ଟିଆଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ଏହି ମେସିନ୍‌ରେ ଭୋଟଦାନ ପ୍ରଣାଳୀ ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ । ଏହି ମେସିନ୍ ସାହାଯ୍ୟରେ ଭୋଟ ଦେଲେ ଭୋଟ ନାକଚ ହେବ ନାହିଁ । କାହାକୁ ଭୋଟ ଦେଲେ ଭୋଟର ସାଙ୍ଗେ ସାଙ୍ଗେ ଜାଣିପାରିବ ବୋଲି ନମୁନା ପ୍ରଦର୍ଶନ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

### ୩ ଜୁଆଡ଼ି ଗିରଫ: ୧୦ହଜାର ଟଙ୍କା ଜବତ

କୁଚିଣ୍ଡା,୧୦।୧(ଡି.ଏନ.ଏ.): କୁଚିଣ୍ଡା ଟ୍ୟାକ୍ସି ଷ୍ଟାଣ୍ଡଠାରେ ଥିବା ଏକ ଜୁଆ ଆଡ୍ଡା ଉପରେ କୁଚିଣ୍ଡା ପୋଲିସ ଗୁରୁବାର ଚଢ଼ାଉ କରି ୩ଜଣ ଜୁଆଡିଙ୍କୁ ଗିରଫ କରିବା ସହ ନଗଦ ୧୦ହଜାର ଟଙ୍କା ଏବଂ ତାସବିଡା ଜବତ କରିଛି । ତେବେ ଆଉ ଜଣେ ଜୁଆଡି ଘଟଣାସ୍ଥଳରୁ ଖସି ଯିବାରେ ସକ୍ଷମ ହୋଇଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ମାନସ ନାୟକ, ମୁରଲୀ ଷଣ୍ଢ, କାଳିଆ ରଣା ସମସ୍ତେ କୁଚିଣ୍ଡା ସହରର ୱାର୍ଡ ନଂ. ୪ର ବାସିନ୍ଦା । ତେବେ ପବିତ୍ର ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ।

### ମଦ ଜବତ, ୨ ଗିରଫ

ରେଙ୍ଗାଲି,୧୦।୧(ଡି.ଏନ.ଏ.): ରେଙ୍ଗାଲି ପୋଲିସ ବିଭିନ୍ନ ସ୍ଥାନରେ ଗୁରୁବାର ଚଢ଼ାଉ କରି ୩ଲିଟର ଦେଶୀ ମଦ ଓ ୨୧ଲିଟର ବିଦେଶୀ ମଦ ଜବତ କରିବା ସହ ଜଣେ ମହିଳା ଏବଂ ଜଣେ ପୁରୁଣା ଭାଜପା ରେଙ୍ଗାଲି ଜୋନ-୧ ଜିଲାପରିଷଦ ସଭ୍ୟ ତିରୋଜ ହେଡେଞ୍ଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି। ରେଙ୍ଗାଲି ଥାନାଧିକାରୀ ସୁରୁବାବୁ ଛତ୍ରିଆଙ୍କ ତତ୍ତ୍ୱାବଧାନରେ ଏସଆଇ ସଞ୍ଜୟ ସାହୁ, ଏସଆଇ ସଂଘମିତ୍ରା ଦାସ, ଏଏସଆଇ ଦ୍ରୋଣାଚାର୍ଯ୍ୟ ସାହୁ ସଦଳବଳ ଚଢ଼ାଉ କରିଥିଲେ । ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଥିବା ସମଲେଶ୍ୱରୀ ଢ଼ାବାରେ ଚଢ଼ାଉ କରି ଜିଲା ପରିଷଦ ତିରୋଜ ହେଡେଞ୍ଜା (୪୯)ଙ୍କୁ ଗିରଫ କରିବା ସହ ୧୦ଲିଟର ବିଦେଶୀ ମଦ ଜବତ କରାଯାଇଛି । ଶ୍ୟାମ ଡିଆରଆଇ କାରଖାନା ସମ୍ମୁଖରେ ଥିବା ଏକ କିରାଣା ଦୋକାନରେ ଚଢ଼ାଉ କରି ବରୁଣା ବିଶ୍ୱାଳ(୩୬) ନାମକ ଜଣେ ମହିଳାଙ୍କୁ ଗିରଫ କରି ୩୬ଲିଟର ଦେଶୀ ମଦ ପାଉଚ ଏବଂ ୧୧ଲିଟର ବିଦେଶୀ ମଦ ଜବତ କରିଛନ୍ତି । ଦୁଇଟି ପୃଥକ ପୃଥକ ମାମଲାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ପ୍ରକାଶ କରିଛି ।

### ଟ୍ରକ୍ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ଅତାବିରା/ଚିପିଲିମା,୧୦।୧(ଡି.ଏନ.ଏ.)

ବରଗଡ-ସମ୍ବଲପୁର ୫୩ନଂ ଜାତୀୟ ରାଜପଥ ଗୋଶାଳା ଫାଣ୍ଡି ଅଧୀନସ୍ଥ ଗୋଡଭଗା କ୍ୟାମ୍ପ ଛକ ନିକଟରେ ଗୁରୁବାର ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ବାଇକକୁ ଧକ୍କା ଦେଇ ଫେରାର ହେବାକୁ ଉଦ୍ୟମ କରୁଥିବା ଟ୍ରକ ଓ ଡ୍ରାଇଭରଙ୍କୁ ଗୋଶାଳା ନିକଟରେ ସ୍ଥାନୀୟ ଲୋକେ ପିଛା କରି ଧରିଥିଲେ। ପରେ ଘଟଣାସ୍ଥଳରେ ଗୋଶାଳା ଫାଣ୍ଡି ଅଧିକାରୀ ଅଜିତ ଧଳସାମନ୍ତ ପହଞ୍ଚିଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚିବା ବିଳମ୍ବ ହେବାରୁ ଘଟଣାସ୍ଥଳରେ ଚାପାଉତ୍ତେଜନା ଦେଖାଯାଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ଟ୍ରାଫିକ ଜାମ୍ ରହିଥିଲା । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଗୋଶାଳା ଫାଣ୍ଡି ଅଧିନସ୍ଥ ରାଜପଥ ଉଭୟ ପାର୍ଶ୍ୱରେ ଛତୁଫୁଟିଲା ପରି ଢ଼ାବା, ବିଦେଶୀ, ଦେଶୀ ମଦ ଦୋକାନ ଥିବାରୁ ଦିନକୁ ଦିନ ଦୁର୍ଘଟଣା ବଢ଼ୁଛି ଓ ଧନଜୀବନ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଗୋଶାଳା ଫାଣ୍ଡି ଅଧିକାରୀ ଅଜିତ ଧଳସାମନ୍ତଙ୍କୁ ପଚରାଯିବାରୁ ଫୋନ ଉଠାଇ କାଟି ଦେଇ ଥିବାରୁ ମତାମତ ନିଆଯାଇ ପାରିନାହିଁ। ଉଭୟ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ବୁର୍ଲାକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବସ୍ତିବାସିନ୍ଦା ମହାସଂଘର ବିକ୍ଷୋଭ

ସମ୍ବଲପୁର,୧୦।୧(ବ୍ୟୁରୋ)

ସମ୍ବଲପୁର ବସ୍ତିବାସିନ୍ଦା ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳ ଆବାସିକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବସ୍ତିବାସିନ୍ଦାଙ୍କୁ ବିଜୁପକ୍କା ଘର ଯୋଜନାରେ ସ୍ଥାୟୀ ପଟ୍ଟା ପ୍ରଦାନ, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ କରିବାକୁ ଦାବି କରାଯାଇଛି। ସମ୍ବଲପୁର ମହାନଗର ଅଞ୍ଚଳରେ ସହସ୍ରାଧିକ ହିତାଧିକାରୀମାନେ ରହିଛନ୍ତି । କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅଣଦେଖା କରାଯାଇଛି। ଏପରି ହେଲେ ଆଗାମୀ ଦିନରେ ଆନ୍ଦୋଳନ ଦୁର୍ବାର ହେବ ବୋଲି ମହାସଂଘ ଆବାହକ ସିଦ୍ଧାର୍ଥ ଦାସ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କମ୍ୟୁନିଷ୍ଟ ନେତା ଅଶୋକ ବିଶି, ମହାସଂଘ ସାଧାରଣ ସମ୍ପାଦକ ଆଶିଷ ମିଶ୍ର, ଉପସଭାପତି ଅମିତାଭ ଷଡଙ୍ଗୀ, ରଚିନ୍ଦ୍ର କୁଅଁର, ଶଙ୍କର ପଣ୍ଡା, ସୌମିନ୍ଦ୍ର ହୋତା, ଅଚ୍ୟୁତ ବେହେରା, ମଞ୍ଜୁ ଶ୍ରୀବାସ୍ତବ, ସନ୍ତୋଷିନୀ ପଟ୍ଟନାୟକ, ଅମୂଲ୍ୟା ମେହେର, ମିନି ବାରିକ ପ୍ରମୁଖ ସରକାରୀ ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ମହିଳା ସାମିଲ ଥିଲେ। ଏହାପରେ ଆନ୍ଦୋଳନକାରୀମାନେ କଚେରୀ ଛକଠାରେ ଚାଲିଥିବା ଓକିଲ ସଂଘର ଧାରଣାରେ ସାମିଲ ହୋଇଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଜିଲା ଓକିଲ ସଂଘର ସମସ୍ତ ପ୍ରକାର ଆନ୍ଦୋଳନକୁ ସଂଘ ସହଯୋଗ କରିବ ବୋଲି ସୂଚନା ଦେଇଥିଲେ ।



ଗୁରୁବାର ସମ୍ବଲପୁରରେ ବସ୍ତିବାସିନ୍ଦା ମହାସଂଘର ରାଲି ସହର ପରିକ୍ରମା କରୁଛି ।

### ବରିଷ୍ଠ ନାଗରିକଙ୍କ ବୈଠକ

ନାକଟିଦେଉଳ,୧୦।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପରିସରରେ ପୋଲିସ ପକ୍ଷରୁ ଗୁରୁବାର ଅଞ୍ଚଳର ବରିଷ୍ଠ ନାଗରିକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନାକଟିଦେଉଳ ଥାନା ଅଧିକାରୀ ନିର୍ମଳା ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ବରିଷ୍ଠ ନାଗରିକମାନେ ସେମାନଙ୍କର ଅଭାବ ଅସୁବିଧା ସମ୍ପର୍କରେ ପୋଲିସର ଦୃଷ୍ଟି ଆକର୍ଷଣ କରିଥିବାବେଳେ ସ୍ଥାନୀୟ ପୋଲିସ ସେମାନଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲା । ରାଷ୍ଟ୍ରର ସଚେତନ ତଥା ବରିଷ୍ଠ ନଗରିକଙ୍କୁ ସହାୟତା ପାଇଁ ପୋଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏସଡ଼ିପିଓ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦାଶରଥୀ ସ୍ୱାଇଁ, ସୁରମଣୀ ମେହେର, ଜଗବନ୍ଧୁ ସାହୁ, ବଟକିଶୋର ବେହେରା, ଯଜ୍ଞେଶ୍ୱର ସାହୁ, ଧନଞ୍ଜୟ ସାହୁ, ଗୌତମ ରାଉଳ ଏବଂ କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,୧୦।୧(ଡି.ଏନ.ଏ.)

ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧି ସେବା କେନ୍ଦ୍ର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ବିଶିକେସନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ତହସିଲଦାର ରୁବି ବେହେରା, ଡେପୁଟି କଲେକ୍ଟର ନେପାଳଚନ୍ଦ୍ର ମୁଣ୍ଡା, ଅମ୍ଳାନ ଅପରାଜିତା ମିଶ୍ର, ବାର ଆସୋସିଏଶନର ସଭାପତି ଅଭୟ ବୀର, ଏନଏସି ଉପାଧକ୍ଷ ସୁନୀଲ ପ୍ରଧାନ, ଷ୍ଟେଟବ୍ୟାଙ୍କ ଶାଖାପରିଚାଳକ ସରୋଜ ମିଶ୍ର, ଖବରଦାତା ସଂଘ ସଭାପତି ଗୋବର୍ଦ୍ଧନ ବଘାର, ପଞ୍ଚଖଣ୍ଡା କଳାପରିଷଦ ସଭାପତି ମହାବୀର ସିଦେଓଙ୍କ ସମେତ ବିଭିନ୍ନ ସ୍କୁଲ କଲେଜର ଅଧାପକ, ଶିକ୍ଷକ ଶିକ୍ଷୟିତ୍ରୀ, ସାମାଜିକକର୍ମୀ ବୁଦ୍ଧିଜିବୀ, ବିଭିନ୍ନ ଗଣମାଧମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଏମସିଏଲରେ ବିଶ୍ୱ ହିନ୍ଦୀ ଦିବସ

## ହିନ୍ଦୀ ଭାଷାର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ



ଗୁରୁବାର ବିଶ୍ୱ ହିନ୍ଦୀ ଦିବସ ଉତ୍ସବରେ ଏମସିଏଲ ମୁଖ୍ୟାଳୟଠାରେ ଅତିଥିମାନେ ହିନ୍ଦୀ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ସମ୍ବଲପୁର,୧୦।୧(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ଗୁରୁବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ରାଜଭାଷା ମୁଖ୍ୟ ପ୍ରବନ୍ଧକ ପିକେ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏହି ଉତ୍ସବ । ଗଙ୍ଗାଧର ମେହେର କଲେଜର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର କେପି ଗୁପ୍ତା ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଅଧକ୍ଷ ଡ. ସଦନ ପଲ୍ ମୁଖ୍ୟବକ୍ତା, ବରଗଡ ପଞ୍ଚାୟତ କଲେଜର ଡ. କମଳପ୍ରଭା କପାନୀ, ଡ. ହରିଶ୍ଚନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ହିନ୍ଦୀ ଭାଷା କିପରି ଅଧିକରୁ ଅଧିକ ବ୍ୟବହାର ହୋଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଜରୁରୀ ଅଟେ । ହିନ୍ଦୀ ଭାଷାର ପ୍ରଚାରପ୍ରସାର ହେଲେ ଏହା ବିଶ୍ୱ ଭାଷା ଭାବେ ଗ୍ରହଣୀୟ ହେବ । ଏଥିରେ ଦ୍ୱିମତ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆଖିଁରି ସୁରୁଆତ୍ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ତୁଲିକା ବିଶ୍ୱାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁନମୁନ୍ ସୌଦାଗର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲା ପୋଲିସର ଜନସମ୍ପର୍କ ଶିବିର

ରେଢ଼ାଖୋଲ,୧୦।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ପୋଲିସ ଆନୁକୂଲ୍ୟରେ ରେଢ଼ାଖୋଲ ଥାନା ଛତ୍ରପୁର ଗ୍ରାମଠାରେ ଗୁରୁବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏସପି ସଞ୍ଜିବ ଆରୋରା, ରେଢ଼ାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରା, ଡେପୁଟି କମାଣ୍ଡାଣ୍ଟ ବୁଦ୍ଧ ତୋମାଙ୍ଗ, ଟ୍ରେନି ଏସପି ସିଦ୍ଧର୍ଥ କାଟେରିଆ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ଗୋଗୁଆ ସରପଞ୍ଚ ସୁଭଦ୍ରା ବେହେରା, ଡଇଞ୍ଚା ସରପଞ୍ଚ ପ୍ରବୀଣ ପ୍ରଧାନ, ସମିତିସଭ୍ୟା ବିମଳା ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ନୃତ୍ୟ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ମନୋଜ ନନ୍ଦ ଯୋଗଦେଇ ଅଞ୍ଚଳର ଲୋକମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବିତରଣ କରିଥିଲେ। ଜିଲାପୋଲିସ ପକ୍ଷରୁ ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର, ଖେଳାଳିମାନଙ୍କୁ ଖେଳ ଉପକରଣ ଓ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ପୋଲିସ ସହ ଉତ୍ତମ ସମ୍ପର୍କ ରଖିବା ସହ ଯୋଗ କରି ଅଞ୍ଚଳର ବିକାଶରେ ସହଭାଗୀ ହେବାକୁ ଏସପି ଆରୋରା ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଜନସମ୍ପର୍କ ଶିବିରରେ ଗୋଗୁଆ, ଡଇଁଚା, ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ବୈରାଗୀପାଲିରେ ସତ୍‌ସଙ୍ଗ

ପଡିଆବାହାଲ,୧୦।୧(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ବୈରାଗିପାଲିଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ଦୁଇ ଦିନ ଧରି ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେଶବ ବିଶ୍ୱାଳଙ୍କ ପରିଚାଳନାରେ ପ୍ରଥମ ଦିନରେ ଆଧାର ପଣ୍ଡା ଏବଂ ଦ୍ୱିତୀୟ ଦିବସରେ ବଲାଙ୍ଗୀର ଆଗଲପୁରର ମାନଭଞ୍ଜନ ବ୍ରହ୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାମାୟଣ ତଥା ଅନ୍ୟାନ୍ୟ ବହୁ ପୁରୁଣା ଶାସ୍ତ୍ରରୁ ଉଦ୍ଧାର କରି ବହୁ ଉପଯୋଗୀ ସାଂସାରିକ ସୁଖମୟ ଜୀବନ ପାଇଁ ପ୍ରବଚନ ଦେଇଥିଲେ । ଗୁରୁବାର ସକାଳୁ ଶତାଧିକ ମହିଳା ଓ ପୁରୁଷ ଅପରାହ୍ନ ସାଢ଼େ ୩ଟା ଯାଏ ପ୍ରବଚନ ଶୁଣିବା ସହ ଭଜନ କୀର୍ତ୍ତନ କରିଥିଲେ ।

## ନୃସିଂହଗୁରୁ ଟାଉନ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ସମ୍ବଲପୁର ନୃସିଂହଗୁରୁ ଟାଉନ ହାଇସ୍କୁଲ ବାର୍ଷିକ କ୍ରୀଡା ଉତ୍ସବରେ ଚାମ୍ପିୟନ ପବନ ମୁଣ୍ଡା ଓ ଉଦ୍ଦେଶ କୁମ୍ଭାର ପୁରସ୍କୃତ କରାଯାଉଛି ।

ସମ୍ବଲପୁର,୧୦।୧(ବ୍ୟୁରୋ)

ନୃସିଂହଗୁରୁ ଟାଉନ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସିନିୟର ବର୍ଗରେ ଉଦ୍ଦେଶ କୁମ୍ଭାର ଓ ଜୁନିୟର ବର୍ଗରେ ପବନ ମୁଣ୍ଡା ଚାମ୍ପିୟନ ହୋଇଛନ୍ତି । ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡାବିତମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ୍, ଡିସକସ୍ ଓ ଜ୍ୟାଭେଲିନ୍ ଥ୍ରୋ ଇଭେଣ୍ଟ ହୋଇଥିଲା । ଖେଳ ଶିକ୍ଷକ ଜଗବନ୍ଧୁ ବେହେରା, ବଦ୍ରିନାରାୟଣ ପୁରୋହିତ, ରମଣୀରଞ୍ଜନ ସାହୁ ଇଭେଣ୍ଟ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସ୍ନିଗ୍ଧା ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତା ପରିଚାଳନାରେ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ପାଚେରିକୁ ଧକ୍କା ଦେଲା ଟ୍ରକ, ଡ୍ରାଇଭର ଅଟକ

ରେଙ୍ଗାଲି,୧୦।୧(ଡି.ଏନ.ଏ.)

ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେ ରେଙ୍ଗାଲି ଥାନା ଅନ୍ତର୍ଗତ ବିରାଜ ଷ୍ଟିଲ ପାଚେରି ସହ ବାଇକ୍, ଇଲେକ୍ଟ୍ରିପୋଲ, ପାନ ଦୋକାନକୁ ଧକ୍କା ଦେଲା ଟ୍ରକ । ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତିଲେ ଉପସ୍ଥିତ ଲୋକମାନେ । ଗୁରୁବାର ଭୋର ସମୟରେ ସମ୍ବଲପୁରରୁ ଝାରସୁଗୁଡା ଯାଉଥିବା ଓଡି୨୩- ୩୬୯୭ ଟ୍ରକଟି ତୀବ୍ର ଗତିରେ ଆସି ବିରାଜ ଷ୍ଟିଲ ମୁଖ୍ୟ ଫାଟକ ନିକଟରେ ଗୋଟିଏ ଓଡି ୧୫ ଡି-୮୮୭୧(ଟିଭିଏସ ଏକ୍ସଏଲ) ବାଇକ ପାନ ଦୋକାନ, ୩୩ କେଭି ଇଲେକ୍ଟ୍ରି ପୋଲକୁ ଧକ୍କା ଦେଇ କାରଖାନାର ପାଚେରିକୁ ଧକ୍କା ଦେଇଥିଲା ଏବଂ ଅଟକି ଯାଇଥିଲା । କାରଖାନାର ପାଚେରି ମଧ ଭାଙ୍ଗି ଯାଇଥିଲା । ଉପସ୍ଥିତ ଲୋକେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ । ବିହାର ଛପରାର ଡ୍ରାଇଭର ଉମାଶଙ୍କର ମହାତୋଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି ।

## ଚାଷୀର ହକ୍ ପୂରଣ ପାଇଁ ଆନ୍ଦୋଳନ

ବାମରା,୧୦।୧(ସ୍ୱ.ପ୍ର.)

ବାମରା ବ୍ଲକ ଜୟ କିସାନ ଆଦିମ ସୁରକ୍ଷା ସଂଗଠନ ପକ୍ଷରୁ ଗୁରୁବାର ବାମରାଠାରେ ରାଲି ଓ ପଦଯାତ୍ରା କରାଯାଇଛି। ସଂଗଠନ ଆବାହକ ଯୋଗବିହାରୀ ପରିଡାଙ୍କ ନେତୃତ୍ୱରେ ବାମରା ପିଡବ୍ଲୁଡି ଡାକ ବଙ୍ଗଳାଠାରୁ ଏକ ରାଲି ବାହାରି ବାମରା ବ୍ଲକଠାରେ ପହଞ୍ଚିଥିଲା। ଏଥିରେ ପ୍ରାୟ ୫ଶହ ଚାଷୀ ଯୋଗଦେଇଥିଲେ । ମୁଖ୍ୟ ଦାବିଗୁଡିକ ମଧ୍ୟରେ ବାମରା ବ୍ଲକର ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ମରୁଡି ସହାୟତା ଓ ଶୀଘ୍ର ଇନ୍‌ପୁଟ ସବସିଡି ପ୍ରଦାନ, କାଳିଆ ଯୋଜନାରେ ପ୍ରକୃତ ଚାଷୀ ୫ଏକରରୁ ଊର୍ଦ୍ଧ୍ୱ ଜମି ଥିବା ଚାଷୀଙ୍କୁ ଅଯୋଗ୍ୟ କରାଯିବା ଭଳି ସମସ୍ୟା ରହିଛି। ଏଥିରେ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ସମିତି ସଭ୍ୟ ପଦ୍ମଚରଣ ଗୁରୁ, ସରପଞ୍ଚ ରତନି ଛତ୍ରିଆ, ସମିତିସଭ୍ୟ ଦିଲୀପ ଛତ୍ରିଆ, ଚାଷୀନେତା ପୀତବାସ ପଟେଲ, ଲକ୍ଷ୍ମୀ ନାରାୟଣ ଛତ୍ରିଆ, ବନମାଳୀ ନାୟକ, ସୁରେନ୍ଦ୍ର ଗୌନ୍ତିଆ, ଦିଲରାଜ ପଟେଲ ଓ କୁମାର ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ରହି ଚାଷୀର ହକ୍ ପାଇଁ ଏହି ଆନ୍ଦୋଳନ ବୋଲି ନିଜ ମତ ପ୍ରକାଶ କରିଥିଲେ। ପରେ ବ୍ଲକ ପ୍ରଶାସନ ପକ୍ଷରୁ ଏଇ ସୁରେଶ ଚନ୍ଦ୍ର ବେହେରା, ସହକାରୀ କୃଷି ଅଧିକାରୀ ଦେବାନନ୍ଦ ସାହୁ ଓ ଗୋବିନ୍ଦପୁର ଆଇଆଇସି ପ୍ରତାପ ରଣା ପହଞ୍ଚି ଉପସ୍ଥିତ ଚାଷୀ ନେତାଙ୍କ ସହ ଆଲୋଚନା କରିଥିଲେ ।




ଜୟ କିସାନ ଆଦିମ ସଂଗଠନ ପକ୍ଷରୁ ଶୋଭାଯାତ୍ରା ପ୍ରଦର୍ଶନ କରାଯାଉଛି।

କିସାନ ସମାଜର ବାର୍ଷିକ ଉତ୍ସବ

## ମହିଳା ସଶକ୍ତ ହେଲେ ଦେଶ ଆଗେଇବ

ବାମରା,୧୦।୧(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ତୁରେଇ ପଞ୍ଚାୟତ ତାଲବାହାଲିଠାରେ ୫୫୦ଘର କିସାନ ଜାତି ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଆଲଦରହ ଆଞ୍ଚଳିକ ଗୁଡି ସଭାପତି କୀର୍ତ୍ତନ କିସାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର କୁଚିଣ୍ଡା ମହାଗୁଡିର ସଂଗଠନ ମୁଖ୍ୟ କରୁଣାକର କିସାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ, ନିଶାନିବାରଣ, ମାଗଣା ଆଇନ ସେବା, ଅନ୍ଧବିଶ୍ୱାସ, ସ୍ୱଚ୍ଛଭାରତ ଅଭିଯାନ ବିଷୟରେ ବିଶେଷ ମାର୍ଗଦର୍ଶନ କରିଥିଲେ । କବରିବାହାଲ ସରପଞ୍ଚ ପଦ୍ମାବତୀ କିସାନ ମୁଖ୍ୟଅତିଥି ଭାବେ

- ନିଶା ନିବାରଣ ବାଧ୍ୟତାମୂଳକ କରାଯିବା ପାଇଁ ପ୍ରସ୍ତାବ
- ମହିଳା ଆରକ୍ଷଣ ଓ ବିଲକୁ ସମର୍ଥନ

ଯୋଗଦେଇ ଉତ୍ସାହିତ କରିଥିଲେ । କୁନ୍ତରା ଆଞ୍ଚଳିକ ଗୁଡି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର କିସାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଯୋଗଦେଇଥିବା ଅତିଥି ବୃନ୍ଦ ମହିଳାମାନେ ସଶକ୍ତ ହେଲେ ଦେଶ ଆଗେଇବ ବୋଲି କହିବା ସହ ନିଶା ନିବାରଣ ବାଧ୍ୟତାମୂଳକ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଂଗଠନର ସଭାପତି ରାଧି କିସାନ, ଉପସଭାପତି ଲକ୍ଷ୍ମୀ କିସାନ, ସମ୍ପାଦିକା ପୁଷ୍ପଲତା ବାଘ ପରିଚାଳନା କରିଥିଲେ । ଉପସଭାପତି ହରିଶ୍ଚନ୍ଦ୍ର ବାଘ, ସମ୍ପାଦକ ଟିକନ୍ ବାଘ, ସାମାଜିକ କର୍ମୀ ପ୍ରମୋଦ ମାଝୀ ଓ ଟିକେଶ୍ୱର କିସାନ ସହଯୋଗ କରିଥିଲେ ।




କିସାନ ଜାତି ସମାଜର ବାର୍ଷିକ ଉତ୍ସବ ଅବସରରେ ଯୋଗଦେଇଥିବା ଅତିଥି ବୃନ୍ଦ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ପିପିଲି ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନାଙ୍କ ଅଧକ୍ଷତାରେ କଂଗ୍ରେସର ଏକ ପ୍ରତିନିଧି ଦଳ ପିପିଲି ପୀଡିତାଙ୍କ ଗ୍ରାମକୁ ଗସ୍ତକରିଛନ୍ତି। ସୁମିତ୍ରା ଜେନାଙ୍କ ନେତୃତ୍ୱରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ତଥା ଏମ୍‌ପି ସୁସ୍ମିତା ଦେବ, ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ, ପିସିସି ଉପସଭାପତି ଶିବାନନ୍ଦ ରାୟ, ବରିଷ୍ଠ ଆଇନଜୀବୀ ତଥା ପିସିସି ଶୃଙ୍ଖଳା କମିଟି ସଦସ୍ୟ ଧରଣୀଧର ନାୟକ ପ୍ରମୁଖ ପୀଡିତାଙ୍କ ପରିବାରକୁ ସାକ୍ଷାତ କରି ସେମାନଙ୍କ ସହ ଆଲୋଚନା କରିଛନ୍ତି। ସେହି ପରିବାରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ମାମଲାରେ ସିବିଆଇ ତଦନ୍ତ କରିବା ପାଇଁ ଦାବି କରି ମହିଳା କଂଗ୍ରେସର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବ ବୋଲି କହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗ ଦାୟିତ୍ୱରେ ଥିଲେ ମଧ ପିପିଲି ପୀଡିତାଙ୍କୁ ନ୍ୟାୟ ଦେବାରେ ଘୋର ଅବହେଳା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପାଇଁ ସର୍ବସାଧାରଣରେ କ୍ଷମା ନ ମାଗିଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ ବିଧାନସଭା ଘେରାଉ କରିବ ବୋଲି ସୁମିତ୍ରା କହିଛନ୍ତି।

# ରାଇରଙ୍ଗପୁର ଭାଜପା କର୍ମୀ ବିଜେଡିରେ ସାମିଲ



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କାଶୀନାଥ ହେମ୍ବ୍ରମ୍ ଏବଂ ତାଙ୍କ ସମର୍ଥକ।

ଭୁବନେଶ୍ୱର,୧୦।୧(ବ୍ୟୁରୋ)

୨୦୦୯ ସାଧାରଣ ନିର୍ବାଚନରେ ରାଇରଙ୍ଗପୁର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା କାଶୀନାଥ ହେମ୍ବ୍ରମ୍ ଓ ସଂଖ୍ୟାଧିକ କର୍ମୀ ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କାଶୀନାଥଙ୍କ ସହ ବିଜେଡିରେ ସାମିଲ ହୋଇଥିବା ନେତାମାନଙ୍କ ମଧ୍ୟରେ ଲତିକା ହେମ୍ବ୍ରମ୍, ତିରିଂ ବ୍ଲକ ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ଅନନ୍ତ ହେମ୍ବ୍ରମ୍, ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦିକା କିରଣ ମହାନ୍ତ, ଭାଜପା ଓବିସି ମୋର୍ଚ୍ଚା ରାଇରଙ୍ଗପୁର ସଭାପତି ପ୍ରଣେଶ କୁମାର ମଣ୍ଡଳ, ସାନଭୁନ୍ଦୁ ସମିତି ସଭ୍ୟ ସାଧୁ ବେହେରା, ତିରିଂ ବ୍ଲକ ପୂର୍ବତନ ଅଧକ୍ଷ ମଧୁସୂଦନ ସୋରେନ୍, ପୂର୍ବତନ ସରପଞ୍ଚ ମଦନ ମୋହନ ମାର୍ଣ୍ଡି, ଅକ୍ଷୟ ସିଂ, ଦେବେଶ ମାଝି, ଅବନୀ ପତି, ପୂର୍ବତନ ସମିତି ସଭ୍ୟ ମଦନ ମୁଡି ପ୍ରମୁଖ ଅଛନ୍ତି । ଏମାନଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି।

ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି ଦଳର ସାଧାରଣ ସମ୍ପାଦକ ଦେବାଶିଷ ସାମନ୍ତରାୟ, ମୟୂରଭଞ୍ଜ ଜିଲା ସଭାପତି ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଏମ୍‌ପି ସରୋଜିନୀ ହେମ୍ବ୍ରମ୍, କରଞ୍ଜିଆ ବିଧାୟକ ବିଜୟ ନାଏକ, ଦଳର ସମ୍ପାଦକ ବିଜୟ ନାୟକ, ବିଜେଡି ନେତା ଇଶାଣ ମିଶ୍ର, ସୁଶାନ୍ତ ଚୌଧୁରୀ, ବହଳଦା ବ୍ଲକ ସଭାପତି ରାଜେନ୍ଦ୍ର ମଲ୍ଲିକ, ମହିଳା ନେତ୍ରୀ ଜ୍ୟୋତିର୍ମୟୀ କବାଟ, ତନୁଜା ମହାନ୍ତ, ଜିଲା ସମ୍ପାଦକ ପ୍ରଭାତ ନାଏକ, ତିରିଂ ବ୍ଲକ ପୂର୍ବତନ ଅଧକ୍ଷ ବାଞ୍ଛୁ ହେମ୍ବ୍ରମ୍, ଜିଲା ସାଂଗଠନିକ ସମ୍ପାଦକ ରାଜେଶ ଯାଦବ, ଛାତ୍ର ବିଜେଡି ଜିଲା ସଭାପତି ପ୍ରକାଶ ମହାନ୍ତ, ବାରିପଦା ପୂର୍ବତନ ନଗର ସଭାପତି ସୁଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ନୂଆବର୍ଷରେ ନୂତନ ସଫଳତା

# ବିଶ୍ୱ ମାନ୍ୟତାର ଶୀର୍ଷରେ ମେରିକମ୍

ନୂଆଦିଲ୍ଲୀ, ୧୦।୧(ପି.ଟି.)

ସେଲିବ୍ରିଟ୍ ଭାରତୀୟ ମହିଳା ବକ୍ସର ଏମ୍‌ସି ମେରିକମ୍ ସଫଳତାର ଆଉ ଏକ ପାହାଚ ଚଢ଼ିଛନ୍ତି। ନିକଟରେ କ୍ୟାରିୟରରେ ୬ଷ୍ଠ ଥର ପାଇଁ ବିଶ୍ୱ ବିଜୟିନୀ ହୋଇଥିବା ମେରିକମ୍ ଗୁରୁବାର ଅନ୍ତର୍ଜାତୀୟ ବକ୍ସିଂ ମହାସଂଘ (ଏଆଇବିଏ) ପକ୍ଷରୁ ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ମଣିପୁର ଏହି ଷ୍ଟାର ବକ୍ସର ମହିଳା ୪୮ କିଗ୍ରା ବିଭାଗରେ ୧୭୦୦ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪୮ କିଗ୍ରା ବିଭାଗ ସାମିଲ ହୋଇ ନ ଥିବାରୁ ୩୬ ବର୍ଷୀୟା ମେରିକମ୍ ୫୧ କିଗ୍ରାରେ ଅଂଶଗ୍ରହଣ କରିବେ। ଗତ ନଭେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ର ୪୮ କିଗ୍ରା ବର୍ଗରେ ମେରିକମ୍ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ତିନୋଟି ସନ୍ତାନର ଜନନୀ ମେରିକମ୍ ୨୦୧୮ରେ ମଧ ପୋଲାଣ୍ଡରେ ଅନୁଷ୍ଠିତ କମନୱେଲଥ୍ ଗେମ୍ସରେ ସ୍ୱର୍ଣ୍ଣ ଏବଂ ବୁଲଗେରିଆରେ ଖେଳାଯାଇଥିବା ସମ୍ମାନଜନକ ଷ୍ଟ୍ରାଣ୍ଡାଜ ମେମୋରିଆଲରେ ରୌପ୍ୟ ପଦକ ଜିତିଥିଲେ। ଅନ୍ୟ ଭାରତୀୟ ମହିଳା ବକ୍ସରଙ୍କ ମଧ୍ୟରେ ପିଙ୍କି ଜାଙ୍ଗ୍ରା (୫୧ କିଗ୍ରା) ଓ ମନୀଷା ମନୁ (୫୪ କିଗ୍ରା) ୮ମ ସ୍ଥାନରେ ରହିଛନ୍ତି। ବିଶ୍ୱ ରୌପ୍ୟ ପଦକ ବିଜିନୀ ସୋନିଆ ଲାଥର ୫୭ କିଗ୍ରା ବର୍ଗରେ ୨ୟ ସ୍ଥାନ ଲାଭ କରିଛନ୍ତି। ନିକଟରେ ଜାତୀୟ ଚାମ୍ପିୟନଶିପ୍‌ର ୬୪ କିଗ୍ରା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ସିମରନଜିତ୍ କୌର ୪ର୍ଥ ଓ ଏଲ୍. ସରିତା ଦେବୀ ୧୬ତମ ସ୍ଥାନ ପାଇଛନ୍ତି।

# ଦିଲ୍ଲୀକୁ ହରାଇ ସେମିରେ ହକି ଓଡ଼ିଶା



ବିଜୟୀ ଓଡ଼ିଶା ହକି ଦଳ।

କଟକ ଅଫିସ,୧୦।୧

ବମ୍ବେ ଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ହକି ଇଭେଣ୍ଟରେ ହକି ଓଡ଼ିଶା ପୁରୁଷ ଦଳ ୩-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରି ପୁଲ-ଏର ଶୀର୍ଷରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟରର ୧୦ମ ମିନିଟରେ ବିକାଶ କୁଜୁର ହକି ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ୩ୟ କ୍ୱାର୍ଟରରେ ହକି ଓଡ଼ିଶା ପକ୍ଷରୁ ୨ଟି ଗୋଲ ହୋଇଥିଲା। ୪୦ତମ ମିନିଟରେ ସୁଦୀପ ମିଞ୍ଜ ଓ ୪୧ତମ ମିନିଟରେ ଦୀପକ ଏକ୍କା ଗୋଟିଏ ଲେଖାଏଁ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ ରଖିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଦିଲ୍ଲୀ ପକ୍ଷରୁ ଏକ ମାତ୍ର ଗୋଲ ହୋଇଥିଲା।

■ ହାଇକୋର୍ଟରେ ସ୍ୟାଟ୍ ଉଚ୍ଛେଦ ମାମଲା

# ୪ ସପ୍ତାହ ମଧ୍ୟରେ ଖାଲି ପଦବୀ ପୂରଣ ନିର୍ଦ୍ଦେଶ

କଟକ ଅଫିସ, ୧୦।୧

ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସ୍ୟାଟ୍) ଉଚ୍ଛେଦ ନେଇ ଆଗତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ କେତେକ ନିର୍ଦ୍ଦେଶ ଜାରି କରିଛନ୍ତି। ମୁଖ୍ୟତଃ ସ୍ୟାଟ୍‌ରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ୪ ସପ୍ତାହ ମଧ୍ୟରେ ପୂରଣ କରିବା ପାଇଁ ଖଣ୍ଡପୀଠ ଆଦେଶ ଦେଇଥିବା ବେଳେ ଏହିସବୁ ପଦବୀଗୁଡ଼ିକ ଆଡହକ୍ ହିସାବରେ ନିଯୁକ୍ତି ଦେବାକୁ ଖଣ୍ଡପୀଠ କହିଛନ୍ତି। ଆସନ୍ତା ଫେବୃୟାରୀ ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଉକ୍ତଦିନ ଖଣ୍ଡପୀଠ ଦେଇଥିବା ଆଦେଶ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସରକାର ସତ୍ୟପାଠ ଆକାରରେ ତଥ୍ୟ ଦାଖଲ କରିବେ।

ସୂଚନାଥାଉକି, ସ୍ୟାଟ୍‌କୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱର ଓ କଟକ ସ୍ୟାଟ୍ ବାର୍ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ, ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ପାଇଁ ଲୋକେ ସ୍ୟାଟ୍ ଉପରେ ନିର୍ଭର କରନ୍ତି। ମୁଖ୍ୟତଃ ଚାକିରି ସମ୍ବନ୍ଧୀୟ ମାମଲାଗୁଡ଼ିକ ପ୍ରଥମେ ସ୍ୟାଟ୍‌ରେ ରୁଜୁ ହୋଇଥାଏ। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ। ଜବାବରେ ସରକାର ଦର୍ଶାଇଥିଲେ ଯେ, ସ୍ୟାଟ୍‌ରେ ବିଚାରାଧୀନ ମାମଲାଗୁଡ଼ିକୁ ହାଇକୋର୍ଟକୁ ସ୍ଥାନାନ୍ତର କରାଯିବ। ସ୍ୟାଟ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସରକାର ଥଇଥାନ କରିବେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ।


## BIJU PATTNAIK HOMOEOPATHIC MEDICAL COLLEGE AND HOSPITAL, BRAHMAPUR

Email:bphmch@gmail.com Phone/Fax No 0680-2222539

No 39 BPHMC&H/2018 Date 4.1.19

### TENDER CALL NOTICE

No. 761-E: Sealed tenders are invited from the reputed firms / Agencies / Suppliers for supply of the furniture's for the college within 10.1.19 by 5 pm. Details regarding the eligibility criteria, terms and conditions and forms for submission of tenders may be downloaded from the website https://ganjam.nic.in. The Tender may be obtained on payment of Rs. 500/- + GST in person from the O/o the undersigned on any working days. The tender paper will be submitted in a sealed cover super-scribing as "Tender for supplying furniture's" to the undersigned through speed post/registered post only. The last date of receiving of the sealed tenders is on 21.01.2019 by 5.00 pm. Tenders received after due date and time shall not be entertained. The tender paper will be opened on the next working day at 12.00 noon in presence of tenderer or their authorized agents. The undersigned reserves the right to reject any or all the tender without assigning any reason thereof.

10071/11/0008/1819 Sd./- PRINCIPAL

See Career Appointment on every Wednesday & Saturday

## BERHAMPUR MUNICIPAL CORPORATION

No. 244/ Date : 08.01.2019

### QUOTATION CALL NOTICE

No. 408-C: Sealed quotations are invited to reach by Speed Post/ Registered Post / Courier /By Hand from Advertising Companies based form Berhampur for organising "PEETHA Programme". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 14.01.2019 by 11.00 AM and will be opened on same day 4.00 PM in the office of undersigned. The Authority reserves the right to accept or reject any Tender without assigning any reason thereof.

Sd./- Commissioner

13035/11/0184/1819 Berhampur Municipal Corporation

## Government of Odisha, e- Procurement Notice

### INVITATION FOR BIDS (IFB)

Bid Identification No. S.E.Dkl.(R&B) 13/2018-19

Email Id-sedklpwd@gmail.com

No.1115-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed in the table below:

| | | |
|---|---|---|
| 1. | Name of the work | : Building works |
| 2. | No of works | : 2 (Two) Nos. |
| 3. | Estimated Cost | : Rs.1,34,47,135/- to Rs. 2,20,95,633/- |
| 4. | Cost of tender paper | : Rs 10,000.00 |
| 5. | Class of contractor | : 'B' &'A' Class |
| 6. | Period of Completion of work | : 9 (Nine) to 11 (Eleven) Calendar months |
| 7. | Date and time of availability of bid Document in the website | : From Dt.16.01.2019 to 16.00 hours of Dt.30.01.2019 |
| 8. | Date of opening of bid | : Dt.31.01.2019 at 11.30 hours |

The bidders have to participate in ONLINE biding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

Superintending Engineer

34132/11/0021/1819 Dhenkanal (R&B) Circle, Dhenkanal

## CHIEF DISTRICT MEDICAL & PH OFFICER, DHENKANAL

### CORRIGENDUM

Advt. No. 127/ Dt. 10.01.2019

Advertisment published in the daily newspaper "Sambad" & "Dharitri" on dt. 06.01.2019 vide this office, advertisement no-061, dtd. 05.01.2019 for recruitment of contractual posts of M.O., SNCU, M.O. Peadiatrician DEIC, Part time specialist (O&G), Part time specialist (Med.), Part time specialist (Peadiatric), Laboratory Technician on dtd. 11.01.2019 & Staff Nurse on dtd. 15.01.2019 under NHM, Dhenkanal district is hereby cancelled due to unavoidable circumstances. Further dates will be informed later.

Sd./- Chief District Medical & Ph Officer, Dhenkanal

## ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ନୟାଗଡ଼

ବିହନ ବିଶୋଧନ ଅଭିଯାନ ରବି ୨୦୧୮-୧୯ ଚଳିତ ରବିଋତୁ ୨୦୧୮-୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ଡାଲିଜାତୀୟ ବିହନ ବିଶୋଧନ ତାଲିମ୍ ତଥା ପ୍ରଦର୍ଶନ କାର୍ଯ୍ୟକ୍ରମ ନୟାଗଡ଼ କୃଷି ଜିଲ୍ଲାର ପାଞ୍ଚଟି ବ୍ଲକ ଯଥା- ନୟାଗଡ଼, ଓଡ଼ଗାଁ, ରଣପୁର, ଖଣ୍ଡାପଡ଼ା ଓ ଭାପୁର ଅନ୍ତର୍ଗତ ୧୦୨ଟି ଅଭିଯାନ ତା ୧୦.୦୧.୨୦୧୯ରିଖ ଠାରୁ ୩୧.୦୧.୨୦୧୯ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ତେଣୁ ପ୍ରତି ବ୍ଲକରେ ଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ଡାଲିଜାତୀୟ ବିହନଗୁଡିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଡାଲିଜାତୀୟ ଫସଲର ବିହନ ଜନିତ ରୋଗ ପ୍ରତିହତ କରାଯାଇ ଉତ୍ପାଦନ ବୃଦ୍ଧି କରାଯାଇପାରିବ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ନୟାଗଡ଼

## CALL FOR EXPRESSION OF INTEREST

### Human Resource Support to SLNA / WCDCs / PIAs

Directorate of Soil Conservation & Watershed Development, Odisha Bhubaneswar implements PMKSY (Watershed Development Component) - erstwhile Integrated Watershed Management Programme (IWMP) in Odisha, sanctioned in different batches / years. Currently the programme is under operation in 22 districts except Angul, Balasore, Khurda, Baragarh, Puri, Bhadrak, Jagatsinghpur & Kendrapada. In order to meet the crucial need'of minimum Human Resource Support for implementation of the said programme, Expression of Interest (EOI) is invited for engagement of intending Service providers who will engage the desired contractual professionals at the State Level Nodal Agency (SLNA) for the state headquarter, at concerned Watershed Cell cum Data Centres (WCDCs) in the District level and Project Implementing Agencies (PIAs) at Block / Cluster level as per the following:

The Organizations /Agencies /Firms interested to provide human resource professionals should have the following eligibility criteria.

A. Must be dealing with providing human resource professionals in the categories of Agriculture / Agriculture Engineering / Animal Husbandry / Fisheries / Forestry/ Horticulture / Micro Enterprise / Social Works/ Sociology / Rural Development / Rural Management / Capacity Building / Social Mobilization / IT/ Geographical Information System-/ Economics / Management / Science / Arts / Commerce stream.

B. Must have more than three years experience with annual turn over of Rs. one crore in each year for three financial years i.e. FY 2017-18, 2016-17 and 2015-16

Each Organization /Agency /Firm fulfilling the above eligibility criteria must submit the following two bids in separate sealed covers. Non submission of both the bids will entail disqualification.

**(1) Technical Bid -** The technical bid must be accompanied by the following documents.

i. Profile of the organization including organization structure and contact details.
ii. Proof / Licence as Service Provider from Appropriate Authority.
iii. Name of organization with details of H.R. support services provided with duration to Govt. / Other organisations (Starting from the current assignment in chronological order) and feedback from the client organizations on customer satisfaction.
iv. Capacity to undertake assignments of similar nature.
v. Turnover details with audited balance sheet of three years i.e. FY 2017-18, 2016-17 and 2015-16.

(2) Financial Bid- The financial bid should outline the management cost (i.e. the cost chargeable by the Service Provider for making a person available for service) along with GST, TDS as applicable and other prevailing statutory deductions i.e. EPF, ESI etc. if any. However, the quoted value of variable components i.e. Management Cost and TDS shall be given priority.

The financial bid should be submitted as per the following format only.

| Management Cost (percent) | GST (percent) | TDS (percent) | Other prevailing Statutory deductions i.e. EPF / ESI etc. (percent) as per recent Govt. circular |
|---|---|---|---|
| | | | EPF - ESI - |

The detailed ToR has been given at annexure-A, which can be downloaded from **https://sites.google.com/view eoijan2019**

Director, Soil Conservation & Watershed Development, Bhubaneswar reserves the right to either accept or reject any proposal or cancel the process without assigning any reason there of.

The bids in separate sealed covers be addressed to Director, Soil Conservation & Watershed Development, Siripur, Bhubaneswar-751003, Odisha by clearly mentioning the **"Technical / Financial bids for HR support"** on the covers must be submitted by Speed Post / Registered Post only.

**Last date for submission is on or before 28.01.2019**

Sd./- Director,
Soil Conservation & Watershed Development
Siripur, Bhubaneswar - 751003, Odisha

## SHORT QUOTATION CALL NOTICE

Sealed quotations are invited from the firms / agencies for tent and other allied works, providing Private Security Personnel, Printing works and Documentation works for the Pallishree Mela: 2019 at Deogarh to be organized from 11.02.2019 to 15.02.2019.

The quotation papers along with specification and eligibility criteria of the works are available at ORMAS Office, DRDA Campus, Deogarh and the Deogarh Official website http//deogarh.nic.in and www.ormas.org, till 16.01.2019 (3.00PM). The quotations / tenders will be opened on 16.01.2019 at 3.30PM.

The undersigned reserves the right to accept or reject any or all the quotations without assigning any reason thereof.

*Sd./- Project Director, DRDA, Deogarh*

## ODISHA STATE CIVIL SUPPLIES CORPORATION LIMITED

### SUBARNAPUR

### Office of the District Manager, Subarnapur

Quotation / Tender Call Notice No. 62 / Dt. 09.01.2019

### TENDER CALL FOR HIRING VEHICLE

The Collector, Subarnapur has been pleased to pass order for engagement of 1 (One) hired vehicle (Bolero) for Official Use in KMS 2018-19. Fresh Sealed quotation / tenders are invited form interested reputed Travel Agencies / Tour Operators or Private Individuals for providing 1 (One) no. of Non AC/AC Diesel driven vehicles (Bolero) which shall confirm to the Terms and condition for Official use in the Office of the CSO-cum-District Manager, OSCSC Ltd., Subarnapur on monthly rent basis for aforesaid purpose. Tender Paper shall be reached to the Office of the undersigned by Speed Post / Registered Post / Courier on or before dt.19.01.2019 at 12.00PM.

The non refundable cost of tender application is Rs. 100/- (Rupees One Hundred) only to be deposited with the undersigned in shape of Cash / DD / Pay Order drawn in favour of "District Manager, OSCSC Ltd., Subarnapur" payable on Sonepur.

**The detail tender guideline is available in this office / District website.**

| Programme of Tender Selection | Date & Time |
|---|---|
| Date of Advertisement | 11.01.19 |
| Sale of tender paper (All working days) | 14.01.19 to 18.01.19 (By 3.00 PM) |
| Receipt of tender application | By 19.01.2019 (12.00 Noon) |
| Finalization of Tenders / Bids | Same day 19.01.2019 at 3.30PM |

*By order of Collector*

*Sd./- District Manager, OSCSC Ltd., Subarnapur*

## OFFICE OF THE DIVISIONAL FOREST OFFICER BARGARH FOREST DIVISION, BARGARH

Telephone No : (06646) 234135
Email: dfo.bgh@gmail.com
No:__________ Dated. 09.01.2019

### QUOTATION CALL NOTICE

No. 136-MM: Sealed Quotations are hereby invited by the undersigned from registered firms / authorized dealers / DGS & D rate contract holders having required statutory clearances for supply of following items, so as to reach this office on or before 31.01.2019 by registered post only.

The details regarding the items to be supplied are as follows :

| | |
|---|---|
| 01 | Khaki Uniform Cloth |
| 02 | Six point star |
| 03 | Leather belt with name plate |
| 04 | Web belt with name plate |
| 05 | Mosquito Net |

**TERMS AND CONDITIONS .**

1. The supplier has to submit a copy of all statutory clearance certificates as on 31.03.2018, along with the original Quotation documents, with samples.
2. The successful bidder has to supply the items at Bargarh Forest Division, Bargarh within 10 days of finalization of quotation/ supply order.
3. The supplier has to furnish the self attested documents along with the offer documents.
4. The undersigned reserves all the rights to accept or reject any or all offer without assigning any reason thereof.

DIVISIONAL FOREST OFFICER,
08057/11/0006/1819 BARGARH FOREST DIVISION.BARGARH




ଆଜିଠୁ ଆରମ୍ଭ ହେବ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା । ନୂଆ ରୂପ ଓ ନବଦିଗନ୍ତ ସହିତ ଜନମାନସରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ଏଥର ୭୦ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ। ବରଗଡ଼ ସହର ହୋଇପଡିବ ଉତ୍ସବମୁଖର। ନିପୁଣ ଓ ନୂତନ କଳାକାରଙ୍କ ଅଭିନୟ ଚାତୁରୀ ଜନମନ ଜିଣିବ। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଛଟାରେ ମହକିବ ଏଇ ମାଟି। ଐତିହ୍ୟ, ପରମ୍ପରା ସହ ଆଧୁନିକତାର ଝଲକ ଦେଖିବାକୁ ମିଳିବ। ୧୧ ଦିନ ଧରି ଏଠାରେ ଚାଲିବ ମହାନାୟକ କଂସ ରାଜୁତି । ମହାପ୍ରତାପୀ କଂସ, କୃଷ୍ଣ ବଳରାମଙ୍କ ଜୀବନ୍ତ ଅଭିନୟ ମହୋତ୍ସବକୁ କରିବ ଆନମନା । ଏଭଳି ଏକ ସାଂସ୍କୃତିକ ବର୍ଣ୍ଣାଳୀକୁ ନେଇ ଏଥର ଧନୁଯାତ୍ରା ଉପସ୍ଥାପନା...

# କଂସ ରାଜୁତି

## ଚମକ ଦେଖାଇବେ ନୂଆ କଳାକାର


ପ୍ରଥମଥର ପାଇଁ ଏଥର ମୁଁ ଗୋପପୁର ଯାତ୍ରାରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିବି । ଏହି ସୌଭାଗ୍ୟ ପାଇଁ ବେଶ୍ ଖୁସି ଅଛି । ଧନୁଯାତ୍ରାରେ ମୋର ସବୁଠୁ ଭଲ କଳା ପ୍ରଦର୍ଶନ କରିବି ବୋଲି ଆଶା ରଖିଛି । –ଆୟୁଷ ବିର୍ତ୍ତିଆ (ଶ୍ରୀକୃଷ୍ଣ)


ବହୁ ପୂର୍ବରୁ ମୋ ବଡ଼ବାପା ବଳରାମ ଚରିତ୍ରରେ ଅଭିନୟ କରୁଥିଲେ । ଏବେ ମୋତେ ସେହି ଭୂମିକା ମିଳିଛି । ରିହର୍ସାଲ ଭଲ ଭାବେ କରାଯାଇଛି । ମୋ ଅଭିନୟ ନିଶ୍ଚୟ ଭଲ ହେବ ବୋଲି ଆଶା ରହିଛି । –ଆଶୁତୋଷ କୁମାର ବିର୍ତ୍ତିଆ (ବଳରାମ)


ଆମ ପରିବାର ଲୋକେ ପୂର୍ବରୁ ଶ୍ରୀକୃଷ୍ଣ, ବଳରାମ ଭୂମିକାରେ ଅଭିନୟ କରି ସାରିଛନ୍ତି । କିନ୍ତୁ କେହି କୌଣସି ନାରୀ ଚରିତ୍ରରେ ଅଭିନୟ କରି ନ ଥିଲେ। ହେଲେ ଏଥର ମୁଁ ରାଧା ଭୂମିକାରେ ଅଭିନୟର ସୁଯୋଗ ପାଇ ଗର୍ବ ଅନୁଭବ କରୁଛି ।–ଶ୍ରୀୟାଂଶୀ ମହାପାତ୍ର (ଶ୍ରୀରାଧା)


ଗୋପପୁର ସମଲେଶ୍ୱରୀ ନୋଡ଼ାଲ ହାଇସ୍କୁଲରେ ମୁଁ ଶିକ୍ଷକତା କରୁଛି । ଆଉ ଏଥର ଗୋପପୁର ଯାତ୍ରାରେ ଭଗବାନ ଶ୍ରୀକୃଷ୍ଣଙ୍କ ମା' ହେବାର ସୌଭାଗ୍ୟ ପାଇଥିବାରୁ ଧନ୍ୟ ମନେ କରୁଛି । ଆଗରୁ କେବେ ପୌରାଣିକ କଥାବସ୍ତୁରେ ଅଭିନୟ କରି ନ ଥିଲି ।–ସନ୍ଧ୍ୟା ଆଚାର୍ଯ୍ୟ (ଯଶୋଦା)


ମୁଁ ପାଲଲହଡ଼ା ଅଞ୍ଚଳର । ଆଗରୁ ଅରିଗାଁ ଧନୁଯାତ୍ରାରେ ଦେବକୀ ଏବଂ ନାଟକ ଗୁଡ଼ିକରେ ଦ୍ରୌପଦୀ, ଦମୟନ୍ତୀ ଭୂମିକାରେ ଅଭିନୟ କରିଛି। କିନ୍ତୁ ଏଥର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଦେବକୀ ଭୂମିକାରେ ଅଭିନୟର ସୁଯୋଗ ପାଇ ବହୁତ ଖୁସି ଅଛି ।–ସସ୍ମିତା ନାୟକ (ଦେବକୀ)


ବହୁତ ଦିନରୁ ଆଶା ଥିଲା ବିଶ୍ୱ ପ୍ରସିଦ୍ଧ ଖୋଲା ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାରରେ ଅଭିନୟ କରିବାକୁ । ଆଉ ଏଥର ସେହି ସୁଯୋଗ ମୋତେ ମିଳିଛି । ବହୁତ ଉତ୍ସାହିତ ଅଛି ଏବଂ ଅଭିନୟ ମଧ୍ୟ ଭଲ ହେବ ବୋଲି ଆଶା ରଖିଛି ।
–ମଧୁମିତା ରାୟ (ରାଣୀ ଇନ୍ଦୁମତୀ)


ପୂର୍ବରୁ ଅନେକ ସ୍ଥାନରେ ଅଭିନୟ କରିଛି । କିନ୍ତୁ ଏଥର ବରଗଡ଼ ଧନୁଯାତ୍ରାକୁ ପ୍ରଥମ ଥର ଆସିଛି । ପୁଣି ମହାରାଣୀ ଭୂମିକାରେ ଅଭିନୟ କରିବା ପାଇଁ ମନୋନୀତ ହୋଇଛି । ବହୁତ ଖୁସି ଅନୁଭବ କରୁଛି।
–ବନଜାରାଣୀ ବେହେରା (ରାଣୀ ପଦ୍ମାବତୀ)


ମୁଁ ସମ୍ବଲପୁର ବାସିନ୍ଦା । କେବେ କେଉଁଠି ଆଗରୁ ଅଭିନୟ କରିନାହିଁ । କିନ୍ତୁ ଏଥର ବରଗଡ଼ ଧନୁଯାତ୍ରାରେ ହେତୀ ଭୂମିକାରେ ଅଭିନୟ କରିବି । ଏଥିପାଇଁ ଗର୍ବ ଅନୁଭବ କରୁଛି ।
–ସୁଷମା ବେହେରା (ହେତୀ)


ବରଗଡ଼ ଭଟଲି ଛକରେ ଘର । ଆଗରୁ ଟୁକୁର୍ଲାରେ ଲକ୍ଷ୍ମୀ ଭୂମିକାରେ ଅଭିନୟ କରିଥିଲି । ଏଥର ପ୍ରଥମଥର ପାଇଁ ଧନୁଯାତ୍ରାରେ ଅଭିନୟ କରିବି। ଅଭିନୟ ନିଶ୍ଚୟ ଭଲ ହେବ ବୋଲି ଆଶା ରହିଛି ।
–ପଦ୍ମା ପ୍ରଧାନ (ପ୍ରହେତୀ)


ସୋନପୁର ଜିଲା ବିନିକା ବ୍ଲକ ଆଖିଦାଦରରେ ଘର। ମୁଁ ଜଣେ ସଂକୀର୍ତ୍ତନ, ଭଜନ ଗାୟକ । ଆଗରୁ ଅନ୍ୟ ଧନୁଯାତ୍ରାରେ ଅକ୍ରୁର, ନାରଦ, ଗର୍ଗଋଷି, ଦ୍ବୁମିଳାସୁର, ଷଣ୍ଢାସୁର, ଶିବ ଆଦି ଭୂମିକାରେ ଅଭିନୟ କରିଛି। କିନ୍ତୁ ପ୍ରଥମଥର ପାଇଁ ବରଗଡ଼ ଧନୁଯାତ୍ରାରେ ଅଭିନୟ କରିବି ।
–ଜଗନ୍ନାଥ ସାହୁ (ନାରଦ)


ସମ୍ବଲପୁରୀ ଫିଲ୍ମ କାନ୍ଦରି, ଫଟା ଫଟ୍‌ଫଟି, ଜଡ଼ାତେଲ ମିଶନ ୨୦୧୯ ସମେତ ରାବଣ, କଂସ ମହାରାଜ ଭୂମିକାରେ ଅଭିନୟ କରିଛି। ଫିଲ୍ମ କାନ୍ଦରି ମୁଁ ଓ ଗତ କିଛିଦିନ ତଳେ ମୃତ ସିମରନ୍ ବାପଝିଅ ଅଭିନୟ କରିଥିଲୁ। ଏଥର ବରଗଡ଼ ଧନୁଯାତ୍ରାରେ ପ୍ରଥମ ଥର ପାଇଁ ଅଭିନୟ କରୁଛି ।–ସଦାନନ୍ଦ ସାହୁ (ବୀର ଶିଶୁପାଳ)


ନିଜ ଗାଁ ରାମଲୀଳାରେ ମହିରାବଣ, ରାବଣ, ଇନ୍ଦ୍ରଜିତ, ଜରାସନ୍ଧ, ରାମପୁର ଧନୁଯାତ୍ରାରେ ରଙ୍ଗସଭାର ରାଜା ଭୂମିକାରେ ଅଭିନୟ କରିଛି । ଏଥର ବରଗଡ଼ ଧନୁଯାତ୍ରାର ଅଭିନୟର ସୁଯୋଗ ପାଇ ଖୁସି ଅଛି ।
–ସଂଗ୍ରାମ ଦେହୁରି (ରାଜା ମାର୍ତଣ୍ଡ)

ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ

### ଆଜିର ଆକର୍ଷଣ

୧୧/୧/୨୦୧୯(ଶୁକ୍ରବାର)

**ମଥୁରା**

ସନ୍ଧ୍ୟା ୭ଟାରେ ରାଜ ଦରବାର(ହାଟପଦା)ରେ ଧନୁଯାତ୍ରା ମହୋତ୍ସବର ଉଦଘାଟନୀ ସମାରୋହ, ରାମଜୀ ମନ୍ଦିରରେ ଦେବକୀ ଓ ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସର ସିଂହାସନ ଆରୋହଣ, ଦେବକୀ ଓ ବସୁଦେବଙ୍କୁ କାରାଗାର ପ୍ରେରଣ ।

### କମିଟି କର୍ମକର୍ତ୍ତାଙ୍କ ମୁହଁରୁ...


- ଧନୁଯାତ୍ରାକୁ ଏଥର ଅଧିକ ଆକର୍ଷଣୀୟ କରିବା ପାଇଁ ସବୁସ୍ତରରୁ ପ୍ରୟାସ କରାଯାଇଛି। କଳାକାରଙ୍କ ଅଭିନୟ, ଆଲୋକ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ସ୍ଥାନୀୟ ସାଂସ୍କୃତିକ ଦଳ ସମେତ ସବୁଦିନ ଜାତୀୟସ୍ତରର ଦଳଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏଥର ୨ଟି ହାତୀ ସମେତ ୪ଟି ଘୋଡ଼ାଗାଡ଼ି ଓ ୫ଟି ଓଟକୁ ସାମିଲ କରାଯାଇଛି। ଅନ୍ୟବର୍ଷ ତୁଳନାରେ ଏଥର ସବୁକ୍ଷେତ୍ରରେ ନୂତନତା ଆସିବ ବୋଲି ଆଶା ରହିଛି । -ସୁରେଶ୍ୱର ଶତପଥୀ, ସମ୍ପାଦକ, ଧନୁଯାତ୍ରା ମହୋତ୍ସବ ସମିତି


- ପ୍ରତିବର୍ଷ ଧନୁଯାତ୍ରା ହୋଇ ଆସୁଛି । ପ୍ରତିବର୍ଷ ନୂଆ କିଛି ସଂଯୋଗ କରୁଛୁ । ସଙ୍ଗୀତ ନାଟକର ଜୀବନ । ଫଳରେ ସୁନ୍ଦର ଭାବେ ଏଥର ସଙ୍ଗୀତ ଭାଗକୁ ଗୁରୁତ୍ୱ ଦିଆଯାଇଛି । ନାଟକୀୟତାରେ ନୂଆ ବିଷୟବସ୍ତୁ ମଧ୍ୟ ଯୋଡ଼ାଯାଇଛି ଏବଂ ତାହା ଦର୍ଶକଙ୍କ ପାଇଁ ନିଶ୍ଚୟ ମନ ମୁଗ୍ଧକର ହେବ ।-ନକୁଳ ବାଦୀ, ଉପଦେଷ୍ଟା, କଳାକାର ସମନ୍ୱୟ ସମିତି


- ଅନ୍ୟବର୍ଷ ତୁଳନାରେ ଏଥର ଗୋପପୁର ଯାତ୍ରା ନିଶ୍ଚୟ ଅଧିକ ଆକର୍ଷଣୀୟ ହେବ । ଏଥର ମୀନାବଜାର, ମ୍ୟୁଜିକ ସୋ, ଆଲୋକ ସାଜସଜ୍ଜାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଯଶୋଦା, ଶ୍ରୀକୃଷ୍ଣ, ଶ୍ରୀରାଧା, ବଳରାମ ଭୂମିକାରେ ନୂଆ କଳାକାର ଅଭିନୟ କରିବେ । ସେମାନଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିବ। ଏହି ଆଶା ରହିଛି ।-ସୁଶୀଲ ମହାପାତ୍ର, ଗୋପପୁର ଯାତ୍ରା କମିଟି


- ଧନୁଯାତ୍ରାର ପ୍ରତିଟି ଦିଗକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥର ଗୁରୁତ୍ୱ ଦିଆଯାଇଛି । କଳାକାରଙ୍କ ଅଭିନୟଠାରୁ ଆରମ୍ଭ କରି ସାଜସଜ୍ଜା ଯେଭଳି ଦର୍ଶକଙ୍କୁ ଆକୃଷ୍ଟ କରି ପାରିବ ଏବଂ ଦର୍ଶକ ମହଲରେ ଆଦୃତ ହୋଇ ପାରିବ, ତାକୁ ଦୃଷ୍ଟିରେ ରଖି ଉଭୟ ମଥୁରାନଗରୀ ଓ ଗୋପପୁରରେ ପ୍ରସ୍ତୁତି କରାଯାଇଛି । ଦର୍ଶକମାନେ ଯେଭଳି ଧନୁଯାତ୍ରାକୁ ଶୃଙ୍ଖଳିତ ଭାବେ ଉପଭୋଗ କରିପାରିବେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି । -ଇନ୍ଦ୍ରମଣି ତ୍ରିପାଠୀ, ଜିଲାପାଳ ତଥା ସଭାପତି, ଧନୁଯାତ୍ରା ମହୋତ୍ସବ ସମିତି

### ଏଥର ନାଚିବେ କଂସ

ମହାରାଜ କଂସ ମହାଦେବଙ୍କୁ ପ୍ରସନ୍ନ କରି ରୁଦ୍ରଶୂଳ ପ୍ରାପ୍ତ ହୋଇଛନ୍ତି । ସେ ଖୁସିରେ ଆତ୍ମହରା ହୋଇ ନୃତ୍ୟ କରିବାରେ ଲାଗିଛନ୍ତି । ଏଭଳି ନିର୍ଦ୍ଦେଶନା କ୍ରମେ ଛଉନୃତ୍ୟ ଆଧାରରେ ତଥା ସମ୍ବଲପୁରୀ ବାଦ୍ୟର ମିଶ୍ରଣରେ କଂସ ମହାରାଜ ନୃତ୍ୟ କରିବେ । ଏହି ଦୃଶ୍ୟ ଏଥର ପ୍ରଥମଥର ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଅଭିନୀତ ହେବ ।


ଜିରା ନଦୀ ଏବେ ଯମୁନା ।

## ସଂକ୍ଷେପରେ



> କୃଷିଜାତ ସାମଗ୍ରୀର ରପ୍ତାନି ବୃଦ୍ଧି ଲାଗି କେନ୍ଦ୍ର ସରକାର ଟ୍ରାନ୍ସପୋର୍ଟ ସବ୍‌ସିଡିକୁ ରାଜ୍ୟଗୁଡ଼ିକୁ ଦେବାକୁ ବିଚାର କରୁଛି।
> – ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



> ବ୍ୟାଙ୍କର ଅନାଦାୟ ଋଣ ଅସୁଲ ଉପରେ ଏବେ ଅଧିକ ଧ୍ୟାନ କେନ୍ଦ୍ରିତ କରିଛୁ।
> – ଏସ୍.କ୍ରିଷ୍ଣନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସିଣ୍ଡିକେଟ ବ୍ୟାଙ୍କ

### ସିଇଓ ଚୟନ କଲା ୟେସ୍ ବ୍ୟାଙ୍କ

**ମୁମ୍ବାଇ,୧୦-୧:** ଘରୋଇ କ୍ଷେତ୍ରରେ ଆଗଧାଡ଼ିର ବ୍ୟାଙ୍କ କୁହାଯାଉଥିବା ୟେସ ବ୍ୟାଙ୍କ ଏହାର ଏମଡି ଓ ସିଇଓଙ୍କ ସମ୍ଭାବ୍ୟ ନାମଗୁଡ଼ିକ ସ୍ଥିର କରିଛି। ଗୁରୁବାର ଏହା ରିଜର୍ଭ ବ୍ୟାଙ୍କ ନିକଟକୁ ଅନୁମୋଦନ ଲାଗି ପଠାଇଛି। ବୁଧବାର ବ୍ୟାଙ୍କ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଏ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମଞ୍ଜୁରୀ ପରେ ହିଁ ନାମ ପ୍ରକାଶ କରାଯିବ। ସର୍ଚ୍ଚ ଆଣ୍ଡ ସିଲେକ୍ସନ କମିଟି ଓ ନମିନେଶନ ଆଣ୍ଡ ରେମ୍ୟୁନେରେଶନ କମିଟିର ସୁପାରିସ କ୍ରମେ ଉକ୍ତ ପଦପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ଏକ ତାଲିକା ସ୍ଥିର କରାଯାଇଛି। ଆର୍‌ବିଆଇର ନିୟମ ଅନୁଯାୟୀ ଜାନୁୟାରୀ ୧୦ ତାରିଖ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ନାମ ମଞ୍ଜୁରୀ ଲାଗି ଆବେଦନ କରିବା ଆବଶ୍ୟକ ଥିଲା। ୟେସ ବ୍ୟାଙ୍କର ସିନିୟର ଗ୍ରୁପ୍ ପ୍ରେସିଡେଣ୍ଟ(ଫାଇନାନ୍ସିଆଲ ମାର୍କେଟ) ରଜତ ମୋଙ୍ଗା ଓ ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସର ପୂର୍ବତନ ଏମ୍‌ଡି ଓ ସିଇଓ ରାଜେଶ ସୁଦ୍ ଉକ୍ତ ପଦ ଦୌଡ଼ରେ ଆଗରେ ରହିଛନ୍ତି ବୋଲି କୁହାଯାଉଛି।

### ରେମଣ୍ଡ ଗ୍ରୁପ୍‌ର ସମସ୍ତ କମ୍ପାନୀରୁ ଇସ୍ତଫା ଦେବେ ଗୌତମ ସିଂଘାନିଆ



**ନୂଆଦିଲ୍ଲୀ,୧୦-୧:** ରେମଣ୍ଡ ଗ୍ରୁପ୍‌ର ପ୍ରମୋଟର ତଥା ଅଧ୍ୟକ୍ଷ ଗୌତମ ସିଂଘାନିଆ ସମସ୍ତ କମ୍ପାନୀରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ଗ୍ରୁପ୍‌ରୁ ବାହାରି ଯିବା ପରେ ସେ ଦୈନନ୍ଦିନ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି କହିଛନ୍ତି। ନିଜର ଇସ୍ତଫା ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରମୋଟର ଦଖଲ ଦେଉ ନ ଥିବା ତଥା ପ୍ରତିଯୋଗିତା ମନୋଭାବ ଦ୍ୱାରା ପରିଚାଳିତ ଏଭଳି ଏକ ଗ୍ରୁପ୍ କମ୍ପାନୀ ସ୍ଥାପନ କରିବାକୁ ସେ ଚାହାନ୍ତି। ଗ୍ରୁପ୍‌ର ଏଫ୍‌ଏମ୍‌ସିଜି କମ୍ପାନୀ ରେମଣ୍ଡ ଆପାରେଲର ଅଧ୍ୟକ୍ଷ ପଦରୁ ପୂର୍ବରୁ ଇସ୍ତଫା ଦେଇସାରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସେ ଦୁଇଟି ଇଞ୍ଜିନିୟରିଂ କମ୍ପାନୀ ଜେକେ ଫାଇଲ୍ସ ଓ ରିଙ୍ଗ ପ୍ଲସ ଏକ୍ୱାର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବେ। ଏହି କମ୍ପାନୀଙ୍କ ଲାଗି ପେସାଦାର ଅଧ୍ୟକ୍ଷ ଖୋଜିବା ଆରମ୍ଭ ହୋଇଗଲାଣି। ସେ ଗ୍ରୁପ୍‌ର ଶୀର୍ଷ କମ୍ପାନୀ ରେମଣ୍ଡ ଲିମିଟେଡର ଶୀର୍ଷ ପଦରୁ ହଟିଯିବେ ବୋଲି ସଙ୍କେତ ଦେଇଛନ୍ତି। ଗୌତମ କହିଛନ୍ତି ଯେ, ଏହି କମ୍ପାନୀର ଅଧ୍ୟକ୍ଷ ଭାବେ ସେ କେତେଦିନ ରହିବେ ଜାଣିନାହାନ୍ତି। ଉଲ୍ଲେଖଥାଉ କି, ରେମଣ୍ଡ ଗ୍ରୁପ୍‌ର ପ୍ରତିଷ୍ଠାତା ବିଜୟପତ୍ ସିଂଘାନିଆଙ୍କ ସହ ତାଙ୍କ ପୁତ୍ର ଗୌତମଙ୍କ ମନାନ୍ତରକୁ ନେଇ ଏବେ ଜୋର୍ ଚର୍ଚ୍ଚା ହେଉଛି।

# ଭୂତ କମ୍ପାନୀଙ୍କ ଉପରେ ଲାଗିବ ଲଗାମ

## କମ୍ପାନୀଙ୍କ ଲାଗି ବାଧ୍ୟତାମୂଳକ ହେବ କେୱାଇସି

**ନୂଆଦିଲ୍ଲୀ,୧୦-୧**

- କେୱାଇସି ଜରିଆରେ ଭୂତ କମ୍ପାନୀଙ୍କ ଚିହ୍ନଟ ସହଜ ହେବ
- କେବଳ କାଗଜକଲମରେ ରହିଛନ୍ତି ଭୂତ କମ୍ପାନୀ
- କମ୍ପାନୀର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ତଥ୍ୟ କେୱାଇସିରେ ଦେବାକୁ ହେବ
- କେୱାଇସି ଦାଖଲ ନ କଲେ ସମସ୍ତ କାର୍ଯ୍ୟକଳାପରୁ ବଞ୍ଚିତ ହେବେ କମ୍ପାନୀ




ଭୂତ କମ୍ପାନୀଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ। ଏହିକ୍ରମରେ ସମସ୍ତ କମ୍ପାନୀଙ୍କ ଲାଗି 'ନିଜ ଗ୍ରାହକଙ୍କୁ ଜାଣନ୍ତୁ'ଅର୍ଥାତ୍ କେୱାଇସି ପ୍ରକ୍ରିୟା ବାଧ୍ୟତାମୂଳକ ହେବାକୁ ଯାଉଛି। କେୱାଇସି ଅଧୀନରେ ସମସ୍ତ କମ୍ପାନୀ ନିଜର ଅଧିକାରୀ, କର୍ମଚାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ବାଧ୍ୟ ରହିବେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏହି ବ୍ୟବସ୍ଥାକୁ ସମ୍ଭବତଃ ଚଳିତ ମାସରେ ଲାଗୁ କରିବାକୁ ଯାଉଛି।

ଉଲ୍ଲେଖଥାଉ କି,ଭୂତ କମ୍ପାନୀ କେବଳ କାଗଜପତ୍ରରେ ରହିଥାଏ। ବାସ୍ତବରେ ଏଭଳି କୌଣସି କମ୍ପାନୀ ରହି ନ ଥାଏ। ନିଜର କଳାଧନକୁ ଲୁଚାଇବା ଅଥବା ଅବୈଧ କାର୍ଯ୍ୟକଳାପ ପାଇଁ ଏଭଳି ଭୂତ କମ୍ପାନୀ ସ୍ଥାପନ କରାଯାଏ। ଉଲ୍ଲେଖଥାଉ କି, ସମସ୍ତ ପଞ୍ଜୀକୃତ କମ୍ପାନୀର ନିର୍ଦ୍ଦେଶକଙ୍କ ଲାଗି ମନ୍ତ୍ରଣାଳୟ ପକ୍ଷରୁ ଗତବର୍ଷ କେୱାଇସି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଡାଇରେକ୍ଟର ଆଇଡେଣ୍ଟିଫିକେଶନ ନମ୍ବର(ଡିନ୍) ପାଇଥିବା ୩୩ ଲକ୍ଷ ନିର୍ଦ୍ଦେଶକଙ୍କ ମଧ୍ୟରୁ କେବଳ ୧୬ ଲକ୍ଷ ହିଁ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ଭୂତ କମ୍ପାନୀଙ୍କୁ ଚିହ୍ନିବା ଲାଗି ଏହି କେୱାଇସି ବ୍ୟବସ୍ଥା ସଫଳ ହେବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ଏହି କାରଣରୁ ନିଜର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନ ଥିବା ବ୍ୟକ୍ତିବିଶେଷ ଏବେ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ କେୱାଇସି ବ୍ୟବସ୍ଥାକୁ କମ୍ପାନୀର ରିଟର୍ନ ଦାଖଲ ସହ ସଂଯୋଗ କରାଯିବ। ଏହାର ଅର୍ଥ ଯେଉଁ କମ୍ପାନୀ ନିଜର ବାର୍ଷିକ ରିଟର୍ନ ଦାଖଲ ନ କରିବେ ତାଙ୍କୁ କେୱାଇସି ଦାଖଲ କରିବାକୁ ସୁଯୋଗ ଦିଆଯିବ ନାହିଁ। ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବାନୁଯାୟୀ ଯଦି କୌଣସି କମ୍ପାନୀ କେୱାଇସି ଦାଖଲ ନ କରେ, ତେବେ ଏହାକୁ ସମସ୍ତ କାର୍ଯ୍ୟକଳାପରୁ ବଞ୍ଚିତ କରାଯିବ। କର୍ପୋରେଟ ବ୍ୟାପାର ସଚିବ ଆଇ.ଶ୍ରୀନିବାସ କହିଛନ୍ତି ଯେ, କେୱାଇସି ପ୍ରକ୍ରିୟା ଅନ୍ତର୍ଗତରେ ପେସାଦାରଙ୍କ ଯାଞ୍ଚ ହେବ ଏବଂ ଏହାପରେ ସେମାନଙ୍କୁ ପଞ୍ଜୀକରଣ ଲାଗି ଅନୁମତି ଦିଆଯିବ। ଏହାଛଡ଼ା ମନ୍ତ୍ରଣାଳୟର ପୋର୍ଟାଲରେ ଏମ୍‌ସିଏ ୨୧ ଲାଗି ପଞ୍ଜୀକରଣ ପାଇଁ ମଧ୍ୟ କେୱାଇସି ପାଳନ କରିବା ବାଧ୍ୟତାମୂଳକ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।




## ଟାଟା ହିଟାଚିର ନୂଆ ଶିନରାଇ ବ୍ୟାକହୋ ଲୋଡର

**ଭୁବନେଶ୍ୱର,୧୦-୧**

ପ୍ରମୁଖ କମ୍ପାନୀ ଟାଟା ହିଟାଚି କନଷ୍ଟ୍ରକଶନ ମେଶିନାରି କମ୍ପାନୀ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ଶିନରାଇ ବ୍ୟାକହୋ ଲୋଡର ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ଦିପ ସିଂ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ମେଶିନକୁ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଥିବା ସିଂ ସୂଚନା ଦେଇଛନ୍ତି। ଏହା ଦକ୍ଷତା ତଥା ବିଶ୍ୱସନୀୟତା ସହ କମ୍ ମେଣ୍ଟେନାନ୍ସ ଖର୍ଚ୍ଚ ଭଳି ସୁବିଧା ଦେବ ବୋଲି ସେ କହିଛନ୍ତି। ଏହି ମଡେଲଟିରେ ଗ୍ରାହକମାନେ ଏକ୍ସିଲେଣ୍ଟ ହାଇଡ୍ରଲିକ୍ ସିଷ୍ଟମ ଲାଭ କରିପାରିବେ। ମଡେଲଟିର ବଜାର ଦର ୨୮.୫ ଲକ୍ଷ ଟଙ୍କା ରହିଛି। କାର୍ଯ୍ୟକ୍ରମ ଅବସରରେ ସେଲସ୍ ମାର୍କେଟିଂ ବରିଷ୍ଠ ପ୍ରବନ୍ଧକ ହେମନ୍ତ ମାଥୁର, ବିତରକ ସୁନୀଲ ତନେଜା ଉପସ୍ଥିତ ଥିଲେ।

# 'ଆର୍‌ବିଆଇ ସରକାରଙ୍କ ପ୍ରତି ଉତ୍ତରଦାୟୀ'

**ନୂଆଦିଲ୍ଲୀ,୧୦-୧**

### ମତ ସ୍ପଷ୍ଟ କଲେ ଜଲାନ



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସରକାରଙ୍କ ପ୍ରତି ଉତ୍ତରଦାୟୀ। ଏଣୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଢାଞ୍ଚା ମଧ୍ୟରେ ରହି ଏହାକୁ କାର୍ଯ୍ୟ କରିବାକୁ ହେବ ବୋଲି ପୂର୍ବତନ ଗଭର୍ଣ୍ଣର ବିମଳ ଜଲାନ ଗୁରୁବାର ନିଜର ମତ ସ୍ପଷ୍ଟ କରିଛନ୍ତି।

ରିଜର୍ଭ ବ୍ୟାଙ୍କର ବଳକା ଅର୍ଥକୁ ସରକାରଙ୍କୁ ଦେବା ଲାଗି ଢାଞ୍ଚା ପ୍ରସ୍ତୁତ କରିବାକୁ ଗଠିତ କମିଟିର ଅଧ୍ୟକ୍ଷ ଥିବା ଜଲାନ କହିଛନ୍ତି ଯେ, ସରକାରଙ୍କ ଆର୍ଥିକ ନୀତିକୁ ଅନୁସରଣ କରି କେନ୍ଦ୍ରୀୟ ବ୍ୟାଙ୍କ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ୍, କାରଣ ଏହା ସରକାରଙ୍କ ନିକଟରେ ଜବାବ ଦେବାକୁ ବାଧ୍ୟ। ସେ କହିଛନ୍ତି ଯେ, ଆର୍‌ବିଆଇ ସହ ସରକାରଙ୍କ ମତଭେଦ ଥାଇପାରେ, ସରକାର ରାଜନୈତିକ ବାଧ୍ୟବାଧକତାକୁ ଦୃଷ୍ଟିରେ ରଖି ବୃହତ୍ ଦୃଶ୍ୟପଟରେ ଅର୍ଥନୀତିକୁ ସ୍ଥିର କରିଥାନ୍ତି। ବାସ୍ତବ କ୍ଷେତ୍ରରେ କ'ଣ ଘଟୁଛି ସରକାର ତାହା ମଧ୍ୟ ଦେଖିଥାନ୍ତି ବୋଲି ସେ କହିଛନ୍ତି। ତେବେ ନୀତିଗତ ଢାଞ୍ଚା ମଧ୍ୟରେ ଥାଇ ସରକାରଙ୍କ ନୀତି ଅନୁଯାୟୀ ଆର୍‌ବିଆଇକୁ କାର୍ଯ୍ୟ କରିବାକୁ ହେବ। ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତଭେଦ ଅନେକାଂଶରେ ଦୂର ହୋଇସାରିଥିବା ଆଶାପ୍ରକାଶ କରି ସେ କହିଛନ୍ତି ଯେ, ନୂଆ ମ୍ୟାନେଜମେଣ୍ଟ ଅଧୀନରେ ଏବେ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟ କରିବ ବୋଲି ଜଲାନ ଆଶାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ସରକାରରେ ଦୀର୍ଘଦିନ କାର୍ଯ୍ୟ କରିଥିବା ଜଣେ ଅଧିକାରୀ ଏବେ ଗଭର୍ଣ୍ଣର ହୋଇଛନ୍ତି। ତାଙ୍କ ନେତୃତ୍ୱରେ ରିଜର୍ଭ ବ୍ୟାଙ୍କ ଭଲ କାର୍ଯ୍ୟ କରିବ। ତାଙ୍କ ମତରେ ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ରାଷ୍ଟ୍ର ହିତରେ ଏହାର ଆପୋଷ ସମାଧାନ କରିବା ଆବଶ୍ୟକ। ଆର୍‌ବିଆଇର ବଳକା ଅର୍ଥକୁ ନେଇ ଗଠିତ କମିଟି କି ପ୍ରକାର ସୁପାରିସ କରିବାକୁ ଯାଉଛି ବୋଲି ପ୍ରଶ୍ନ ହେବାରୁ ସେ ଏହାର ଉତ୍ତର ଦେବାକୁ ମନା କରିଦେଇଥିଲେ। ସୂଚନାଥାଉ କି, ଏହି ପ୍ରସଙ୍ଗଟି ଆର୍‌ବିଆଇ ଓ ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦର ଅନ୍ୟତମ କାରଣ ଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଆବଶ୍ୟକତା ଠାରୁ ଅଧିକ ବଳକା ଅର୍ଥ ନିଜ ପାଖରେ ରଖିଛନ୍ତି ବୋଲି ସରକାର ଯୁକ୍ତି ବାଢ଼ିଥିବା ବେଳେ ସମ୍ଭାବ୍ୟ ବିପଦର ମୁକାବିଲା ଲାଗି ଏହି ଅର୍ଥ ରଖାଯାଇଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି। ଅନ୍ୟପକ୍ଷରେ ଜଲାନଙ୍କ ମନ୍ତବ୍ୟ ଉପରେ ଆର୍‌ବିଆଇ କୌଣସି ପ୍ରତିକ୍ରିୟା ଦେଇନାହିଁ।

## ଜେରଥ ପାଥ୍ ଲାବ୍ ପକ୍ଷରୁ ଆଲର୍ଜି ପରୀକ୍ଷଣ ଆଜିଠାରୁ



**ଭୁବନେଶ୍ୱର,୧୦-୧**

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟି ସେଣ୍ଟର ପକ୍ଷରୁ ଶୁକ୍ରବାରଠାରୁ ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲର୍ଜି ପରୀକ୍ଷଣ ଶିବିର ଅନୁଷ୍ଠିତ ହେଉଛି। କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭୁବନେଶ୍ୱରର ଖଣ୍ଡଗିରି, ପଟିଆ, କେନ୍ଦୁଝର, ଖୋର୍ଦ୍ଧା, ନବରଙ୍ଗପୁର, କୋରାପୁଟ, ପୁରୀ, ନୟାଗଡ଼, ଗଜପତି, ରାୟଗଡ଼ା, ଭବାନିପାଟଣାରେ ଏହି ଶିବିର ଆୟୋଜନ ହେଉଛି। ସେହିଭଳି ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲା, ଦେବଗଡ଼, ବରଗଡ଼, ରାଉରକେଲା, ଗଜପତି, ଢେଙ୍କାନାଳ, କାମାକ୍ଷାନଗର, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ବାରିପଦା ଭଳି ସ୍ଥାନରେ ଥିବା ଜେରଥର କଲେକ୍ସନ ସେଣ୍ଟରଗୁଡ଼ିକର ଜାନୁୟାରୀ ୧୧ ଏବଂ ୧୨ ତାରିଖରେ ଏହି ପରୀକ୍ଷଣ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ସକାଳ ୯ରୁ ଅପରାହ୍ନ ୫ ମଧ୍ୟରେ ଏହି ପରୀକ୍ଷା ରୋଗୀମାନେ କରାଇପାରିବେ। ଏହି ପରୀକ୍ଷଣ ଲାଗି ଜେରଥ ପକ୍ଷରୁ ରିହାତି ସୁବିଧା ଦିଆଯାଉଛି। ଫୁଡ, ସ୍କିନ ଏବଂ ଇନହେଲାଣ୍ଟ ବର୍ଗରେ ପରୀକ୍ଷଣ କରାଯିବ। ଶୀଘ୍ର ଚିହ୍ନଟରେ ଆଲର୍ଜି ଚିକିତ୍ସା ସମ୍ଭବ ବୋଲି ସେଣ୍ଟର ପକ୍ଷରୁ ସୂଚନା ରହିଛି।

## ହର୍ବାଲ ଓରାଲ କେୟାର ସେଗ୍‌ମେଣ୍ଟରେ ଆମ୍‌ୱେର ପ୍ରବେଶ

**ଭୁବନେଶ୍ୱର,୧୦-୧**




ପ୍ରମୁଖ କମ୍ପାନୀ ଆମ୍‌ୱେ ହର୍ବାଲ ଓରାଲ କେୟାର ସେଗ୍‌ମେଣ୍ଟର ପ୍ରବେଶ ପୂର୍ବକ ଏହାର ନୂଆ ପ୍ରଡକ୍ଟକୁ ବଜାର ପ୍ରବେଶ କରାଇଛି। କମ୍ପାନୀ ପକ୍ଷରୁ ନୂଆକରି ଗ୍ଲିଷ୍ଟର ହର୍ବାଲ ଟୁଥପେଷ୍ଟ ଆସିଛି। ଏହାକୁ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ କରାଯାଇଛି। ବିବିଧ କାର୍ଯ୍ୟକ୍ଷମତା ରଖୁଥିବା ଏହି ଟୁଥପେଷ୍ଟରେ ଜଡ଼ିବୁଟିର ଗୁଣବତ୍ତା ଗ୍ରାହକମାନେ ଲାଭ କରିପାରିବେ। ଏହା ବାଦ ଜୈବ ବିଘଟିତ ମାଇକ୍ରୋ ବିଡ୍‌ସ ଏଥିରେ ରହିଛି। କମ୍ପାନୀ ବର୍ତ୍ତମାନ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହ ଆଗକୁ ବଢ଼ୁଛି। ଓରାଲ କେୟାର କ୍ଷେତ୍ରରେ ସ୍ଥିତିକୁ ଦୃଢ଼ କରିବା ପାଇଁ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ଏହି ନୂଆ ପ୍ରଡକ୍ଟ ଦ୍ୱାରା ଆଗାମୀ ଦୁଇ ବର୍ଷରେ ୪୪ କୋଟି ଟଙ୍କା ଆୟ କରିବାକୁ ଆମ୍‌ୱେ ଯୋଜନା ରଖିଛି।

## ଡାକାର ରାଲିରେ ହିରୋ ମୋଟୋସ୍ପୋର୍ଟ୍ସ ଟିମ୍‌ର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର,୧୦-୧**



ଡାକାର ରାଲି ୨୦୧୯ର ପ୍ରଥମ ପର୍ଯ୍ୟାୟରେ ହିରୋ ମୋଟୋକର୍ପ ଲିମିଟେଡ୍‌ର ହିରୋମୋଟୋସ୍ପୋର୍ଟ୍ସ ଟିମ୍‌ର ପ୍ରଦର୍ଶନ ଉନ୍ନତ ରହିଛି। ୨୪୭ କି.ମି. ପଥ ମଧ୍ୟରୁ ଷ୍ଟେଜ ୧ରେ ୮୪ କି.ମି. ଲିମାଠାରୁ ପିସ୍‌କୋ ମଧ୍ୟରେ ସମ୍ପନ୍ନ ହୋଇଛି। ଭାରତୀୟ ଚାଳକ ସି.ଏସ୍. ସନ୍ତୋଷ ଡାକାରରେ ପଞ୍ଚମଥର ଲାଗି ଯୋଗଦେବା ସହ ୨୦ତମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଜ୍ୟାକ୍ସିମ ରୋଡ୍ରିଗ୍ସ ରାଲିରେ ଦ୍ୱିତୀୟଥର ଯୋଗଦେବା ସହ ୨୩ତମ ସ୍ଥାନ ହାସଲ କରିଛନ୍ତି। ଓରିଏଲ୍ ମୀନା ଏଥିରେ ୧୪ତମ ସ୍ଥାନରେ ରହିଛନ୍ତି।

### କ୍ରମାଗତ ୨ଥର ରିଟର୍ନ ଦାଖଲ ହୋଇ ନ ଥିଲେ

# କମ୍ପାନୀଙ୍କୁ ମିଳିବନି ଇ-ୱେ ବିଲ୍

**ନୂଆଦିଲ୍ଲୀ,୧୦-୧**

ଜିଏସ୍‌ଟି ଆଦାୟ କ୍ରମାଗତ ହ୍ରାସ ହେଉଥିବାରୁ କେନ୍ଦ୍ର ସରକାର ବେଶ ଚିନ୍ତିତ। ଟିକସ ଫାଙ୍କିକୁ ରୋକିବା ଲାଗି ରିଟର୍ନ ଦାଖଲ କରୁ ନ ଥିବା କମ୍ପାନୀଙ୍କ ବିରୋଧରେ ଏବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବାକୁ ଯାଉଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, କ୍ରମାଗତ ଦୁଇ ମାସ ଅଥବା ଦୁଇଟି ତ୍ରୈମାସରେ ରିଟର୍ନ ଦାଖଲ କରି ନ ଥିବା କମ୍ପାନୀଙ୍କୁ ଇ-ୱେ ବିଲ୍ ମିଳିବ ନାହିଁ। ଫଳରେ ସେମାନେ ୫୦ ହଜାରରୁ ଅଧିକ ମାଲ୍ ପରିବହନ କରିପାରିବେ ନାହିଁ। ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଜିଏସ୍‌ଟିଏନ୍ ଏଭଳି ସମସ୍ତ ଯୋଗାଣକାରୀ ଅଥବା ମାଲ୍ ଗ୍ରହଣକାରୀଙ୍କ ଇ-ଫାଇଲିଂ ପୋର୍ଟାଲକୁ ବ୍ଲକ୍ କରିଦେବ। ବର୍ତ୍ତମାନ ୨୮% କମ୍ପାନୀ ଜିଏସ୍‌ଟି ରିଟର୍ନ ଦାଖଲ କରୁନାହାନ୍ତି। ଏପରିସ୍ଥଳେ ବହୁସଂଖ୍ୟାରେ ଇ-ୱେ ବିଲ୍ ତିଆରି ହେଉଥିବାରୁ ଟିକସ ଚୋରୀ ହେଉଥିବା ସନ୍ଦେହ କରୁଛନ୍ତି।

## ଏସ୍‌ବିଏସ୍ ବାୟୋଟେକ୍ ପରିଦର୍ଶନ କଲେ ରାଜୁ ଶ୍ରୀବାସ୍ତବ

**ଚଣ୍ଡିଗଡ଼,୧୦-୧**



ବିଶିଷ୍ଟ ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବ ଏସ୍‌ବିଏସ୍ ବାୟୋଟେକର ଚଣ୍ଡିଗଡ଼ ସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ 'ପେଟ ସଫା' ପ୍ରଡକ୍ଟର ରାଜୁ ବର୍ତ୍ତମାନ ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ କମ୍ପାନୀର ସିଏମ୍‌ଡି ଡା.ସଞ୍ଜୀବ ଜୁନେଜା ରାଜୁଙ୍କୁ ସ୍ୱାଗତ କରିବା ସହ କମ୍ପାନୀର ପରିସର ବୁଲାଇ ଦେଖାଇଥିଲେ। କମ୍ପାନୀର ସବୁ କର୍ମଚାରୀ ଏହି ଅବସରରେ ରାଜୁଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ପେଟ ସଫା ପ୍ରଡକ୍ଟର ଲୋକପ୍ରିୟତା ଉପରେ ଜୁନେଜା ତାଙ୍କୁ ଅବଗତ କରାଇଥିଲେ। ରାଜୁ ଏହି ଅବସରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ଲାଗି ଦେଶର ପ୍ରତି ନାଗରିକ ଯତ୍ନବାନ ହେବା ଆବଶ୍ୟକ ବୋଲି ରାଜୁ ସୂଚନା ଦେଇଛନ୍ତି।

# ସବୁଠୁ ଧନୀ ମହିଳା ହେବେ ବେଜୋସ୍‌ଙ୍କ ସ୍ତ୍ରୀ

### ବିବାହ ବିଚ୍ଛେଦ ପରେ

**ନୂଆଦିଲ୍ଲୀ,୧୦-୧**

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ଇ-କମର୍ସ କମ୍ପାନୀ ଆମାଜନର ମାଲିକ ଜେଫ୍ ବେଜୋସ୍ ଓ ତାଙ୍କ ସ୍ତ୍ରୀ ମ୍ୟାକେଞ୍ଜି ଖୁବଶୀଘ୍ର ବିବାହ ବନ୍ଧନରୁ ଅଲଗା ହୋଇଯିବେ। ଦୀର୍ଘ ୨୫ ବର୍ଷ ପରେ ସେମାନେ ବିବାହବିଚ୍ଛେଦ ଲାଗି ରାଜି ହୋଇଛନ୍ତି। ସ୍ୱୟଂ ବେଜୋସ୍ ଟୁଇଟ୍ ଜରିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ବିବାହବିଚ୍ଛେଦ ବିଶ୍ୱର ଧନୀ ତାଲିକାରେ ବିରାଟ ପରିବର୍ତ୍ତନ ଆଣିବାକୁ ଯାଉଛି। ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଆଉ ଶୀର୍ଷରେ ରହିବେ ନାହିଁ। ଅର୍ଥାତ୍ ବେଜୋସ୍ ଶୀର୍ଷ ସ୍ଥାନ ହରାଇବେ। ଅନ୍ୟପକ୍ଷରେ ମ୍ୟାକେଞ୍ଜି ବିବାହ ବିଚ୍ଛେଦ ପରେ ଧନୀ ତାଲିକାରେ ଫେସବୁକର ସହ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାଲିକ ମୁକେଶ ଅମ୍ବାନୀଙ୍କଠାରୁ ଅଧିକ ଧନୀ ହୋଇଯିବେ। ଧନୀ ମହିଳା ଭାବେ ସେ ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିବେ। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ବେଜୋସ୍‌ଙ୍କ ମୋଟ୍ ୧୩୭୦୦ କୋଟି ଡଲାର ସମ୍ପତ୍ତିକୁ ଅଧା ଅଧା ବଣ୍ଟାଗଲେ ମ୍ୟାକେଞ୍ଜିଙ୍କୁ ପ୍ରାୟ ୬୮୫୦ କୋଟି ଡଲାର ମିଳିବ। ବର୍ତ୍ତମାନ ଆଲଫାବେଟ୍ ସିଇଓ ଲ୍ୟାରି ପେଜ୍ ୫୩୦୦ କୋଟି ଡଲାର ସହ ସବୁଠୁ ଧନୀ ମହିଳା ହୋଇଛନ୍ତି।

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
OPTCL Lifeline of Orissa

Advt.No.08/2018-19 NOTICE INVITING TENDER
For and on behalf of OPTCL sealed tenders are invited from Manufacturers/ Authorized Dealers/Suppliers having valid IT. PAN, GST Registration Certificate for Supply of Insulating Rubber Mat required for various Grid Sub-Stations under EHT (O&M) Circle, Berhampur, **Commencement of Sale of Tender Paper :** From Dated 14.01.2019 to Dated 04.02.2019 up to 5.00PM. **Last Date of Submission of Tender Paper :** Dated 05.02,2019 up to 02.00 PM. **Date of Opening of Tender Paper :** Dated 05.02.2019 at 3.00PM. **Cost of Tender Paper :** Rs.2,000/- GST @12%= Rs.2,240/-, for details please visit our website **www.optcl.co.in**. Corrigendum if any will be published in the website only.
*General Manager (Elect.)*

OFFICE OF THE
PARADEEP MUNICIPALITY, PARADEEP
No. 157 Dt.08.01.19
QUOTATION CALL NOTICE
The Executive Officer, Paradeep Municipality on behalf of Paradeep Municipality, Dist.- Jagatsinghpur invites sealed quotations from the intending registered supplier / dealers / firm for supply & installation of GPS device to Paradeep Municipality's vehicles. The prescribed quotation schedule (DTCN) can be downloaded from Paradeep Municipality website **www.paradeepmunicipality.org.in** from **10.00 AM** date.**11.01.2019** to date.**18.01.2019** upto **5.00 PM** on payment of **Rs.500.00** (Rupees Five hundred) only (non-refundable) in shape of cash / bank draft / bankers cheque drawn in favour of the Executive Officer, Paradeep Municipality payable at Paradeep from any Nationalized bank.
The quotation paper alongwith all documents shall be received in the office of the Executive Officer, Paradeep Municipality through by person on or before date **19.01.2019** upto **12.30 PM**. The quotation will be opened on the same date at **3.30 PM** in presence of the quotationer or their authorized representative. The quotation received beyond the schedule date and time will not be considered at all.
The undersigned has the right to accept, cancel or reject any or all the quotations without assigning any reason thereof.
**Sd./- Executive Officer, Paradeep Municipality**

State Level Flower Show, 2019
Botanic Gardens (Ekamrakanan)
Regional Plant Resource Centre, Nayapalli, Bhubaneswar
12th - 13th January, 2019
(9 AM to 7 PM)
ENTRY TO GARDEN FREE
FREE PARKING INSIDE GARDEN
Organised by :
Regional Plant Resource Centre, Bhubaneswar
in collaboration with
Plant Lovers' Association, Bhubaneswar
Supported by :
नालको NALCO
&
Directorate of Horticulture, Odisha

> ସିଜନ ୨୦୧୯ ଶେଷ ସୁଦ୍ଧା ପ୍ରତିଯୋଗିତାମୂଳକ ଟେନିସ୍‌କୁ ଫେରିବା ଲାଗି ମୁଁ ଚେଷ୍ଟା କରୁଛି, କିନ୍ତୁ ପୁଣି ଶୀର୍ଷସ୍ତରରେ ପହଞ୍ଚିବା ସହଜ ନୁହେଁ।
>
> – ସାନିଆ ମିର୍ଜା, ଭାରତୀୟ ଟେନିସ୍ ଖେଳାଳି



> ବୀରେନ୍ଦ୍ର ସେହ୍ୱାଗ ତାଙ୍କ କ୍ୟାରିୟରରେ ଯାହା କରିଛନ୍ତି, ଯଦି ମୁଁ ତାହାର ଅଧା ହାସଲ କରେ ଖୁସି ହେବି।
>
> – ମୟଙ୍କ ଅଗ୍ରୱାଲ, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ମୋର୍କେଲଙ୍କ ସନ୍ନ୍ୟାସ



ଜୋହାନ୍ସବର୍ଗ, ୧୦।୧- ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ଆଲ୍‌ବି ମୋର୍କେଲ କ୍ରିକେଟର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ପ୍ରଫେଶନାଲ କ୍ରିକେଟରେ ୨୦ ବର୍ଷ ଧରି ଖେଳିବା ପରେ ଶେଷରେ ୩୭ ବର୍ଷୀୟ ମୋର୍କେଲ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଥିଲେ। ବିଶେଷ କରି ସୀମିତ ଓଭର ଫର୍ମାଟ୍‌ରେ ଜଣେ ସଫଳ କ୍ରିକେଟର ଭାବେ ଜଣାଶୁଣା ମୋର୍କେଲ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୮ ଦିନିକିଆ, ୫୦ ଟି୨୦ ଓ ଗୋଟିଏ ମାତ୍ର ଟେଷ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ୨୦୦୪ରେ ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା ମୋର୍କେଲ ୭୮୨ ରନ ସହ ୫୦ ଉଇକେଟ୍ ଏବଂ ଟି୨୦ରେ ୭୫୨ ରନ ଓ ୨୬ ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ଆଇପିଏଲ୍‌ରେ ମଧ ମୋର୍କେଲ ନିଜର ଛାପ ଛାଡ଼ିଛନ୍ତି। ଆଇପିଏଲ୍‌ରେ ୯୧ ମ୍ୟାଚ୍‌ରୁ ସେ ୯୭୪ ରନ କହିବା ସହିତ ୮୫ ଉଇକେଟ ନେଇ ନିଜକୁ ଜଣେ ଦକ୍ଷ ଅଲ୍‌ରାଉଣ୍ଡର ଭାବେ ପ୍ରତିପାଦିତ କରିପାରିଥିଲେ। ୨୦୧୧ରେ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳୁଥିବାବେଳେ ସେ ଆଇପିଏଲ୍ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲେ। ଚେନ୍ନାଇ ବ୍ୟତୀତ ମୋର୍କେଲ ଦିଲ୍ଲୀ ଡେୟାରଡେଭିଲ୍ସ, ରାଇଜିଂ ପୁନେ ସୁପରଜିଆଣ୍ଟ୍ସ ପକ୍ଷରୁ ମଧ ମ୍ୟାଚ୍ ଖେଳିଛନ୍ତି। ଆଲ୍‌ବିଙ୍କ ଭାଇ ମର୍ନି ମୋର୍କେଲ ମଧ ଗତବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

# ଜୋକୋଭିଚ୍, ହାଲେପ୍ ଟପ୍ ସିଡ୍

**ମେଲବୋର୍ନ, ୧୦।୧(ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱର ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍ ଓ ସିମୋନା ହାଲେପ୍ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଜୋକୋଭିଚ୍‌ଙ୍କ ଚିରପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ, ଡିଫେଣ୍ଡିଂ ଚାମ୍ପିୟନ ରୋଜର ଫେଡେରର ଓ ଯୁବ ତାରକା ଆଲେକ୍ସଜାଣ୍ଡର ଜେଭରେଭ ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ସର୍ବୀୟ ତାରକା ଜୋକୋଭିଚ୍ ୭ମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଇତିହାସ ରଚିବା ଲକ୍ଷ୍ୟରେ ରହିଛନ୍ତି। ଆଘାତଜନିତ ସମସ୍ୟା ଲାଗି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଅଂଶଗ୍ରହଣ କରିପାରୁ ନ ଥିବା ବିଶ୍ୱର ୫ ନମ୍ବର ମାନ୍ୟତା ଜୁଆନ୍ ମାର୍ଟିନ୍ ଡେଲପୋଟ୍ରୋଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର କେଭିନ୍ ଆଣ୍ଡରସନ ୫ମ ସିଡ୍ ପାଇଛନ୍ତି। ଗତବର୍ଷର ଫାଇନାଲିଷ୍ଟ ମାରିନ୍ ସିଲିକ ୬ଷ୍ଠ ସିଡ୍ ଲାଭ କରିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ୨୩ଥର ମେଜର ଟାଇଟଲ ବିଜୟିନୀ ସେରେନା ୱିଲିୟମ୍ସ ୧୬ତମ ସିଡ୍‌ରେ ରହିଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିୟନ ଡେନମାର୍କର କାରୋଲିନ ୱୋଜନିଆକି ସ୍ୱାସ୍ଥ୍ୟଗତ ସମସ୍ୟା ଓ ଖରାପ୍ ଫର୍ମ ଲାଗି ୩ୟ ସିଡ୍ ପାଇଛନ୍ତି। ଆଞ୍ଜେଲିକ କର୍ବର ଓ ୟୁଏସ୍ ଓପନ୍ ଚାମ୍ପିୟନ ନାଓମି ଓସାକା ଯଥାକ୍ରମେ ୨ୟ ଓ ୪ର୍ଥ ସିଡ୍‌ରେ ରହିଛନ୍ତି।





ଅଷ୍ଟ୍ରେଲିଆନ ଓପନ ଟେନିସ୍ ଚାମ୍ପିୟନଶିପ୍ ପାଇଁ ଅଫିସିଆଲ ଡ୍ର' ପୂର୍ବରୁ ମେଲବୋର୍ନଠାରେ ଗୁରୁବାର ଗତଥରର ପୁରୁଷ ଚାମ୍ପିୟନ ରୋଜର ଫେଡେରର ନର୍ମାନ ବ୍ରୁକ୍ସ ଚ୍ୟାଲେଞ୍ଜ କପ୍ ଏବଂ ମହିଳା ଚାମ୍ପିୟନ କାରୋଲିନ୍ ଓଜନିଆକି ଡାଫ୍‌ନେ ଅଖର୍ଷ୍ଟ ମେମୋରିଆଲ କପ୍ ସହ।

### ପ୍ରଜନେଶ ମୁଖ୍ୟ ପର୍ଯ୍ୟାୟର ନିକଟତର

**ଅଷ୍ଟ୍ରେଲିଆନ୍ ଓପନ୍**

ଇନ୍‌ଫର୍ମ ପ୍ରଜନେଶ ଗୁଣେଶ୍ୱରନ୍ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ପର୍ଯ୍ୟାୟର ନିକଟତର ହୋଇଛନ୍ତି। କିନ୍ତୁ ଅନ୍ୟ ଦୁଇ ଭାରତୀୟ ଟେନିସ ଖେଳାଳି ଅଙ୍କିତା ରାଇନା ଓ ରାମକୁମାର ରାମନାଥନ ସିଧାସଳଖ ପରାଜୟ ସହ ଯୋଗ୍ୟତା ପର୍ଯ୍ୟାୟରୁ ଅଭିଯାନ ଶେଷ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ୨ୟ ରାଉଣ୍ଡରେ ୬ଷ୍ଠ ସିଡ୍ ପ୍ରଜନେଶ ୬–୩, ୬–୩ ସିଧାସଳଖ ସେଟ୍‌ରେ ସ୍ପେନର ଏନରିକ୍ ଲୋପେକ ପେରେଜଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୧୧୨ତମ ସ୍ଥାନରେ ରହିଥିବା ପ୍ରଜନେଶ ଶୁକ୍ରବାର ୩ୟ ରାଉଣ୍ଡ ମୁକାବିଲାରେ ଜାପାନର ୟୋସୁକେ ୱାଟାନ୍ଙ୍କୁ ଭେଟିବେ। ଯଦି ଏହି ମ୍ୟାଚ୍‌ରେ ବିଜୟ ହାସଲ କରନ୍ତି ତେବେ ପ୍ରଜନେଶ କ୍ୟାରିୟରରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିବେ। ଆହତ ଥିବା ଅନ୍ୟତମ ଭାରତୀୟ ଖେଳାଳି ୟୁକି ଭାମ୍ବ୍ରୀ ୨୦୧୮ରେ ସମସ୍ତ ୪ଟି ଯାକ ଗ୍ରାଣ୍ଡସ୍ଲାମ ଖେଳିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୧୩୨ତମ ସ୍ଥାନରେ ରହିଥିବା ରାମକୁମାର ୭–୫, ୫–୭, ୬–୭ (୬) ସେଟ୍‌ରେ ଜର୍ମାନୀର ରୁଡୋଲ୍ଫ ମୋଲେକରଙ୍କ ନିକଟରୁ ହାରି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଅଙ୍କିତା ୬–୪, ୨–୬, ୪–୬ ସେଟ୍‌ରେ ସ୍ପେନର ପାଉଲ୍ ବାଡୋସା ଗିବର୍ଟଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଫେବୃୟାରୀ ୨୪ରୁ ଅଷ୍ଟ୍ରେଲିଆର ଭାରତ ଟୁର୍

**ମୁମ୍ବାଇ, ୧୦।୧**

ଚଳିତ ବର୍ଷ ଆଇସିସି ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ ଦଳ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ସୀମିତ ଓଭରବିଶିଷ୍ଟ ସିରିଜ ଖେଳିବ। ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଫେବୃୟାରୀ ୨୪ରୁ ମାର୍ଚ୍ଚ ୧୩ ମଧ୍ୟରେ ଭାରତ ୨ଟି ଟି୨୦ ଓ ୫ଟି ଏକଦିବସୀୟ ମ୍ୟାଚ୍ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ ବୋଲି ଜଣାପଡ଼ିଛି।

ବିରାଟ କୋହଲିଙ୍କ ଦଳ ବର୍ତ୍ତମାନ ଏକ ସଂପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଗସ୍ତରେ ରହିଛି। ଭାରତ ସେଠାରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ୧–୧ରେ ଡ୍ର ରଖିବା ପରେ ଟେଷ୍ଟ ସିରିଜକୁ ୨–୧ରେ ଜିତି ଇତିହାସ ସୃଷ୍ଟି କରିଛି। ଶନିବାରଠାରୁ ଭାରତ ଗସ୍ତରେ ଅନ୍ତିମ ସିରିଜଭାବେ ୩ମ୍ୟାଚ୍‌ବିଶିଷ୍ଟ ଦିନିକିଆ ମ୍ୟାଚ୍ ଖେଳିବ। ଭାରତ ଏହାପରେ ନ୍ୟୁଜିଲାଣ୍ଡ ଟୁର୍‌ରେ ଯାଇ ସେଠାରେ ୫ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ନ୍ୟୁଜିଲାଣ୍ଡ ସିରିଜ ଜାନୁୟାରୀ ୨୩ରୁ ଆରମ୍ଭ ହୋଇ ଫେବୃୟାରୀ ୧୦ରେ ସମାପ୍ତ ହେବ। ଏହାର ୧୩ ଦିନ ପରେ ଭାରତ ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳିବ ବୋଲି ବିସିସିଆଇ ପକ୍ଷରୁ ଜଣାପଡ଼ିଛି। ଦିନିକିଆ ମ୍ୟାଚ୍‌ଗୁଡ଼ିକ ଦିନ ୧ରୁ ଏବଂ ଟି୨୦ ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ମାର୍ଚ୍ଚ ୧୩ରେ ଶେଷ ହେବାର ୧୦ ଦିନ ବ୍ୟବଧାନ (ମାର୍ଚ୍ଚ ୨୩) ପରେ ଆଇପିଏଲ୍ ସିଜନ–୧୨ ଆରମ୍ଭ ହେବ। ମେ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ ଆଇପିଏଲ୍ ଖେଳାଯିବା ପରେ ସେହି ମାସ ୩୦ରୁ ଇଂଲଣ୍ଡରେ ଆଇସିସି ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ।

# ଆଲମଗିରି ଟିମ୍ ଫାଇନାଲରେ

**ଆଗ୍ରାହାଟ କପ୍ ଫୁଟ୍‌ବଲ**

**ଚୌଦ୍ୱାର, ୧୦।୧(ଡି.ଏନ୍.ଏ)**

ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆଗ୍ରାହାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ କଟକର ଏସ୍‌ଏସ୍‌ବି ଫୁଟବଲ କ୍ଲବ ସହିତ ଆଲମଗିରି ଫୁଟବଲ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲମଗିରି ଫୁଟ୍‌ବଲ ଟିମ୍ ୩–୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଗ୍ରାହାଟ ଖେଳପଡ଼ିଆରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଦନ୍ତ ଚିକିତ୍ସକ ଅମିତ୍ କୁମାର ପୃଷ୍ଟି ଅତିଥିଭାବେ ଯୋଗଦେଇ ଥିଲେ। ରେଫରି ସଞ୍ଜୀବ ଦାସ, ବ୍ରହ୍ମାନନ୍ଦ ଭୋଇ ଓ ନାରାୟଣ ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ସମୀର ବେହେରା, ଶିବ ପ୍ରସାଦ ପରିଡା, ଅକ୍ଷୟ ବରାଳ, ହିମାଂଶୁ ସ୍ୱାଇଁ, ଅଶୋକ ବରାଳ, ପ୍ରଶାନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୨ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।






ଧରିତ୍ରୀ
DHARITRI
ଶୁକ୍ରବାର, ୧୧ ଜାନୁୟାରୀ, ୨୦୧୯



# ଦୁଇ ମ୍ୟାଚ୍‌ରୁ ବାସନ୍ଦ ହୋଇପାରନ୍ତି ପାଣ୍ଡ୍ୟା, ରାହୁଲ | ମହଙ୍ଗା ପଡ଼ିଲା ମହିଳାଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ, ୧୦।୧(ପି.ଟି.)

ଏକ ରିୟଲିଟି ଟିଭି ଶୋ'ରେ ମହିଳାଙ୍କ ପ୍ରତି ବିବାଦୀୟ ଟିପ୍ପଣୀ ଦେଇ ବିବାଦ ଘେରକୁ ଚାଲି ଆସିଥିବା ଦୁଇ ଭାରତୀୟ ଯୁବ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ଶେଷରେ ଏହା ମହଙ୍ଗା ପଡ଼ିଛି। ଅଲ୍‌ରାଉଣ୍ଡର ପାଣ୍ଡ୍ୟା ଓ ବ୍ୟାଟ୍ସମ୍ୟାନ ରାହୁଲ ୨ଟି ଲେଖାଏ ଦିନିକିଆରୁ ବାସନ୍ଦ ହେବାର ସମ୍ଭାବନା ରହିଛି। ଗୁରୁବାର ପ୍ରଶାସକ କମିଟି (ସିଓଏ)ର ମୁଖ୍ୟ ବିନୋଦ ରାଏ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରିବା ପାଇଁ ସୁପାରିଶ କରିଛନ୍ତି। ସିଓଏର ଅନ୍ୟତମ ସଦସ୍ୟା ଡାଏନା ଏଡୁଲଜୀ ଏହାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଲିଗାଲ୍ ସେଲ୍ ନିକଟକୁ ପଠାଇ ଦେଇଛନ୍ତି। ଯଦି ବିସିସିଆଇର ଲିଗାଲ୍ ସେଲ୍ ଏହାକୁ ଅନୁମୋଦନ କରିଦିଏ ତେବେ ଉଭୟ ପାଣ୍ଡ୍ୟା ଓ ରାହୁଲ ଶନିବାରଠାରୁ ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ଦୁଇଟିରୁ ବାସନ୍ଦ ହେବା ନିଶ୍ଚିତ ହୋଇଯାଇଛି।

ପ୍ରକାଶଯୋଗ୍ୟ, ଜଣାଶୁଣା ସିନେମା ନିର୍ଦ୍ଦେଶକ କରନ ଜୋହରଙ୍କ ଦ୍ୱାରା ଆୟୋଜିତ ହେଉଥିବା ଲୋକପ୍ରିୟ ଟିଭି ଶୋ' 'କଫି ୱିଥ୍ କରନ'ରେ ପାଣ୍ଡ୍ୟା ଓ ରାହୁଲ ମହିଳାଙ୍କ ସମ୍ବନ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ପାଣ୍ଡ୍ୟା ନିଜ ସେକ୍ସ ଲାଇଫ୍ ଉପରେ ଖୋଲାଖୋଲି ମନ୍ତବ୍ୟ ଦେବା ସହ ଏ ନେଇ ନିଜ ପରିବାର ସଦସ୍ୟଙ୍କ ଖୋଲା ଚିନ୍ତାଧାରା ନେଇ ପାଣ୍ଡ୍ୟା ନିଜର ମତ ରଖିଥିଲେ। ଯେତେବେଳେ କୌଣସି ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥାଏ ସେତେବେଳେ ଘର ଲୋକଙ୍କୁ ଏ ନେଇ ଖୋଲାଖୋଲି ଭାବେ ଜଣାଇଥିଲି ବୋଲି ପାଣ୍ଡ୍ୟା କହିଥିଲେ। ସେହିଭଳି କ୍ଲବ୍ କିମ୍ବା ପାର୍ଟିରେ ମହିଳାଙ୍କୁ ସେମାନଙ୍କ ନାଁ କାହିଁକି ପଚାରନ୍ତି ନାହିଁ ବୋଲି କରନ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ପାଣ୍ଡ୍ୟା ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ନାଁ ପଚାରିବା ଅପେକ୍ଷା ସେମାନଙ୍କ ଚାଲିଚଳନ ଦେଖିବାକୁ ଅଧିକ ପସନ୍ଦ କରିଥାଏ ଏବଂ ସେମାନଙ୍କ ପଛପାର୍ଶ୍ୱକୁ ଦେଖିଥାଏ ବୋଲି ପାଣ୍ଡ୍ୟା କହିଥିଲେ। ପାଣ୍ଡ୍ୟାଙ୍କ ଏଭଳି ଆପତ୍ତିଜନକ ମନ୍ତବ୍ୟ ପରେ ଚାରିଆଡୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ବୁଧବାର ପ୍ରଶାସକ କମିଟି ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ପରିସ୍ଥିତି ଜଟିଳ ଆଡ଼କୁ ଗତି କରୁଥିବା ଦେଖି ପାଣ୍ଡ୍ୟା କ୍ଷମା ମାରିଥିଲେ। ମୋ ମନ୍ତବ୍ୟ କାହାକୁ ଆଘାତ ଦେବ ବୋଲି ଜାଣି ନ ଥିଲି। ଜାଣିଶୁଣି କାହାକୁ ଆଘାତ ଦେବା ପାଇଁ କିଛି କହି ନ ଥିଲି। ତେଣୁ ଏଭଳି ଘଟଣା ପାଇଁ ଦୁଃଖିତ ବୋଲି ପାଣ୍ଡ୍ୟା ବୁଧବାର କହିଥିଲେ। କିନ୍ତୁ ପାଣ୍ଡ୍ୟାଙ୍କ ଏହି କ୍ଷମା ପାର୍ଥନାରେ ବିନୋଦ ରାଏ ସନ୍ତୁଷ୍ଟ ପ୍ରକାଶ କରି ନ ଥିଲେ। ଉଭୟଙ୍କୁ ୨ଟି ଲେଖାଏ ମ୍ୟାଚ୍‌ରୁ ବାସନ୍ଦ ପାଇଁ ନିଷ୍ପତ୍ତି ନେଇଥିଲେ।

THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632
KOSALA ENTRANCE TEST 2019-20
- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)







CLASSIFIED DISPLAY













## ସମ୍ବଲପୁର, ଫକୀରମୋହନର ଲଗାତର ବିଜୟ

କଟକ ଅଫିସ,୧୦।୧

କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୫ଟି ମ୍ୟାଚ୍ ଖେଳାଯାଇଥିଲା। ଓଡ଼ିଶାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୮୯ ରନରେ ବିବିଏମ୍‌କେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୮ଉଇକେଟ ହରାଇ ୨୬୩ ରନ କରିଥିଲା। ଦଳ ପକ୍ଷରୁ ରିତେଶ କୁମାର ପାଣ୍ଡେ ୭୨, ସିଦ୍ଧାର୍ଥ ବେହେରା ୪୯ରନ କରିଥିଲେ। ଜବାବରେ ବିବିଏମ୍‌କେ ୧୭୪ରନରେ ଅଲଆଉଟ ହୋଇଥିଲା। ନିମପୁର ଗ୍ରାଉଣ୍ଡରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ୪ ଉଇକେଟରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ରାଞ୍ଚି ପ୍ରଥମେ ବ୍ୟାଟିଂ କରି ୯ଉଇକେଟ ହରାଇ ୨୦୭ ରନ କରିଥିଲା। ସ୍ୱର୍ଣ୍ଣ ସୋମାନୀଙ୍କ ୪୪ରନ ବଳରେ ଫକୀରମୋହନ ବିଜୟ ଲକ୍ଷ୍ୟ ହାସଲ କରିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ କୋଲହାନ ବିଶ୍ୱବିଦ୍ୟାଳୟ ୧୧୬ରନ୍‌ରେ ବିଏନ ମଣ୍ଡଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ବିଶ୍ୱଜିତ ସିଂଙ୍କ ୮୦, ହିମାଂଶୁ ସିଂଙ୍କ ୪୬ ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କୋଲହାନ ବିଶ୍ୱବିଦ୍ୟାଳୟ ୭ ଉଇକେଟ ହରାଇ ୩୧୯ରନ କରିଥିଲା। ଜବାବରେ ବିଏନ୍ ମଣ୍ଡଳ ୨୦୩ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ଜସିମ ସଂଘର୍ଷପୂର୍ଣ୍ଣ ଶତକୀୟ ଇନିଂସ ଖେଳିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୩ ଉଇକେଟରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବର୍ଦ୍ଧମାନ ୧୨୭ରନରେ ଅଲଆଉଟ ହୋଇଥିଲା। ୭ ଉଇକେଟ ହରାଇ ଡିବ୍ରୁଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଛି। ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ପିଟିଆରଏସ୍ ବିଶ୍ୱବିଦ୍ୟାଳୟ ୭ ଉଇକେଟରେ ଏସ୍‌କେବି ବିଶ୍ୱବିଦ୍ୟାଳୟକୁ ହରାଇଛି। ଏସ୍‌କେବି ପ୍ରଥମେ ବ୍ୟାଟିଂ କରି ୫୬ରନରେ ଅଲଆଉଟ ହୋଇଥିଲା। ପ୍ରାରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ପିଟିଆରଏସ୍ ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଛି।

## ଫିକ୍ସିଂ ଅଭିଯୋଗରେ ୨୩ ଟେନିସ୍ ଖେଳାଳି ଗିରଫ

ମାଡ୍ରିଡ,୧୦।୧- ଟେନିସ୍ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ସ୍ପାନିସ୍ ସିଭିଲ ଗାର୍ଡ ଏକ ବଡ଼ ଧରଣର ପଦକ୍ଷେପ ନେଇଛି। ସ୍ପେନ୍‌ରେ ମ୍ୟାଚ୍ ଫିକ୍ସିଂ ତଦନ୍ତରେ ୨୮ଜଣ ପେସାଦାର ଟେନିସ ଖେଳାଳିଙ୍କ ସମେତ ମୋଟ ୮୩ ଜଣଙ୍କୁ ଗିରଫ କରାଯାଇଛି। ଏହି ଟେନିସ ଖେଳାଳିଙ୍କ ମଧ୍ୟରୁ ଜଣେ ଗତ ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ତେବେ ଗିରଫ ଖେଳାଳିଙ୍କ ପରିଚୟକୁ ଗୋପନ ରଖାଯାଇଛି। ତଦନ୍ତ ପ୍ରକ୍ରିୟାରେ ୧୧ଟି ଘର ଉପରେ ଚଢାଉ କରାଯାଇଥିଲା ଓ ନଗଦ ୧୬୭, ୦୦୦ ୟୁରୋ, ଗୋଟିଏ ଶଟ୍ ଗନ୍, ୫୦ରୁ ଉର୍ଦ୍ଧ୍ୱ ଇଲେକଟ୍ରୋନିକ ଡିଭାଇସ୍, କେତୋଟି କ୍ରେଡିଟ କାର୍ଡ, ୫ଟି ଲକ୍ସରୀ ଗାଡି ଜବତ କରାଯାଇଛି ବୋଲି ୟୁରୋପିଆନ୍ ୟୁନିୟନର ୟୁରୋପୋଲ ଏଜେନ୍ସି କହିଛି। ଏହି ଫିକ୍ସିଂ ମାମଲାରେ ଆମେରିକାର ଏକ ପେସାଦାର ଅପରାଧୀ ଗ୍ୟାଙ୍ଗ୍ ଜଡିତ ରହିଛି ବୋଲି ୟୁରୋପୋଲ ଏଜେନ୍ସି ତରଫରୁ କୁହାଯାଇଛି।

ଓଡ଼ିଶା ସରକାର
'କାଳିଆ' ଯୋଜନା

ସବୁଜ ଫର୍ମ (Green Colour)

କାଳିଆ ଯୋଜନାରେ ନାମ ଦରଜ ନିମନ୍ତେ ଆବେଦନ ପତ୍ର

୧. ଚାଷୀଙ୍କ ନାମ (ପରିବାରର ମୁଖ୍ୟ):
୨. ପିତା / ସ୍ୱାମୀଙ୍କ ନାମ :
୩. ପରିବାରର ସଦସ୍ୟଙ୍କ ସଂଖ୍ୟା :
୪. ସ୍ଥାୟୀ ଠିକଣା :-
ଗ୍ରାମ: ଗ୍ରାମ ପଞ୍ଚାୟତ :
ବ୍ଲକ : ଜିଲ୍ଲା :
୫ . ଆଧାର କାର୍ଡ ନଂ- (ନକଲ ସଂଲଗ୍ନ କରନ୍ତୁ) :
୬. ମୋବାଇଲ ନଂ :
୭. ବ୍ୟାଙ୍କ ସଂଚୟ ଖାତା ବିବରଣୀ (ବହିର ପ୍ରଥମ ପୃଷ୍ଠା ର ନକଲ ସଂଲଗ୍ନ କରନ୍ତୁ)
- ବ୍ୟାଙ୍କ ନାମ :
- ଶାଖାର ନାମ :
- ବ୍ୟାଙ୍କ ଖାତା ଆକାଉଣ୍ଟ ନଂ. :
- I.F.S.C. କୋଡ୍ ନଂ :

୮. ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି (✓) ଅଛି ( ) / ନାହିଁ ( )
କ. ଯଦି ଚାଷ ଜମି ଅଛି,ଅଧିକୃତ ଚାଷ ଜମିର ବିବରଣୀ (ନକଲ ସଂଲଗ୍ନ କରନ୍ତୁ) :-
ଖାତା ନଂ : ପ୍ଲଟ ନଂ :
ଜମି ପରିମାଣ (ଏକର) :
ଖ. ଯଦି ନାହିଁ, ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି ନଥିଲେ, ତାହାର କାରଣ :-

୯. ଚାଷୀ ପ୍ରମାଣ ପତ୍ର (ନିମ୍ନୋକ୍ତ କୌଣସି ପ୍ରମାଣ ପତ୍ରର ନକଲ ସଂଯୁକ୍ତ କରନ୍ତୁ)
କିଶାନ କ୍ରେଡିଟ କାର୍ଡ / ଜମି ଖତିଆନର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଚାଷୀ ପ୍ରମାଣ ପତ୍ର / ଚଳନ୍ତି ଖଜଣା ପାଉତିର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଜମି ପାସ ବହି / ଲିଜ ଜମିର ପ୍ରମାଣ ପତ୍ରର ନକଲ / ଅନ୍ୟ ପ୍ରମାଣ ପତ୍ର

ମୁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଏହାର ସତ୍ୟାସତ୍ୟ ପାଇଁ ମୁ ଦାୟୀ ଅଟେ ।

ତାରିଖ ଚାଷୀଙ୍କ ସ୍ୱାକ୍ଷର:

ଉପରୋକ୍ତ ଘୋଷଣାନାମାକୁ ମୁଁ ନିମ୍ନୋକ୍ତ କାରଣ ପାଇଁ ସହମତି / ଅସହମତି ପ୍ରକାଶ କରୁଅଛି ।

ନୋଡାଲ୍ ଅଧିକାରୀଙ୍କ ସ୍ୱାକ୍ଷର:
ନାମ ଓ ପଦବୀ:

ବି.ଦ୍ର. : ପ୍ରଯୁଜ୍ୟ ହେଉନଥିବା କାରଣକୁ ଗାର ପକାଇ କାଟିଦିଅନ୍ତୁ ।

DSPL-342
39001/13/0007/1819

ମନେ ରଖନ୍ତୁ, ସବୁଜ ଫର୍ମ ପାଇବା ପାଇଁ କୌଣସି ମଧ୍ୟସ୍ଥିଙ୍କୁ ଅର୍ଥ ଦେବା ଆବଶ୍ୟକ ନୁହେଁ। ଏହି ଫର୍ମକୁ ଆପଣ ସହଜରେ ପୂରଣ କରିପାରିବେ ଏବଂ ସମ୍ପୂର୍ଣ୍ଣ ଫର୍ମକୁ ନିଜେ ସବୁଜ ଡ୍ରପ୍ ବକ୍ସରେ ପକାଇବେ।

**ସବୁଜ ଫର୍ମ ନ ମିଳିବା ସ୍ଥିତିରେ ଆପଣ:**
- ଏହି ବିଜ୍ଞାପନ ପୃଷ୍ଠାକୁ ଜେରକ୍ସ କରି, ବ୍ୟବହାର କରିପାରିବେ।
- **www.kalia.co.in** ୱେବ୍‌ସାଇଟ୍‌ରୁ ଆପଣ ସବୁଜ ଫର୍ମ ଡାଉନ୍‌ଲୋଡ ପରେ ପ୍ରିଣ୍ଟ କରି ବ୍ୟବହାର କରିପାରିବେ।
- ଅନ୍ୟ କାହାର ଖାଲି ସବୁଜ ଫର୍ମ ମଧ୍ୟ ଜେରକ୍ସ କରି ବ୍ୟବହାର କରିପାରିବେ।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଶରୀର ଦାନ କରିବେ ଠାକୁର ପରିବାରର ୩ ସଦସ୍ୟ

**ବେଲପଡା,୧୦।୧(ଡି.ଏନ.ଏ.)** ସମ୍ପ୍ରତି ଲୋଭ, ମୋହ ଓ ସମ୍ପତ୍ତି ଆହରଣର ପ୍ରବଳତା ବଢ଼ି ବଢ଼ି ଚାଲିଛି। ବସ୍ତୁଗତ ଆକର୍ଷଣର ବଶବର୍ତ୍ତୀ ହୋଇ ମଣିଷ ତା'ର ହିତାହତ ଜ୍ଞାନ ଭୁଲିଯାଉଛି। ଏପରି ସମୟରେ ବଲାଙ୍ଗୀର ଜିଲା ବେଲପଡା ଅଞ୍ଚଳର ଏକ ପରିବାରର ୩ ସଦସ୍ୟ ନିଜ ଶରୀର ଦାନକରିବା ନିଷ୍ପତ୍ତି ନେଇ ଅନ୍ୟମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଉଦାହରଣ। ସେମାନେ ଏ ନେଇ ବଲାଙ୍ଗୀର ମେଡିକାଲ କଲେଜର ପ୍ରିନ୍ସିପାଲଙ୍କ ପାଖରେ ଆବେଦନ କରିବା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି।





ଶରୀର ଦାନ କରିବାକୁ ଚୁକ୍ତି ସ୍ୱାକ୍ଷର କରିଥିବା ପ୍ରସନ୍ନ, ପଙ୍କଜିନୀ ଓ ଝିଅ ଆରତୀ।

ବେଲପଡା କଲେଜ ଛକରେ ରୁହନ୍ତି ପ୍ରସନ୍ନ କୁମାର ଠାକୁର। ପରିବାର କହିଲେ ୩ ଝିଅ ଓ ଜଣେ ପୁଅ। ୨ଝିଅ ଓ ପୁଅ ବିବାହିତ। ଝିଅ ଭାରତୀ ଠାକୁର ବଲାଙ୍ଗୀର ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷୟିତ୍ରୀ ଥିଲାବେଳେ ଅନ୍ୟ ଝିଅ ପ୍ରଭାତୀ ବେଲପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ପୁଅ ପାଟଣାଗଡ଼ରେ ଅବସ୍ଥାପିତ। ପ୍ରସନ୍ନ ବେଲପଡା ଅଞ୍ଚଳରେ ଠାକୁର କମ୍ପାଉଣ୍ଡର ଭାବେ ଜଣାଶୁଣା। ସେ ତାଙ୍କ ଚାକିରି କାଳ ମଧରେ ବଲାଙ୍ଗୀର, ନୂଆପଡା ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଡାକ୍ତଖାନାରେ ଫାର୍ମାସିଷ୍ଟ ଭାବେ କାମ କରିବା ପରେ ଆଜକୁ ୧୪ବର୍ଷ ତଳେ ଅବସର ଗ୍ରହଣ କରିଛନ୍ତି। ହେଲେ ଉଲ୍ଲେଖନୀୟ ଘଟଣାକ୍ରମରେ ଏବେ ପ୍ରସନ୍ନ(୭୨), ତାଙ୍କ ସ୍ତ୍ରୀ ପଙ୍କଜିନୀ(୬୭)ଓ ଅବିବାହିତ ଝିଅ ଆରତୀ(୪୭) ମୃତ୍ୟୁ ପରେ ତାଙ୍କ ଶରୀରକୁ ମେଡିକାଲକୁ ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେମାନେ ବୁର୍ଲା ଭିମ୍ସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଶରୀରଦାନ ପାଇଁ ଅନୁମତି ମାଗିଥିଲେ। ହେଲେ ମୃତ୍ୟୁ ପରେ ମରଶରୀରକୁ ବୁର୍ଲାକୁ କିପରି ଅଣାଯିବ ତା'ର ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କାରଣ ବୁର୍ଲାଠାରୁ ବଲାଙ୍ଗୀର ବେଲପଡାର ଦୂରତା ଦୃଷ୍ଟିରୁ ମୃତ୍ୟୁ ପରେ ଆଖି, ଲିଭର,କିଡନୀ, ହାର୍ଟ ପ୍ରଭୃତିକୁ ସୁରକ୍ଷିତ ରଖିବା ଆବଶ୍ୟକ ହେଉଥିଲା। ଏହି ଦୃଷ୍ଟିରୁ ବୁର୍ଲା କର୍ତ୍ତୃପକ୍ଷ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ଶରୀରଦାନ କରିବା ପାଇଁ ଠାକୁର ପରିବାରଙ୍କୁ ପରାମର୍ଶ ଦେଇ ଆବେଦନପତ୍ର ଫେରାଇ ଦେଇଥିଲେ। ଏହାପରେ ଠାକୁର ପରିବାର ବଲାଙ୍ଗୀର ମେଡିକାଲ କଲେଜର ପ୍ରିନ୍ସିପାଲ ଡାକ୍ତର ଲଳିତମୋହନ ମେହେରଙ୍କୁ ଭେଟି ଆବେଦନ କରିଥିଲେ। ଶେଷରେ ବଲାଙ୍ଗୀର ମେଡିକାଲ କଲେଜ କର୍ତ୍ତୃପକ୍ଷ ଠାକୁରଙ୍କ ଏହି ଆବେଦନକୁ ଆନନ୍ଦର ସହ ଗ୍ରହଣ କରି ଡେଡ୍‌ବଡି ନଂ. ୨, ୩ ଓ ୪ ରେ ରସିଦ ପ୍ରଦାନ କରିଛନ୍ତି।

ଶରୀର ଦାନ ପ୍ରତି ଆଗ୍ରହ ସୃଷ୍ଟି ସମ୍ପର୍କରେ ପ୍ରସନ୍ନ କହନ୍ତି, ଦୁଇବର୍ଷ ତଳେ ବେଲପଡାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଥିଲା। ରକ୍ତଦାନ ପାଇଁ ସେ ନିଜେ ଇଚ୍ଛାପ୍ରକାଶ କରି ସେଠାକୁ ଯାଇଥିଲେ। ହେଲେ ଶରୀରରେ ରକ୍ତ କମ୍‌ଥିବା କାରଣରୁ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ସଂଗ୍ରହ କରିବାକୁ ମନା କରିଦେଇଥିଲେ। ସେଠାରେ ହିଁ ସିଦ୍ଧାନ୍ତ ନେଇଥିଲି ରକ୍ତ ନ ହେଲା ନାହିଁ ମୃତ୍ୟୁ ପରେ ଶରୀରକୁ ଦାନ କରିପାରିବି। ତାଙ୍କର ଏହି କଥାରେ ରାଜି ହୋଇଥିଲେ ସ୍ତ୍ରୀ ପଙ୍କଜିନୀ ଓ ଝିଅ ଆରତୀ। ମୃତ୍ୟୁ ପରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଆଉ କାହା ପାଇଁ ଜୀବନଦାୟକ ହେବ, କଙ୍କାଳ ପରୀକ୍ଷାଗାରରେ ଗବେଷଣାରତ ଛାତ୍ରୀଛାତ୍ରଙ୍କ ପାଇଁ ଲାଭଦାୟକ ହେବ ବୋଲି କହିଛନ୍ତି ଅବସରପ୍ରାପ୍ତ ଫାର୍ମାସିଷ୍ଟ ପ୍ରସନ୍ନ ଠାକୁର। ସ୍ତ୍ରୀ ପଙ୍କଜିନୀ ଓ ଝିଅ ଆରତୀଙ୍କୁ ଏ ନେଇ ପଚାରିବାରେ ଶରୀର ଦାନ କରିବା ନେଇ ପରିବାରରେ ସମସ୍ତେ ମିଶି ନିଷ୍ପତ୍ତି ନେଇଛୁ। ଏହା ଏକ ପୁଣ୍ୟକାମ ବୋଲି ଭାବି ଆମେ ସ୍ୱଇଚ୍ଛାରେ ଶରୀର ଦାନ କରିବା ପାଇଁ ଇଚ୍ଛାପ୍ରକାଶ କରିଛୁ ବୋଲି କହିଛନ୍ତି।

# ପୋଲିସ ଏଏସ୍‌ଆଇ ଗିରଫ। ୪ ହଜାର ଟଙ୍କା ଲାଞ୍ଚ

**ଖଡିଆଳ,୧୦।୧(ଡି.ଏନ.ଏ.)** ଏକ ଗଣ୍ଡଗୋଳ ମାମଲାକୁ ରଫାଦଫା କରି ଜାମିନ କରାଇ ଦେବା ପାଇଁ ଭବାନୀଶଙ୍କର ଅଦା ନାମକ ଜଣେ ଯୁବକଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ନୂଆପଡା ଜିଲା ଖଡିଆଳ ଥାନା ଏଏସ୍‌ଆଇ ବିଶେଶ୍ୱର ପଣ୍ଡା ଧରାପଡିଛନ୍ତି। ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆଯାଇଥିବା ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୮ ତାରିଖରେ ଖଡ଼ିଆଳ ସହରର ୧୨ ନଂ. ୱାର୍ଡ କୁଆଁରପଡାର ଭବାନୀଶଙ୍କର ଅଦା,ଅଜୟ ନାଏକ ଓ



ବିଶେଶ୍ୱର ପଣ୍ଡା।

ଉତ୍ତମ ନାଏକଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପକ୍ଷ ଖଡିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରିଥିଲା। ଏହାର ତଦନ୍ତ ଦାୟିତ୍ୱ ଏଏସ୍‌ଆଇ ବିଶେଶ୍ୱର ପଣ୍ଡା ନେଇଥିଲେ। ତଦନ୍ତ ଅଧିକାରୀ ପଣ୍ଡା ଭବାନୀଙ୍କୁ କେସର ରଫାଦଫା ତଥା ଜାମିନ କରାଇ ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେଇ ପାରିବି ନାହିଁ ବୋଲି କହିବାରୁ ୪ ହଜାର ଟଙ୍କା ଦେବା ପାଇଁ ସହମତି ପ୍ରକାଶ ପାଇଥିଲା। ପରେ ଏ ନେଇ ଭବାନୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ପୂର୍ବ ଯୋଜନା ଅନୁଯାୟୀ ଗୁରୁବାର ଖଡିଆଳ ଥାନା ନିକଟ ଥିବା ଏକ ପାନ ଦୋକାନରେ ରାସାୟନିକ ପ୍ରଲେପ ଲାଗିଥିବା ୮ଟି ୫ଶହ ଟଙ୍କିଆ ନୋଟ ଭାବନୀ ଏଏସ୍‌ଆଇ ପଣ୍ଡାଙ୍କୁ ଦେଇଥିଲେ। ଉକ୍ତ ଟଙ୍କା ଏଏସ୍‌ଆଇ ପଣ୍ଡା ତାଙ୍କ ପ୍ୟାଣ୍ଟର ବାମ ପକେଟରେ ରଖିବା ମାତ୍ରେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ଏହାପରେ ଥାନା ପରିସରରେ ଥିବା ତାଙ୍କ ସରକାରୀ ବାସଭବନ ଏବଂ ପଣ୍ଡାଙ୍କ କୋମନା ଥାନା ବଗାମୁଣ୍ଡା ଗାଁ ଘରେ ଚଢ଼ାଉ କରାଯାଇଥିଲା। ତଦନ୍ତ ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡିଏସ୍‌ପି ମହାନନ୍ଦ କହିଛନ୍ତି। ଲାଞ୍ଚ ନେଉଥିବା ଅଭିଯୋଗକୁ ଏଏସ୍‌ଆଇ ପଣ୍ଡା ଖଣ୍ଡନ କରିଛନ୍ତି। ମୋତେ ଫସାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ସେ କହିଛନ୍ତି।








ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର

**ସଂକ୍ଷେପରେ**

## ସ୍କାଉଟ୍ସ ଆଣ୍ଡ ଗାଇଡ୍ସର କାର୍ଯ୍ୟକାରିଣୀ ବୈଠକ

ସୋନପୁର,୧୦।୧(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ଜିଲା କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ କମିସନର ତଥା ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବେଣୁଧର ବେହେରା, ଜିଲା ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଜିଲା କମିସନର ସ୍କାଉଟ୍ସ ବୈଦ୍ୟନାଥ କର୍ଣ୍ଣ, ଜିଲା କମିସନର ମୀନାକ୍ଷି ହୋତା, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କାଉଟ୍ସ ମାଷ୍ଟର ଓ ଗାଇଡସ୍ କ୍ୟାପଟେନ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ନୀଳାଚଳ ମେହେର, ଦୀନବନ୍ଧୁ ପଧାନ, ପଦ୍ମିନୀ ସାହୁ, ଅନ୍ତରାମ ମେଣ୍ଡଲୀ ଓ ମନୋଜ ପାତ୍ର ସହଯୋଗ କରିଥିଲେ। ସଞ୍ଜୀବ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଅମରପାଲି, ୧୦।୧ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ହରିହର ଆଶ୍ରମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଗୌରିଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ଲୁତୁରପଙ୍କ ସମିତି ସଭ୍ୟ ଲବ କୁମାର ସାହୁ ମୁଖ୍ୟବକ୍ତା ଏବଂ ସ୍ଥାନୀୟ ସରପଞ୍ଚ ରୀନା ପୁଟା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ମଣିଷକୁ ସଂଯତ କରିଥାଏ। ତେଣୁ ଉତ୍ତମ ଶିକ୍ଷା ପାଇଁ କଠିନ ପରିଶ୍ରମ କରିବା ସହିତ ଶୃଙ୍ଖଳିତ ହେବାକୁ କହିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡାରେ ଚାମ୍ପିୟନ ହୋଇଥିବା ବାଳିକା ବିଭାଗରୁ ମାନିନୀ ବାଦୀ ଓ ବାଳକ ବିଭାଗରୁ ସାଗର ଜାଟ୍‌ଙ୍କ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ମହେନ୍ଦ୍ର ସାହୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବୀରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ରଶ୍ମିତା ଷଡଙ୍ଗୀ ବିବରଣୀ ପଠନ କରିଥିବା ବେଳେ ଶ୍ରୀଚନ୍ଦନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମନମୋହିଲା ଓଡ଼ିଶୀ, ଡାଲଖାଇ





ଅତିଥି ବୃନ୍ଦ ସ୍ମରଣିକା ଶାକ୍ତସ୍ୱରକୁ ଉନ୍ମୋଚନ କରୁଛନ୍ତି (ବାମ) । ଫୁଲବାଣୀ ନଟରାଜ ଅନୁଷ୍ଠାନର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସୋନପୁର,୧୦।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୨୬ ତମ ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଜିଲା ଲୋକକଳା ମହୋତ୍ସବ। ସ୍ଥାନୀୟ ଗାନ୍ଧୀ ପଡିଆର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଚାଲିଥିବା ମହୋତ୍ସବର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ଫୁଲବାଣୀ ନଟରାଜ ଅନୁଷ୍ଠାନ କଳାକାରଙ୍କ ଓଡିଶୀ ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏହାପରେ ପଶ୍ଚିମବଙ୍ଗର ନାଟୁଆ ଅନୁଷ୍ଠାନର କଳାକାରଙ୍କ ଲୋକନୃତ୍ୟ, କୋରାପୁଟର ଢେମସା ନୃତ୍ୟ, ଭରସୁଜାର ପରଭା ନୃତ୍ୟ, ମୟୁରଭଞ୍ଜର ଛଉ ନୃତ୍ୟ, କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁରର ଛାତ୍ରୀଛାତ୍ରଙ୍କ କଥନ ଓ ଶାଲାବୁଢା ସିନେମାର ନୃତ୍ୟ, ଆସାମ କଳାକାରଙ୍କ ଆଦିବାସୀ ନୃତ୍ୟ, ମଣିପୁରୀ ଲୋକନୃତ୍ୟ, ପାଟଣାଗଡର କଳାକାରଙ୍କ ସାତଭଉଣୀ ନୃତ୍ୟ, ଟିଟିଲାଗଡର ଢାପ, ଭବାନୀପାଟଣା ସଂସ୍କୃତି ଅନୁଷ୍ଠାନ, ଦେବଗଡର ସୁର ସଙ୍ଗମ କଳାକାରଙ୍କ ଡାଲଖାଇ ଓ ସୋନପୁରର ଅରଫାନ କଳାକାର ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ସେ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର ଲୋକକଳା, ସାଂସ୍କୃତିକ ପରମ୍ପରା, ଲୋକଗୀତ ଓ ଭାଇଚାରା ମହାନ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଜିଲାର ବିକାଶମୂଳକ କାର୍ଯ୍ୟ ଜାରି ରହିଥିବା ମତପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ କୁମାର ଭୋଇ, ବିନିକା ବ୍ଲକ ଅଧକ୍ଷ ଅଶୋକ କୁମାର ନନ୍ଦ, ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲି ମହାକୁର ଓ ତରଭା ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ଅଧକ୍ଷତା କରିଥିଲେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧକ୍ଷ ମଧୁସୂଦନ ମିଶ୍ର। ଅତିଥି ବୃନ୍ଦ ସେମାନଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି କହିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ସାମୂହିକ ଉଦ୍ୟମ ଦରକାର ବୋଲି କହିଥିଲେ। ଏହି ଅବସରରେ ସ୍ମରଣିକା ଶାକ୍ତସ୍ୱରକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ମାନଭଞ୍ଜନ ମିଶ୍ର ସଭା ସଂଯୋଜନା କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର, ଜିତେନ୍ଦ୍ର ହୋତା ଓ ପ୍ରତିତୀ ମିଶ୍ର ପରିଚାଳନା କରିଥିଲେ। ଗାନ୍ଧୀ ପଡିଆରେ ଚାଲିଥିବା ଓରମାସ ମେଳା ଓ ଜିଲା ଉନ୍ନୟନୀ ପ୍ରଦର୍ଶନୀ ଶୁକ୍ରବାର ସରିବ ।

## ଟ୍ରାକ୍ଟର ଧକ୍କାରେ ଶିକ୍ଷକ ମୃତ, ରାସ୍ତାରୋକୋ

ସୋନପୁର,୧୦।୧(ନି.ପ୍ର.)
ସୁବର୍ଣ୍ଣପୁର ଜିଲା ବିନିକା-ସିଲାଟି ରାସ୍ତାରେ ଗୁରୁବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକଙ୍କ ନାମ ମୁରାରି ମିଶ୍ର(୪୦) । ସେ ସ୍ଥାନୀୟ ଗୁଲୁଣ୍ଡା ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ପ୍ରତିବାଦରେ ଲୋକେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତାରୋକୋ କରିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି ।

୭୦ ତମ ଉପଖଣ୍ଡ ଜନରାଜ୍ୟ ଦିବସ ପ୍ରସ୍ତୁତି ବୈଠକ

## ପରେଡ୍‌ରେ ଭାଗନେବେ ୩୨ ଦଳ

ବୀରମହାରାଜପୁର, ୧୦।୧ (ଡି.ଏନ୍.ଏ)

ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ସମାରୋହ ଆୟୋଜନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମୈତ୍ରୀ ସଦନ ପରିସରରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ସୁବ୍ରତ କୁମାର ବେହେରା ଅଧକ୍ଷତା କରିଥିଲେ। ଏହି ଉପଖଣ୍ଡସ୍ତରୀୟ ଜାତୀୟ ଦିବସ ପାଳନର ସଫଳତା ନିମନ୍ତେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରାଯାଇ କାର୍ଯ୍ୟସୂଚୀ ଚୂଡାନ୍ତ କରାଯାଇଥିଲା। ଏଥର ଏନ୍‌ସିସି, ସ୍କାଉଟ୍ ସମେତ ୩୨ ପରେଡ୍ ଗ୍ରୁପ୍ ଅଂଶଗ୍ରହଣ କରିବାକୁ ସ୍ଥିର ହୋଇଛି। ଆସନ୍ତା ୨୨ରୁ ୨୪ ତାରିଖ ୩ ଦିନ ଧରି ପରେଡ୍ ଅଭ୍ୟାସ କରାଯିବ। ସେହିଭଳି ବୀରମହାରାଜପୁର ଏବଂ ଉଲୁଣ୍ଡା ବ୍ଲକର ସମସ୍ତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ନିମିତ୍ତ ନାନାବିଧ ପ୍ରତିଯୋଗିତା ପାଇଁ ୧୫ରୁ ୧୯ ତାରିଖ ଯାଏଁ ଦିନ ଧାର୍ଯ୍ୟ କରାଯାଇଛି। ଜାନୁଆରୀ ୨୬ ପୂର୍ବାହ୍ନ ୯ଟାରେ ଉପଜିଲାପାଳ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିଦ୍ୟାପତି ପଣ୍ଡାଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ଧିରୋଜ ଚପୋଦାର ଓ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ବୈଠକରେ ମଞ୍ଚାସୀନ ଥିଲେ। ଏଥିରେ ଏନ୍‌ସିସି ଅଫିସର ସୂର୍ଯ୍ୟନାରାୟଣ ପଣ୍ଡା,କଲେଜ ଅଧକ୍ଷ ମୂରଲୀଧର ହୋତା, ଡ. ହିମାଂଶୁ ଶେଖର ପାଢୀ ଏବଂ ଶିକ୍ଷାବିତ ଭୂଷଣ କୁମାର ପାତ୍ର ତଥା ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସର୍ବଭାରତୀୟ ଫୁଟବଲ

## ରାଉରକେଲା ବିଜୟୀ

ପୁରୁଣାକଟକ, ୧୦।୧ (ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ମିନି ଷ୍ଟାଡିୟମରେ ଚାଲିଥିବା ମା' ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଗ୍ରୁପ୍- ବି ର ପ୍ରଥମ ମ୍ୟାଚ୍ ଭୁବନେଶ୍ୱର କିଶୋର କ୍ଲବ ଓ ଆଦିବାସୀ କ୍ଲବ (ବନ୍ଧମୁଣ୍ଡା) ରାଉଲକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ୨-୦ ଗୋଲରେ କିଶୋର କ୍ଲବକୁ ହରାଇ ଆଦିବାସୀ କ୍ଲବ ବିଜୟଲାଭ କରିବା ସହ ସେମି ଫାଇନାଲରେ ପ୍ରବେଶ କରିଛି । ଖେଳ ପ୍ରଥମାର୍ଦ୍ଧର ୯ ମିନିଟରେ ରାଉଲକେଲା ଦଳର ଉମେଶ ଓ ଦ୍ୱିତୀୟାର୍ଦ୍ଧର ୪୩ ମିନିଟରେ ମଣ୍ଟୁ ଗୋଟିଏ ଲେଖାଁଏ ଗୋଲ ଦେଇଥିଲେ । ସଲିଲ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଦିଲୀପ କୁମାର ରାଉତ, ଶେଷଦେବ ବେହେରା ଲାଇନରେ ସହାୟତା କରିଥିଲେ । ସୁବ୍ରତ କୁମାର ପୁରୋହିତ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ । ଆଜିର ମ୍ୟାଚ୍‌ରେ ପୁରୁଣାକଟକ ସାହୁ ଟ୍ରେଡର୍ସର ଏମ୍‌ଡି ପ୍ରତିଭା ସାହୁ ମୁଖ୍ୟଅତିଥି, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୁରଲୀଧର ରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଚନ୍ଦ୍ରକାନ୍ତ ନାୟକ ଓ ବିଭୂତି ଭୂଷଣ ବେହେରା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାର ଗ୍ରୁପ-ବି ର ଦ୍ୱିତୀୟ ମ୍ୟାଚ୍ ରେନୁଆ ଆଦିବାସୀ କ୍ଲବ କଲିକତା ଓ ସଂଘର୍ଷ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।

ମିଥ୍ୟା ଅଭିଯୋଗକୁ ପଞ୍ଚାୟତବାସୀଙ୍କ ବିରୋଧ

## ଭିଜିଲାନ୍ସ ବିଭାଗ, ତରଭା ବିଡିଓଙ୍କ ଦ୍ୱାରସ୍ଥ

ସୋନପୁର,୧୦।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତର ଅଧିବାସୀ ଗୁରୁବାର ଭିଜିଲାନ୍ସ ବିଭାଗର ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ନୂତନ ଭାବେ ଗଠିତ ଏହି ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ)ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ପାଇକବାହାଲ ଗ୍ରାମବାସୀ ଗତ ୪ତାରିଖରେ ଲିଖିତ ଅଭିଯୋଗ କରିଥିବାରୁ ତାର ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଡିଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ତରଭା ବିଡିଓଙ୍କୁ ମଧ୍ୟ ମିଥ୍ୟା ଅଭିଯୋଗ ସମ୍ପର୍କରେ ପଞ୍ଚାୟତବାସୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ଦେବକୀ ନାଗଙ୍କ ନେତୃତ୍ୱରେ ସମିତି ସଭ୍ୟ ବନିତା ସେଠୀ, ନାଏବ ସରପଞ୍ଚ କିଶୋର ପଣ୍ଡା, ସଂଖ୍ୟାଧିକ ୱାର୍ଡ ସଭ୍ୟା ସଭ୍ୟ ଓ ପଞ୍ଚାୟତର ବ୍ରାହ୍ମଣୀପାଲି, ଡାହିମାଲ, ରାଜପାଲି, ତିଲେଇମାଲ ଓ ଢେରାମୁଣ୍ଡା ଗାଁର ଅଧିବାସୀ ମିଳିତଭାବେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଏମ୍‌ଜିଏନଆରଇଜିଏସ ଓ ଅନ୍ୟାନ୍ୟ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ପାଇକବାହାଲର କେତେକ ବ୍ୟକ୍ତି ଗତ ୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଶ୍ରମିକଙ୍କ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତ ହୋଇ ଗ୍ରାମର ବାବାମୁଣ୍ଡା ବନ୍ଧ, ଖଲିଆମୁଣ୍ଡା ବନ୍ଧ ଓ ତେଲିମୁଣ୍ଡାରୁ ବୁର୍ଡା ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ତେବେ ଦୁର୍ନୀତି ଅଭିଯୋଗ ମିଛ। ସରକାରୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ ଉନ୍ନୟନ କାର୍ଯ୍ୟ କ୍ରିୟାନ୍ୱୟନ ହେଉଛି। ହିତାଧିକାରୀଙ୍କ ଆକାଉଣ୍ଟରେ ହିଁ ଏମଜିଏନଆରଇଜିଏସର ଶ୍ରମିକ ମଜୁରି ମିଳୁଛି। ସରକାର ଡାହିମାଲରେ ପଞ୍ଚାୟତ କାର୍ଯ୍ୟାଳୟ ଖୋଲିଥିବାରୁ ପାଇକବାହାଲର କେତେକ ଲୋକ ଏହାକୁ ବିରୋଧ କରୁଛନ୍ତି ବୋଲି ସେମାନେ କହିଛନ୍ତି। ଲୋକଙ୍କ ମଧରେ ବିଭ୍ରାନ୍ତି ସୃଷ୍ଟି ପାଇଁ ଏଭଳି ମିଥ୍ୟା ଓ ମନଗଢା ଅଭିଯୋଗ ଆଣିଥିବା ପଞ୍ଚାୟତର ୫ଟି ଗ୍ରାମର ଅଧିବାସୀ ଓ ନିର୍ବାଚିତ ଲୋକପ୍ରତିନିଧି ଦର୍ଶାଇଛନ୍ତି । ୱାର୍ଡ ସଭ୍ୟା ସଞ୍ଜୁକ୍ତା ତାଣ୍ଡି, ଭଗବତୀ ମେହେର, ଯଶୋଦା ସିକା, ହରିପ୍ରିୟା ମହାଲିଙ୍ଗା, ଯୋଗେନ୍ଦ୍ର ମୁଣ୍ଡା, ଗୌତମ ସାହା, ଲୋକନାଥ ସା, ଅଯୋଧ୍ୟା ଭୋଇ, ସନ୍ତୋଷ ପଣ୍ଡା, କିର୍ତ୍ତନ ସିକା, ଶିବପ୍ରସାଦ ସାହୁ, ନୀଳମଣି ଭୋଇ ଓ ଗଜେନ୍ଦ୍ର ମେହେର ପ୍ରମୁଖ ପଞ୍ଚାୟତର ଶତାଧିକ ଅଧିବାସୀ ଗୁରୁବାର ଭିଜିଲାନ୍ସ ଓ ବିଡିଓଙ୍କ ଦ୍ୱାରସ୍ଥ ହୋଇ ନିଜର ଦାବି ଉପସ୍ଥାପନା କରିଥିଲେ ।



ପାଇକବାହାଲ ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି ଓ ଅଧିବାସୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ଆସିଛନ୍ତି ।

ମୃତଦେହ ରଖି ରାସ୍ତା ଅବରୋଧ ମହଙ୍ଗା ପଡିଲା

## ଆନ୍ଦୋଳନକାରୀଙ୍କ ବିରୋଧରେ ଫୌଜଦାରି ମାମଲା

ବୀରମହାରାଜପୁର, ୧୦।୧ (ଡି.ଏନ୍.ଏ)

ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାର ମୁଖ୍ୟଛକ ଉପରେ ମୃତଦେହ ରଖି ରାସ୍ତାରୋକୋ କରିବା ଆନ୍ଦୋଳନକାରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଆନ୍ଦୋଳନର ନେତୃତ୍ୱ ନେଇଥିବା ବ୍ୟକ୍ତିବିଶେଷଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ବିରୋଧରେ ସ୍ଥାନୀୟ ପୋଲିସ ଫୌଜଦାରୀ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ମତେ, ବୀରମହାରାଜପୁର ଥାନା କେସ୍ ନଂ ୭/୨୦୧୯ ଅନୁଯାଇ ଆଇପିସି ୧୪୩,୨୮୩ ଓ ୧୪୯ ଦଫାରେ ମାମଲା ପଞ୍ଜୀକୃତ ହେବା ସହ ତଦନ୍ତ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବୁଧବାର ସ୍ଥାନୀୟ ଚମ୍ପାପୁର ବସ୍ତିର ନରେଶ ମେହେର ନାମକ ଜଣେ ଭିନ୍ନକ୍ଷମ ଯୁବକ ପୋଖରୀରେ ବୁଡି ପ୍ରାଣ ହରାଇଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଦାବି କରି ଏଠାରେ ଦୁଇଘଣ୍ଟା ଧରିରାସ୍ତାରୋକୋ କରାଯାଇଥିଲା। ଭଗବାନ ବାଘ ଓ ପ୍ରିୟବ୍ରତ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିବା କୁହାଯାଉଥିବା ବେଳେ ମୃତକଙ୍କ ପରିବାର ସହ ସ୍ଥାନୀୟ ଲୋକ ଏଥିରେ ସାମିଲ ଥିଲେ। ଏକ ପକ୍ଷରେ ପ୍ରଶାସନ ପକ୍ଷରୁ ସହାୟତା ଘୋଷଣା କରାଯାଇଥିଲେ ହେଁ ଏଥିପାଇଁ ଆନ୍ଦୋଳନ ରଚିଥିବା ବ୍ୟକ୍ତିବିଶେଷ ମାମଲାରେ ଫସିଥିବା ଚର୍ଚ୍ଚା ହେଉଛି।

## ଫେବୃୟାରୀ ୫ରୁ ଚତୁର୍ଦ୍ଦଶ ପାତାଳି ମହୋତ୍ସବ

ବୀରମହାରାଜପୁର, ୧୦।୧(ଡି.ଏନ୍.ଏ)
ବୀରମହାରାଜପୁର ଉପଖଣ୍ଡ କୋଟସମଲାଇସ୍ଥିତ ଶ୍ରୀ ପାତାଳି କ୍ଷେତ୍ରଠାରେ ଫେବୃଆରୀ ୫ରୁ ୧୨ ପର୍ଯ୍ୟନ୍ତ ଚତୁର୍ଦ୍ଦଶ ପାତାଳି ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମହୋତ୍ସବ କାର୍ଯ୍ୟକ୍ରମ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ୫ ତାରିଖରେ କଳସ ଯାତ୍ରା ସହ ମହୋତ୍ସବର ଉଦ୍‌ଘାଟନୀ ପର୍ବ ପାଇଁ ତିଥି ଧାର୍ଯ୍ୟ କରାଯାଇଛି। ୬ ତାରିଖରୁ ୫୬ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ୧୨ରେ ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହେବ। ପ୍ରତ୍ୟହ ସାନ୍ଧ୍ୟ ବଡ ଆଳତୀ ଓ ଧର୍ମସଭା ମଧ୍ୟ ଅନୁଷ୍ଠିତ ହେବ । କଳସ ଶୋଭାଯାତ୍ରା ପାଇଁ ଗଠିତ କମିଟି ଆବାହକ ଦାୟିତ୍ୱ ନରସିଂହ ପଧାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ବୈଠକରେ ମହାଦେବ ସାହୁ, ଜାନକୀରାମ ଦେହୁରୀ, ଚିତ୍ତରଞ୍ଜନ ପାଢୀ, ସୁରୁବାବୁ ବସ୍ତିଆ ଏବଂ ହୁଙ୍କାରୁ ଗଡୁଆ ପ୍ରମୁଖ ଉପସ୍ଥିତ ଥିଲେ।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack-753014**
**R.P. No. 064/2013/CTC**
**(Arising out of OA No. 116 of 2011)**
**NOTICE UNDER SECTION 28(4A) OF THE RECOVERY OF DEBTS DUE TO BANK & FINANCIAL INSTITUTION ACT, 1993**

**Next Date: 13.02.2019**

**State Bank of India, SAMB,** 4th Floor, OSCARD Bank Building, A/34, Bhubaneswar **...Certificate Holder Bank**

**Vs.**

**Trilochan Mohanty & Others** **...Certificate Debtors**

**To,**

1. **Trilochan Mohanty,** S/o- Balakrushna Mohanty, At/PO: Rangadhipa, Dist.: Sundargarh.
2. **Binod Meher,** S/o- Ghanashyam Meher, At: Samda, PO: Belpahar, Dist.: Jharsuguda.
3. **Bansidhar Meher,** S/o- Radheshyam Meher, At: Samda, PO: Belpahar, Dist.: Jharsuguda.
4. **Smt. Gulapi Meher,** W/o- Radheshyam Meher, At: Samda, PO: Belpahar, Dist.: Jharsuguda.
5. **Sailesh King Subhneel,** S/o- Sunil Kumar Maharana, At: Beheramal, PO/Dist.: Jharsuguda.

WHEREAS you have failed to pay the decretal dues alongwith interest & cost, which is amounting to **Rs.85,30,017.30** (Rupees Eighty Five Lac Thirty Thousand Seventeen and Paise Thirty only) along with interest @ 9% per annum rests from 09.12.2010 till realization of the entire Dues payable by you in respect of the demand notice issued by the undersigned as per certificate dt.26.06.2013 arising out of OA No. 116 of 2011 issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks & Financial Institutions Act, 1993.

Now under the provision of section 28(4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **13.02.2019.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **14th day of December, 2018.**

**Sd/- (R.P. Patnaik)**
**Recovery Officer**

**RAVENSHAW UNIVERSITY**
**CUTTACK- 753003, ODISHA**

**WALK- IN -INTERVIEW**

Applications are invited for walk-in-interview for engagement of Guest faculty / Visiting faculty in **Physics, Botany, Geology, Education, Integrated B.Ed., Applied Geography, Economics, Odia, English, Hindi and Sanskrit** of Ravenshaw University. For details please visit 'www.ravenshawuniversity.ac.in'.

*No.* 52 */ Dt.* 7.1.2019 **Registrar**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
**R.P. No. 167/2017/ CTC**
(Arising out of OA No. 335 of 2015)
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See Rule- 48 of the Second Schedule as referred to in section 29 of Recovery of Debts due to Bank & Financial Institutions Act. 1993)

**Utkal Grameen Bank, Sakhipara Evening Branch, At: Sakhipara, Po/Dist: Sambalpur, Pin - 768001**
**Certificate Holder Bank**

**vs**

**Shri Prasanna Kumar Behera & Ors** **Certificate Debtors**

To,

1. Shri Prasanna Kumar Behera, S/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
2. Yasobanti Behera, W/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
3. Shri Prasanta Kumar Behera,S/o: Late Hemanta Kumar Behera, At: Qr. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
4. Pranati Behera, D/o: Late Hemanta Kumar Behera, At: Qr. No. R5/ 15, Jagannath Colony, P.O: Budharaja, Dist.: Sambalpur, Pin: 765004
5. Shri Bibhas Barai, S/o: Manoranjan Barai, At: Deheripali, P.O: Budharaja, Dist.: Sambalpur, Pin: 765004

Take notice that Certificate arising out of **OA No. 335 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 24,76,651.00 **(Rupees Twenty Four Lac Seventy Six Thousand Six Hundred Fifty One only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 24,76,651.00 |
| 2. Cost of the suit as allowed (+) | : Rs. 27,000.00 |
| 3. Interest @ 13.25 % with quarterly rests from 13.05.2018 to 27.03.2018 | : Rs.11,27,417.00 |
| **TOTAL** | **: Rs. 36,31,068.00** |

**(Rupees Thirty Six Lac Thirty One Thousand Sixty Eight only)** with interest @ 13. 25% p.a. with quarterly rests from 28.03.2018 till realization of the entire dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In Addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.01.2019** and report the details of payment made by you.

Give under my hand & seal at Cuttack on this 28th day of November, 2018

**Sd./- S. R. Parida**
**Recovery Officer**

No.75-i

District Mineral Foundation, Angul

NOW HIRING
DOCTORS
(Attractive Packages)

We Are Looking for Professional Individuals to Join Our Team

| | | | |
|---|---|---|---|
| O & G Specialist | : 1 No. | Anesthesia Specialist | : 4 Nos. |
| Pediatrics Specialist | : 4 Nos. | ENT Specialist | : 1 No. |
| Medicine Specialist | : 2 Nos. | MO (MBBS) | : 15 Nos. |
| Surgery Specialist | : 2 Nos. | Dental Surgeon | : 3 Nos. |

Send Application To
DMF Cell, DRDA Angul, Pin: 759122, Odisha
Or dmfangul@gmail.com

Last Date 31.01.2019

For More Details Please visit www.angul.nic.in

-Sd-
Collector & Chairperson – Cum-Managing Trustee, DMF, Angul

24012/11/0026/1819

**COURT OF THE RECOVERY OFFICER**
**DEBTS RECOVERY TRIBUNAL, CUTTACK**
**Plot No. C-71, Sector-7, CDA, Cuttack-753014**
**R.P. No. 45/2012/CTC**
**(Arising out of OA No. 354 of 2009)**
**NOTICE FOR SETTLING A SALE PROCLAMATION**
(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**State Bank of India, SARC,** Madhupatna, Cuttack-753010, PS: Madhupatna, Town/Dist.: Cuttack **...Certificate Holder Bank**

**Vs.**

**Sri Subhranshu Kumar Jena & Ors.** **...Certificate Debtors**

**To,**

1. **Sri Subhranshu Kumar Jena,** S/o- Sudhanshu Sekhar Jena, At: Kalyani Nagar, PS: Madhupatna, Town/Dist.: Cuttack, And also at E-103, Ashraya Apartment, Professorpara, PO: Cuttack-753012, PS: Malgodown, Town/Dist.: Cuttack.

WHEREAS in execution of Recovery Certificate No. **OA No. 354 of 2009,** dt.08.03.2012 issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties.

**Schedule of Property:**

Property consisting of flat situated at Ashraya Apartment, Flat No. E/103, 4th Floor, Khata No.: 918, Plot No.: 2093, Area: 1021 sqft. (SBA), Unit-23, Professor Para, P.S: Madhupatna, Cuttack Town-753012, standing in the name of Shri Subhranshu Kumar Jena.

You are hereby informed that the (date) **04.02.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **28th day of December, 2018.**

**Sd/- (S. R. Parida)**
**Recovery Officer**



କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ କାହିଁକି ନା! ଭବିଷ୍ୟତରେ ଏପରି ଶକ୍ତି ରହିଛି, ସେ ଗୋଟିଏ କୋଇଲାକୁ ମଧ୍ୟ ସୁନାରେ ପରିଣତ କରିପାରିବ - **ଚାଣକ୍ୟ**



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଅତାବିରା/ଚିପିଲିମା, ୧୦।୧ (ଡି.ଏନ.ଏ): ବରଗଡ-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ଗୋଶାଳା ଫାଣ୍ଡି ଅଧୀନ ଗୋଡଭଗା କ୍ୟାମ୍ପ ଛକ ନିକଟରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ହେଲେ ସୋନପୁର ଜିଲା ବିନିକା ଥାନା ଅଧୀନ ଗଣେଶପୁର ପ୍ରେମାନନ୍ଦ ପୁରୋହିତ(୪୫) । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ହୋଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲକୁ ପଠାଇଛି । ପ୍ରେମାନନ୍ଦ ହୀରାକୁଦ ଏକ ପାର୍କରେ କାମ ସାରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା ।

### ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୌଦ୍ଧ/ବଘିଆପଡା, ୧୦।୧(ସ୍ୱ.ପ୍ର/ଡି.ଏନ.ଏ): ବୌଦ୍ଧ ଜିଲା ବଘିଆପଡା ଠାରେ ଥିବା ମେଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଗୁରୁବାର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରୂପ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଦୀର୍ଘ ତିନି ଧରି ହେବାକୁ ଥିବା ଏହି କ୍ରୀଡା ଉତ୍ସବରେ ପ୍ରଥମ ଦିନ କ୍ରୀଡା ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୧୬ଟି ଇଭେଣ୍ଟର ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ନାରାୟଣ ସେଠୀ, ପ୍ରମୋଦ କୁମାର ପ୍ରଧାନ ଓ ଅନ୍ୟ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ । ଏହି କ୍ରୀଡାରେ ମୋଟ ୩୮ଟି ଇଭେଣ୍ଟ ଅନୁଷ୍ଠିତ ହେବା ସହ ଆସନ୍ତା ୧୨ ତାରିଖରେ ଉଦ୍‌ଯାପିତ ହେବ ବୋଲି ଖେଳ ଶିକ୍ଷକ ସ୍ୱାଇଁ ପ୍ରକାଶ କରିଛନ୍ତି ।

### କ୍ରିକେଟ: ମହୁଲପାଲି, ନୂଆପାଲି ବିଜୟୀ

ବୌଦ୍ଧ/ବଘିଆପଡା, ୧୦।୧(ସ୍ୱ.ପ୍ର/ଡି.ଏନ.ଏ): ବୌଦ୍ଧ ଜିଲା ବଘିଆପଡା ଖେଳ ପଡିଆରେ ଯୁଥ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି । ଏହି ଟୁର୍ନାମେଣ୍ଟରେ ସମୁଦାୟ ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ମହୁଲପାଲି ଓ କାସଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ମହୁଲପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ନୂଆପାଲି ଓ ପାଟୁଳିପଡା ମଧ୍ୟରେ ହୋଇ ନୂଆପାଲି ବିଜୟୀ ହୋଇଥିଲା । ଖେଳଗୁଡିକୁ ହିମାଂଶୁ ଶେଖର ପ୍ରଧାନ, ସ୍ୱରୁପାନନ୍ଦ ସାହୁ, ସୌମ୍ୟରଞ୍ଜନ ମଲିକ, ଚନ୍ଦନ କୁମାର ପୃଷ୍ଟି ପରିଚାଳନା କରିଥିଲେ ।

### ଶ୍ରାଦ୍ଧୋତ୍ସବରେ ରକ୍ତଦାନ ଶିବିର

ଗଣ୍ଡତୁରୁମ, ୧୦।୧ (ଡି.ଏନ.ଏ): ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଟିହିକିପାଲି ଗ୍ରାମର ଆଦର୍ଶ ଶିକ୍ଷକ ଗଙ୍ଗାଧର ପଧାନଙ୍କ ଗୁରୁବାର ଥିଲା ଶ୍ରାଦ୍ଧୋତ୍ସବ । ଏହି ଅବସରରେ ଏକ ସ୍ମୃତି ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୌରଚନ୍ଦ୍ର ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ସ୍ମୃତିସଭାରେ ଚାଷୀ ନେତା ଲିଙ୍ଗରାଜ, ଉତ୍ପନ୍ନ କୁମାର ଭୋଇ, ଶିକ୍ଷାବିତ୍ ରାଧାକାନ୍ତ ବାବୁ, ମକରଧ୍ୱଜ ଦାଶଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗ ଦେଇଥିଲେ । ସେହିପରି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବୁର୍ଲା ବ୍ଲଡ ବ୍ୟାଙ୍କର ଡା. କାଳୀଚରଣ କସକୋ, ସିନିୟର ଟେକ୍‌ନିସିଆନ ରବି ନାରାୟଣ ରାଉତ, ସ୍ୱାସ୍ଥ୍ୟକର୍ମୀ ଶୁଭାଶିଷ ସାହୁ, କାଉନସିଲର ମଣ୍ଟୁ ପଧାନ, ଲ୍ୟାବ ଆଟେଣ୍ଡାଣ୍ଟ ଗଣେଷ ପଧାନ ଏବଂ ପାଇନୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଶିକ୍ଷକଙ୍କ ଗତ ଡିସେମ୍ବର ୩୦ ତାରିଖରେ ମୃତ୍ୟୁ ଘଟିଥିଲଶ । ପୂର୍ବ ଚୁକ୍ତି ମୁତାବକ ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ବୁର୍ଲା ଭୀମସାରରେ ତାଙ୍କ ଚକ୍ଷୁ ଓ ସମ୍ପୂର୍ଣ୍ଣ ଶରୀର ଦାନ କରିଥିଲେ । ଏପରିକି ତାଙ୍କର ବଡପୁଅ, ବୋହୂ ମଧ ତାଙ୍କ ମୃତ୍ୟୁ ପରେ ନିଜର ଚକ୍ଷୁଦାନ କରିବେ ବୋଲି ଚୁକ୍ତିବଦ୍ଧ କରିଛନ୍ତି । ନିଜ ପିତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଅନ୍ୟର ଉପକାରରେ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ବଡ ପୁଅ ରମେଶ୍ୱର ଓ ସାନ ପୁଅ ଉମେଶ୍ୱର ଜଣାଇଛନ୍ତି ।

# ଜିଲା ଘୋଷଣା ଦାବି ତେଜିଲା

ପଦ୍ମପୁର, ୧୦।୧ (ଡି.ଏନ.ଏ)




ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି ।

ବରଗଡ଼ ଜିଲା ପଦ୍ମପୁରକୁ ଜିଲା ଘୋଷଣା ଦାବି ତେଜିବାରେ ଲାଗିଛି। ଏଥିପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦିଆଯିବା ସହ ୭ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

ସବୁ ଦୃଷ୍ଟିରୁ ଅନ୍ୟ ସ୍ଥାନ ଅପେକ୍ଷା ପଦ୍ମପୁର ଜିଲା ହେବାର ସବୁ ପ୍ରକାର ଯୋଗ୍ୟତା ଥିବାରୁ ଏହାକୁ ଜିଲା ଘୋଷଣା କରିବାକୁ ଯୁକ୍ତି ଉପସ୍ଥାପନ କରାଯାଇଛି। ଓଡିଶାର ସମସ୍ତ ସବଡିଭିଜନ ମଧ୍ୟରୁ ପଦ୍ମପୁର ବଡ ସବଡିଭିଜନ । ଏହି ସବଡିଭିଜନ ୧୯୬୯ ଜୁଲାଇ ୧ ତାରିଖରେ ଆରମ୍ଭ ହୋଇଥିଲା। ଏହି ସବଡିଭିଜନରେ ୬ଟି ବ୍ଲକ, ୬ଟି ତହସିଲ, ୯ଟି ଥାନା, ୨ଟି ଏନଏସି, ୧୮ଟି ଆର୍‌ଆଇ ସର୍କଲ, ୧୨୮ଟି ଗ୍ରାମ ପଞ୍ଚାୟତ, ୭୦୪ଟି ଗ୍ରାମ ରହିଛି ।

୨୦୧୧ ଜନଗଣନା ଅନୁସାରେ ୬ଲକ୍ଷ ୭୦ ହଜାର ୭୭୦ ଜଣ ଲୋକ ବସବାସ କରୁଛନ୍ତି । ଏହି ଜନସଂଖ୍ୟା ମଧ୍ୟରୁ ୧ଲକ୍ଷ ୧୫ ହଜାର ୧୬୮ ଅନୁସୂଚୀତ ଜାତି ଓ ୧ଲକ୍ଷ ୫୧ ହଜାର ୫୮୩ ଅନୁସୂଚୀତ ଜନଜାତି ଅଛନ୍ତି । ଏହାର ପରିସୀମା ୩୧୪୨.୫୩୦ କିମି ରହିଛି । ବରଗଡ ଜିଲା ମୁଖ୍ୟାଳୟକୁ ପଦ୍ମପୁରରୁ ୮୦ କିମି ଦୂର ଥିବାବେଳେ ପାଇକମାଳ ଓ ଝାରବନ୍ଧ ବ୍ଲକ ଅଞ୍ଚଳରୁ ଏହାର ଦୂରତା ୧୫୦ କିମିରୁ ଅଧିକ ପଡିଥାଏ । ଏହି ଉପଖଣ୍ଡରେ ଜଳସେଚନ ବ୍ୟବସ୍ଥା କିମ୍ବା କୌଣସି କଳ କାରଖାନା ନ ଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ମଧ ଅପହଞ୍ଚ । ଏହା ବରଗଡ ଜିଲାରେ ସାମିଲ ହୋଇଥିବାରୁ ଏ ଅଞ୍ଚଳ ରାଜ୍ୟ ସରକାରଙ୍କ କେବିକେ ଯୋଜନାରୁ ବଞ୍ଚିତ ହେବା ସହ କେନ୍ଦ୍ର ସରକାରଙ୍କ ଯୋଜନାରେ ମଧ ସାମିଲ ହୋଇ ପାରୁନାହିଁ । ଚିର ମରୁଡିଗ୍ରସ୍ତ ଏହି ଉପଖଣ୍ଡରେ ବେକାର ଯୁବତୀଯୁବକ ତଥା ଶ୍ରମିକମାନେ ନିଯୁକ୍ତି ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଇଥାଆନ୍ତି । ଜିଲା ପୁନର୍ଗଠନ ନେଇ ୧୯୯୨ ମସିହାରେ ନିଯୁକ୍ତ ଦାସ କମିଶନ ପଦ୍ମପୁରକୁ ଜିଲା ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କୁ ଦେଇଥିବା ରିପୋର୍ଟରେ ପଦ୍ମପୁରର ନାମ ସର୍ବାଗ୍ରେ ଥିବା ସତ୍ତ୍ୱେ ୧୩ରୁ ୩୦ ଜିଲା ଘୋଷଣା ସମୟରେ ପଦ୍ମପୁରକୁ ଜାଣିଶୁଣି ବାଦ୍ ଦିଆଗଲା । ଏହି ସମସ୍ତ ତଥ୍ୟକୁ ଆଧାର କରି ଜିଲା ଘୋଷଣା କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଜିତ କୁମାର ଶତପଥି ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ସେ କହିଛନ୍ତି ।

**ପଦ୍ମପୁର ଉପଖଣ୍ଡ**
- ଉପଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଜାରି
- ଉପଖଣ୍ଡର ସବୁ ଅନୁଷ୍ଠାନ ସାମିଲ ହେଲେ

# ଅବାଧରେ ଚାଲିଛି ବାଲି ଚୋରା ଚାଲାଣ

ଗଣ୍ଡତୁରୁମ, ୧୦।୧ (ଡି.ଏନ.ଏ)



ଜିରା ନଦୀ ବାଲିଘାଟରେ ବାଲି ଲୋଡିଂ ପାଇଁ ଜେସିବି ରହିଛି ।

ବରଗଡ ଜିଲା ଭେଡେନ ତହସିଲର ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡତୁରୁମ ନିକଟ ଜିରାନଦୀରୁ ଅବାଧରେ ବାଲି ଚୋରା ଚାଲାଣ ହେଉଛି । ପ୍ରତ୍ୟହ ଜେସିବି ସାହାଯ୍ୟରେ ଟ୍ରକ, ହାଇୱା ଏବଂ ଟ୍ରାକ୍ଟର ଯୋଗେ ପଡୋଶୀ ସୋନପୁର ଜିଲାକୁ ବାଲି ଚାଲାଣ ହେଉଛି । ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ବ୍ୟାପକ ରାଜସ୍ୱ ହାନି ଘଟୁଛି । ଏପରିକି ବ୍ରାହ୍ମଣତୁରୁମ, ଉଦେପୁର, ଗଲିମା, କମଗାଁ ମହାନଦୀ ଫେରିଘାଟ ଏବଂ ଝାଇଁଯୋର ନଦୀର ବଇପୁର, ବିଶିପାଲି, ପଣ୍ଡକିପାଲି ବାଲିଘାଟରୁ ବିନା ରାଜସ୍ୱ ଦେୟରେ ଶହ ଶହ ଟ୍ରିପ୍ ବରଗଡ ଜିଲା ସମେତ ପଡୋଶୀ ସମ୍ବଲପୁର ଓ ଝାରସୁଗୁଡାକୁ ଚୋରା ଚାଲାଣ ହେଉଛି । ଏ ସମ୍ପର୍କରେ ଭେଡେନ ତହସିଲଦାର ସୀମା ସୁନୀତା କୁଲୁଙ୍କୁ ପଚରାଯିବାରୁ କହିଲେ, ଏ ବିଷୟରେ ସେ ଅବଗତ ନାହାନ୍ତି । ଯଦି ବାଲି ଚୋରା ଚାଲାଣ ହେଉଥାଏ ତେବେ ଉକ୍ତ ଗାଡି ଗୁଡିକୁ ଜବତ କରିବା ସହିତ ଜରିମାନା ଆଦାୟ କରିବା ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

## ସାଇବର କ୍ରାଇମ୍ ମହିଳାଙ୍କ ଆକାଉଣ୍ଟରୁ ୮୭ ହଜାର ଗାଏବ

ଭେଡ଼େନ, ୧୦।୧ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳର ଜଣେ ମହିଳା ସାଇବର କ୍ରାଇମର ଶିକାର ହୋଇଛନ୍ତି । ସେ ହେଲେ ସ୍ଥାନୀୟ ଟ୍ରେକର ଷ୍ଟାଣ୍ଡରେ ଶୁଭଶ୍ରୀ ନାମକ ହୋଟେଲ କରିଥିବା ନିରୂପମା ମେହେର। ତାଙ୍କର ଭେଡ଼େନ ଷ୍ଟେଟବ୍ୟାଙ୍କରେ ଥିବା ଆକାଉଣ୍ଟରୁ ୮୭ହଜାର ୫୦୦ ଟଙ୍କା ଗାଏବ ହୋଇଯାଇଛି । ତାଙ୍କ ଅଜାଣତରେ କଲିକତାର ଦୁଇଟି ଏଟିଏମରୁ ଏହି ଟଙ୍କା ଉଠାଣ ହୋଇଥିବା ଜଣାପଡ଼ିଛି । ଏ ନେଇ ସେ ଭେଡ଼େନ ବ୍ୟାଙ୍କ ଶାଖା ପରିଚାଳକ ଏବଂ ଭେଡ଼େନ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରି ଛାନ୍‌ଭିନ୍ ଚଳାଇଛି ।

ଅଭିଯୋଗ ଅନୁସାରେ, ଶୁଭଶ୍ରୀଙ୍କ ଆକାଉଣ୍ଟରେ ୬୦ ହଜାର ଟଙ୍କା ଥିଲା। ଗତ ୫ ତାରିଖରେ ଏଲଆଇସି ମନିବ୍ୟାକ ବାବଦ ୨୭ ହଜାର ଟଙ୍କା ତାଙ୍କ ଖାତାରେ ଜମା ହୋଇଥିଲା । ୭ ତାରିଖରେ କଲିକତାର ଗୋଟିଏ ଏଟିଏମରୁ କେହି ଦୁର୍ବୃତ୍ତ ଗୋଟିଏ ଦିନରେ ଚାରିଥର ୨୦ହଜାର ଲେଖାଏଁ ମୋଟ ୮୦ ହଜାର ଟଙ୍କା ଉଠାଣ କରିଥିବା ୮ ତାରିଖ ସକାଳେ ତାଙ୍କ ମୋବାଇଲକୁ ମେସେଜ ଆସିଥିଲା। ଏ ନେଇ ସେ ୯ ତାରିଖରେ ଜାଣିବା ପରେ ଭେଡ଼େନ ସ୍ଥିତ ଏକ ଏଟିଏମରୁ ମିନି ଷ୍ଟେଟମେଣ୍ଟ ବାହାର କରିଥିଲେ । ତେବେ ତାଙ୍କ ଆକାଉଣ୍ଟରୁ ପୁଣି ୭ହଜାର ୫୦୦ଟଙ୍କା ଅନ୍ୟ ଏକ ଏଟିଏମ୍‌ରୁ କଢ଼ା ହୋଇଥିବା ଜଣାପଡ଼ିଥିଲା । ଫଳରେ ସେ ଜମା କରିଥିବା ମୋଟ ୮୭ ହଜାର ୫୦୦ ଟଙ୍କା ଆକାଉଣ୍ଟରୁ ଗାଏବ ହୋଇଯାଇଛି। ଭେଡ଼େନ ଥାନା ଆଇଆଇସି ତାରା ଜସ୍ମିନ ଗୁଡ଼ିଆ ଘଟଣାର ତଦନ୍ତ କରୁଛନ୍ତି ।

## ଗୁରୁମା'ଙ୍କ ଆଶୀର୍ବାଦ ନେଲେ କଂସ ଅଭିନେତା



ଭୁବନେଶ୍ୱର ପ୍ରଧାନ ତାଙ୍କ ଗୁରୁମାଙ୍କ ଆଶୀର୍ବାଦ ନେଉଛନ୍ତି ।

ବରଗଡ଼ ଅଫିସ,୧୦।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହେବ। ବରଗଡ଼ରେ କଂସଙ୍କ ରାଜୁତି ଚାଲିବ ଏବଂ କଂସରାଜ୍‌ରେ ମଥୁରାନଗରୀ ଥରହର ହୋଇ ଉଠିବ। ଏଥର ମଧ୍ୟ ସରଲା ଗ୍ରାମର ଭୁବନେଶ୍ୱର ପ୍ରଧାନ କ୍ରମାଗତ ଦ୍ୱିତୀୟଥର ପାଇଁ କଂସ ଭୂମିକାରେ ଅଭିନୟ କରିବେ । ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟ କରି ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତ ଯୁଧିଷ୍ଠିର ଶତପଥୀ ତାଙ୍କ ଗୁରୁ ବୋଲି ଭୁବନେଶ୍ୱର କହିଛନ୍ତି । ଏହି କ୍ରମରେ କଂସ ଅଭିନେତା ଭୁବନେଶ୍ୱର ଗୁରୁବାର ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମକୁ ଯାଇ ତାଙ୍କ ଗୁରୁମା ଅର୍ଥାତ୍ ସ୍ୱର୍ଗତ ଶତପଥୀଙ୍କ ସ୍ତ୍ରୀ ଜୟୋବତୀଙ୍କ ଆଶୀର୍ବାଦ ନେଇଥିଲେ। ଭୁବନେଶ୍ୱରଙ୍କ ସହିତ ଧନୁଯାତ୍ରାର ସେନାପତି ଭୂମିକାରେ ଅଭିନୟ କରୁଥିବା ଜମୁର୍ଡ଼ା ଗ୍ରାମର ବୃନ୍ଦାବନ ପ୍ରଧାନ ଉପସ୍ଥିତ ଥିଲେ ।

## ଭାଜପାର ଜନସମ୍ପର୍କ ପଦଯାତ୍ରା



ପପଙ୍ଗା ଗ୍ରାମପଞ୍ଚାୟତରେ ଭାଜପାର ଜନସମ୍ପର୍କ ପଦଯାତ୍ରା ଚାଲିଛି ।

ଭେଡ଼େନ, ୧୦।୧ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ପପଙ୍ଗା ଗ୍ରାମପଞ୍ଚାୟତରେ ଭାଜପା ତରଫରୁ ଗୁରୁବାର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । ପପଙ୍ଗା ମଣ୍ଡଳ ସଭାପତି ଜୟନ୍ତ ହୋତାଙ୍କ ନେତୃତ୍ୱରେ ହୋଇଥିବା ଏହି ପଦଯାତ୍ରାରେ ଅତାବିରା ନିର୍ବାଚନ ମଣ୍ଡଳୀ ପଦଯାତ୍ରା ପ୍ରମୁଖ ବିପିନ ଭୁସାଗର, ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି, ଚିତ୍ତରଞ୍ଜନ ଭୋଇ, ଭରତ ବେହେରା, ଜୋନ୍ ସଭାପତି ଲକ୍ଷ୍ମଣ ପଣ୍ଡା, ଭୀମସେନ ମଲିକ, ଯୁବରାଜ ପଧାନ, ଝସକେତନ ପାଣିଗ୍ରାହୀ, କ୍ରୀଷ୍ଣା ପଟେଲଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ । ଦଳୀୟ କର୍ମୀ ମାନେ ଏହି ଗ୍ରାମପଞ୍ଚାୟତର ପପଙ୍ଗା ଛକରୁ ବାହାରି ବଡ଼ ପିପିଲିପାଲି, ରିସାମୁଣ୍ଡା, ଗଣ୍ଡିଆପାଲି, ରିଝେଇପାଲି ଆଦି ଗ୍ରାମରେ ଘର ଘର ବୁଲି ଜନସମ୍ପର୍କ ରକ୍ଷା କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ । ପରେ ପପଙ୍ଗାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

## ବିଜେପୁର ତହସିଲରେ ଅନିୟମିତତା ଅଭିଯୋଗ

# ମ୍ୟୁଟେଶନରେ ଚାଲିଛି ଲାଞ୍ଚ କାରବାର

ବିଜେପୁର, ୧୦।୧ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ତହସିଲ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ଫଳରେ ହିତାଧିକାରୀମାନଙ୍କ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି କାର୍ଯ୍ୟାଳୟରେ ଜମିବାଡି ମ୍ୟୁଟେଶନ ପାଇଁ ଲୋକମାନେ ଆବେଦନ କରୁଛନ୍ତି । ଏବେ ସବୁକାମ ଅନ୍‌ଲାଇନରେ ଚାଲିଛି । ତେଣୁ ଏହାର ସୁଯୋଗ ନେଇ କିଛି ବିଭାଗୀୟ କର୍ମଚାରୀ ଅନ୍‌ଲାଇନ କରିବା ବାହାନାରେ ଶହେରୁ ଦୁଇ ଶହ ଟଙ୍କା ହାତଗୁଞ୍ଜା ନେଉଛନ୍ତି । ପୁଣି ମ୍ୟୁଟେସନ କାମରେ ଯାଞ୍ଚ କଲାବେଳେ ସମ୍ପୃକ୍ତ କର୍ମଚାରୀ ଖୁଲମଖୁଲା ପକେଟ ଖର୍ଚ୍ଚ ଦାବି କରୁଥିବା ଅଭିଯୋଗ ହେଉଛି। ସେହିପରି ଏକ ଟଙ୍କିଆ ଷ୍ଟାମ୍ପ ପେପର ଶହେ ଟଙ୍କାରେ ବିକ୍ରି କରାଯାଉଛି । ଏହା ଦ୍ୱାରା ହିତାଧିକାରୀମାନେ ଶୋଷଣର ଶିକାର ହେଉଛନ୍ତି । ଅପରପକ୍ଷେ ହାତଖର୍ଚ୍ଚ ନ ଦେଲେ ଦୀର୍ଘଦିନ ଧରି ଉକ୍ତ କାମକୁ ବିଭାଗୀୟ କର୍ମଚାରୀ ପକାଇ ରଖି ଦିନ ଗଡାଇ ଚାଲୁଥିବା ଅଭିଯୋଗ ହେଉଛି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସଂକ୍ରାନ୍ତରେ ତହସିଲଦାର ପ୍ରକାଶ ଦାଶଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ସ୍କାନିଂ ପାଇଁ ଟଙ୍କା ନେଇ ରସିଦ ଦିଆଯାଉଛି । ଅନଲାଇନ୍ କି ଭେରିଫିକେସନ୍ ସକାଶେ ଟଙ୍କା ନେବାର ନିୟମ ନାହିଁ । କେହି ଯଦି ନେଉଛି ତାହା ଚିଟିଙ୍ଗ କରୁଛି । ଏହାର ବିହିତ ତଦନ୍ତ କରିବି । ଷ୍ଟାମ୍ପ ପେପର ମିଳୁ ନ ଥିବାରୁ କିଛି ଲୋକ କଳାବଜାର କରୁଛନ୍ତି। ଲୋକେ ବିନା ଷ୍ଟାମ୍ପ ପେପରରେ ଆବେଦନ କରି ୧୦/୧୫ ଦିନ ମଧ୍ୟରେ ଉକ୍ତ ଷ୍ଟାମ୍ପ ପେପର ପ୍ରଦାନ ପାଇଁ ଏକ ଅଣ୍ଡରଟେକିଙ୍ଗ ଲେଖିଦେଲେ ହେବ ବୋଲି ସେ କହିଥିଲେ ।

## ଟ୍ରାଫିକ ସଚେତନତା ପ୍ରଚାରପତ୍ର ଉନ୍ମୋଚିତ



ଜିଲାପାଳ ଟ୍ରାଫିକ ସଚେତନତା ଲିଫଲେଟ୍ ଉନ୍ମୋଚନ କରୁଛନ୍ତି ।

ବରଗଡ଼ ଅଫିସ,୧୦।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଏହାର ସଂଯୋଜନା କରିବେ ବୋଲି କହିଛନ୍ତି । ଏହି ଅବସରରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଟ୍ରାଫିକ ସଚେତନତା ପ୍ରଚାରପତ୍ର(ଲିଫ୍‌ଲେଟ୍)କୁ ଉନ୍ମୋଚନ କରିଥିଲେ । ଧନୁଯାତ୍ରାକୁ ଆସୁଥିବା ଦର୍ଶକଙ୍କୁ ସେହି ଲିଫ୍‌ଲେଟ୍ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ପଥପ୍ରାନ୍ତ ନାଟକ ପରିବେଷଣ କରିବେ ବୋଲି ଭୋସାଗର ସୂଚନା ଦେଇଛନ୍ତି ।

# କ୍ରିକେଟ: ରାଞ୍ଚି, କଟକ ବିଜୟୀ

ପଦ୍ମପୁର, ୧୦।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଆର୍‌ବି ହାଇସ୍କୁଲ ପଡିଆରେ ଚାଲିଥିବା ୨୫ତମ ସର୍ବ ଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ମ୍ୟାଚ୍‌ରେ ସେଲ୍ ରାଞ୍ଚି ବିଜୟୀ ହୋଇଥିବା ବେଳେ ଜୁଭେନାଇଲ୍ କଟକ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍ ବୋରାସମ୍ବର ସ୍ପୋର୍ଟିଂ ପଦ୍ମପୁର ଏବଂ ସେଲ ରାଞ୍ଚି ମଧରେ ଅନୁଷ୍ଠିତ ହୋଇଥିଲା । ପଦ୍ମପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୬୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପ୍ରକାଶ ମହନା ୬୪ (୪୫ ବଲ) ରନ୍ ଏବଂ ଧରଣୀଧର ବାରିକ ୩୩ (୨୫ବଲ୍) ରନ ସଂଗ୍ରହ କରିଥିବା ବେଳେ ସେଲ୍ ପକ୍ଷରୁ ବିନୟ ସିଂ ୩୩ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ । ୧୬୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଞ୍ଚି ଦଳ ୧୭.୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୧୬୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ସେଲ ରାଞ୍ଚି ଦଳ ପକ୍ଷରୁ ଗୁଲମନ୍ ଝା ୫୮ (୨୫ବଲ) ଏବଂ ବିନୟ ସିଂ ୪୫ (୨୫ବଲ) ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ଦ୍ୱିତୀୟ ମ୍ୟାଚ ଜୁଭେନାଇଲ୍ କଟକ ଏବଂ ସେରସା ରାୟପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାୟପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ମାତ୍ର ୯୮ ରନ୍ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା । ଜବାବରେ କଟକ ଦଳ ମହମ୍ମଦ ସାହିଲଙ୍କ ୩୦ ଏବଂ ଶାଶ୍ୱତ ମହାନ୍ତିଙ୍କ ୨୩ ରନ ସହାୟତାରେ ୧୬.୧ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଆର୍‌ବି ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ସାହୁ ଯୋଗଦେଇ ପ୍ରଥମ ମ୍ୟାଚ୍‌ର ମ୍ୟାନ ଅଫ୍ ମ୍ୟାଚ ରାଞ୍ଚି ଦଳର ଗୁଲସନ୍ ଝା ଏବଂ ଦ୍ୱିତୀୟ ମ୍ୟାଚ୍‌ର ମ୍ୟାନ ଅଫ୍ ଦି ମ୍ୟାଚ କଟକ ଦଳର ସିଦ୍ଧାର୍ଥ ଜେନାଙ୍କୁ ପୁରସ୍କୃତ କରିଥିଲେ । ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା, ଶୁଶାନ୍ତ ପାଣିଗ୍ରାହୀ, ଚୂଡାମଣୀ ପାଢ଼ୀ, ସତ୍ୟବ୍ରତ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ମଣ୍ଡିରୁ ଉଠୁନି ଧାନ ଆନ୍ଦୋଳନ ପାଇଁ ଚାଷୀଙ୍କ ଚେତାବନୀ

ବରଗଡ଼ ଅଫିସ,୧୦।୧

ବରଗଡ଼ ଜିଲାର ବିଭିନ୍ନ ମଣ୍ଡିରେ ଏବେ ମଧ୍ୟ ଧାନ ବିକ୍ରିରେ ଅଚଳାବସ୍ଥା ଦେଖାଯାଇଛି । ମଣ୍ଡିରୁ ଧାନ ଉଠୁ ନ ଥିବା ଯୋଗୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଅଭିଯୋଗ ନେଇ ଗୁରୁବାର କୁମ୍ଭାରୀ ଗ୍ରାମର ଚାଷୀମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଫେରାଦ ହୋଇଥିଲେ । ଏହା ସହିତ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କ ପାଖକୁ ଯାଇ କୁମ୍ଭାରୀ ମଣ୍ଡିରେ ଧାନ ଉଠାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିବେଦନ କରିଥିଲେ । ଆସନ୍ତା ୪/୫ଦିନ ମଧ୍ୟରେ ସେହି ମଣ୍ଡିରେ ସଂଗୃହୀତ ସମସ୍ତ ଧାନକୁ ଉଠାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ମାଝି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ତେବେ ଧାନ ଉଠାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରା ନ ଗଲେ ଆଗକୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର

## ସଂକ୍ଷେପରେ

### ପାଟଣା କପ୍ : ପାଟଣାଗଡ ସେମିରେ

**ପାଟଣାଗଡ, ୧୦।୧(ଡି.ଏନ.ଏ.):** ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନର ମ୍ୟାଚ ଗୁରୁବାର ଆଦ୍ରା ପଶ୍ଚିମବଙ୍ଗ ଏବଂ ଆୟୋଜକ ଦଳ ପାଟଣାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଆଦ୍ରା ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ଦଳ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ପାଟଣାଗଡ ଦଳ ୨୫.୩ ଓଭରରେ ୭ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରି ସେମି ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସର୍ବାଧିକ କୁନାଲ ପଣ୍ଡା ୩୮ ବଲରେ ୬୪ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରିଥିଲେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଉଦୟଭାନୁ ନନ୍ଦି। ବିଦ୍ୟୁତ ବିଭାଗ ଏସଡିଓ ରାମଚନ୍ଦ୍ର ମେହେର ମୁଖ୍ୟଅତିଥି ଏବଂ ଯନ୍ତ୍ରୀ ଅବିନାଶ ଉଦଗାତା, ହେମାନନ୍ଦ କରାଲି, ପବିତ୍ର ବିଶ୍ୱାଳ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମ୍ୟାଚକୁ ଓସିଏ ଅମ୍ପେୟାର ସତ୍ୟ ରଥ ଏବଂ ପୃଥ୍ୱିରାଜ ମିଶ୍ର ପରିଚାଳନା କରିଥିଲେ।

ଜିଲା ଯୋଜନା କମିଟି ବୈଠକ

# କୃଷି, ଜଳସେଚନ କ୍ଷେତ୍ରକୁ ଅଗ୍ରାଧିକାର

**ବଲାଙ୍ଗୀର ଅଫିସ,୧୦।୧**

ବଲାଙ୍ଗୀର ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷଠାରେ ଗୁରୁବାର ଜିଲା ଯୋଜନା କମିଟି ବୈଠକ ଅଧ୍ୟକ୍ଷ ତଥା ଓଡିଶା ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଥିଲା। ବୈଠକରେ ଓଡିଶା ବିଧାନସଭା ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲାପାଳ ଅରିନ୍ଦମ ଡ଼ାକୁଆ, ଡ଼ିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ଼. ମହେଶ୍ୱର ସ୍ୱାଇଁଙ୍କ ସମେତ ଜିଲା ଯୋଜନା କମିଟି ସଦସ୍ୟା, ସଦସ୍ୟ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲାପାଳ ଡ଼ାକୁଆ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିଲେ । ଗୋପବନ୍ଧୁ ଗ୍ରାମୀଣ ଯୋଜନା ୨୦୧୮-୧୯ ଓ ବିଜୁ କେବିକେ ୨୦୧୮-୧୯ରେ ଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଦୁଇ ଯୋଜନାରେ ଥିବା ପ୍ରସ୍ତାବଗୁଡ଼ିକ ଜିଲା ଯୋଜନା କମିଟିର ଅନୁମୋଦନ ପୂର୍ବରୁ ଷ୍ଟିଅରିଙ୍ଗ୍ କମିଟିର ଅନୁମୋଦନ ସକାଶେ ପଠାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଷ୍ଟିଅରିଙ୍ଗ୍ କମିଟି ଚଳିତ ମାସ ୧୯ତାରିଖ ସୁଦ୍ଧା ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ଅନୁଧ୍ୟାନ ସହ ଅନୁମୋଦନ କରି ଜିଲା ଯୋଜନା କମିଟିକୁ ପଠାଇବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକରେ କମ୍ପ୍ରିହେନ୍ସିଭ ଜିଲା ବାର୍ଷିକ ଯୋଜନା ୨୦୧୮-୧୯ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଜିଲାର ବାର୍ଷିକ ଯୋଜନା ପ୍ରସ୍ତାବ ବେଳେ ଜିଲାର ଆବଶ୍ୟକତା ଓ ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୃଷି, ଜଳସେଚନ, ରୋଜଗାର ସମ୍ଭାବନା, ଭିତ୍ତିଭୂମି ନିର୍ମାଣ ଆଦି କ୍ଷେତ୍ରକୁ ଅଗ୍ରାଧିକାର ଦେଇ ଜିଲା ଯୋଜନାରେ ପ୍ରସ୍ତାବଗୁଡ଼ିକୁ ସ୍ଥାନିତ କରିବା ଉପରେ ଆଲୋଚନା କରାଯାଇଥିଲା । ଜିଲାରେ ଥିବା ଜଳ ଉତ୍ସଗୁଡ଼ିକର ଉନ୍ନତିକରଣ ତଥା ପୁନରୁଦ୍ଧାର ନିମନ୍ତେ ମଧ୍ୟ ବାର୍ଷିକ ଯୋଜନାରେ ପ୍ରସ୍ତାବ ସ୍ଥାନିତ କରିବା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକ ଶେଷରେ ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ବଟକିଶୋର ପରୁଆ ସମସ୍ତଙ୍କୁ ଧନ୍ୟବାନ ଅର୍ପଣ କରିଥିଲେ ।



ଜିଲା ଯୋଜନା କମିଟି ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ଜନପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀ ।

ବଲାଙ୍ଗୀର ବହିହାଟର ଷଷ୍ଠ ସନ୍ଧ୍ୟା

# ପାଟଣା ଷ୍ଟେଟ୍‌ର ସାରସ୍ୱତ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର

**ବଲାଙ୍ଗୀର ଅଫିସ, ୧୦।୧**

ବଲାଙ୍ଗୀର ବହିହାଟର ଷଷ୍ଠ ସନ୍ଧ୍ୟାରେ ପାଟଣା ଷ୍ଟେଟ୍‌ର ସାରସ୍ୱତ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଜିଲା ଲେଖକ ପରିଷଦ ଉପସଭାପତି ଦିଲୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ପାଟଣାଗଡ ଜବାହାରଲାଲ କଲେଜର ଅଧ୍ୟକ୍ଷ ସୁନୀଲ ପଣ୍ଡା, ଆଲୋଚକ ଭାବେ ଡ ଗୋପବନ୍ଧୁ ରଥ, ଲକ୍ଷ୍ମୀକାନ୍ତ ମିଶ୍ର ଓ ଅରୁଣ କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ନରେତ୍ତମ ସାହୁ ସଂଯୋଜନା କରିଥିଲେ । ପୂର୍ବତନ ପାଟଣା ଷ୍ଟେଟ ବା ବର୍ତ୍ତମାନ ବଲାଙ୍ଗୀର ଜିଲାର ସାରସ୍ୱତ ପରମ୍ପରା ଉପରେ ଆଲୋଚକମାନେ ଗଭୀର ଆଲୋଚନା କରି ସାହିତ୍ୟକ, ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରିଥିଲେ । କୋଶଲୀ ଭାଷା, ସଂସ୍କୃତିର ସିଦ୍ଧି ଓ ସାଧନା କ୍ଷେତ୍ର ଭାବେ ପାଟଣା ଷ୍ଟେଟର ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋଚକମାନେ ଆଲୋଚନା କରିଥିଲେ । ସଭା ଶେଷରେ ଲିଙ୍ଗରାଜ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ର, ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ, ବହିହାଟ ମୁଖ୍ୟ ସଂଯୋଜକ ଲଳିତ କୁମାର ନାୟକ, ଉପସଭାପତି ବିଶ୍ୱମୟ ପୂଜାରୀ, କୋଷାଧ୍ୟକ୍ଷ ଅଜିତ୍ ମିଶ୍ର, ଅନୁପ୍ରିୟା ମିଶ୍ର ଓ ଅନ୍ୟମାନେ ବିଶେଷ ସହଯୋଗ କରିଥିଲେ । ଅପରାହ୍ଣରେ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ନିସାର ଅହମ୍ମଦ ନିସାର, କୁନା ବାଗ, ରାଜୀବ ଲୋଚନ ଆଚାର୍ଯ୍ୟ ଓ ଡା ମଞ୍ଜୁବାଳା ପଣ୍ଡା, ଯୋଗଦାନ କରିଥିଲେ । ଏହି ପ୍ରତିଯୋଗିତାରେ ଆଇସିସ ପଣ୍ଡା ପ୍ରଥମ, ପ୍ରିୟଙ୍କା ନନ୍ଦ ଦ୍ୱିତୀୟ ଓ ଈଶା ସିଂ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ସୁବିନ୍ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ ।



ବହିହାଟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ପ୍ରଧାନମନ୍ତ୍ରୀ ଆସିବେ ବୋଲି...

# ବଲାଙ୍ଗୀର ଷ୍ଟେଶନରେ ଲାଗିଲା କୋଚ୍ ଇଣ୍ଡିକେଟର, ଡିସ୍‌ପ୍ଲେ ବୋର୍ଡ

**ବଲାଙ୍ଗୀର ଅଫିସ, ୧୦।୧**

ଆସନ୍ତା ୧୫ ତାରିଖ ବଲାଙ୍ଗୀର ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ମୋଦି ରେଳଷ୍ଟେଶନ୍‌ରେ ନୂଆ ରେଳଧାରଣା ଓ ପ୍ୟାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରିବା ସହ ଅନ୍ୟ ପ୍ରକଳ୍ପର ଶିଳାନ୍ୟାସ କରିବେ । ଉଜ୍ଜଳ ଭାରତ ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ଚୂଡାନ୍ତ ହେବା ପରେ ରେଳୱେ ବିଭାଗ, ଜିଲା ପ୍ରଶାସନ ଓ ଭାଜପା ନେତା ଓ କର୍ମୀ ସକ୍ରିୟ ହୋଇପଡିଛନ୍ତି। ବୁଧବାର ସମ୍ବଲପୁର ଡିଆରଏମ୍ ଡ. ଜୟଦୀପ ଗୁପ୍ତା ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବଲାଙ୍ଗୀର ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଷ୍ଟେଶନ୍‌ର ତଦାରଖ କରିଥିଲେ। ଦୀର୍ଘବର୍ଷ ଧରି ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ, ନାଗରିକ କମିଟି, ଆକ୍ସନ କମିଟି, ବଣିକ ସଂଘ ରେଳଷ୍ଟେଶନ୍‌ରେ କୋଚ୍ ଇଣ୍ଡିକେଟର ଓ ଡିସ୍‌ପ୍ଲେ ବୋର୍ଡ ଲଗାଯିବାକୁ ଦାବି କରି ଆସୁଥିଲେ। ତେବେ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା । ରେଳ ବିଭାଗ ବିଭିନ୍ନ ବାହାନା ଦେଖାଉଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଚୂଡାନ୍ତ ପରେ ସବୁ ବାହାନାକୁ ପଛର ପକାଯାଇ ଷ୍ଟେଶନ୍‌ରେ କୋଚ୍ ଇଣ୍ଡିକେଟର ଓ ଡିସ୍‌ପ୍ଲେ ବୋର୍ଡ ଲଗା ଯାଇଛି । ଏହା ସହିତ ଟିକଟ କାଉଣ୍ଟର, ରେଳୱେ ପ୍ଲାଟଫର୍ମର ଅନ୍ୟାନ୍ୟ ଅସୁବିଧା ଦୂର କରାଯାଉଛି । ପାଣି ଯୋଗାଣକୁ ସୁଚାରୁରୂପେ ସମ୍ପାଦନ କରାଯାଉଛି । ମୋଦୀ ଆସିବେ ବୋଲି ରେଳବିଭାଗ ହଠାତ୍ ଚେଇଁ ଉଠିଛି । ସମ୍ବଲପୁର ଡିଆରଏମ୍ ଗୁପ୍ତା ଦିନତମାମ ବିଭିନ ବିଷୟରେ ତଦାରଖ କରିବା ପରେ ସନ୍ଧ୍ୟାରେ ଭାଜପା ନେତା ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଆଲୋଚନା କରିଥିଲେ । ଏସପି କେ ଶିବା ସୁବ୍ରମଣି ମଧ୍ୟ ରେଲୱେ ଡିଆରଏମ୍‌ଙ୍କ ସହ ଆଲୋଚନା କରି କ୍ଷେତ୍ର ପରିଦର୍ଶନ କରିଛନ୍ତି।




ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଲାଗିଥିବା ଡିସ୍‌ପ୍ଲେ ବୋର୍ଡ।

ଦେବ ନିମନ୍ତ୍ରଣ ସରିଲା, ଲୋକଙ୍କୁ ଆମନ୍ତ୍ରଣ କଲେ

**ବଲାଙ୍ଗୀର ଅଫିସ, ୧୦।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ ତାରିଖ ବଲାଙ୍ଗୀର କାର୍ଯ୍ୟକ୍ରମ ସକାଶେ ଭାଜପା ତରଫରୁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଗୁରୁବାର ପାଟଣେଶ୍ୱରୀ ମନ୍ଦିରକୁ ଯାଇ ଦେବ ନିମନ୍ତ୍ରଣ କରାଯାଇଥିଲା । ବିଧାୟକ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ଏମପି ସଙ୍ଗୀତା କୁମାରୀ ସିଂଦେଓ, ଡା ବାସୁଦେବ ପତି, ଗୋପାଲଜୀ ପାଣିଗ୍ରାହୀ, ଅନନ୍ତ ଦାଶ, ପଙ୍କଜିନୀ ପଣ୍ଡାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ଦେବୀଙ୍କୁ ନିମନ୍ତ୍ରଣ ପତ୍ର ଅର୍ପଣ କରାଯାଇଥିଲା । ଏହାପରେ ବିଧାୟକ ସିଂଦେଓ ଓ ଅନ୍ୟମାନେ ଜନସାଧାରଣଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ ।

## ଭାଜପା ବାଣ୍ଟିଲା କୋଶଲୀ କାର୍ଡ

**ବଲାଙ୍ଗୀର ଅଫିସ, ୧୦।୧**

ଜାନୁୟାରୀ ୧୫ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନିମନ୍ତ୍ରଣ କାର୍ଡ ଦିଆଯାଇ ଆମନ୍ତ୍ରଣ କରିବା ଲକ୍ଷ୍ୟ ନେଇ ଭାଜପା ଗୁରୁବାରଠାରୁ କାର୍ଡ ବଣ୍ଟନ ଅଭିଯାନ ଆରମ୍ଭ କରିଛି । ହିନ୍ଦୀ ଓ କୋଶଲୀ ଭାଷାରେ ଛପା ହୋଇଥିବା ଏହି କାର୍ଡ ଏବେ ଚର୍ଚ୍ଚାର ବିଷୟ ହୋଇଛି। କୋଶଲାଞ୍ଚଳର ଜନସାଧାରଣ କୋଶଲୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯିବାକୁ ଦୀର୍ଘବର୍ଷ ହେଲା ଦାବି କରିଆସୁଛନ୍ତି । ବେଶ୍ କିଛିବର୍ଷ ହେଲା ଏହି ଅଞ୍ଚଳରେ କୋଶଲୀ ଭାଷା ସ୍ୱୀକୃତି ଓ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନକୁ ନେଇ ଆନ୍ଦୋଳନ ଜାରି ରହିଛି । କୋଶଲୀ ଭାଷା ଓ ସ୍ୱତନ୍ତ୍ର ରାଜ୍ୟ ଗଠନକୁ ନେଇ ଏହି ଅଞ୍ଚଳର ଜନସାଧାରଣରେ ଏକ ଭାବାବେଗ ରହିଛି । ଏଭଳି ସମୟରେ ଭାଜପା ପକ୍ଷରୁ କୋଶଲୀ ଭାଷାରେ ନିମନ୍ତ୍ରଣ କାର୍ଡ ଛପାଯାଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରାଯାଉଥିବା ଦେଖାଯାଇଛି । ଭାଜପାର ଏଭଳି କୋଶଲୀ ନିମନ୍ତ୍ରଣ କାର୍ଡ ଏବେ ଅନେକ ଦିଗରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଶିବିରରେ ୨୦୯ଜଣଙ୍କ ଚକ୍ଷୁ ପରୀକ୍ଷା

**ଖପ୍ରାଖୋଲ, ୧୦।୧(ଡି.ଏନ.ଏ.)**

ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ଓଡିଶା ସରକାରଙ୍କ ସୁନେତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ବିଭିନ୍ନ ଗାଁରୁ ଶତାଧିକ ମହିଳା ପୁରୁଷ ଆସିଥିଲେ। ସେମାନଙ୍କ ମଧ୍ୟରୁ ୨୦୯ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । ଯେଉଁମାନଙ୍କ ପାଇଁ ଚଷମା ଆବଶ୍ୟକ ସେମାନଙ୍କୁ ଆଗାମୀ ୧୫ରୁ ୨୦ତାରିଖ ମଧ୍ୟରେ ପଞ୍ଚାୟତସ୍ତରରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମ ମାଧ୍ୟମରେ ଚଷମା ବଣ୍ଟନ କରାଯିବ। ଏହି ଅବସରରେ ଚକ୍ଷୁ ବିଶେଷଜ୍ଞ ଡା.ଟି.ରାଜେନ୍ଦ୍ର ପାତ୍ର ଯୋଗଦେଇ ଚକ୍ଷୁ ପରୀକ୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଉର୍ମିଳମଣି ମେହେର, ଡା. ମୋନାଲିସା ନାଏକ, ସ୍ୱାସ୍ଥ୍ୟ ନିରୀକ୍ଷକ ନାରାୟଣ ପଧାନୀ, ପିଏଚଇଓ ବାଳଚନ୍ଦ୍ର ଛତ୍ରିଆ, ଏନସିଡି ପରାମର୍ଶଦାତା ମିତାରାଣୀ ଦାଶ, ସୁନୀଲ ସ୍ୱାଇଁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

# ନୂତନ ହିତାଧିକାରୀଙ୍କର ଭତା ହଡ଼ପ ଅଭିଯୋଗ

**ଲୋଇସିଂହା,୧୦।୧(ଡି.ଏନ.ଏ)**

ଲୋଇସିଂହା ବ୍ଲକର ୨୦ଟା ପଁଚେତରେ ଏଭେ ନୂତନ ହିତାଧିକାରୀକୁ ଭତା ଦିଆଯାଇଛେ। ହେଲେ ହିତାଧିକାରୀମାନକର ଗୁଟେ ମାସର ଭତା ହଡ଼ପ ହେଇଥିବାର ଅଭିଯୋଗ ହେଇଛେ। ଇ ବାବ୍‌ଦେ ପଁଚେତର ସରପଁଚ୍‌ମାନେ ଜାନ୍‌ଲା ଉତାରୁ ଅସନ୍ତୋଷ ପରକାଶ କରିଛନ୍। ଅଭିଯୋଗ ଅନ୍‌ସାରେ ଗଲା ଡିସେମ୍ବର ମାସର ମଝିରେ ବ୍ଲକର ନୂତନ ହିତାଧିକାରୀମାନକୁ ମଧୁବାବୁ ପେନସନ ଟଁକା ଦିଆଯାଇଛେ। ଭିନେ ଭିନେ ପଁଚେତରେ ଆୟୋଜିତ ଭତା ବଁଟା କାଯ୍‌କରମରେ ବ୍ଲକର ଏସଇଓ ନିଜେ ଉପସ୍ଥିତ ରହି ଭତା ଟଁକା ବାଁଟିଥିଲେ। ହିତାଧିକାରୀମାନକର ୭ ମାସର ଭତା ଟଁକା ମଂଜୁର ହେଇଛେ। ହେଲେ ହିତାଧିକାରୀମାନକୁ ୬ ମାସର ଭତା ୧୮ଶହ ଟଁକା ଲେଖେଁ ଦିଆଯାଇଛେ। ଇଆଡ଼େ ଏସଇଓ ତାକର ଏକ୍ୟୁଟେନ୍ସ ଖାତାରେ ହିତାଧିକାରୀମାନକରନୁ ୭ ମାସର ଦସ୍‌ଖତ ନେଇଥିବାର ଥାନୀୟ ସରପଁଚମାନେ ଅଭିଯୋଗ କରିଛନ୍। କେନ୍ ହିସାବେ ହିତାଧିକାରୀମାନକର ଗୁଟେ ମାସର ଟଁକା ରଖାଯାଇଛେ, ସେଟା ତଦଁତ କରାଯିବାର ଦରକାର ବଲି ସେମାନେ କହିଛନ୍। ଇ ବାବ୍‌ଦେ ଏସଇଓ ସ୍ନିଗ୍ଧାମୟୀ ବାରିକ୍‌କୁଁ ବାରବାର ଯୋଗାଯୋଗ କରବାର ଚେଷ୍ଟା କରାଯାଇଥିଲେ ବି ଯୋଗାଯୋଗ ସମ୍ଭବ ନାଇଁ ହେଇପାରି। ବିଡିଓ ରାମଚନ୍ଦ୍ର ଖାଡିଆକୁଁ ପଚରାଲାରୁ, ହରବର ତରବରରେ ଭତା ବଁଟା ଯିବାର ଲାଗି ଏନ୍‌ତା ଭୁଲଭଟକା ହେଇଛେ। ଇ ମାସେ ଏରିଅର ହିସାବେ ହିତାଧିକାରୀକୁଁ ସେ ଟଁକା ଦିଆଯିବା ବଲି କହିଥିଲେ।

## ଯୋଗୀସର୍ଡାରେ ମୁଁ ହିରୋ କାର୍ଯ୍ୟକ୍ରମ

**ଲୋଇସିଂହା,୧୦।୧(ଡି.ଏନ.ଏ)**

ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ମୁଁ ହିରୋ କାର୍ଯ୍ୟକ୍ରମ ଗୁରବାର ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଳକାରମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ । ନାଟ୍ୟକାର ନୃପରାଜ ପଧାନ, ରଘୁନାଥ ମିଶ୍ର, ବିଭୂତି ପଟେଲ, ସରୋଜ ସାହୁ, ରୁଦ୍ରାକ୍ଷ ମହାକୁର ପୁରସ୍କୃତ ହୋଇଥିଲେ। ସେହିପରି ସଂକୀର୍ତ୍ତନ୍ୟ, ସଞ୍ଚାର କଳାକାର, ହଳିଆ ଗୀତ, ନୃତ୍ୟରେ କୃତି ପ୍ରତିଭାଙ୍କୁ ମିଳିଥିଲା ପୁରସ୍କାର । ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର, ସରପଞ୍ଚ ପ୍ରଶାନ୍ତ ପଧାନ, ବ୍ଲକ ବିଜେଡି ସଭାପତି ସୁଶାନ୍ତ ମିଶ୍ର, ସମିତି ସଭ୍ୟ ହେମାଳ ମେଶ୍ୱା ଅତିଥିଭାବେ ଯୋଗଦେଇଥିଲେ । ୨୦୧୮ ମାଟ୍ରିକ ପରୀକ୍ଷାରେ ପଞ୍ଚାୟତ ଟପ୍ପର ସଞ୍ଜୁ ପଧାନକୁ ସମ୍ବର୍ଦ୍ଧିତ କରାଯାଇଥିଲା।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
R.P. No. 064/2013/CTC
(Arising out of OA No. 116 of 2011)
NOTICE UNDER SECTION 28(4A) OF THE RECOVERY OF DEBTS DUE TO BANK & FINANCIAL INSTITUTION ACT, 1993

Next Date: 13.02.2019

**State Bank of India, SAMB,** 4th Floor, OSCARD Bank Building, A/34, Bhubaneswar ...Certificate Holder Bank

Vs.

**Trilochan Mohanty & Others** ...Certificate Debtors

To,
1. **Trilochan Mohanty,** S/o- Balakrushna Mohanty, At/PO: Rangadhipa, Dist.: Sundargarh.
2. **Binod Meher,** S/o- Ghanashyam Meher, At: Samda, PO: Belpahar, Dist.: Jharsuguda.
3. **Bansidhar Meher,** S/o- Radheshyam Meher, At: Samda, PO: Belpahar, Dist.: Jharsuguda.
4. **Smt. Gulapi Meher,** W/o- Radheshyam Meher, At: Samda, PO: Belpahar, Dist.: Jharsuguda.
5. **Sailesh King Subhneel,** S/o- Sunil Kumar Maharana, At: Beheramal, PO/Dist.: Jharsuguda.

WHEREAS you have failed to pay the decretal dues alongwith interest & cost, which is amounting to **Rs.85,30,017.30** (Rupees Eighty Five Lac Thirty Thousand Seventeen and Paise Thirty only) along with interest @ 9% per annum rests from 09.12.2010 till realization of the entire Dues payable by you in respect of the demand notice issued by the undersigned as per certificate dt.26.06.2013 arising out of OA No. 116 of 2011 issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks & Financial Institutions Act, 1993.

Now under the provision of section 28(4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **13.02.2019.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **14th day of December, 2018.**

Sd/- (R.P. Patnaik)
Recovery Officer

RAVENSHAW UNIVERSITY
CUTTACK- 753003, ODISHA

WALK- IN -INTERVIEW

Applications are invited for walk-in-interview for engagement of Guest faculty / Visiting faculty in **Physics, Botany, Geology, Education, Integrated B.Ed., Applied Geography, Economics, Odia, English, Hindi and Sanskrit** of Ravenshaw University. For details please visit 'www.ravenshawuniversity.ac.in'.

No. 52 / Dt. 7.1.2019 — Registrar

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA Cuttack- 753014
R.P. No. 167/2017/ CTC
(Arising out of OA No. 335 of 2015)
Form no. ITCP- I
NOTICE OF DEMAND TO THE CERTIFICATE DEBTORS
(See Rule- 48 of the Second Schedule as referred to in section 29 of Recovery of Debts due to Bank & Financial Institutions Act. 1993)

**Utkal Grameen Bank, Sakhipara Evening Branch, At: Sakhipara, Po/Dist: Sambalpur, Pin - 768001** Certificate Holder Bank

vs

**Shri Prasanna Kumar Behera & Ors** Certificate Debtors

To,
1. Shri Prasanna Kumar Behera, S/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
2. Yasobanti Behera, W/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
3. Shri Prasanta Kumar Behera,S/o: Late Hemanta Kumar Behera, At: Qr. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
4. Pranati Behera, D/o: Late Hemanta Kumar Behera, At: Qr. No. R5/ 15, Jagannath Colony, P.O: Budharaja, Dist.: Sambalpur, Pin: 765004
5. Shri Bibhas Barai, S/o: Manoranjan Barai, At: Deheripali, P.O: Budharaja, Dist.: Sambalpur, Pin: 765004

Take notice that Certificate arising out of **OA No. 335 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 24,76,651.00 **(Rupees Twenty Four Lac Seventy Six Thousand Six Hundred Fifty One only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 24,76,651.00 |
| 2. Cost of the suit as allowed (+) | : Rs. 27,000.00 |
| 3. Interest @ 13.25 % with quarterly rests from 13.05.2018 to 27.03.2018 | : Rs.11,27,417.00 |
| TOTAL | : Rs. 36,31,068.00 |

**(Rupees Thirty Six Lac Thirty One Thousand Sixty Eight only)** with interest @ 13. 25% p.a. with quarterly rests from 28.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In Addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.01.2019** and report the details of payment made by you.

Give under my hand & seal at Cuttack on this 28th day of November, 2018

Sd./- S. R. Parida
Recovery Officer

No.75-i
District Mineral Foundation, Angul
Development and Welfare of Mining Affected Areas & People

NOW HIRING DOCTORS (Attractive Packages)
We Are Looking for Professional Individuals to Join Our Team

| | | | |
|---|---|---|---|
| O & G Specialist | : 1 No. | Anesthesia Specialist | : 4 Nos. |
| Pediatrics Specialist | : 4 Nos. | ENT Specialist | : 1 No. |
| Medicine Specialist | : 2 Nos. | MO (MBBS) | : 15 Nos. |
| Surgery Specialist | : 2 Nos. | Dental Surgeon | : 3 Nos. |

Send Application To
DMF Cell, DRDA Angul, Pin: 759122, Odisha
Or dmfangul@gmail.com
Last Date 31.01.2019
For More Details Please visit www.angul.nic.in

24012/11/0026/1819
-Sd-
Collector & Chairperson – Cum-Managing Trustee, DMF, Angul

COURT OF THE RECOVERY OFFICER
DEBTS RECOVERY TRIBUNAL, CUTTACK
Plot No. C-71, Sector-7, CDA, Cuttack-753014
R.P. No. 45/2012/CTC
(Arising out of OA No. 354 of 2009)
NOTICE FOR SETTLING A SALE PROCLAMATION
(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**State Bank of India, SARC,** Madhupatna, Cuttack-753010, PS: Madhupatna, Town/Dist.: Cuttack ...Certificate Holder Bank

Vs.

**Sri Subhranshu Kumar Jena & Ors.** ...Certificate Debtors

To,
1. **Sri Subhranshu Kumar Jena,** S/o- Sudhanshu Sekhar Jena, At: Kalyani Nagar, PS: Madhupatna, Town/Dist.: Cuttack, And also at E-103, Ashraya Apartment, Professorpara, PO: Cuttack-753012, PS: Malgodown, Town/Dist.: Cuttack.

WHEREAS in execution of Recovery Certificate No. **OA No. 354 of 2009,** dt.08.03.2012 issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties.

**Schedule of Property:**
Property consisting of flat situated at Ashraya Apartment, Flat No. E/103, 4th Floor, Khata No.: 918, Plot No.: 2093, Area: 1021 sqft. (SBA), Unit-23, Professor Para, P.S: Madhupatna, Cuttack Town-753012, standing in the name of Shri Subhranshu Kumar Jena.

You are hereby informed that the (date) **04.02.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **28th day of December, 2018.**

Sd/- (S. R. Parida)
Recovery Officer



ବଡ଼ ବିଚିତ୍ର କଥା ଯେ ଯେଉଁମାନେ ଉପଦେଶ ମାଗନ୍ତି,
ସେହିମାନଙ୍କୁ ହିଁ ତାହା ସୁଖ ଲାଗେ ନାହିଁ।
- ଜନ୍‌ସନ



## ସଂକ୍ଷେପରେ

### କୀଟନାଶକ ପିଇ ଯୁବତୀଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମ୍ପୁର ବ୍ଲକ ଖଙ୍ଗାରଗୁଡା ଗ୍ରାମର ଜଣେ ଯୁବତୀ କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। କଲପୁର ବ୍ଲକ୍ ଖଙ୍ଗାରଗୁଡା ଗ୍ରାମର ପ୍ରମୋଦିନୀ ପାତ୍ର (୧୮) ଗତ ମଙ୍ଗଳବାର ରାତିରେ କୌଣସି କାରଣରୁ କୀଟନାଶକ ପିଇ ଦେଇଥିଲେ। ଘର ଲୋକ ଜାଣିବା ପରେ ତୁରନ୍ତ ତାଙ୍କ କଲମ୍ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବଡକୁଟ୍ରୁ ପୋଲିସ ଫାଣ୍ଡିକୁ ସୂଚନା ଦେବା ପରେ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିଥିଲା। ବୁଧବାର ସକାଳେ ଫାଣ୍ଡି ଅଧିକାରୀ ଜୟଦେବ ତାରିଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ପଞ୍ଚନାମା କରିବା ପରେ କଲମ୍ପୁରଠାରେ ବ୍ୟବଚ୍ଛେଦ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ପାଇଁ ପରିବାରଲୋକଙ୍କୁ ପରାମର୍ଶ ଦେଇଥିଲେ। କଲମ୍ପୁରକୁ ପ୍ରଦତ୍ତ ଶବବାହକ ଗାଡିକୁ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଦୀର୍ଘ ୪ ମାସରୁ ଅଧିକ ସମୟ ଧରି ନିୟୋଜିତ କରାଯାଇଥିବାରୁ ଦୀର୍ଘ ସମୟ ଧରି କଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ପକାଇ ରଖାଯାଇଥିଲା। ଯେଉଁ ଥିପାଇଁ ସାଧାରଣରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କବିରାଜ ଚୌଧୁରୀଙ୍କୁ ପଚାରିବାରୁ ଡ୍ରାଇଭର ନିଯୋଜିତ ହୋଇ ନ ଥିବା ଶବ ବାହକ ଯାନ ଭବାନୀପାଟଣାଠାରେ ରହିଥିବା କହିଛନ୍ତି।

ଜୋଙ୍କ ସେଚ ପ୍ରକଳ୍ପରୁ ଜଳ ଯୋଗାଣ ଘଟଣା

# ସରକାରୀ କାର୍ଯ୍ୟକ୍ରମରେ ଅସହଯୋଗ କରିବୁ

**ନୂଆପଡା ଅଫିସ,୧୦।୧**

ଜୋଙ୍କ ଜଳ ସେଚନ ପ୍ରକଳ୍ପରୁ ଜିରୋହ୍ୟାଡରୁ ପାଣି ଯୋଗାଣ ସହ ଅନିୟମିତତାରେ ଛନ୍ଦି ହୋଇଥିବା ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଉପର ମୁଣ୍ଡର ଚାଷୀମାନେ ଆଜକୁ ୧୭ ଦିନ ଧରି ଧାରଣା ଦେଇ ଆସିଛନ୍ତି । ଏହା ସତ୍ତ୍ୱେ ଦାବି ପୂରଣ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ଅସହଯୋଗ କରିବେ। ଏପରି କି ଶାସକ ଦଳ ଉପରୁ ଆସ୍ଥା ତୁଟିଯାଉଛି । ଶାସକ ବିଜେଡିକୁ ଆଗାମୀ ନିର୍ବାଚନରେ ଆମେ ଭୋଟ ଦେବୁନାହିଁ। କାଳିଆ, ପିଠା ଏବଂ ଭିଭିପାଟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବୁନାହିଁ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ପରୋରା ଡ୍ୟାମ ପଞ୍ଚମପୁର କେନାଲ ହୁଡାରେ ଉପର ମୁଣ୍ଡ ଚାଷୀଙ୍କୁ ନେଇ ଆନ୍ଦୋଳନ କରୁଥିବା ଯୋଗେଶ୍ୱର କୃଷକ ମଞ୍ଚର ସଭାପତି ପ୍ରକାଶ ଦିକ୍ଷୀତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମସ୍ତ କର୍ମକର୍ତ୍ତା ସମେତ ଶତାଧିକ ମହିଳା ପୁରୁଷଚାଷୀମାନେ ବସିଥିଲେ। ଏଥିରେ ଜିଲା ପ୍ରଶାସନ ସେମାନଙ୍କ ଦାବିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ଚାପ ପକାଇବାକୁ ଉଦ୍ୟମ କରୁଛନ୍ତି । ଦୀର୍ଘ ୧୭ ଦିନ ଧରି ଆନ୍ଦୋଳନ କରିବା ପରେ ମଧ୍ୟ ପ୍ରଶାସନ କୌଣସି ଫଇସଲା କରିପାରୁନାହିଁ । ତେଣୁ ଚାଷୀ ଅସନ୍ତୋଷ ବଢି ଚାଲିଛି । ଡ୍ୟାମର ଉପର ମୁଣ୍ଡର ଯଥା ଧରମବନ୍ଧା, ସାରାବଙ୍ଗ, ଭେରା, ତୁଲାଭାଟ, ଅମାନାରା, ମୋଟା ନୂଆପଡା ଆଦି ଗ୍ରାମପଞ୍ଚାୟତର ହଜାର ହଜାର ଚାଷୀ ଏଥିରେ ସାମିଲ ରହିଛନ୍ତି । ଏମାନଙ୍କ ପେଟପାଟଣାକୁ ବର୍ତ୍ତମାନର ଶାସକ ବିଜେଡି କର୍ଣ୍ଣପାତ କରୁନାହିଁ । ଏହି ସମସ୍ତ ବିଜେଡି ନେତା ଦଳ ତ୍ୟାଗ କରିବା ସହ ଆଗାମୀ ୨୦୧୯ ନିର୍ବାଚନରେ ବିଜେଡିକୁ ଭୋଟଦେବୁ ନାହିଁ ବୋଲି ଚେତାଇ ଦେଇଛନ୍ତି । ଏହା ସହ କାଳିଆ, ପିଠା ଏବଂ ଭିଭିପାଟ ଭଳି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବୁନାହିଁ ବୋଲି କହିଛନ୍ତି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭରତ ରାଉତ, କମଳେଶ ଦିକ୍ଷୀତ, ପୁରୁଷୋତ୍ତମ ଦେୱାଙ୍ଗନ, ଭୋଲାନାଥ ଦେୱାଙ୍ଗନ ପ୍ରମୁଖ ସାମିଲ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଗତ ମାସ ୨୫ ତାରିଖଠାରୁ ଜୋଙ୍କ ଜଳସେଚନ ପ୍ରକଳ୍ପରୁ ରବି ଚାଷ ସକାଶେ ପାଣି ଛାଡିବାକୁ ଥିବାବେଳେ ଠିକ ସେହି ଦିନ ଉପରମୁଣ୍ଡ ଚାଷୀମାନେ ଧାରଣା ଦେଇଥିଲେ। ସେହିଦିନଠାରୁ ଧାରଣା ଜାରି ରହିଛି । ଏହାକୁ ନେଇ ପ୍ରଶାସନ ଶାନ୍ତି କମିଟି ବୈଠକ କରିଥିଲେ ହେଁ ସମାଧାନ କରିପାରୁନାହିଁ । ଏଣେ ଉପର ମୁଣ୍ଡ ଚାଷୀଙ୍କୁ ପାଣି ନ ଦେଲେ ସେଠାରୁ ହଟିବେ ନାହିଁ ବୋଲି ଅଡି ବସିଛନ୍ତି । ଏହି ଆନ୍ଦୋଳନରେ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ମଧ୍ୟ ସାମିଲ ରହିଥିବା ପ୍ରକାଶ ।



ଉପର ମୁଣ୍ଡ ଚାଷୀଙ୍କ ଖବରଦାତା ସମ୍ମିଳନୀରେ ଚାଷୀ ନେତୃବୃନ୍ଦ ।

### ଉପର ମୁଣ୍ଡ ଚାଷୀଙ୍କ ଚେତାବନୀ

ଯୁବ ରେଡକ୍ରସ ପକ୍ଷରୁ ତମାଖୁ ବର୍ଜନ କର୍ମଶାଳା

# ତମାଖୁ ସେବନଠାରୁ ଦୂରେଇ ରହିବାକୁ ଆହ୍ୱାନ

**ଖଡିଆଳ,୧୦।୧(ଡି.ଏନ.ଏ.)**

ତମାଖୁ ସେବନ କେବଳ ସମାଜକୁ କଳୁଷିତ କରୁଛି ତାହା ନୁହେଁ । ଏହା ଦ୍ୱାରା ମସ୍ତିଷ୍କ ରୋଗଠାରୁ ଆରମ୍ଭ କରି କ୍ୟାନସର ଓ ହୃଦରୋଗ ପରି ମାରାତ୍ମକ ରୋଗର ଶୀକାର ହୋଇଥାଏ । ଏଣୁ ଏହାକୁ ଦମନ କରିବାକୁ ହେଲେ ଲୋକଙ୍କୁ ତମାଖୁ ବର୍ଜନ କରି ସମୂଳେ କିପରି ବନ୍ଦ କରିହେବ ସେ ନେଇ ନିଜକୁ ସଚେତନ କରିବା ସହ ଅନ୍ୟକୁ ସଚେତନ କରିବାର ଆବଶ୍ୟକତା ରହିଛି । ଫଳରେ ତମାଖୁକୁ ସମାଜର ବର୍ଜନ କରିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ଗୁରୁବାର ଖଡିଆଳ ସ୍ୱୟଂଶାସିତ କଲେଜ ଯୁବ ରେଡକ୍ରସ ପକ୍ଷରୁ ଅନୁଷ୍ଠିତ ତମାଖୁ ବର୍ଜନ କର୍ମଶାଳାରେ ଏହିପରି ମତପ୍ରକାଶ ପାଇଛି । କଲେଜ ଅଧକ୍ଷ ହରେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡିଏଫଓ ପି.କେ. ପଟ୍ଟନାୟକ ମୁଖ୍ୟଅତିଥି, ଡିପିଏମ ବି.ବି. ଜଗତ, ଏନଟିସିଟି ଜିଲା କାଉନସିଲର ଗୀତାଞ୍ଜଳୀ ମେହେର, ଏନସିଡି କାଉନସିଲର୍ ପୁଷ୍ପାଞ୍ଜଳୀ ଠାକୁର, ଯୁବ ରେଡକ୍ରସ କାଉନସିଲର୍ ତରୁଣ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ତମାଖୁ ବର୍ଜନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଆର୍ଟ ପ୍ରତିଯୋଗିତା ହୋଇଥିଲା । ଏଥିରେ ଯୋଗୀତା ଅଗ୍ରୱାଲ ପ୍ରଥମ, ସେଫାଲି ସିହ୍ନା ଦ୍ୱିତୀୟ, ସ୍ୱୟଂପ୍ରଭା ପତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।




ଯୁବ ରେଡକ୍ରସ ପକ୍ଷରୁ ଅନୁଷ୍ଠିତ ତମାଖୁ ବର୍ଜନ କର୍ମଶାଳାରେ ମଞ୍ଚାସୀନ ଅତିଥି ।

୨୭ତମ ୱାଇଏମ୍‌ସି କପ ଗ୍ରୁପ ବି ମ୍ୟାଚ

# ଆଭା ଟାଇଗର ୮୭ ରନରେ ବିଜୟୀ

**ନୂଆପଡା ଅଫିସ,୧୦।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୨୭ତମ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ ବି ର ପ୍ରଥମ ଲିଗ ମ୍ୟାଚରେ ଆଭା ଟାଇଗର ସମ୍ବଲପୁର ଦଳ ରାଇଜିଂ ଷ୍ଟୁଡେଣ୍ଟ କଟକଠାରୁ ୮୭ ରନରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି । ଆଭା ଟାଇଗର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୧୮୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସର୍ବାଧିକ ପ୍ରଶାନ୍ତ ଦାସ ୪୨ ବଲରେ ୬୬ ରନ, ଅବିନାଶ ନନ୍ଦ ୩୧ବଲରୁ ୩୧ ରନ ସଂଗ୍ରହ କରିଥିଲେ । ଜବାବରେ କଟକ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୧୭.୩ ଓଭରରେ ୯୫ ରନ କରିଥିଲା । ସର୍ବେଶ୍ୱର ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଏହି ଦିନର ଉଦ୍‌ଘାଟନୀ ଉତ୍ସବରେ ମହାମାୟା ସମ୍ପାଦକ ଟଙ୍କଧର ସାହୁ ମୁଖ୍ୟଅତିଥି, ବସ ଆସୋସିଏଶନ ସଭାପତି ସୁଶାନ୍ତ କୁମାତ ପତି, ସରପଞ୍ଚ ସଂଘ ସଭାପତି ଭରତଲାଲ ରାଉତ, ପ୍ରକାଶ ଦିକ୍ଷୀତ, ନୂଆପଡା ଜିଲା କ୍ରିଡାଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲ। ପୁରସ୍କାର ବିତରଣୀ ଉତ୍ସବରେ ନିଶାନ୍ତ ଡାଗା ମୁଖ୍ୟଅତିଥି, ଅଶୋକ ରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

କଳାହାଣ୍ଡି ଉତ୍ସବ ଘୁମୁରାର ଦ୍ୱିତୀୟ ସନ୍ଧ୍ୟା

# ଐତିହ୍ୟ, ସଂସ୍କୃତି ଓ କଳାକୁ ଉଜ୍ଜୀବିତ କରେ ଉତ୍ସବ

**ଜୁନାଗଡ,୧୦।୧(ଡି.ଏନ.ଏ.)**

ଐତିହ୍ୟ, ସଂସ୍କୃତି ଓ କଳାକୁ ଉଜ୍ଜୀବୀତ କରେ କଳାହାଣ୍ଡି ଉତ୍ସବ ଘୁମୁରା। କଳାହାଣ୍ଡି ଜିଲାର ବୀରବାଦ୍ୟ ଘୁମୁରା ବିଶ୍ୱ ପ୍ରସିଦ୍ଧ। ଡାଲଖାଇ, ରସରକେଲି, ମାଏଲାଜଡ, ଚୁଟକୁଚୁଟା ଆଦି ଲୋକଗୀତ ଓ ଲୋକବାଦ୍ୟ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଏହାକୁ ଉଜ୍ଜୀବୀତ କରି ପୁଣି ଥରେ ଆମ ଐତିହ୍ୟ, ସଂସ୍କୃତି ଓ ଲୋକକଳାକୁ ଫେରାଇ ଆଣିବାକୁ କଳାହାଣ୍ଡି ଉତ୍ସବ ଘୁମୁରା ମାଧ୍ୟମରେ ପ୍ରୟାସ କରାଯାଉଛି ବୋଲି କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ଜୁନାଗଡ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତ ପ୍ରକାଶ କରିଥିଲେ। ଜୁନାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାର ସେଠ୍, ସମ୍ମାନିତ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବ୍ଲକ ଅଧ୍ୟକ୍ଷା ନୃତ୍ୟ ମାଝି, ତହସିଲଦାର ଉପେନ୍ଦ୍ର ଲୁହା, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ପୂର୍ବତନ ବିଡିଓ ପରମ ବ୍ରହ୍ମ ଯୋଷୀ, ଜିଲା ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇ, ଭବାନୀପାଟଣା ବିଧାୟକ ଅନାମ ନାଏକ, କଳାହାଣ୍ଡି ଉତ୍ସବ ସବ୍‌କମିଟି ସଦସ୍ୟ ଅବିନାଶ ଠାକୁର ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ହୋଇଥିବା ଝୋଟି, ଭଜନ, ହୁଳହୁଳି, ଶଙ୍ଖ ଫୁଙ୍କା, ରଙ୍ଗୋଲି, ମେହେନ୍ଦି, ଗୀତ, ଚିତ୍ରାଙ୍କନ, ତର୍କ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ବରିଷ୍ଠ ଶିକ୍ଷକ ସରୋଜ କୁମାର ପଣ୍ଡା ପରିଚାଳନା କରିଥିଲେ। ପରେ ଜୁନାଗଡ କଳାବିକାଶ କେନ୍ଦ୍ର ଓଡିଶୀ, ହାବସପୁରର ବନାବାଡି, ଧନେରର ରାହାସ, କେସିଙ୍ଗାର ସମ୍ବଲପୁରୀ, କୋରାପୁଟର ଢେମସା, ଭବାନୀପାଟଣା ନୃତ୍ୟାଙ୍ଗନାର ଆଦିବାସୀ ନୃତ୍ୟ, ଜୁନାଗଡ ମା' ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ଅର୍ନ୍ତଲାର ଘୁମୁରା, ଭବାନୀପାଟଣା ସଙ୍ଗମର ସମ୍ବଲପୁରୀ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିନୟ କୁମାର ସାହୁ, ସୁଶାନ୍ତ ପାଢୀ, ବରଞ୍ଚ ପାଢୀ ପ୍ରମୁଖ ପରିଚାଳନା କରିଥିଲେ ।



କଳାହାଣ୍ଡି ଉତ୍ସବ ଘୁମୁରା ପ୍ରତିଯୋଗିତାରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

### ବ୍ଲକ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର ସମ୍ବର୍ଦ୍ଧନା



ବ୍ଲକ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି ।

**ନୂଆପଡା ଅଫିସ,୧୦।୧–** ନୂଆପଡା ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକଙ୍କୁ ନୂଆପଡା ଜିଲ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ନାଏକ ନିକଟରେ ନୂଆଦିଲ୍ଲୀଠାରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷାପ୍ରଦାନ ପାଇଁ ଅଭିନବ ପ୍ରକଳ୍ପ ପ୍ରଦର୍ଶନ ସକାଶେ ଜାତୀୟ ପୁରସ୍କାରରେ ପୁରସ୍କୃତ ହୋଇଥିଲେ । ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଥିବାବେଳେ ଗୁରୁବାର ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥିରେ ଜିଲା ଶିକ୍ଷକ ସଂଘ ସମ୍ପାଦକ ସୁରେଶ କୁମାର ସାହୁ, ବ୍ଲକ ଶିକ୍ଷକ ସଂଘ ସଭାପତି ନିରୋଦ ପାଢୀ, ଉପସଭାପତି ଇକବାଲ ମହମ୍ମଦ, ସମ୍ପାଦକ ଅହିଂସା ରଞ୍ଜନ ପଟ୍ଟନାୟକ, ଅବଦୁଲ ରିୟାଜ ଖାନ, ପ୍ରମୋଦ ମିଶ୍ର ଉପସ୍ଥିତ ଥିଲେ ।

### ବାଇକ୍ ଚୋରଙ୍କୁ ଧରିଲେ ଲୋକେ

**ମଦନପୁର,୧୦।୧(ଡି.ଏନ.ଏ.)–** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ଚାଲିଥିବା ସୁନାମୁଖୀ ଯାତ୍ରାରୁ ବୁଧବାର ଜଣେ ଚୋରଙ୍କୁ ସ୍ଥାନୀୟ ଯୁବକମାନେ ବାଇକ୍ ଚୋରି କରୁଥିବା ବେଳେ କାବୁ କରିଛନ୍ତି। ତାଙ୍କ ନାମ ଦୁଃଶାସନ ସାହୁ ବୋଲି ତାଙ୍କ ପାଖରୁ ମିଳିଥିବା ଆଧାର କାର୍ଡରୁ ଜଣାପଡ଼ିଛି । ଏଥିରେ ବାରଖମା, ବାଲିଗୁଡା ଜିଲା କନ୍ଧମାଳ ବୋଲି ଲେଖା ଅଛି । ମଦନପୁର ଯାତ୍ରା ଦେଖିବାକୁ ଆସିଥିବା ଅଲାତରା ପଞ୍ଚାୟତ ଗୋଛାଡେଙ୍ଗେନ ଗ୍ରାମର ପ୍ରେମାନନ୍ଦ ସାଙ୍କ ପେସନ୍ ପ୍ରୋ ବାଇକ୍ (ନଂ.ଓଡି୦୮ଇ–୦୩୭୨)କୁ ସମ୍ପୃକ୍ତ ଯୁବକ ନକିଲ ଚାବିରେ ଖୋଲି ନେବାକୁ ଉଦ୍ୟମ କରୁଥିଲେ । ଏହି ସମୟରେ ମାନସ ରଞ୍ଜନ ପୂଝାରୀ, ପ୍ରେମାନନ୍ଦ ମାଝି ଓ ଅନ୍ୟ ଯୁବକମାନେ ତାଙ୍କୁ କାବୁ କରିଥିଲେ। ମଦନପୁର ସରପଞ୍ଚ ରାଜେଶ ଧଙ୍ଗଡାମାଝି, ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦଙ୍କ ଉପସ୍ଥିତିରେ ସମ୍ପୃକ୍ତ ଯୁବକଙ୍କୁ ମ.ରାମପୁର ଥାନା ଅଧିକାରୀଙ୍କୁ ଜିମା ଦେଇଥିଲେ। ପ୍ରକାଶ ଥାଉକି ପୂର୍ବରୁ ମଧ୍ୟ ମଦନପୁର ବାଇକ୍ ଚୋରିରେ ସମ୍ପୃକ୍ତ ଯୁବକଙ୍କ ହାତ ଥିବା ସନ୍ଦେହ କରାଯାଉଛି।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack-753014**
**R.P. No. 064/2013/CTC**
**(Arising out of OA No. 116 of 2011)**
**NOTICE UNDER SECTION 28(4A) OF THE RECOVERY OF DEBTS DUE TO BANK & FINANCIAL INSTITUTION ACT, 1993**
**Next Date: 13.02.2019**

**State Bank of India, SAMB,** 4th Floor, OSCARD Bank Building, A/34, Bhubaneswar **...Certificate Holder Bank**

**Vs.**

**Trilochan Mohanty & Others** **...Certificate Debtors**

**To,**

1. **Trilochan Mohanty,** S/o- Balakrushna Mohanty, At/PO: Rangadhipa, Dist.: Sundargarh.
2. **Binod Meher,** S/o- Ghanashyam Meher, At: Samda, PO: Belpahar, Dist.: Jharsuguda.
3. **Bansidhar Meher,** S/o- Radheshyam Meher, At: Samda, PO: Belpahar, Dist.: Jharsuguda.
4. **Smt. Gulapi Meher,** W/o- Radheshyam Meher, At: Samda, PO: Belpahar, Dist.: Jharsuguda.
5. **Sailesh King Subhneel,** S/o- Sunil Kumar Maharana, At: Beheramal, PO/Dist.: Jharsuguda.

WHEREAS you have failed to pay the decretal dues alongwith interest & cost, which is amounting to **Rs.85,30,017.30** (Rupees Eighty Five Lac Thirty Thousand Seventeen and Paise Thirty only) along with interest @ 9% per annum rests from 09.12.2010 till realization of the entire Dues payable by you in respect of the demand notice issued by the undersigned as per certificate dt.26.06.2013 arising out of OA No. 116 of 2011 issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks & Financial Institutions Act, 1993.

Now under the provision of section 28(4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **13.02.2019.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **14th day of December, 2018.**

**Sd/- (R.P. Patnaik)**
**Recovery Officer**

**RAVENSHAW UNIVERSITY**
**CUTTACK- 753003, ODISHA**

**WALK- IN -INTERVIEW**

Applications are invited for walk-in-interview for engagement of Guest faculty / Visiting faculty in **Physics, Botany, Geology, Education, Integrated B.Ed., Applied Geography, Economics, Odia, English, Hindi and Sanskrit** of Ravenshaw University. For details please visit 'www.ravenshawuniversity.ac.in'.

*No.* 52 / *Dt.* 7.1.2019 **Registrar**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
**R.P. No. 167/2017/ CTC**
(Arising out of OA No. 335 of 2015)
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See Rule- 48 of the Second Schedule as referred to in section 29 of Recovery of Debts due to Bank & Financial Institutions Act. 1993)

**Utkal Grameen Bank, Sakhipara Evening Branch, At: Sakhipara, Po/Dist: Sambalpur, Pin - 768001**
**Certificate Holder Bank**

**vs**

**Shri Prasanna Kumar Behera & Ors** **Certificate Debtors**

To,

1. Shri Prasanna Kumar Behera, S/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
2. Yasobanti Behera, W/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
3. Shri Prasanta Kumar Behera,S/o: Late Hemanta Kumar Behera, At: Qr. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
4. Pranati Behera, D/o: Late Hemanta Kumar Behera, At: Qr. No. R5/ 15, Jagannath Colony, P.O: Budharaja, Dist.: Sambalpur, Pin: 765004
5. Shri Bibhas Barai, S/o: Manoranjan Barai, At: Deheripali, P.O: Budharaja, Dist.: Sambalpur, Pin: 765004

Take notice that Certificate arising out of **OA No. 335 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 24,76,651.00 **(Rupees Twenty Four Lac Seventy Six Thousand Six Hundred Fifty One only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 24,76,651.00 |
| 2. Cost of the suit as allowed (+) | : Rs. 27,000.00 |
| 3. Interest @ 13.25 % with quarterly rests from 13.05.2018 to 27.03.2018 | : Rs.11,27,417.00 |
| TOTAL | **: Rs. 36,31,068.00** |

**(Rupees Thirty Six Lac Thirty One Thousand Sixty Eight only)** with interest @ 13. 25% p.a. with quarterly rests from 28.03.2018 till realization of the entire dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In Addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.01.2019** and report the details of payment made by you.

Give under my hand & seal at Cuttack on this 28th day of November, 2018

**Sd./- S. R. Parida**
**Recovery Officer**

No.75-i

Development and Welfare of Mining Affected Areas & People

**District Mineral Foundation, Angul**

**NOW HIRING DOCTORS (Attractive Packages)**

**We Are Looking for Professional Individuals to Join Our Team**

| | | | |
|---|---|---|---|
| O & G Specialist | : 1 No. | Anesthesia Specialist | : 4 Nos. |
| Pediatrics Specialist | : 4 Nos. | ENT Specialist | : 1 No. |
| Medicine Specialist | : 2 Nos. | MO (MBBS) | : 15 Nos. |
| Surgery Specialist | : 2 Nos. | Dental Surgeon | : 3 Nos. |

**Send Application To**
**DMF Cell, DRDA Angul, Pin: 759122, Odisha**
**Or dmfangul@gmail.com**

**Last Date 31.01.2019**

**For More Details Please visit www.angul.nic.in**

-Sd-
Collector & Chairperson – Cum-Managing Trustee, DMF, Angul

24012/11/0026/1819

**COURT OF THE RECOVERY OFFICER**
**DEBTS RECOVERY TRIBUNAL, CUTTACK**
**Plot No. C-71, Sector-7, CDA, Cuttack-753014**
**R.P. No. 45/2012/CTC**
**(Arising out of OA No. 354 of 2009)**
**NOTICE FOR SETTLING A SALE PROCLAMATION**
(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**State Bank of India, SARC,** Madhupatna, Cuttack-753010, PS: Madhupatna, Town/Dist.: Cuttack **...Certificate Holder Bank**

**Vs.**

**Sri Subhranshu Kumar Jena & Ors.** **...Certificate Debtors**

**To,**

1. **Sri Subhranshu Kumar Jena,** S/o- Sudhanshu Sekhar Jena, At: Kalyani Nagar, PS: Madhupatna, Town/Dist.: Cuttack, And also at E-103, Ashraya Apartment, Professorpara, PO: Cuttack-753012, PS: Malgodown, Town/Dist.: Cuttack.

WHEREAS in execution of Recovery Certificate No. **OA No. 354 of 2009,** dt.08.03.2012 issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties.

**Schedule of Property:**

Property consisting of flat situated at Ashraya Apartment, Flat No. E/103, 4th Floor, Khata No.: 918, Plot No.: 2093, Area: 1021 sqft. (SBA), Unit-23, Professor Para, P.S: Madhupatna, Cuttack Town-753012, standing in the name of Shri Subhranshu Kumar Jena.

You are hereby informed that the (date) **04.02.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **28th day of December, 2018.**

**Sd/- (S. R. Parida)**
**Recovery Officer**



ଦୁଗ୍ଧ ଭିତରେ ଲହୁଣି ଅଛି କହିଲେ ହେବନାହିଁ। ଦୁଗ୍ଧକୁ ଦହିରେ ପରିଣତ କଲେ ଲହୁଣି ମିଳିବ। ତେଣୁ ଈଶ୍ୱର ଦର୍ଶନର ଇଚ୍ଛା ଥିଲେ ଆଧାତ୍ମିକ ସାଧନା କର।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ନୂଆପଡ଼ା ଫୁଟବଲ ଟୁର୍ନାମେଣ୍ଟ: ଅମାମୁଣ୍ଡା ଫାଇନାଲରେ

**ଗୁଡଭେଲା,୧୦ା୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ନୂଆପଡା ହାଇସ୍କୁଲ ଖେଳ ପଡିଆରେ ଗତ ୬ଦିନ ଧରି ଚାଲିଥିବା ଜିଲାସ୍ତରୀୟ ସେବା କପ-୨୦୧୯ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅମାମୁଣ୍ଡା ଓ ହଳଦୀ ଦଳ ମଧ୍ୟରେ ଅନୁଷ୍ଠିତ ଖେଳରେ ୨-୧ ଗୋଲରେ ଅମାମୁଣ୍ଡା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଲୋଇସିଂହା ଶାରଳା ପୀଠର ମୁରଲୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପିବ୍ଲୁଡି ଏସଡିଓ ମନୋଜ ମହାନନ୍ଦ, ତ୍ରିନାଥ ମେହେର, ସାମାଜିକ କର୍ମୀ ମନୋଜ ଜୈନ, ନିଧି ମହାନନ୍ଦ ଓ ଭକ୍ତରାମ ବେହେରା ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କ ଉତ୍ସାହ ବଢାଇଥିଲେ। ଦେବାଶିଷ ବାଗ, ପ୍ରଫୁଲ୍ଲ ବଗର୍ତ୍ତି ଓ ସଞ୍ଜୀବ ମହାରଣା ଖେଳ ପରିଚାଳନା କରିଥିବା ବେଳେ ବୃନ୍ଦାବନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ୍ତ ସାହୁ, ବିଚେରାମ ରଣା, ବାଲଗୋପାଳ ରଣା, ସୂର୍ଯ୍ୟକୁମାର ମନହିରା, ଉମାକାନ୍ତ ଗହୀର, ପିଙ୍କୁ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଭୀମଭୋଇ ସାମର୍ଥ୍ୟ ଶିବିର

**ଗୁଡଭେଲା, ୧୦ା୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ସାମର୍ଥ୍ୟ ଶିବିର ବିଡିଓ ରାମବିଳାଶ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟ ଅତିଥି, ଜିଲା ସାମଜିକ ସୁରକ୍ଷା ଅଧିକାରୀ କ୍ଷିରୋଦ୍ର ତ୍ରିପାଠୀ ଓ ବ୍ଲକ ଉପାଧକ୍ଷ ନଳିନୀ ସେଠ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୩୩ଜଣ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ, ୧୫ଜଣଙ୍କୁ ହ୍ୱିଲ ଚେୟାର, ୫ଜଣଙ୍କୁ ଅନ୍ଧବାଡି ଓ ୮ଜଣଙ୍କୁ ଆଶାବାଡି ବଣ୍ଟନ କରାଯାଇଥିଲା। ବ୍ଲକ ସମାଜିକ ସୁରକ୍ଷାଧିକାରୀ ଦୀପକ ମାରାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୧୦ା୧:** ଆସନ୍ତା ୧୫ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଭାଜପା ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରଦାର କରାଯାଇଛି। ପଥରଚେପାଠାରେ ଅନୁଷ୍ଠିତ ହେବାକୁ ଥିବା ମୋଦିଙ୍କ ସମାବେଶ ପଡିଆରେ ଗୁରୁବାର ଭାଜପାର ବିଭିନ୍ନ ଜିଲାର ନେତା, କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦାନ କରିଥିଲେ। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ପ୍ରଦୀପ ପୁରୋହିତ, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ମାନସ ମହାନ୍ତି, ଅଶ୍ୱିନୀ ଷଡଙ୍ଗୀ, ଶିବାଜୀ ମହାନ୍ତି, ଟଙ୍କଧର ତ୍ରିପାଠୀ, ଅଶୋକ ମିଶ୍ର, ବଲାଙ୍ଗୀର ଜିଲା ସଭାପତି ଭକ୍ତବନ୍ଧୁ ନାଏକଙ୍କ ସହ ୯ ଜିଲାର ଜିଲା ସଭାପତି, ୬ଟି ଲୋକସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

ଜିତୁ ଢାବା ନିକଟ ଗୁଳିକାଣ୍ଡ ଘଟଣା

# ୨ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର ଅଫିସ,୧୦ା୧**

ଗୁଳିକାଣ୍ଡ ଘଟଣାର ୪ମାସ ପରେ ବଲାଙ୍ଗୀର ସଦର ଥାନା ପୋଲିସ ହାତରେ ଧରାପଡିଛନ୍ତି ଦୁର୍ଦ୍ଦାନ୍ତ ଅଭିଯୁକ୍ତ ଶ୍ରୀପତି ସିଂ(୩୧) ଓ ପିଙ୍କୁ କରନ୍ (୩୩)। ଏହି ଦୁଇ ଅଭିଯୁକ୍ତ ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲେ। ବହୁ ଆପରାଧିକ ମାମଲାରେ ଛନ୍ଦି ହୋଇଥିବା ଏହି ଦୁଇ ଅଭିଯୁକ୍ତ ବଲାଙ୍ଗୀର-ଟିଟିଲାଗଡ ରୋଡ ଜିତୁ ଢ଼ାବା ନିକଟ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ। ତେବେ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବବଲୁ ମହାନନ୍ଦ ଘଟଣା ଦିନରୁ ଫେରାର ରହିଛନ୍ତି। ବହୁ ଉଦ୍ୟମ ସତ୍ତ୍ୱେ ବବଲୁଙ୍କୁ ପୋଲିସ ଗିରଫ କରିପାରିନାହିଁ। ଗିରଫ ଦୁଇ ଅଭିଯୁକ୍ତ ଶ୍ରୀପତି ଓ ପିଙ୍କୁଙ୍କୁ ପୋଲିସ ଗୁରୁବାର କୋର୍ଟଚାଲାଣ କରିଛି।

ଗତ ଅଗଷ୍ଟ ମାସ ୨୯ତାରିଖ ଅପରାହ୍ଣରେ ଜିତୁ ଢ଼ାବା ନିକଟ ସେଣ୍ଟାଲ ନର୍ସରୀ ନିକଟରେ କେତେକ ଅସାମାଜିକ ଯୁବକ ରୁଣ୍ଡ ହୋଇଥିଲେ। ସେମାନଙ୍କ ଭିତରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରୁ ଉତ୍ତେଜନା ପ୍ରକାଶ ପାଇବା ପରେ ବବଲୁ ପାଖରେ ଥିବା ବନ୍ଧୁକ ବାହାର କରି ୪ରାଉଣ୍ଡ ଗୁଳି ଚଳାଇଥିଲେ। ସେଠାରେ ବବଲୁ ସହ ଯୁକ୍ତିତର୍କ କରୁଥିବା ରାମେଶ୍ୱର ନଗରର ଦିଲୀପ ପଟ୍ଟନାୟକଙ୍କ ଦେହରେ ଦୁଇଟି ଗୁଳି ବାଜିଥିଲା। ଗୁଳିମାଡ ପରେ ଗୁରୁତର ଆହତ ଦିଲୀପଙ୍କୁ ବୁର୍ଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିକାଣ୍ଡ ପରେ ମୁଖ୍ୟ ଅଭିଯୁକ୍ତ ବବଲୁ ମହାନନ୍ଦଙ୍କ ସହ ଶ୍ରୀପତି ସିଂ, ପିଙ୍କୁ କରନ୍ ଓ ଦିଲୀପ ଭୋଇ ଫେରାର ହୋଇଯାଇଥିଲେ। ଏହି ଗୁଳିକାଣ୍ଡ ଘଟଣାକୁ ନେଇ ବଲାଙ୍ଗୀର ସଦର ଥାନାରେ ଏକ ମାମଲା (ନଂ.୧୬୭/୧୮) ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଅଭିଯୁକ୍ତ ଦିଲୀପ ଭୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଘଟଣା ଦିନରୁ ପୋଲିସ ଆଖିରେ ଧୂଳିଦେଇ ତିନି ଦୁର୍ଦ୍ଦାନ୍ତ ଅଭିଯୁକ୍ତ ବବଲୁ, ଶ୍ରୀପତି ଓ ପିଙ୍କୁ ଘୁରି ବୁଲୁଥିଲେ। ତେବେ ବୁଧବାର ଅଭିଯୁକ୍ତ ଶ୍ରୀପତି ଓ ପିଙ୍କୁଙ୍କୁ ପୋଲିସ ଗିରଫ କରିଛି। କେଉଁ କାରଣରୁ ଜିତୁ ଢ଼ାବା ନିକଟରେ ଗୁଳିକାଣ୍ଡ ଘଟିଥିଲା ତାହା ସ୍ପଷ୍ଟ ହୋଇନାହିଁ। ମୁଖ୍ୟ ଅଭିଯୁକ୍ତ ବବଲୁ ଗିରଫ ହେବା ପରେ ଗୁଳିକାଣ୍ଡ ଘଟଣାର ଅସଲ କାରଣ ସ୍ପଷ୍ଟ ହେବ ବୋଲି ସଦର ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି। ତେବେ ଜୁଆଆଡ୍ଡା, ଡକାୟତି, ଲୁଟ୍ ଘଟଣାରେ ପୂର୍ବରୁ ଅଭିଯୁକ୍ତମାନଙ୍କ ନାଁରେ ବହୁ ମାମଲା ରହିଛି। ଗ୍ୟାଙ୍ଗ ଗଠନ କରି ସହର ତଥା ସହର ଉପକଣ୍ଠ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ଏହି ଅପରାଧିମାନେ ବିଭିନ୍ନ ପ୍ରକାର ଅପରାଧ ଘଟାଇଥିବା ଜଣାପଡିଛି।



ବଲାଙ୍ଗୀର ସଦର ଥାନାରେ ଗିରଫ ଦୁଇ ଅଭିଯୁକ୍ତ ଶ୍ରୀପତି ସିଂ ଓ ପିଙ୍କୁ କରନ୍।

**ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର**



ଚାମ୍ପିୟନ ଦେଓଗାଁ ଦଳକୁ ପୁରସ୍କୃତ କରାଯାଉଛି।

## ସାଇରାମ କ୍ରିକେଟ ଟୁର୍ନାମେଣ୍ଟ: ଦେଓଗାଁ ଚାମ୍ପିୟନ

**ଦେଓଗାଁ, ୧୦ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନୀରେ ଚାଲିଥିବା ଓଁ ସାଇରାମ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ଦେଓଗାଁ ଓ ସାଲେଦମକ କ୍ରିକେଟ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗାଁ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ସୁଜନ ମେହେର ଓ ପ୍ରଶାନ୍ତ ମେହେର ପରିଚାଳନା କରିଥିଲେ। ଲକ୍ଷ୍ମୀ ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର, ସମ୍ମାନୀତ ଅତିଥିଭାବେ କୁତୁର୍ଲା ସୁରଧନୁ ହାଇସ୍କୁଲର ସରକାରୀ ଶିକ୍ଷକ ପାଣ୍ଡବ ବାରିକ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଦେଓଗାଁ ଦଳର ରାମଚନ୍ଦ୍ର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ରାଧାକାନ୍ତ ଦାଶ, ମଦନ ସାହୁ, ମନୋଜ କୁମାର ମେହେର ତଥା କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ଫେବୃୟାରୀ ୬ରୁ କଣ୍ଟାବାଞ୍ଜି ପୁସ୍ତକ ମେଳା

**କଣ୍ଟାବାଞ୍ଜି, ୧୦ା୧(ଡି.ଏନ.ଏ.)**

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷର ପୁସ୍ତକ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ସଭ୍ୟଙ୍କ ପ୍ରସ୍ତାବ କ୍ରମେ ଫେବ୍ରୁୟାରୀ ୬ ତାରିଖରୁ ୧୦ତାରିଖ ଯାଏ ସ୍ଥାନୀୟ ମାନସ ଭବନରେ ପୁସ୍ତକ ମେଳା ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ କରାଯାଇଛି। ମେଳାରେ ଚଳିତ ବର୍ଷ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସହ କଣ୍ଟାବାଞ୍ଜି ଜିଲା ଦାବି, ରେଳ ୱାଗନ କାରଖାନ ସ୍ଥାପନ, ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଆଦି ବିଷୟରେ ପ୍ରତ୍ୟେକ ଦିନ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏପରିକି ଚଳିତ ବର୍ଷ ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ରଘୁନାଥ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ସୁଶୀଲ କୁମାର ରାଉତ, ସୁରଥ ବେହେରା, ନିଲୁ ଦାସ, ରାମଚନ୍ଦ୍ର ସାହୁ, ଗୁରୁଦୟାଲ ହଂସ, ଜଗଦାନନ୍ଦ ପାଣିଗ୍ରାହୀ, ବ୍ରଜଶ୍ୟାମ ଗୁରୁ, ଚିନ୍ମୟ କୁମାର ଯୋଷୀ, ଦୁଃଖିଶ୍ୟାମ ରାଏ, କାହ୍ନୁ ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁସ୍ତକ ମେଳା ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବା ନିଷ୍ପତ୍ତି ନିଆଯାଇଛି।

## ସର୍ବଭାରତୀୟ ଫୁଟବଲ: ଝାରସୁଗଡ଼ା ଚାମ୍ପିୟନ

**ଟିକ୍ରାପଡା, ୧୦ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡା ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ସାତଦିନ ଧରି ଏହି ଟୁର୍ନାମେଣ୍ଟ ଚାଲିଥିଲା। ଉଦଯାପନୀ ମ୍ୟାଚ ଝାରସୁଗୁଡା ଓ ଟିଟିଲାଗଡ ମଧ୍ୟରେ ହୋଇଥିଲା। ଏଥିରେ ଟିଟିଲାଗଡକୁ ୨-୧ ଗୋଲରେ ହରାଇ ଝାରସୁଗୁଡା ଚାମ୍ପିୟନ ହୋଇଥିଲା। ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ। ରାହୁଲ ଶର୍ମା, ହେମନ୍ତ, ବସନ୍ତ, କ୍ଷେତ୍ର ଜାଲ ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟି ସଭାପତି ବିକ୍ରମସିଂ ବୁଡେକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁଧାଂଶୁ ବୁଡେକଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ସମ୍ମାନିତ ଅତିଥିଭାବେ ବ୍ଲକ ସରପଞ୍ଚ ସଂଘ ସଭାପତି ହିମାଞ୍ଚଳ ବୁଡେକ, ସମିତି ସଭ୍ୟ ସୁବାସ ବୁଡେକ, ସାମାଜିକ କର୍ମୀ ଦୁର୍ଗାପ୍ରସାଦ ଶର୍ମା, ବାମନ ବୁଡେକ, ଆଲୋକ ବୁଡେକ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ଡୋଳାମଣି ଧରୁଆ, ଶ୍ରେଷ୍ଠ ଖେଳାଳି ସୋନୁ ହର, ଶ୍ରେଷ୍ଠ ସ୍କୋରର ସୁବ୍ରତ ପାତ୍ର ପୁରସ୍କାର ଗ୍ରହଣ କରିଥିଲେ।



ଫାଇନାଲ ମ୍ୟାଚର ଖେଳାଳିଙ୍କ ଗହଣରେ ଅତିଥିଗଣ।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ବିଜୟୀ

**ବେଲପଡା, ୧୦ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଟାଉନ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଗ୍ରୁପ 'ବି'ର ପ୍ରଥମ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗୀର ବନାମ ରାଉରକେଲା ମଧ୍ୟରେ ହୋଇଥିଲା। ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ହୋଇଥିବା ମ୍ୟାଚର ପ୍ରଥମାର୍ଦ୍ଧରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ରାଉରକେଲାକୁ ୧-୦ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ରାଉରକେଲା ଗୋଟିଏ ଗୋଲ ସ୍କୋର କରିବାରେ ଦୁଇ ଦଳ ମଧ୍ୟରେ ସ୍ଥିତି ବରାବର ହୋଇଥିଲା। ପରେ ପେନାଲଟି ସୁଟ ଆଉଟରେ ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ବିଜୟୀ ହୋଇଥିଲା। ଗୁରୁବାର ମୁଖ୍ୟ ଅତିଥିଭାବେ ବେଲପଡା ବ୍ଲକ ସରପଞ୍ଚ ସଂଘ ସଭାପତି ମହାଦେବ ମେହେର, ଘାଗୁର୍ଲୀ ସରପଞ୍ଚ ଅରୁଣ ପାଣିଗ୍ରାହୀ, ତେତେଲମୁଣ୍ଡା ସରପଞ୍ଚ ଭୀମସେନ ମେହେର, ପର୍ଲାମାଲ ସରପଞ୍ଚ ପରମାନନ୍ଦ ବେହେରା, ସଲଣ୍ଡି ସରପଞ୍ଚ ଦୁର୍ଲଭ ବଏ, ନୁନହାଡ ସରପଞ୍ଚ ଜିତୁ ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାରର ଖେଳ ସମ୍ବଲପୁର ବନାମ ଟିଟିଣ୍ଡା ଦଳ ମଧ୍ୟରେ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଖେଳକୁ ବିଜୟ ଖମାରୀ, କିଶୋର ଧରୁଆ, ଦୋଳଗୋବିନ୍ଦ ମୁଣ୍ଡା, ରମେଶ ଧରୁଆ ପରିଚାଳନା କରିଥିଲେ। ହରିହର ସିଂ ଧାରା ବିବରଣୀ ପ୍ରଦାନ କରିଥିଲେ।



ଗୁରୁବାର ଖେଳା ଯାଇଥିବା ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

## ଖପ୍ରାଖୋଲରେ ଫସଲ ଉଜାଡିଥିଲେ : ବେଲପଡ଼ା ଅଭିମୁଖେ ହାତୀପଲ

**ଖପ୍ରାଖୋଲ, ୧୦ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା ଉପଦ୍ରବ ଚଳାଇଥିବା ହାତୀପଲ ଗୁରୁବାର ବେଲପଡା ବ୍ଲକ ଅଭିମୁଖେ ଚାଲି ଯାଇଛନ୍ତି। ଫଳରେ ଖପ୍ରାଖୋଲର ଅଧିବାସୀ ଆଶ୍ୱସ୍ତ ହୋଇଛନ୍ତି। ବରଗଡ-ବଲାଙ୍ଗୀର ଜିଲା ସୀମାନ୍ତ ଗାଇସିଲାଟ ବ୍ଲକ ବୁଢାରଜା ଜଙ୍ଗଲରେ ରହୁଥିବା ହାତୀପଲ କିଛି ଦିନ ହେଲା ଖପ୍ରାଖୋଲ ବ୍ଲକ ଅଞ୍ଚଳକୁ ଆସି ପ୍ରଥମେ ମଟିଆଭଟା ପଞ୍ଚାୟତର ଅନକାମରା ଗାଁରେ ଚାଷୀଙ୍କ ଫସଲ ଖାଇଥିଲେ। ପରେ ବଡଉଡେନ, ଟେଙ୍ଗେରାପଥର, ଲୁହାସିଂହା, ଯୁରିଆ, ଗୌଡପାଲି ଦେଇ ପାଟଣାଗଡ ବ୍ଲକର କୁଆବାଉଁଶ, ପଣ୍ଡାମୁଣ୍ଡା ଯାଇଥିଲେ। ସେଠାରୁ ପୁଣି ଖପ୍ରାଖୋଲ ବ୍ଲକରେ ପତ୍ରାପାଲି, ପାଚେର ଦେଇ ବୁଧବାର ରାତିରେ ବେଲପଡା ବ୍ଲକର ଗମ୍ଭାରୀ, କଂସାପଲାରେ ଫସଲ ନଷ୍ଟ କରିଥିଲେ। ଖବର ଲେଖାହେବା ଯାଏଁ ହାତୀପଲ ଦର୍ଲିପାଲି ଦେଇ ବାଘେନ ସଂରକ୍ଷିତ ଜଙ୍ଗଲ ଦେଇ ରେଙ୍ଗାଲିରୁ ଆଗକୁ ଯାଉଥିବା ଜଙ୍ଗଲ ବିଭାଗ ସୂତ୍ରରୁ ଜଣାଯାଇଛି। ପଲରେ ୨୫ରୁ ଊର୍ଦ୍ଧ୍ୱ ହାତୀ ଥିବା ଜଣାଯାଇଛି। ଏ ନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କୁ ପଚାରିବାରୁ ବୁଧବାର ରାତିରେ ଆମ ରେଞ୍ଜ ଅଞ୍ଚଳ ଦେଇ ବେଲପଡା ବ୍ଲକକୁ ହାତୀପଲ ଯାଇଥିବା କହିଛନ୍ତି। ଏ ନେଇ ଲାଠୋର ରେଞ୍ଜ ଅଧିକାରୀ ଦେବଦତ ସୂତାରଙ୍କୁ ଯୋଗାଯୋଗ କରିବାରୁ ହାତୀପଲ ଆମ ରେଞ୍ଜ ଅଧିନ ବାଘେନ ଓ ବେନ୍ଦେର ସଂରକ୍ଷିତ ଜଙ୍ଗଲର ରେଙ୍ଗାଲି ଗାଁ ନିକଟ ଆଗକୁ ଯାଉଥିବା ସୂଚନା ରହିଛି। ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ସର୍ବଭାରତୀୟ ଫୁଟବଲ

## ବିଶାଖାପାଟଣା ସେମିରେ

**ମୁରିବାହାଲ, ୧୦ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୨୯ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର କୋଲକୋତା ଓ ବିଶାଖାପାଟନା ମୁହାଁମୁହିଁ ହୋଇଥିଲେ। ମୁରିବାହାଲ ପଞ୍ଚାୟତ ଖେଳ ପଡିଆଠାରେ ଖେଳା ଯାଇଥିବା ମ୍ୟାଚରେ ବିଶାଖାନାଟନା (ଏପି) କୋଲକତା (ଡବ୍ଲୁବି)ଙ୍କୁ ୩-୨ ଗୋଲରେ ପରାସ୍ତ କରି ସେମି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଆଜିର ମ୍ୟାଚରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ହୁତାଶନ ବଗର୍ତ୍ତି, କ୍ରୀଡାବିତ ପୃଥିରାଜ ପାତ୍ର, ଲକ୍ଷେଘରିଆ ଗଣ୍ଡା ସମାଜ ବ୍ଲକ ସଭାପତି ମଧୁସୂଦନ ମହାନନ୍ଦ, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ପଧାନ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚରେ ପ୍ଲେୟାର ଅଫ୍ ଦ ମ୍ୟାଚ ଭାବରେ ବିଶାଖାପାଟନାର ଦଳ ୧୧ ନମ୍ବର ଜର୍ସୀ ପିଏନ ରୋଏଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଆଶିଷ ଦେବ ସା, ଅଶ୍ୱିନୀ ଭୁକ୍ତା ପରିଚାଳନା କରିଥିଲେ। ପ୍ରଭୁଦାସ କୁମ୍ଭାର ଓ ମନୋଜ କୁମାର ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ।



ଗୁରୁବାର ମ୍ୟାଚରେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥି ଓ ରେଫରୀମାନେ।

ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ଦାବି

## ଗରାମାଠିଆ ଧରି ଦୁଇ ପଡ଼ାବାସୀଙ୍କ ପ୍ରତିବାଦ

**ଲାଠୋର, ୧୦ା୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ତଳିପଡା ଓ କଲୋନୀ ପଡାଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ଦାବି କରି ଗୁରୁବାର ଉଭୟ ପଡାବାସୀ ଯୋରଦାର ପ୍ରତିବାଦ କରିଛନ୍ତି। ଗରା ମାଠିଆ ଧରି ସେମାନେ ତଳିପଡାଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗତ ୪ବର୍ଷ ହେବ ଉଭୟ ପଡାର ଲୋକଙ୍କ ପ୍ରୟାସକ୍ରମେ ପାନୀୟ ଜଳ ଯୋଗାଣ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆନ୍ଦୋଳନ ମାଧ୍ୟମରେ ଏକ ଦାବିପତ୍ର ତତ୍କାଳୀନ ଜିଲାପାଳ ଡ.ମୁଥୁ କୁମାରଙ୍କୁ ଦିଆଯାଇଥିଲା। ତତ୍ସଙ୍ଗେ ଓଡିଶା ମୁଖ୍ୟ ଶାସନ ସଚିବ, ଆରଡି ବିଭାଗ ଏବଂ ଭାରତ ସରକାରଙ୍କର ପାନୀୟ ଜଳ ମନ୍ତ୍ରଣାଳୟକୁ ମଧ ଲେଖାଯାଇଥିଲା। ଏହା ଦ୍ୱାରା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜିଲାପାଳ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପତ୍ର ସଂଖ୍ୟା ୨୭୮/୨୧/୦୩/୨୦୧୫ ମାଧ୍ୟମରେ ୬୮.୭୦ଲକ୍ଷ ଟଙ୍କାର ଅଟକଳ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଦିଆଯାଇଥିଲା। ହେଲେ କାମରେ ବିଳମ୍ବ ହେବା ପରେ ସ୍ୱତନ୍ତ୍ର ଆରପିଡବ୍ଲୁଏସ ସ୍କିମ ଜରିଆରେ ୬୨ଲକ୍ଷ ଟଙ୍କାର ଏକ ପାନୀୟ ଜଳଯୋଗାଣ ପ୍ରକଳ୍ପ ରାଜ୍ୟ ସରକାର ମଞ୍ଜୁର କରି ଜିଲାପାଳଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଏକ ଟେଣ୍ଡର ମାଧ୍ୟମରେ କାମ ଆବଣ୍ଟିତ ହୋଇଛି। ହେଲେ ଏହା ସେମାନଙ୍କ ପଡାରେ କରା ନ ଯାଇ କେତେକ ସ୍ୱାର୍ଥନ୍ୱେଷୀଙ୍କ ଚକ୍ରାନ୍ତରେ ଆବଶ୍ୟକତା ନଥିବା ସ୍ଥାନରେ ଓଭରହେଡ ଟ୍ୟାଙ୍କ ପାଇଁ ଶିଳାନ୍ୟାସ କରାଯାଇଥିବା ଅଭିଯୋଗ କରିଛନ୍ତି ଉଭୟ ପଡାବାସୀ। ପ୍ରଶାସନର ଏପରି କାର୍ଯ୍ୟକୁ ଗ୍ରାମର ହରେକୃଷ୍ଣ ମହତାବ କ୍ଲବ, ଜୟ ଭୀମ କ୍ଲବ ଏବଂ ସଚେତନ ନାଗରିକ ନିନ୍ଦା କରିଛନ୍ତି। ପ୍ରଥମେ ତଳିପଡା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ନ ହେବା ପର୍ଯ୍ୟନ୍ତ କୌଣସି ହାଲତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପାଟଣାଗଡସ୍ଥିତ ଏସଡିଓ ଗଗନ କିଷାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଉକ୍ତ କାର୍ଯ୍ୟ ବିଷୟରେ ମୋ ପାଖରେ କୌଣସି ସୂଚନା ନାହିଁ।



ଜଳ ଯୋଗାଣ ପ୍ରକଳ୍ପ ନ ହେବା ପ୍ରତିବାଦରେ ତଳିପଡା ଏବଂ କଲୋନୀ ପଡା ଅଧିବାସୀ ଗରା ମାଠିଆ ଧରି ତଳିପଡାରେ ପ୍ରତିବାଦ କରୁଛନ୍ତି।



ବହୁତ ପଢ଼ କିନ୍ତୁ ଗୁଡ଼ାଏ ଅଦରକାରୀ ପୁସ୍ତକ ପଢ଼ ନାହିଁ,
କାରଣ ତାହା ଶେଷରେ ବିଷ ତୁଲ୍ୟ ଲାଗିବ।
- ଆଲେକ୍‌ଜାଣ୍ଡାର ହାମିଲ୍‌ଟନ୍

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ତୁଣ୍ଡଲା,୧୦।୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା ପଞ୍ଚାୟତ ବନ୍ଧପଡା ଛକ ଜାତୀୟ ରାଜପଥ ୫୯ରେ ଏକ ବାଇକ୍ (ନଂ.ଓଆର୍‌୦୮ସି-୮୧୩୮) ଯୋଗେ ୨ଜଣ କେସିଙ୍ଗାରୁ ମ.ରାମପୁର ଯାଉଥିବା ବେଳେ ଛକର ବୁଲାଣିଠାରେ ଭାରସାମ୍ୟ ହରାଇ ବିଲ ଭିତରକୁ ଛିଟିକି ପଡିଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ଓ ପଲମ ଫାଣ୍ଡି ଅଧିକାରୀ ଏକେ ପଣ୍ଡା ପହଞ୍ଚି ଥିଲେ । ୧୦୮ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଏକ ଘରୋଇ ଟାଟା ମ୍ୟାଜିକ ସାହାଯ୍ୟରେ କେସିଙ୍ଗା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଆହତମାନେ କେସିଙ୍ଗା ୱାର୍ଡ ନଂ. ୧୨ର ଦୟାସାଗର ତାଣ୍ଡି (୧୮) ଓ ଜୟ ସୁନା (୧୫) ବୋଲି ଜଣାପଡିଛି । ପଲମ ଫାଣ୍ଡି ଅଧିକାରୀ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।



### ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**କର୍ଲାମୁଣ୍ଡା,୧୦।୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଯୁକ୍ତଦୁଇ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଶାଲ ଶୋଭାଯାତ୍ରାରେ ବାହାରି କଲେଜ ପଡିଆଠାରେ ପହଞ୍ଚିବା ପରେ ମୁଖ୍ୟଅତିଥି ସ୍ଥାନୀୟ ତହସିଲଦାର ଅବନୀକାନ୍ତ ସାହୁ, କଲେଜ ପରିଚାଳନା କମିଟି ସମ୍ପାଦକ ଶଶିଭୂଷଣ ଭୋଇଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଶୁକ୍ରବାର ବାର୍ଷିକ ଉତ୍ସବ ସଭାରେ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ଥିବା କଲେଜ ପକ୍ଷରୁ କୁହାଯାଇଛି।

### ଇ-ଫାର୍ମା, ଅନଲାଇନ ଔଷଧ ବିକ୍ରି ବ୍ୟବସ୍ଥାକୁ ବିରୋଧ

**ଭବାନୀପାଟଣା,୧୦।୧(ଡି.ଏନ.ଏ.)** ମାଡ୍ରାସ ଓ ଦିଲ୍ଲୀ ହାଇକୋର୍ଟର ରହିତାଦେଶ ସତ୍ତ୍ୱେ ଇ-ଫାର୍ମା ଓ ଅନଲାଇନ ଔଷଧ ବିକ୍ରୟ ବ୍ୟବସ୍ଥା ଡ୍ରାଫ୍ଟ ରୁଲ ନେଇ ସର୍ବ ଭାରତୀୟ ଔଷଧ ବିକ୍ରେତା ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ମଙ୍ଗଳବାର ଓଡିଶାର ୩୦ଟି ଜିଲାରେ ସମସ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାକୁ ସମର୍ଥନ କରି କଳାହାଣ୍ଡି କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କଳାହାଣ୍ଡି ସମ୍ପାଦକ ହୃଷୀକେଶ ମିଶ୍ର, ଅଶୋକ ରାଉତ, ରମେଶ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ମାନସ ରଞ୍ଜନ ମହାନ୍ତି, ସତ୍ୟ ରଞ୍ଜନ ରଥ ପ୍ରମୁଖ ସାମିଲ ହୋଇଥିଲେ।





କଳାହାଣ୍ଡି ଉତ୍ସବ ପାଇଁ ବିଧାୟକ ମିନିମାରାଥନ୍‌କୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି (ବାମ)। ବେଲଖଣ୍ଡି ପଞ୍ଚାୟତ ତାଲଭଅଁରାରେ ଉତ୍ସବ ପାଇଁ ବାହାରି ଥିବା ମଶାଲ ଶୋଭାଯାତ୍ରା ।

### ଏନଏସି, ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

# ଉତ୍ସବ ଉପଲକ୍ଷେ ମିନି ମାରାଥନ

**କେସିଙ୍ଗା/ତୁଣ୍ଡଲା,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିଠାରେ ଗୁରୁବାର ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନ ସକାଳେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଅନାମ ନାଏକ ଯୋଗଦେଇଥିଲେ । ଜୋଲକୋ ବ୍ରିଜଠାରୁ ବୁଢ଼ାରଜା ମଞ୍ଚ ପର୍ଯ୍ୟନ୍ତ ୫ କି.ମି. ଯାଏ ମିନି ମାରାଥନ ଦୌଡକୁ ବିଧାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ସେହିପରି ପୂର୍ବାହ୍ନ ୧୦ଟାରେ ବୁଢ଼ାରଜା ମନ୍ଦିରଠାରେ ଅତିଥିଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ବୁଢ଼ାରଜା ମଞ୍ଚରେ ସ୍ଥାପନ କରାଯାଇଥିଲା । ମଞ୍ଚରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ପରେ ଲୋକଗୀତ, ଲୋକନୃତ୍ୟ, ଝୋଟି, ମୁରୁଜ, ଫୁଲତୋଡା, ହୁଳହୁଳି, ମେହେନ୍ଦି, ଶଙ୍ଖଫୁଙ୍କା, ଭଜନ ଗାୟନ, ଦଉଡି ଡିଆଁ, ମ୍ୟୁଜିକାଲ ଚେୟାର, ଭଲିବଲ, ବ୍ୟାଡମିଣ୍ଟନ୍, କବିତା ପାଠୋତ୍ସବ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନ ବୁଢ଼ାରଜା ମଞ୍ଚରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ନାଏକ, ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ପୂର୍ବତନ ନଗରପାଳିକା ସରିତା ସିନ୍ଧୁର, ରମାକାନ୍ତ ଗଉଡ, ରାମଜୀ ମାତଖଣ୍ଡିଆ, ପୂର୍ବତନ ଉପାଧ୍ୟକ୍ଷ ଗୋବିନ୍ଦ ବନଛୋର, ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ନାଏକ କଳାହାଣ୍ଡି ମାଟିରେ ଲୋକଗୀତ, ଲୋକନୃତ୍ୟ, ଘୁମୁରା ପ୍ରଭୃତି ଆଦିମ ଜାତିର ଲୋକଗୀତ ବଞ୍ଚାଇ ରଖି ଆସୁଛି । ଗ୍ରାମାଞ୍ଚଳର ଲୁକ୍କାୟିତ ଭାବରେ ଥିବା ପ୍ରତିଭାମାନଙ୍କୁ ଏହି ଉତ୍ସବରେ ନଜରକୁ ଆସି ବିଶାଳ ସମାଜରେ ପ୍ରତିଷ୍ଠିତ ହୋଇ ପାରୁଥିବାରୁ ମୁଖ୍ୟଅତିଥି ସମସ୍ତ କଳାକାର ନଗରବାସୀଙ୍କୁ ନୂତନ ବର୍ଷ ଉପଲକ୍ଷେ ହାର୍ଦ୍ଦିକ ଜ୍ଞାପନ ଦେଇଥିଲେ। ମିନି ମାରଥନ୍ ବାଳକ ବିଭାଗରେ ବୁଲୁ ମହଲା, ସିମାଞ୍ଚଳ ପୋଡ଼ ଓ ଅନୀଲ କୁମାର ନାଏକ, ବାଳିକା ବିଭାଗରେ ପ୍ରଥମ ଅନିତା କୈବର୍ତ୍ତ, ରଶ୍ମିତା ସାହୁ ଓ କରିଷ୍ମା ଗହିର ପ୍ରଥମ ଅଧିକାର କରିଥିଲେ । ବୁଢ଼ାରଜା ମଞ୍ଚକୁ କେସିଙ୍ଗା ମହାବିଦ୍ୟାଳୟ ପଲଟିକାଲ୍ ଲେକଚର୍ ବି. ଚନ୍ଦ୍ରଶେଖର ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ମଞ୍ଚରେ ବାହାଦୂରପଦର ଗ୍ରାମର ଘୁମୁରା ପାର୍ଟି ମଞ୍ଚରେ ଅଭିନୟ କରି ପ୍ରଥମ ହୋଇଥିଲେ ।

ସେହିପରି କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ତାଲଭଅଁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଧବଳେଶ୍ୱର ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ୧୦ଟାରେ କଳାହାଣ୍ଡି ଉତ୍ସବ ସମାରୋହଠାରେ ପହଞ୍ଚିଥିଲା। ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ଧନେଶ୍ୱର ମାଝି ଓ ମୁଖ୍ୟବକ୍ତା ଭାବରେ ପଞ୍ଚାୟତ ଡିଗ୍ରୀ କଲେଜ ବେଲଖଣ୍ଡି ଓଡିଆ ଅଧ୍ୟାପକ ସଦାନନ୍ଦ ଶତପଥୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଝସନେତ୍ରୀ ଭୋଇ, ପୂର୍ବତନ ସରପଞ୍ଚ ଚକାମନ ନାଏକ, ନାଏବ ସରପଞ୍ଚ ଗୀତାଞ୍ଜଳୀ ସାହୁ ରହିଥିଲେ। ଏହି ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର ଓ ଗ୍ରାମର ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ପରେ ସମସ୍ତ କୃତୀ ଛାତ୍ରୀଛାତ୍ର ଓ ମହିଳାମାନଙ୍କୁ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଶିକ୍ଷକ ଦୁର୍ଗବର୍ଦ୍ଧନ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ସୁଦନ ଛତ୍ରିଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଘନଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପଞ୍ଚାୟତ ସମସ୍ତ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

# ଇଭିଏମ୍-ଭିଭିପାଟ୍ ସଚେତନତା ରଥ ଗଡିଲା

**ଭବାନୀପାଟଣା,୧୦।୧(ଡି.ଏନ.ଏ.)**

ଆଗାମୀ ସାଧାରଣ ନିର୍ବାଚନରେ ସ୍ୱଚ୍ଛ, ମୁକ୍ତ ଓ ଅବାଧ ମତଦାନ ନିମନ୍ତେ ଇଭିଏମ୍-ଭିଭିପାଟ୍ ସେଶିନ୍ ବ୍ୟବହାର ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳେ କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଇଭିଏମ୍-ଭିଜିପାଟ୍ ସଚେତନତା ରଥକୁ ଜିଲାପାଳ ଗାଭାଲି ପରାଗ ହର୍ଷଦ ଉଦ୍‌ଘାଟନ କରିଥିଲେ। ଭୋଟରଙ୍କୁ ଇଭିଏମ୍-ଭିଭିପାଟ୍ ମେଶନ୍‌ର ବ୍ୟବହାର ଏବଂ ସ୍ୱଚ୍ଛ, ମୁକ୍ତ ଓ ଅବାଧ ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ଇଭିଏମ୍ ଭିଭିପାଟ୍ ମେଶିନ୍‌ରେ ମତଦାନ କରିବା ପ୍ରକ୍ରିୟା ସହିତ ଅଭ୍ୟସ୍ତ କରାଇବା ଉଦ୍ଦେଶ୍ୟରେ ସଚେତନତା ରଥ ଜିଲାର ପ୍ରତ୍ୟେକ ଗାଁ ବୁଲିବ। ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ଏହି ରଥ ବ୍ୟବସ୍ଥା କରାଯାଇଛି। ଏହି ରଥ ବ୍ଲକୱାରୀ ପରିକ୍ରମା କରିବ। ପ୍ରତ୍ୟେକ ଟିମ୍‌ରେ ୫ଜଣ ସଦସ୍ୟ ରହିବେ ଏବଂ ପ୍ରତ୍ୟେକ ଟିମ୍ ଦିନକୁ ୪ଟି ଗାଁ ପରିକ୍ରମା କରି ଭୋଟରଙ୍କୁ ସଚେତନ କରାଇବ ବୋଲି ଜଣାପଡ଼ିଛି। ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ସହକାରୀ ଜିଲାପାଳ ଶୁଭଦିପ୍ତା ମହାନ୍ତି, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୁରବିର ସିଂଙ୍କ ସମେତ ଜିଲା ନିର୍ବାଚନ କାର୍ଯ୍ୟାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



ଇଭିଏମ୍-ଭିଜିପାଟ୍ ସଚେତନତା ରଥ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ।

### ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଘଟଣା

# ଆଦିବାସୀ ସଂଘର ବିଚାର ବିଭାଗ ତଦନ୍ତ ଦାବି

**ଭବାନୀପାଟଣା,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅନ୍ତର୍ଗତ ସିରିମସ୍କା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ଜିଲା ଆଦିବାସୀ ସଂଘ । ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଜିଲା ଆଦିବାସୀ ସଂଘ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ଗାନ୍ଧିଛକଠାରେ ଏକ ଜନପ୍ରତିକ୍ରିୟା ମଞ୍ଚ ଆୟୋଜିତ କରାଯାଇଛି । ଆଦିବାସୀ ନେତା ପରମାନନ୍ଦ ମାଝିଙ୍କ ନେତୃତ୍ୱରେ ଆୟୋଜିତ ଏହି ଜନପ୍ରତିକ୍ରିୟା ମଞ୍ଚରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ପୂର୍ବତନ ବିଧାୟକ ଶିବାଜୀ ମାଝି, ଥୁ.ରାମପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଦ୍ରୋପଦୀ ମାଝି, ଭାଜପା ନେତା ଭବେନ୍ଦ୍ର ପଣ୍ଡା, ରମେଶ ମାଝି ପ୍ରମୁଖ ଯୋଗଦେଇ ଏହି ଲଜ୍ୟାକର ଘଟଣାକୁ ତୀବ୍ର ସମାଲୋଚନା କରିଥିଲେ। ଏଭଳି ଲଜ୍ୟା ଘଟଣାର ଜନପ୍ରତିକ୍ରିୟା କାର୍ଯ୍ୟକ୍ରମରେ ସମସ୍ତ ରାଜନୈତିକ ଦଳକୁ ଡକାଯାଇଥିଲେ ହେଁ ବିଜେଡି ପକ୍ଷରୁ କେହି ନ ଆସିବାରୁ ନିନ୍ଦା କରାଯାଇଥିଲା । ଏହି ଅବସରରେ ଜନତାଙ୍କ ପକ୍ଷରୁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଆସନ୍ତା ୩୧ ତାରିଖ ସୁଦ୍ଧା ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରା ନ ଗଲେ ୩୧ ତାରିଖରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଆଦିବାସୀ ସଂଘ ଚେତାବନୀ ଦେଇଛି ।



ସ୍ଥାନୀୟ ଗାନ୍ଧିଛକଠାରେ ଆୟୋଜିତ ଜନପ୍ରତିକ୍ରିୟା ମଞ୍ଚରେ ଉପସ୍ଥିତ ଅତିଥି ।

# ଅଗ୍ନିଶମ ବିଭାଗ ତରଫରୁ ବିଭିନ୍ନ ତାଲିମ

**ତୁଣ୍ଡଲା,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାପାଳଙ୍କ ନିର୍ଦ୍ଦେଶରେ କେସିଙ୍ଗା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅନୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କୌଶଳ ସମ୍ବନ୍ଧରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦମକଳ କେନ୍ଦ୍ରର ମୁଖ୍ୟ ମାଧବ ତାଣ୍ଡି, ବିଜୁ ଭୋଏ ଓ ପ୍ରେମରାଜ ଛତ୍ରିଆ ଏବଂ ଡ୍ରାଇଭର ହାବିଲଦାର ଜିତେନ୍ଦ୍ର ଯାନୀ, ସ୍ଥାନୀୟ ସରପଞ୍ଚ ଝସନେତ୍ରୀ ଭୋଇ, ବିଦ୍ୟାଳୟ ପ୍ରଧାନଶିକ୍ଷକ ମକରଧ୍ୱଜ ପୁଟେଲ ଓ ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସ୍କୁଲ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ । ଏଥିରେ ଛାତ୍ରୀଛାତ୍ରମାନଙ୍କୁ ପାଣିରେ ଭାସି ଯିବା ବେଳେ କିପରି ଉଦ୍ଧାର କରାଯିବା ତା'ର କୌଶଳ ଓ ପ୍ରାଥମିକ ଚିକିତ୍ସା, ସାପ କାମୁଡିଲେ ତା'ର ପ୍ରାଥମିକ ଚିକିତ୍ସା ଓ ବଜ୍ରପାତରୁ କିଭଳି ଭାବରେ ଉଦ୍ଧାର କରାଯିବ ଓ ପ୍ରାଥମିକ ଚିକିତ୍ସା କିପରି କରାଯିବ ଉଦାହରଣ ଦେଇ ତାଲିମ ଦେଇଥିଲେ । ଉକ୍ତ ତାଲିମ କେନ୍ଦ୍ର ଅଧିକାରୀ ଅନୀଲ କୁମାର ମିଶ୍ର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

### ଦାସିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ, ଷ୍ଟାଇପେଣ୍ଡ ହଡ଼ପ ଘଟଣା

# ତଦନ୍ତରେ ଧରାପଡିଲା ଅନିୟମିତତା

**ଜୁନାଗଡ,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜେ ନାଗ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ହଡପ କରିଥିବା ନେଇ ଛାତ୍ରୀଛାତ୍ର, ଅଭିଭାବକ ଅଭିଯୋଗ କରିଛନ୍ତି। ଧାର୍ଯ୍ୟ ଟଙ୍କା ନ ଦେଇ ସମ୍ପୃକ୍ତ ପ୍ରଧାନଶିକ୍ଷକ ତାହାଠାରୁ କମ ଦେଇଥିବା ଜଣାପଡିଥିଲା। ଏହି ଅନିତମିତାକୁ ନେଇ ଧରିତ୍ରୀରେ ମଧ୍ୟ ଖବର ପ୍ରକାଶିତ ହୋଇଥିଲା। ଏପଟେ ଭୟରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ରାତିଅଧିଆ ଛାତ୍ରୀଛାତ୍ରମାନଙ୍କୁ ବାକି ରହିଥିବା ଷ୍ଟାଇପେଣ୍ଡ ଟଙ୍କା ପ୍ରଦାନ କରିଥିବା ଶୁଣିବାକୁ ମିଳୁଛି। ବୁଧବାର ଉକ୍ତ ଘଟଣା ତଦନ୍ତ ପାଇଁ ଜୁନାଗଡ ଏବିଇଓ ନବକିଶୋର ପାଢୀ ଓ ସ୍ଥାନୀୟ ସିଆରସିସି ସୁବାସ ଚନ୍ଦ୍ର ଶବର ଉକ୍ତ ସ୍କୁଲକୁ ଯାଇଥିଲେ। ଏବିଇଓ ପାଢ଼ୀ ଛାତ୍ରୀଛାତ୍ରମାନଙ୍କୁ ଷ୍ଟାଇପେଣ୍ଡ ବାବଦରେ ପଚାରିବାରୁ ପୂର୍ବରୁ କିଛି ଟଙ୍କା ପାଇଥିଲୁ ଓ ଏହି ଭିତରେ କିଛି ଟଙ୍କା ପାଇଛୁ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ଆମେ ତଦନ୍ତ କରି ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେଇଛୁ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ସୁବାଷ ସିଂହଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଦ୍ଧରେ କାରଣ ଦର୍ଶାଅ ନୋଟିସ ମାଗିବା ପାଇଁ ବିଇଓଙ୍କୁ କୁହାଯାଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତାର ତଦନ୍ତ ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ହଟାଇ ସହକାରୀ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ସ୍ଥାନୀୟ ଶିକ୍ଷାବିଭାଗ କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ଅପସାରଣ କରିଥିଲା। ୨ଟି ଅଭିଯୋଗ ପରେ ମଧ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# କଳାହଣ୍ଡି ଉତ୍ସବ ଉପଲକ୍ଷେ ଶିଶୁ ସମୂହ ନୃତ୍ୟ ଚୟନ

**ଭବାନୀପାଟଣା,୧୦।୧(ଡି.ଏନ.ଏ.)**

୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଉପଲକ୍ଷେ ଶିଶୁ ସମୂହ ନୃତ୍ୟ ଚୟନ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଭବାନୀପାଟଣା ପୌରାଞ୍ଚଳ ଓ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଅଂଶଗ୍ରଣ କରି ସେମାନଙ୍କ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ଯୋଉଁମାନେ କୃତିତ୍ୱ କରିବେ ସେମାନେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୧୯ ମଞ୍ଚରେ ସେମାନଙ୍କ ନୃତ୍ୟ ପ୍ରଦର୍ଶନ କରିବାର ସଯୋଗ ପାଇବେ। ଏହି ଶିଶୁ ସମୁହ ନୃତ୍ୟ ଚନୟନ ପ୍ରକ୍ରିୟାକୁ ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କମିଟି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ସିଂ ମଞ୍ଚ ସଂଯୋଜନା କରିଥିଲେ। ନୁପୁର ପଟ୍ଟନାୟକ, ଧ୍ୟାନନନ୍ଦ ପଣ୍ଡା, କାର୍ତ୍ତିକ ପଣ୍ଡା, ଅକ୍ଷୟ ଦାସ, ଉମାଚରଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଧବଳଶ୍ୱେର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ମୋହନଗିରିକୁ ହରାଇ ଭାଲୁପିଆ ବିଜୟୀ

**ମୋହନଗିରି,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଚଳିତ ବର୍ଷ ମଧ ୧୫ତମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ୧୦ ତାରିଖରୁ ଆରମ୍ଭ ହୋଇଛି । ପ୍ରଥମ ଦିନ ମ୍ୟାଚ କଳାହାଣ୍ଡି ଜିଲା ଭାଲୁପିଆ ଓ ମୋହନଗିରି ମଧ୍ୟରେ ହୋଇଥିଲା। ଟସ ଜିଣି ଭାଲୁପିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟରେ ୨୧୩ ରନ ସଂଗ୍ରହ କରିଥିଲା । ଜବାବରେ ମୋହନଗିରି ଦଳ ୧୬ ଓଭରରେ ମାତ୍ର ୧୪୬ ରନ କରି ପରାଜିତ ହୋଇଥିଲା । ଭାଲୁପିଆ ଦଳର ସଞ୍ଜୀବ ରଣା ୬୭ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚ ଅମ୍ପିୟର ଭାବେ ଧିରେନ୍ଦ୍ର କୁମାର ବିଶ୍ୱାଳ ଓ ସତ୍ୟ ମହାପାତ୍ର ଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ସପ୍ନେଶ୍ୱର କର୍ମୀ, ସ୍କୋର ବୋର୍ଡରେ ସୁଦାମ ସେଟ ଓ ଚନ୍ଦ୍ର ବାନୁ ବେହେରା ଦାୟିତ୍ୱ ତୁଲାଇଥିଲେ। ଚଳିତବର୍ଷ ଏହି ଟୁର୍ନାମେଣ୍ଟରେ କଳାହାଣ୍ଡି ଜିଲା ସହ ବଲାଙ୍ଗୀର, ବୌଦ୍ଧ, ରାୟେଗଡା, ସମ୍ବଲପୁର, ବରଗଡ, କନ୍ଧମାଳ, ସୋନପୁର ଆଦି ୮ଟି ଜିଲାରୁ ୧୬ଟି ଦଳ ଅଂଶ ଗ୍ରହଣ କରୁଥିବା ଜଣାପଡିଛି । ଉଦ୍‌ଘାଟନୀ ମ୍ୟାଚ ପାଇଁ ସ୍ଥାନୀୟ ଧବଳେଶ୍ୱର ଶିବ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଥିଲା। ଏଥିରେ ବିଶିଷ୍ଟ ସାମାଜିକ କର୍ମୀ ଜିତୁ ମିଶ୍ର ଯୋଗଦେଇ ଗ୍ରାମପଞ୍ଚାୟତ ଖେଳ ପଡିଆରେ ମଶାଲ ସ୍ଥାପନ କରି ପ୍ରଥମ ଦିନ ମ୍ୟାଚକୁ ଉଦ୍‌ଘାଟନ କରିଥିରେ। ଉଦ୍‌ଘାଟନୀ ଉତ୍ସବରେ ଧବଳେଶ୍ୱର କ୍ରୀଡ଼ା ଅନୁଷ୍ଠାନ ସଭାପତି ଶୁକଦେବ ସାହୁ, ଉପସଭାପତି ସୂର୍ଯ୍ୟ ନାରାୟଣ ପାତ୍ର, ମ୍ୟାଚ ଅୟୋଜକ କମିଟି ମ୍ୟାନେଜର ମକରଧ୍ୱଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଧବଳେଶ୍ୱର ଶିବ ମନ୍ଦିରରୁ ବାହାରି ଥିବା ମଶାଲ ଶୋଭାଯାତ୍ରା ।

### ଜିଲା କଂଗ୍ରେସ କମିଟି ପକ୍ଷରୁ ବିଶାଳ ଚାଷୀ ସମାବେଶ

# ରାଜ୍ୟ ସରକାରଙ୍କ କୃଷକମାରଣ ନୀତି ଉପରେ ବର୍ଷିଲେ

**କୋକସରା/ଲଡୁଗାଁ,୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତ ବଜାର ପଡିଆଠାରେ କଳାହାଣ୍ଡି ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଏକ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆମପାଣି ଜୋନ କଂଗ୍ରେସ ଯୁବ ଆଦିବାସୀ ନେତା ଋତୁରାଜ ମାଝିଙ୍କ ଅଧ୍ୟକ୍ଷତାରେ ଚାଷୀ ସମାବେଶରେ ଜିଲା କଂଗ୍ରେସ କମିଟି ନେତା ଓ କର୍ମୀମାନେ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷକମାରଣ ନୀତୀ ଉପରେ ନେତା ଓ କର୍ମୀମାନେ ବର୍ଷିଥିଲେ। ସରକାର 'କାଳିଆ' ଯୋଜନା କରି ରାଜ୍ୟର ଚାଷୀମାନଙ୍କୁ ଉପେକ୍ଷିତ କରିବା ସହ ଚାଷୀମାନଙ୍କୁ ଆର୍ଥିକ ମାନଦଣ୍ଡ ମରୁଡି ଓ ଚାଷ ଜନିତକ୍ଷତି ଯୋଗୁ ଦୋହଲି ଯାଇଛି। କେବଳ ଆଗକୁ ନିର୍ବାଚନ ଥିବାରୁ ଚାଷୀମାନଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କ ସରଳତା ସୁଯୋଗ ନେଇ 'କାଳିଆ' ଯୋଜନା କରି ଭୁଆଁବୁଲାଇବା ସହ ଲଲିପପ ଦେଖାଇ ଭୋଟ ହାତାଇବାକୁ ପ୍ରଚେଷ୍ଟା କରୁଥିବା ଉପସ୍ଥିତ କଂଗ୍ରେସ ବରିଷ୍ଠ ନେତାମାନେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ଆଗାମୀ ନିର୍ବାଚନରେ କଂଗ୍ରେସ ଯଦି ଶାସନକୁ ଆସେ ତାହେଲେ ରାଜ୍ୟର ଚାଷୀମାନଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫୦୦ ଟଙ୍କା କରିବାକୁ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ ଅଟନ୍ତି ବୋଲି ପ୍ରକାଶ କରିଥିଲେ । ରାଜ୍ୟରେ ଥିବା ଋଣଗ୍ରସ୍ତ ଚାଷୀମାନଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟାନ୍ୟ ଚାଷ ସମ୍ବନ୍ଧିୟ ସହାୟତା ମଧ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ । ଏହି ଅବସରରେ କଂଗ୍ରେର ପୂର୍ବତନ ନବରଙ୍ଗପୁର ଏମ୍‌ପି ପ୍ରଦିପ ମାଝି, ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୁଷଣ ବେମାଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ, ବରିଷ୍ଠ କଂଗ୍ରେସ ନେତା ପୁରୁଷୋତ୍ତମ ଗୁପ୍ତା, ଯୁବ ଆଇନଜୀବୀ ତଥା ଜିଲା ଉପସଭାପତି ଦିଗାମ୍ବର ଦୁରିଆ, କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକ, କୋକସରା ବ୍ଲକ ପ୍ରଭାରି ସୁରେଶ ଅଗ୍ରୱାଲ, ଘନଶ୍ୟାମ ଅଗ୍ରୱାଲ, କୋକସରା ସମିତିସଭ୍ୟ ତ୍ରିଭୁବନ ନାଏକ, ଆମପାଣି ସରପଞ୍ଚ ଚିକିନ୍ଦ୍ର ଧଙ୍ଗଡାମାଝି, ମହିଳା ଜିଲା ସଭାନେତ୍ରୀ ସୁକାନ୍ତୀ ସରାଫ, ରେଙ୍ଗାଲପାଲି ସମିତି ସଭ୍ୟ ମାଧୁରୀ ନିଆଲ, ମାଣିକ୍ୟ ସୁନା, ଜିଲା ଆଦିବାସୀ ସଭାପତି ପ୍ରଦୀପ ଦିଶାରୀ, ଲାଲସାଏ ନାଗ, ସନ୍ତୋଷ ପାଢୀ, କେଶବ ନାଏକ ପ୍ରମୁଖ ଯୋଗଦେଇଥିଲେ ।




ଆୟୋଜିତ ଚାଷୀ ସମାବେଶରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ ।



"ଗତକାଲି ଏକ ଅଚଳ ଚେକ୍‌। ଆସନ୍ତାକାଲି ପ୍ରୋମିସରି ନୋଟ୍‌। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର

## ସଂକ୍ଷେପରେ

### ଜମି ବିବାଦରୁ ଯୁବକଙ୍କୁ ଆକ୍ରମଣ

**ରାଉରକେଲା ଅଫିସ,୧୦।୧-** ଜମି ବିବାଦକୁ ନେଇ ଦକ୍ଷିଣ ରାଉରକେଲା ଟାଙ୍ଗରପାଲି ଥାନା ଆଇଡିଏଲ୍‌ ଫାଣ୍ଡି ଅସୁରଛପଲ ଗଞ୍ଜୁ ବସ୍ତିରେ ବୁଧବାର ଜଣେ ଯୁବକଙ୍କୁ ଟାଙ୍ଗିଆରେ ଅକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ରାଜୁ କୁମ୍ଭାର (୪୦)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଛି। ଏ ନେଇ ପୋଲିସ ସେହି ବସ୍ତିର ଜୟ୍‌ ସିଂ (୫୨)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜମିଜମାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା ବୋଲି ପୋଲିସ କହିଛି।

### ଭାଜପାରେ କନ୍ଦଳ ପ୍ରସଙ୍ଗ 'ବୀରଗଣ୍ଡିଆଙ୍କ କାର୍ଯ୍ୟକ୍ରମ, ବିବୃତି ଅବୈଧ'

**ରାଉରକେଲା ଅଫିସ,୧୦।୧-** ପାନପୋଷ ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ସଭାପତି ପଦ ପରିବର୍ତ୍ତନ ପରେ ଭାଜପା ଦଳୀୟ୍‌ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଲାଣି। ୧୦ପ୍ରତିଶତ ସ୍ଥାନ ସଂରକ୍ଷଣ ନେଇ ନିଜକୁ ଅସଲ ସଭାପତି ଦାବି କରୁଥିବା ଦେବେନ୍ଦ୍ର ବୀରଗଣ୍ଡିଆ ଗୁରୁବାର ଆର୍‌ଏମ୍‌ସି କାର୍ଯ୍ୟାଳୟ୍‌ ସମ୍ମୁଖରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ତାଙ୍କ ସମର୍ଥକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ ଖୁସି ଜାହିର କରିଥିଲେ। ସନ୍ଧ୍ୟାରେ ଜିଲା ସଭାପତି ଏକ ବିବୃତି ଜାରି କରି କହିଛନ୍ତି, ଜିଲାର ସମସ୍ତ ମୋର୍ଚ୍ଚା ଓ ମଣ୍ଡଳ ସଭାପତି ଜିଲା ସଂଗଠନ ସମ୍ମତିକ୍ରମେ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। ବୀରଗଣ୍ଡିଆ ସଭାପତି ନ ଥାଇ ମନମୁଖି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଯୁବମୋର୍ଚ୍ଚା ସଭାପତି ରୂପେ ଅଙ୍କୁଶ ବର୍ମାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ମାଙ୍କ ବ୍ୟତୀତ ଅନ୍ୟ କେହି ନିଜକୁ ମୋର୍ଚ୍ଚା ସଭାପତି ଭାବେ କେଉଁଠି ପରିଚୟ୍‌ ଦେଲେ ତାହା ଅବୈଧ ବୋଲି ଗ୍ରହଣ କରାଯିବ। ଏହି ଖବର ତୃଣମୂଳ ନେତାଙ୍କ ଶିବିରରେ ପହଞ୍ଚିବା ପରେ ସେମାନେ ଚିହିଁକି ଉଠିଥିଲେ ହେଁ ନିରୂପାୟ୍‌ ହୋଇ ନୀରବ ରହିଛନ୍ତି।

# ହୋଲ୍ଡିଂ ଟିକସ ବୃଦ୍ଧିକୁ ଭାଜପାର ବିରୋଧ

## ■ ଦାବି ନ ମାନିଲେ ୨୧ରେ ଧାରଣା

**ରାଉରକେଲା ଅଫିସ,୧୦।୧**



ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ହୋଲ୍ଡିଂ ଟାକ୍ସ ବୃଦ୍ଧି ନେଇ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଛି ଭାଜପା। ବୁଧବାର ସେକ୍ଟର-୩ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ ନିଷ୍ପତ୍ତିର ପୁନର୍ବିଚାର କରିବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ନଚେତ୍‌ ଆସନ୍ତା ୨୧ ତାରିଖରେ ଦଳ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି କୁହାଯାଇଛି। ଏଥିରେ ଉପସ୍ଥିତ ଜିଲା ସଭାପତି ଜଗବନ୍ଧୁ ବେହେରା କହିଥିଲେ, ଆର୍‌ଏମ୍‌ସି ପକ୍ଷରୁ ଯେଉଁ ଢଙ୍ଗରେ ହୋଲ୍ଡିଂ ଟାକ୍ସ ବୃଦ୍ଧି କରାଯାଇଛି ତାହା ଯଥାର୍ଥ ନୁହେଁ। ଏହାଦ୍ୱାରା ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଲାଣି। କର୍ତ୍ତୃପକ୍ଷ ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଥିଲେ। କୋଏଲନଗର ବାସିନ୍ଦାଙ୍କ ଉପରେ ଯେଉଁ ହାରରେ ହୋଲ୍ଡିଂ ଟାକ୍ସ ଲାଗୁ କରାଯାଇଛି, ତାହା ବେଆଇନ ବୋଲି କହିଥିଲେ ପୂର୍ବତନ ନଗରପାଳ ନିହାର ରାୟ। ନିର୍ବାଚିତ କାଉନସିଲ ବିନା ଏହି ଟିକସ ଲାଗୁ କରାଯାଇ ପାରିବ ନାହିଁ। ରାଜଧାନୀ ଭୁବନେଶ୍ୱରଠାରୁ ଏଠାରେ ଅଧିକ ଟାକ୍ସ ଆଦାୟ କାହିଁକି କରାଯିବ ବୋଲି ରାୟ ପ୍ରଶ୍ନ ଉଠାଇଥିଲେ। ତୁରନ୍ତ ଏହାକୁ ପ୍ରତ୍ୟାହାର କରାଯାଉ, ଅନ୍ୟଥା ଆନ୍ଦୋଳନ କରିବାକୁ ଭାଜପା ବାଧ୍ୟ ହେବ ବୋଲି ରାୟ ପ୍ରକାଶ କରିଥିଲେ। ଦଳର ସାଧାରଣ ସମ୍ପାଦକ ଦିଲୀପ ଦାସ କହିଥିଲେ, କେଉଁ ଆଧାରରେ ଆର୍‌ଏସ୍‌ମି କର୍ତ୍ତୃପକ୍ଷ ଏଭଳି ହୋଲ୍ଡିଂ ଟାକ୍ସ ଆଦାୟ ପାଇଁ ନିଷ୍ପତ୍ତି ନେଲେ ତାହା ଅନେକଙ୍କୁ ବିସ୍ମୀତ କରିଛି। କୋଏଲନଗର ଭଳି ଅବସରପ୍ରାପ୍ତ କର୍ମଚାରୀ କଲୋନୀର ବିକାଶରେ ଆର୍‌ଏମ୍‌ସିର ଶ୍ରେୟ ନାହିଁ। ନିଜ ଉଦ୍ୟମରେ ଏହି କଲୋନୀକୁ ସମୃଦ୍ଧ କରିଥିବା ବାସିନ୍ଦାଙ୍କ ଉପରେ ଆଜି ଯେଉଁଭଳି ଟିକସ ବୋଝ ଲଦାଯାଉଛି ତାହା ଅତ୍ୟନ୍ତ ଅନ୍ୟାୟ ବୋଲି ଦାସ କହିଥିଲେ। ତୁରନ୍ତ ବର୍ଦ୍ଧିତ ଟିକସ ବ୍ୟବସ୍ଥାକୁ ପ୍ରତ୍ୟାହାର ନେଇ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକ, ମୁଖପାତ୍ର ଭଗବାନ ରାଉତ, ସାଧାରଣ ସମ୍ପାଦକ ଅମରେନ୍ଦ୍ର ଶର୍ମା ଓ ରାଇସେନ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ମନ୍ଦିର ରଜତ୍‌ ଜୟନ୍ତୀ ସମାରୋହର ୨ୟ ଦିବସ

# ପ୍ଲାଷ୍ଟିକ ବର୍ଜନ ସଚେତନତା ନାଟକ ମଞ୍ଚସ୍ଥ

**କୁଆଁରମୁଣ୍ଡା,୧୦।୧ (ଡି.ଏନ.ଏ.)**

ସରସ୍ୱତୀ ଶିଶୁ ମନ୍ଦିରରେ ଗତାନୁଗତିକ ଶିକ୍ଷା ପ୍ରଦାନ କରାଯାଏନି ବରଂ ଶୃଙ୍ଖଳିତ ବିଦ୍ୟାର୍ଥୀ ନିର୍ମାଣ ପାଇଁ ଆଧ୍ୟାତ୍ମିକ ଓ ନୈତିକମୂଲ୍ୟ ବୋଧଭିତ୍ତିକ ଶିକ୍ଷା ଦିଆଯାଏ। ଯଦ୍ୱାରା ଶିକ୍ଷା ଲାଭ ପରେ ଜଣେ ବିଦ୍ୟାର୍ଥୀ କେବଳ ଡାକ୍ତର, ଯନ୍ତ୍ରୀ ଇତ୍ୟାଦି ନ ହୋଇ ଜଣେ ଶୃଙ୍ଖଳିତ ନାଗରିକ ହୋଇ ରାଷ୍ଟ୍ର ଗଠନରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥାଏ ବୋଲି ଗୁରୁବାର କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ରଜତ୍‌ ଜୟନ୍ତୀ ସମାରୋହର ୨ୟ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟବକ୍ତାଭାବେ ରାଉରକେଲା ଛେଣ୍ଡସ୍ଥିତ ଏଚ.କେ ରାଏ ମହାବିଦ୍ୟାଳୟର ଅଧ୍ୟାପକ ସନାତନ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ପ୍ରମୁଖଙ୍କ ସହ ରଜତ ଜୟନ୍ତୀ ସମାରୋହର ସଭାପତି ପ୍ରଦ୍ୟୁମ୍ନ ମିଶ୍ର ଓ ସମ୍ପାଦକ ସଞ୍ଜୀବ ପ୍ରତାପ ସିଂଦେଓ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଓରାମଙ୍କ ସହ ଅନ୍ୟ ଅତିଥିମାନେ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ, ଆଚାର୍ଯ୍ୟା, ପ୍ରତିଷ୍ଠାତା ସଭ୍ୟା/ସଭ୍ୟ,ପୂର୍ବ ସମ୍ପାଦକମାନଙ୍କୁ ସମ୍ମାନିତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, ଗୀତ ସହ ପ୍ଲାଷ୍ଟିକ ବର୍ଜନ ଉପରେ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କ୍ଷୁଦ୍ର ନାଟକ ଉପସ୍ଥିତ ଦର୍ଶକମାନଙ୍କ ମନମୋହିବା ସହ ସେମାନଙ୍କୁ ଦୀର୍ଘ ସମୟ ବାନ୍ଧି ରଖିଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ବିଶ୍ୱମୋହିନୀ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଶିଶୁ ବାଟିକା, ଶିଶୁ ମନ୍ଦିର ବିଭାଗ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ସ୍ୱଦେଶୀ ବଜାର, ହସ୍ତକଳା ପ୍ରଦର୍ଶନୀରେ ବେଶ୍‌ ଭିଡ ପରିଲକ୍ଷିତ ହୋଇଥିଲା।


ପ୍ଲାଷ୍ଟିକ ବର୍ଜନ ସଚେତନତା ଉପରେ ମଞ୍ଚସ୍ଥ କ୍ଷୁଦ୍ର ନାଟକର ଏକ ଦୃଶ୍ୟ।

# ଜିଲାସ୍ତରୀୟ୍‌ ସ୍କାଉଟ ଓ ଗାଇଡ୍‌ କ୍ୟାମ୍ପୋରି ଉଦ୍‌ଯାପିତ

**ରାଉରକେଲା ଅଫିସ,୧୦।୧**



ଭାରତ ସ୍କାଉଟ ଓ ଗାଇଡ୍‌ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ କ୍ୟାମ୍ପୋରିରେ ମଞ୍ଚାସୀନ ଅତିଥି।

୧୫ତମ ଜିଲାସ୍ତରୀୟ ଭାରତ ସ୍କାଉଟ ଗାଇଡ୍‌ କ୍ୟାମ୍ପୋରି-୨୦୧୯ ଗୁରୁବାର ଉଦ୍‌ଯାପିତ ହୋଇଛି। ଓଏସ୍‌ଏପି ହାଇସ୍କୁଲ ପଡ଼ିଆରେ ଚାଲିଥିବା ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଭାରତ ସ୍କାଉଟ ଓ ଗାଇଡ୍‌ର ରାଜ୍ୟ ଅଧକ୍ଷ ତଥା ଜାତୀୟ ଉପାଧକ୍ଷ କାଳୀପ୍ରସାଦ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ସଙ୍ଗୀତା ଜେନା ଓ ମୁଖ୍ୟବକ୍ତା ରୂପେ ସୁନ୍ଦରଗଡ଼ ଜିଲା ସହକାରୀ ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ସଂଗଠନର ରାଉରକେଲା ଶାଖା ସଭାପତି ନାରାୟଣ ପତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଐକ୍ୟଭାବ, ଭାଇଚାରା ଓ ସାମାଜିକ ପ୍ରତିବଦ୍ଧତା ଉପରେ ଗୁରୁତ୍ୱରୋପ କରିଥିଲେ। ପ୍ରାରମ୍ଭରେ ଜିଲା ସ୍କାଉଟ ଗାଇଡ୍‌ର ମୁଖ୍ୟ ବ୍ରଜେନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସହସମ୍ପାଦକ ରଶ୍ମିତ ସାହାଣୀ କ୍ୟାମ୍ପ ବିବରଣୀ ପାଠ କରିଥିଲେ। ଗୌରାଙ୍ଗ ପାହାଡ଼ି ଧନ୍ୟବାଦ ଜ୍ଞାପନ କରିଥିଲେ। ସେହିପରି ୨ୟ ଦିନ କ୍ୟାମ୍ପ ଫାୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କବି କୁଞ୍ଜବିହାରୀ ରାଉତ ଯୋଗଦେଇ ସ୍କାଉଟ ଓ ଗାଇଡ୍‌ ଛାତ୍ରୀଛାତ୍ରଙ୍କୁ କହିଥିଲେ, ସେବା ଓ ତ୍ୟାଗ ଜୀବନର ମୂଳମନ୍ତ୍ର ହେବା ଆବଶ୍ୟକ। କର୍ମ ହେଉଛି ମଣିଷପଣିଆର ବାସ୍ତବ ମାପଦଣ୍ଡ। ଏହାକୁ ଆମେ ଅନୁପାଳନ ଦ୍ୱାରା ସାମାଜିକ ଉତ୍ଥାନ ସମ୍ଭବ ହୋଇଥାଏ। ଏ ଦିଗରେ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ ରାଉତ ପରାମର୍ଶ ଦେଇଥିଲେ। ଅଭୟ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଗୌରାଙ୍ଗ ପାହାଡ଼ି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରମାକାନ୍ତ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସ୍କାଉଟ ଓ ଗାଇଡ୍‌ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଡ. ବସନ୍ତ ମଞ୍ଜରୀ ରାୟ ଓ ଦେବବ୍ରତ ପଟ୍ଟନାୟକ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପାରାମର୍ଶ ଦେଇଥିଲେ। ଓଏସ୍‌ଏପି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ, ସୁକାନ୍ତ ବିଶ୍ୱାଳ, ଉମାକାନ୍ତ କରଣ, ମଞ୍ଜୁ ମୁଖାର୍ଜୀ ଓ କ୍ରିଷ୍ଣାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ୪୭ ବିଦ୍ୟାଳୟର ୧୫୮ ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ରାମ ଜନ୍ମଭୂମି ବିବାଦ ଶୁଣାଣି ଘୁଞ୍ଚିବା ପ୍ରସଙ୍ଗ

# 'ସୁପ୍ରିମକୋର୍ଟ ହିନ୍ଦୁ ବେଦନାକୁ ହୃଦୟଙ୍ଗମ କରନ୍ତୁ'

**ରାଉରକେଲା ଅଫିସ,୧୦।୧**

ସୁପ୍ରିମକୋର୍ଟରେ ବହୁପ୍ରତୀକ୍ଷିତ ରାମ ଜନ୍ମଭୂମି ବିବାଦ ମାମଲାର ଶୁଣାଣି ପ୍ରକ୍ରିୟା ପୁଣି ଥରେ ଜାନୁଆରୀ ୨୯କୁ ଘୁଞ୍ଚାଇ ଦିଆଯାଇଛି। ଫଳରେ ଏହାକୁ ଅପେକ୍ଷା କରିଥିବା ହିନ୍ଦୁ ସଂଗଠନ ନେତା ନିରାଶ ହୋଇଛନ୍ତି। ଏ ନେଇ ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ଓଡ଼ିଶା ଧର୍ମ ପ୍ରଚାରକ ସମ୍ପାଦକ ଶାନ୍ତନୁ କୁସୁମ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି, ହିନ୍ଦୁ ଧର୍ମାବଲମ୍ବୀଙ୍କ ୪୯୦ ବର୍ଷର ବେଦନାକୁ ସୁପ୍ରିମକୋର୍ଟ ହୃଦୟଙ୍ଗମ କରିବା ଉଚିତ। ଏଥିସହ ହିନ୍ଦୁ ଧାର୍ମିକ ଅଧିକାରର ସୁରକ୍ଷା ନେଇ କୋର୍ଟ ଅଗ୍ରାଧିକାର ଦେବାକୁ ସେ ନିବେଦନ କରିଛନ୍ତି। ସେ କହିଛନ୍ତି, ଶ୍ରୀରାମଙ୍କ ଜନ୍ମସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ଏ ଦେଶର ହିନ୍ଦୁ ଧର୍ମାବଲମ୍ବୀଙ୍କୁ ସ୍ୱାଧୀନତାର ୭୨ବର୍ଷ ଧରି ସଂଘର୍ଷ ଓ ପ୍ରତୀକ୍ଷା କରିବାକୁ ପଡ଼ିଛି। ଯାହା ଧାର୍ମିକ ଅଧିକାରର ବିରୁଦ୍ଧାଚରଣ କରୁଛି ବୋଲି କୁସୁମ ପ୍ରକାଶ କରିଛନ୍ତି। ଏହା ହିନ୍ଦୁ ଧର୍ମାବଲମ୍ବୀଙ୍କ ମାନବାଧିକାରର ଉଲ୍ଲଂଘନ ବୋଲି ସେ କହିଛନ୍ତି। ଏପରି ଅସବସ୍ଥାରେ ସୁପ୍ରିମକୋର୍ଟ ହିନ୍ଦୁ ସମ୍ପ୍ରଦାୟର ବେଦନାକୁ ଅନୁଭବ କରି ବିବାଦର ପରିସମାପ୍ତି କରିବା ଉଚିତ ବୋଲି କୁସୁମ ପ୍ରକାଶ କରିଛନ୍ତି।



ସାଧାରଣ ବର୍ଗ ଗରିବଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନେଇ ଭାଜପା ଯୁବମୋର୍ଚ୍ଚା କର୍ମୀ ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ସ୍ୱାଗତ ଉତ୍ସବ ମନାଉଛନ୍ତି।

# ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷଣ ଐତିହାସିକ ନିଷ୍ପତ୍ତି

**ରାଉରକେଲା ଅଫିସ,୧୦।୧**

ଆର୍ଥିକ ପଛୁଆ ସାଧାରଣ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଏକ ଐତିହାସିକ ନିଷ୍ପତ୍ତି ବୋଲି ରାଉରକେଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଗୁରୁବାର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ଶତାଧିକ ଯୁବକ ଭାଜପା ସପକ୍ଷରେ ସ୍ଲୋଗାନ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଯୁବମୋର୍ଚ୍ଚା ନେତା ଦେବେନ୍ଦ୍ର ବୀରଗଣ୍ଡିଆଙ୍କ ନେତୃତ୍ୱରେ ମୋର୍ଚ୍ଚା କର୍ମୀ ଉତ୍ସବ ମନାଇବା ସହ ମୋଦି ସରକାରଙ୍କ ଏହା ସମୟୋଚିତ ପଦକ୍ଷେପ ବୋଲି କହିଥିଲେ। ଏହି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଦ୍ୱାରା ଦେଶର ଅଗଣିତ ସାଧାରଣ ବର୍ଗ ଉପକୃତ ହେବେ। ଏହାଦ୍ୱାରା ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହୋଇପାରିଛି। ନରେନ୍ଦ୍ର ମୋଦି ଏହା ଦ୍ୱାରା ଦେଶରେ ସମାନତାର ବାର୍ତ୍ତା ପ୍ରଦାନ କରିଛନ୍ତି ବୋଲି ଉପସ୍ଥିତ ମୋର୍ଚ୍ଚା କର୍ମକର୍ତ୍ତା ଅରୂପ ନାୟକ, ଶ୍ରୀକାନ୍ତ ରାୟ, ହିରୋଜ ରାୟ, ଦେବେନ୍ଦ୍ର ସ୍ୱାଇଁ, ବଳରାମ ସାହୁ, ଦେବାଶିଷ ପଣ୍ଡା, ରାଜା ରାଉତ, ବିଷ୍ଣୁ ସାହୁ, ରାଜା ତନ୍ତୀ ଓ ଅଭିଷେକ ଲାକ୍ରା ପ୍ରମୁଖ ପ୍ରକାଶ କରିଥିଲେ।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack-753014**
**R.P. No. 064/2013/CTC**
**(Arising out of OA No. 116 of 2011)**
**NOTICE UNDER SECTION 28(4A) OF THE RECOVERY OF DEBTS DUE TO BANK & FINANCIAL INSTITUTION ACT, 1993**

**Next Date: 13.02.2019**

**State Bank of India, SAMB,** 4th Floor, OSCARD Bank Building, A/34, Bhubaneswar ...**Certificate Holder Bank**

**Vs.**

**Trilochan Mohanty & Others** ...**Certificate Debtors**

**To,**

1. **Trilochan Mohanty,** S/o- Balakrushna Mohanty, At/PO: Rangadhipa, Dist.: Sundargarh.
2. **Binod Meher,** S/o- Ghanashyam Meher, At: Samda, PO: Belpahar, Dist.: Jharsuguda.
3. **Bansidhar Meher,** S/o- Radheshyam Meher, At: Samda, PO: Belpahar, Dist.: Jharsuguda.
4. **Smt. Gulapi Meher,** W/o- Radheshyam Meher, At: Samda, PO: Belpahar, Dist.: Jharsuguda.
5. **Sailesh King Subhneel,** S/o- Sunil Kumar Maharana, At: Beheramal, PO/Dist.: Jharsuguda.

WHEREAS you have failed to pay the decretal dues alongwith interest & cost, which is amounting to **Rs.85,30,017.30** (Rupees Eighty Five Lac Thirty Thousand Seventeen and Paise Thirty only) along with interest @ 9% per annum rests from 09.12.2010 till realization of the entire Dues payable by you in respect of the demand notice issued by the undersigned as per certificate dt.26.06.2013 arising out of OA No. 116 of 2011 issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks & Financial Institutions Act, 1993.

Now under the provision of section 28(4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **13.02.2019.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **14th day of December, 2018.**

**Sd/- (R.P. Patnaik)**
**Recovery Officer**

**RAVENSHAW UNIVERSITY**
**CUTTACK- 753003, ODISHA**

**WALK- IN -INTERVIEW**

Applications are invited for walk-in-interview for engagement of Guest faculty / Visiting faculty in **Physics, Botany, Geology, Education, Integrated B.Ed., Applied Geography, Economics, Odia, English, Hindi and Sanskrit** of Ravenshaw University. For details please visit 'www.ravenshawuniversity.ac.in'.

*No.* 52 */ Dt.* 7.1.2019 **Registrar**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
**R.P. No. 167/2017/ CTC**
(Arising out of OA No. 335 of 2015)
Form no. ITCP-I
**NOTICE OF DEMAND TO THE CERTIFICATE DEBTORS**
(See Rule- 48 of the Second Schedule as referred to in section 29 of Recovery of Debts due to Bank & Financial Institutions Act. 1993)

**Utkal Grameen Bank, Sakhipara Evening Branch, At: Sakhipara, Po/Dist: Sambalpur, Pin - 768001**
**Certificate Holder Bank**

**vs**

**Shri Prasanna Kumar Behera & Ors** **Certificate Debtors**

To,

1. Shri Prasanna Kumar Behera, S/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
2. Yasobanti Behera, W/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
3. Shri Prasanta Kumar Behera,S/o: Late Hemanta Kumar Behera, At: Qr. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
4. Pranati Behera, D/o: Late Hemanta Kumar Behera, At: Qr. No. R5/ 15, Jagannath Colony, P.O: Budharaja, Dist.: Sambalpur, Pin: 765004
5. Shri Bibhas Barai, S/o: Manoranjan Barai, At: Deheripali, P.O: Budharaja, Dist.: Sambalpur, Pin: 765004

Take notice that Certificate arising out of **OA No. 335 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 24,76,651.00 **(Rupees Twenty Four Lac Seventy Six Thousand Six Hundred Fifty One only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 24,76,651.00 |
| 2. Cost of the suit as allowed (+) | : Rs. 27,000.00 |
| 3. Interest @ 13.25 % with quarterly rests from 13.05.2018 to 27.03.2018 | : Rs.11,27,417.00 |
| **TOTAL** | **: Rs. 36,31,068.00** |

**(Rupees Thirty Six Lac Thirty One Thousand Sixty Eight only)** with interest @ 13. 25% p.a. with quarterly rests from 28.03.2018 till realization of the entire dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In Addition to the aforesaid amount, you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.01.2019** and report the details of payment made by you.

Give under my hand & seal at Cuttack on this 28th day of November, 2018

**Sd./- S. R. Parida**
**Recovery Officer**

No.75-i

**District Mineral Foundation, Angul**

Development and Welfare of Mining Affected Areas & People

**NOW HIRING DOCTORS (Attractive Packages)**

**We Are Looking for Professional Individuals to Join Our Team**

| | | | |
|---|---|---|---|
| O & G Specialist | : 1 No. | Anesthesia Specialist | : 4 Nos. |
| Pediatrics Specialist | : 4 Nos. | ENT Specialist | : 1 No. |
| Medicine Specialist | : 2 Nos. | MO (MBBS) | : 15 Nos. |
| Surgery Specialist | : 2 Nos. | Dental Surgeon | : 3 Nos. |

**Send Application To**
**DMF Cell, DRDA Angul, Pin: 759122, Odisha**
**Or dmfangul@gmail.com**

**Last Date 31.01.2019**

**For More Details Please visit www.angul.nic.in**

-Sd-
Collector & Chairperson – Cum-Managing Trustee, DMF, Angul

24012/11/0026/1819

**COURT OF THE RECOVERY OFFICER**
**DEBTS RECOVERY TRIBUNAL, CUTTACK**
**Plot No. C-71, Sector-7, CDA, Cuttack-753014**
**R.P. No. 45/2012/CTC**
**(Arising out of OA No. 354 of 2009)**
**NOTICE FOR SETTLING A SALE PROCLAMATION**
(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**State Bank of India, SARC,** Madhupatna, Cuttack-753010, PS: Madhupatna, Town/Dist.: Cuttack ...**Certificate Holder Bank**

**Vs.**

**Sri Subhranshu Kumar Jena & Ors.** ...**Certificate Debtors**

**To,**

1. **Sri Subhranshu Kumar Jena,** S/o- Sudhanshu Sekhar Jena, At: Kalyani Nagar, PS: Madhupatna, Town/Dist.: Cuttack, And also at E-103, Ashraya Apartment, Professorpara, PO: Cuttack-753012, PS: Malgodown, Town/Dist.: Cuttack.

WHEREAS in execution of Recovery Certificate No. **OA No. 354 of 2009,** dt.08.03.2012 issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties.

**Schedule of Property:**

Property consisting of flat situated at Ashraya Apartment, Flat No. E/103, 4th Floor, Khata No.: 918, Plot No.: 2093, Area: 1021 sqft. (SBA), Unit-23, Professor Para, P.S: Madhupatna, Cuttack Town-753012, standing in the name of Shri Subhranshu Kumar Jena.

You are hereby informed that the (date) **04.02.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **28th day of December, 2018.**

**Sd/- (S. R. Parida)**
**Recovery Officer**



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



**ସଂକ୍ଷେପରେ**

## ଦାରିଙ୍ଗବାଡ଼ିରେ ପାରଦ ୬.୫ ଡିଗ୍ରୀ

ଭୁବନେଶ୍ୱର,୧୦।୧(ବ୍ୟୁରୋ): ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଥିଲେ ମଧ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଥଣ୍ଡାର ପ୍ରକୋପ ଜାରି ରହିଛି। ଗତ କିଛିଦିନ ହେବ ଉପକୂଳବର୍ତ୍ତୀ ଜିଲାରେ ପାରଦ ଉପରମୁହାଁ ହୋଇଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୧୦ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮, ଝାରସୁଗୁଡ଼ା ୯.୫, କେନ୍ଦୁଝର ୯.୪, ସୁନ୍ଦରଗଡ଼ କ ୯, ଭବାନୀପାଟଣା ୮.୫, କୋରାପୁଟ ୮.୬ ଏବଂ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ କଟକରେ ୧୨ ଓ ଭୁବନେଶ୍ୱର ସହରରେ ୧୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହୋଇଛି। ପୂର୍ବରୁ ଉତ୍ତର ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ଏବେ ସମୁଦ୍ର ଆଡୁ ବାୟୁ ପ୍ରବାହିତ ହେଉଛି। ଆସନ୍ତା ୧୬ ତାରିଖ ଯାଏ ଜଳବାୟୁରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି।

# କେନ୍ଦ୍ର ସରକାରଙ୍କ ନୂଆ ୧୦% ସଂରକ୍ଷଣ ନିଷ୍ପତ୍ତି ଐତିହାସିକ: ଭାଜପା

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସାଧାରଣ ବର୍ଗରେ ଥିବା ଗରିବଙ୍କ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା ନେଇ ଐତିହାସିକ ବିଲ୍ ଆଣିଛନ୍ତି। ଏହା ଲୋକ ସଭା ଏବଂ ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ଏହାକୁ ଭାଜପା ସମ୍ପୂର୍ଣ୍ଣ ଐତିହାସିକ, ବୈପ୍ଳବିକ ଓ ଲୋକାଭିମୁଖୀ ବୋଲି କହିଛି।

ଭାଜପା ମୁଖ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ଅବଦୁଲ ସଲାମ୍ କହିଛନ୍ତି ଯେ, ଯେଉଁ ୧୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସାଧାରଣବର୍ଗଙ୍କ ପାଇଁ କରାଗଲା ସେଥିରେ ମୁସଲମାନ୍ ସମ୍ପ୍ରଦାୟର ଲୋକ ମଧ୍ୟ ଅଛନ୍ତି। ସେମାନେ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ଏହାର ସୁବିଧା ସୁଯୋଗ ପାଇପାରିବେ। ବିଭିନ୍ନ କମିଶନ୍‌ଙ୍କ ରିପୋର୍ଟକୁ ଯଦି ଅନୁଧ୍ୟାନ କରାଯିବ ତେବେ ବର୍ତ୍ତମାନ ସମଗ୍ର ଭାରତରେ ମୁସଲମାନ୍ ସମ୍ପ୍ରଦାୟର ଲୋକେ ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ମଧ୍ୟ ବହୁତ ଖରାପ। ତେଣୁ ଏହି ୧୦ପ୍ରତିଶତ ସଂରକ୍ଷଣ ଯୋଗୁ ଆମ ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଅନେକ ସୁବିଧା ପାଇବେ ବୋଲି ସଲାମ କହିଛନ୍ତି। ଏହା ସହ ସମ୍ମିଳନୀରେ ଉପସ୍ଥିତ ଭାଜପା ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ଆଦି ମୋର୍ଚ୍ଚା ସଭାପତିମାନେ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। ଏଥିସହ ରାଜ୍ୟ ସରକାର ତୁରନ୍ତ ଏହି ସଂରକ୍ଷଣ ବ୍ୟବସ୍ଥା ଓଡ଼ିଶାରେ ପ୍ରୟୋଗ କରିବା ପାଇଁ ସେମାନେ ଦାବି କରିଛନ୍ତି। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ ନ କଲେ ସଂଖ୍ୟାଲଘୁ ବିରୋଧୀ ବିଚାର କରାଯିବ ବୋଲି ସଲାମ୍ କହିଛନ୍ତି।

## ■କାଳିଆ ଯୋଜନା
## ସବୁଜ ଫର୍ମର ନକଲ ମଧ୍ୟ ବ୍ୟବହାର ହୋଇପାରିବ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ରାଜ୍ୟର ଚାଷୀମାନେ କାଳିଆ ଯୋଜନାରେ ସାମିଲହେବା ପାଇଁ ସବୁଜ ଫର୍ମର ବ୍ୟବହାର କରନ୍ତୁ। ଯଦି ଏହି ଫର୍ମ ଉପଲବ୍ଧ ହେଉନାହିଁ, ତେବେ ଏହାର ନକଲକୁ ବ୍ୟବହାର କରନ୍ତୁ। ରାଜ୍ୟ ସରକାରଙ୍କ ଦ୍ୱାରା କାଳିଆ ଯୋଜନା ସମ୍ପର୍କିତ ବିଭିନ୍ନ ଖବରକାଗଜରେ ଦିଆଯାଉଥିବା ସବୁଜ ଫର୍ମ ନକଲକୁ ବ୍ୟବହାରକରି ମଧ ଆବେଦନ କରାଯାଇପାରିବ। ସରକାରଙ୍କ ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଚିଠା ତାଲିକାରେ ନିଜ ନାମକୁ ସଂଯୋଗ କରିବା ପାଇଁ ଆବଶ୍ୟକ ସବୁଜ ଫର୍ମ ସବୁ ଗ୍ରାମପଞ୍ଚାୟତରେ ଉପଲବ୍ଧ ହେଉଛି। ସବୁଜ ଫର୍ମ ପାଇଁ କୌଣସି ମଧ୍ୟସ୍ଥଙ୍କ ସାହାଯ୍ୟ କିମ୍ବା ଅର୍ଥ ନ ଦେବା ପାଇଁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି www.kalia.co.in ୱେବ୍‌ସାଇଟ୍‌ରୁ ଉପଲବ୍ଧ ଫର୍ମକୁ ଡାଉନଲୋଡ୍ କରି ମଧ ଆବେଦନ କରାଯାଇପାରିବ। ଏହି ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଚାଷୀ ୦୮୦୬୧୧୭୪୨୨୨କୁ ମିସ୍‌ଡ କଲ୍ କରି ନିଜ ନାମ ପଞ୍ଜୀକରଣ କରିପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨.୫୭ ଲକ୍ଷ କୃଷକ ଯୋଗଦାନ କରିସାରିଲେଣି। କାଳିଆ ଯୋଜନା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ୧୯,୫୩,୦୦୦ରୁ ଅଧିକ ବାର୍ତ୍ତା ଫୋନ୍ ମାଧ୍ୟମରେ ପ୍ରେରଣ କରାଯାଇଛି। ଏଥିସହିତ ଏବେ ସୁଦ୍ଧା ପ୍ରାୟ ୩,୧୨,୦୦୦ ଲୋକ କାଳିଆ ଯୋଜନା ସମ୍ପର୍କିତ ୱେବ୍‌ସାଇଟ୍‌କୁ ବ୍ୟବହାରକରି ଉପକୃତ ହୋଇପାରିଛନ୍ତି।

# କଟକରେ ଛବିରାଣୀ ଫିଲ୍ମର ସୁଟିଂ

କଟକ ଅଫିସ, ୧୦।୧

ଅଶୀ ଦଶକରେ ଘଟିଥିଲା ଛବିରାଣୀ ଗଣବଳାତ୍କାର ଓ ହତ୍ୟାକାଣ୍ଡ। ଜଗତ୍‌ସିଂହପୁରର ବିଲୁଖାଇ ନଦୀପଠାରେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣା ସେତେବେଳେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଏଥିଯୋଗୁ ଓଡ଼ିଶାରେ ରାଜନୈତିକ ପରିବର୍ତ୍ତନ ଦେଖାଦେଇଥିଲା। ଏହି ବହୁଚର୍ଚ୍ଚିତ ଘଟଣାକୁ ନେଇ ନିର୍ମାଣ ହେଉଛି ଓଡ଼ିଆ ଚଳଚ୍ଚିତ୍ର 'ଛବିରାଣୀ'। ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ଚାଲିଥିବାବେଳେ ଏହା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଆଉ କିଛି ଦୃଶ୍ୟର ସୁଟିଂ କଟକ ୟୁନିଅନ କ୍ଲବରେ ହେଉଛି। ଏହି ମାମଲାକୁ ନେଇ କୋର୍ଟରେ ଚାଲିଥିବା ବିଚାରବେଳର ଦୃଶ୍ୟ ୟୁନିୟନ କ୍ଲବରେ ସୁଟିଂ ଚାଲିଛି। ସୁଟିଂ ସେଟ୍‌ରେ କୋରିୟଗ୍ରାଫର ତଥା ନିର୍ଦ୍ଦେଶକ ବବି ଇସ୍‌ଲାମ, ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଉଷଶୀ ମିଶ୍ର ଓ ଅନ୍ୟ କଳାକାର ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ଅନ୍ୟାନ୍ୟ ଦୃଶ୍ୟ ଓ ସଂଗୀତଗୁଡିକ ରାଜ୍ୟର ବିଭିନ୍ନ ସ୍ଥାନରେ ସୁଟିଂ ଏକ ସଙ୍ଗେ ଚାଲୁଥିବା ବେଳେ ଆସନ୍ତା ମାସରେ ଏହି ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ ବୋଲି କହିଛନ୍ତି ନିର୍ଦ୍ଦେଶକ ବବି ଇସଲାମ। ତେବେ ବଲିଉଡ୍ ଭଳି ଓଡିଆ ଚଳଚ୍ଚିତ୍ର ଜଗତରେ ମଧ ଚର୍ଚ୍ଚିତ ଘଟଣାବଳୀକୁ ନେଇ ଫିଲ୍ମ ନିର୍ମାଣ କରିବାର ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ଏଭଳି ଟ୍ରେଣ୍ଡ୍ ଯୋଗୁ ମଧ୍ୟମ ଧରଣର ବଜେଟରେ ମଧ ଫିଲ୍ମଟିକୁ ବ୍ୟବସାୟିକ ସଫଳତା ଦେବାରେ କେତେଜଣ ଫିଲ୍ମ ନିର୍ମାତା ସଫଳ ହେଉଛନ୍ତି ବୋଲି କହିଛନ୍ତି ଅଭିନେତ୍ରୀ ଉଷଶୀ ମିଶ୍ର।

## ଟ୍ରକ୍ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ଅତାବିରା/ଟିପିଲିମା,୧୦।୧(ଡି.ଏନ.ଏ.)

ବରଗଡ-ସମ୍ବଲପୁର ୫୩ନଂ ଜାତୀୟ ରାଜପଥ ଗୋଶାଳା ଫାଣ୍ଡି ଅଧୀନସ୍ଥ ଗୋଡଭଗା କ୍ୟାମ୍ପ ଛକ ନିକଟରେ ଗୁରୁବାର ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ବାଇକକୁ ଧକ୍କା ଦେଇ ଫେରାର ହେବାକୁ ଉଦ୍ୟମ କରୁଥିବା ଟ୍ରକ ଓ ଡ୍ରାଇଭରଙ୍କୁ ଗୋଶାଳା ନିକଟରେ ସ୍ଥାନୀୟ ଲୋକେ ପିଛା କରି ଧରିଥିଲେ। ପରେ ଘଟଣାସ୍ଥଳରେ ଗୋଶାଳା ଫାଣ୍ଡି ଅଧିକାରୀ ଅଜିତ ଧଳସାମନ୍ତ ପହଞ୍ଚିଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚିବା ବିଳମ୍ବ ହେବାରୁ ଘଟଣାସ୍ଥଳରେ ଚାପାଉତ୍ତେଜନା ଦେଖାଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ଟ୍ରାଫିକ ଜାମ୍ ରହିଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଉଭୟ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ବୁର୍ଲାକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଛି।

# ଗୁରୁମା'ଙ୍କ ଆଶୀର୍ବାଦ ନେଲେ କଂସ ଅଭିନେତା



ଭୁବନେଶ୍ୱର ପ୍ରଧାନ ତାଙ୍କ ଗୁରୁମାଙ୍କ ଆଶୀର୍ବାଦ ନେଉଛନ୍ତି।

ବରଗଡ଼ ଅଫିସ,୧୦।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହେବ। ବରଗଡ଼ରେ କଂସଙ୍କ ରାଜୁତି ଚାଲିବ ଏବଂ କଂସରାଜ୍‌ରେ ମଥୁରାନଗରୀ ଥରହର ହୋଇ ଉଠିବ। ଏଥର ମଧ୍ୟ ସରଲା ଗ୍ରାମର ଭୁବନେଶ୍ୱର ପ୍ରଧାନ କ୍ରମାଗତ ଦ୍ୱିତୀୟଥର ପାଇଁ କଂସ ଭୂମିକାରେ ଅଭିନୟ କରିବେ। ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟ କରି ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତ ଯୁଧିଷ୍ଠିର ଶତପଥୀ ତାଙ୍କ ଗୁରୁ ବୋଲି ଭୁବନେଶ୍ୱର କହିଛନ୍ତି। ଏହି କ୍ରମରେ କଂସ ଅଭିନେତା ଭୁବନେଶ୍ୱର ଗୁରୁବାର ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମକୁ ଯାଇ ତାଙ୍କ ଗୁରୁମା ଅର୍ଥାତ୍ ସ୍ୱର୍ଗତ ଶତପଥୀଙ୍କ ସ୍ତ୍ରୀ ଜୟୋବତୀଙ୍କ ଆଶୀର୍ବାଦ ନେଇଥିଲେ। ଭୁବନେଶ୍ୱରଙ୍କ ସହିତ ଧନୁଯାତ୍ରାର ସେନାପତି ଭୂମିକାରେ ଅଭିନୟ କରୁଥିବା ଜମୁର୍ଡ଼ା ଗ୍ରାମର ବୃନ୍ଦାବନ ପ୍ରଧାନ ଉପସ୍ଥିତ ଥିଲେ।

## ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୦।୧(ବ୍ୟୁରୋ): ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀ ରାଜଗୁରୁଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ଜନ୍ମସ୍ଥାନ ପୁରୀ ଜିଲାର ବୀରହରେକୃଷ୍ଣପୁର ଛକଠାରେ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୁରୁବାର ସଚିବାଳୟସ୍ଥିତ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୮୦୪ରେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ଜୟୀ ରାଜଗୁରୁ ଫାଶୀ ପାଇଥିଲେ। ପ୍ରତିମୂର୍ତ୍ତି ସ୍ଥାପନର ସ୍ଥାନ ନିରୂପଣ କରିବା ଲାଗି ଏକ ସ୍ୱତନ୍ତ୍ର କମିଟି ଶୁକ୍ରବାର ବୀରହରେକୃଷ୍ଣପୁର ଗସ୍ତ କରିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରାଯିବ। ପ୍ରତିମୂର୍ତ୍ତିକୁ ଯଥାଶୀଘ୍ର ସ୍ଥାପନ କରିବା ପାଇଁ ମନ୍ତ୍ରୀ ମହାନ୍ତି ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୁ ଡାକି ନେଇ ଯୁବକଙ୍କୁ ବୋମାମାଡ଼

ପୁରୀ ଅଫିସ,୧୦।୧

ପୁରୀ ସଦର ଥାନା ଅନ୍ତର୍ଗତ ରେବତୀରମଣ ଗ୍ରାମରେ ବୋମାମାଡ଼ ହୋଇଛି। କେତେଜଣ ଯୁବକ ଗ୍ରାମର ଚନ୍ଦନ ଭୋଇ(୨୫)ଙ୍କୁ ଘରୁ ଡାକି ନେଇ ଗୁରୁବାର ଅପରାହ୍ନ ୫ଟା ବେଳେ ସେହି ଗ୍ରାମର ମହାବୀର ମନ୍ଦିର ନିକଟ ବସ୍ତିରେ ସିରିଜ ବୋମାମାଡ଼ କରିଛନ୍ତି। ଏଥିରେ ଚନ୍ଦନ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼ ଓ ହାତରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରୁ ଏହି ବୋମାମାଡ଼ ହୋଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ରେବତୀରମଣ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ବୁଧବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୁରୁବାର ଅପରାହ୍ନରେ ଅପରଗୋଷ୍ଠୀର ମୁନା, ସୁଦର୍ଶନ, କାଳିଆ ଓ ରାକୁନା ଭୋଇ ଚନ୍ଦନଙ୍କୁ ଛକକୁ ଡାକିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଯୁବକମାନେ ଚନ୍ଦନଙ୍କୁ ମାରଣାସ୍ତ୍ର ଧରି ଗୋଡାଇଥିଲେ। ସେ ତଳେ ପଡିଯିବା ପରେ ତାଙ୍କ ଉପରକୁ ୩ଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରୁ ଚନ୍ଦନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ, ୧୦।୧ (ଡି.ଏନ.ଏ.) - ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧି ସେବା କେନ୍ଦ୍ର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ବିଶିକେସନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ତହସିଲଦାର ରୁବି ବେହେରା, ଡେପୁଟି କଲେକ୍ଟର ନେପାଳଚନ୍ଦ୍ର ମୁଣ୍ଡା, ଅମ୍ଲାନ ଅପରାଜିତା ମିଶ୍ର, ବାର ଆସୋସିଏଶନର ସଭାପତି ଅଭୟ ବୀର, ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପୁରୁଣା ଖାରଜ ମାମଲା ଅନ୍‌ଲାଇନ ଆବେଦନ ସମୟ ସୀମା ବଢ଼ିଲା

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ଜମିବାଡି ମ୍ୟୁଟେଶନ କରିବା ପାଇଁ ଦୀର୍ଘ ବର୍ଷ ଧରି ମାମଲା ପଡି ରହୁଥିଲା। ଏହାକୁ ସରଳୀକରଣ ଓ ଶୀଘ୍ର ଫଇସଲା କରିବା ପାଇଁ ରାଜ୍ୟ ସରକାର ସିଙ୍ଗଲୱିଣ୍ଡୋ ଅପରେଟର ମାଧ୍ୟମରେ ଅନ୍‌ଲାଇନ ଆବେଦନ ବ୍ୟବସ୍ଥା କରିଛନ୍ତି। ଜନସାଧାରଣଙ୍କ ସୁବିଧା ନିମନ୍ତେ ସିଙ୍ଗଲୱିଣ୍ଡୋ ଅପରେଟର ମାଧ୍ୟମରେ ଅନ୍‌ଲାଇନ ଆବେଦନର ମାର୍ଗଦର୍ଶିକାରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ଏହା ଫଳରେ ପୁରୁଣା ଦାଖଲ ଖାରଜ ମାମଲା ଅନ୍‌ଲାଇନରେ ଆବେଦନ କରିବା ନିମନ୍ତେ ସିଙ୍ଗଲୱିଣ୍ଡୋ ଧାର୍ଯ୍ୟ ସମୟସୀମା ୨୦୧୮ ଡିସେମ୍ବର ୧୯ରୁ ୨୦୧୯ ଜାନୁୟାରୀ ୧୦ ଧାର୍ଯ୍ୟ କରାଯାଇଥିଲା। ସେହିପରି ମ୍ୟୁଟେଶନ ଅପିଲ କେସଗୁଡିକ ସିଙ୍ଗଲୱିଣ୍ଡୋରେ ଅନ୍‌ଲାଇନ ଆବେଦନ କରିବାର ସମୟସୀମା ୨୦୧୮ ଡିସେମ୍ବର ୧୯ରୁ ୨୦୧୯ ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଗୁରୁବାର ଏହାର ସମୟ ସୀମାକୁ ବୃଦ୍ଧି କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସିଙ୍ଗଲୱିଣ୍ଡୋ ଖୋଲା ରହିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଜମିବାଡ଼ି ମ୍ୟୁଟେଶନ**

ସୂଚନାଯୋଗ୍ୟ ଯେ ଦାଖଲ ଖାରଜ ମାମଲାର ଶୀଘ୍ର ଫଇସଲା କରି ପଟ୍ଟା ପ୍ରଦାନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ୨୦୧୮ ନଭେମ୍ବର ପୂର୍ବରୁ ଯେଉଁମାନେ ଜମି କିଣିଥିଲେ ଏବଂ ମ୍ୟୁଟେଶନ ନିମନ୍ତେ ତହସିଲଦାରଙ୍କ ନିକଟରେ ଆବେଦନ କରିପାରି ନ ଥିଲେ ସେମାନଙ୍କ ପାଇଁ ଅନ୍‌ଲାଇନରେ ମ୍ୟୁଟେଶନ ନିମନ୍ତେ ଆବେଦନ ପାଇଁ ସିଙ୍ଗଲୱିଣ୍ଡୋ ଅପରେଟର କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣଙ୍କ ସୁବିଧା ନିମନ୍ତେ ପୁରୁଣା ଦାଖଲ ଖାରଜ ମାମଲା ଆବେଦନ କରିବା ପାଇଁ ସିଙ୍ଗଲୱିଣ୍ଡୋ ଅପରେଟର ଅନ୍ୟାଦେଶ ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ପ୍ରସ୍ତାବକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

## ■ ସାଧାରଣ ବର୍ଗଙ୍କୁ ସଂରକ୍ଷଣ
# ବିଚାରକରି ନିଷ୍ପତ୍ତି ନିଆଯିବ: ରମେଶ ମାଝି

ଭୁବନେଶ୍ୱର,୧୦।୧(ବ୍ୟୁରୋ):

ସାଧାରଣ ବର୍ଗଙ୍କୁ ୧୦% ସଂରକ୍ଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ମଧ ସମସ୍ତଙ୍କ ନଜର ରହିଛି। ସୁପ୍ରିମ୍‌କୋର୍ଟ ସଂରକ୍ଷଣକୁ ୫୦% ମଧ୍ୟରେ ସୀମିତ ରଖିବା ପାଇଁ ରାୟ ଦେଇଛନ୍ତି। ଏହାକୁ ଆଳ କରି ରାଜ୍ୟ ୫୦% ମଧ୍ୟରେ ସଂରକ୍ଷଣକୁ ସୀମିତ ରଖିଛି। ସାଧାରଣ ବର୍ଗର ୧୦% ସଂରକ୍ଷଣକୁ ରାଜ୍ୟ କିପରି ଢଙ୍ଗରେ ଲାଗୁ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଏନେଇ ପ୍ରତିକ୍ରିୟା ରଖି ଏସ୍‌ସି, ଏସ୍‌ଟି, ଓବିସି ବିକାଶ ମନ୍ତ୍ରୀ ରମେଶ ମାଝି କହିଛନ୍ତି ଯେ, ସାଧାରଣ ବର୍ଗକୁ ନେଇ ୧୦% ସଂରକ୍ଷଣ ରୂପରେଖ ନେଇ କୌଣସି ବିଧିବଦ୍ଧ ତଥ୍ୟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇନାହିଁ। ସବୁଦିଗରୁ ବିଚାର କରି ନିଷ୍ପତ୍ତି ନେବୁ। ସାମାଜିକ ନ୍ୟାୟ ସଂଗଠନ ଆବାହକ ଦେବୀ ପ୍ରସାଦ ପୃଷ୍ଟି କହିଛନ୍ତି ଯେ, ମଣ୍ଡଳ କମିଶନ ନିୟମ ଅନୁଯାୟୀ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ତଥା ସାମାଜିକ, ଅର୍ଥନୈତିକ ଭାବେ ପଛୁଆବର୍ଗ(ଏସ୍‌ଇବିସି)ଙ୍କ ପାଇଁ ଓଡ଼ିଶା ବ୍ୟତୀତ ସବୁ ରାଜ୍ୟରେ ୨୭% କାର୍ଯ୍ୟକାରୀ ହେଉଛି। ଚାକିରି କ୍ଷେତ୍ରରେ ଓବିସି ମାତ୍ର ୧୧% ଓ ଶିକ୍ଷା କ୍ଷେତ୍ରରେ କୌଣସି ସଂରକ୍ଷଣ ପାଉନାହାନ୍ତି। ତେଣୁ ରାଜ୍ୟରେ ଲୋକସଂଖ୍ୟା ଭିତ୍ତିରେ ସଂରକ୍ଷଣର ପୁନଃ ନିର୍ଦ୍ଧାରଣ କରାଯାଉ। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ କହିଛନ୍ତି ଯେ, ସମାଜବାଦୀ ପାର୍ଟି(ଏସ୍‌ପି)ର ବରିଷ୍ଠ ନେତା ପ୍ରଫେସର ରାମଗୋପାଳ ଯାଦବ ଓଡ଼ିଆ ନୁହନ୍ତି। ହେଲେ ବୁଧବାର ରାଜ୍ୟ ସଭାରେ ସାଧାରଣ ବର୍ଗଙ୍କୁ ୧୦% ସଂରକ୍ଷଣ ବିତର୍କରେ ରାଜ୍ୟର ଜନଜୀବନର ପ୍ରକୃତ ଚିତ୍ର ଉପସ୍ଥାପିତ କରିପାରିଲେ। ଯାହା ବିଜେଡି ସଦସ୍ୟଙ୍କ ଦ୍ୱାରା ହୋଇ ନ ଥିଲା। ଏଥିପାଇଁ ରାମଗୋପାଳଙ୍କୁ ଧନ୍ୟବାଦ।


**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
R.P. No. 064/2013/CTC
(Arising out of OA No. 116 of 2011)
**NOTICE UNDER SECTION 28(4A) OF THE RECOVERY OF DEBTS DUE TO BANK & FINANCIAL INSTITUTION ACT, 1993**
Next Date: 13.02.2019

**State Bank of India, SAMB,** 4th Floor, OSCARD Bank Building, A/34, Bhubaneswar ...Certificate Holder Bank
Vs.
Trilochan Mohanty & Others ...Certificate Debtors
To,
1. **Trilochan Mohanty,** S/o- Balakrushna Mohanty, At/PO: Rangadhipa, Dist.: Sundargarh.
2. **Binod Meher,** S/o- Ghanashyam Meher, At: Samda, PO: Belpahar, Dist.: Jharsuguda.
3. **Bansidhar Meher,** S/o- Radheshyam Meher, At: Samda, PO: Belpahar, Dist.: Jharsuguda.
4. **Smt. Gulapi Meher,** W/o- Radheshyam Meher, At: Samda, PO: Belpahar, Dist.: Jharsuguda.
5. **Sailesh King Subhneel,** S/o- Sunil Kumar Maharana, At: Beheramal, PO/Dist.: Jharsuguda.

WHEREAS you have failed to pay the decretal dues alongwith interest & cost, which is amounting to **Rs.85,30,017.30** (Rupees Eighty Five Lac Thirty Thousand Seventeen and Paise Thirty only) along with interest @ 9% per annum rests from 09.12.2010 till realization of the entire Dues payable by you in respect of the demand notice issued by the undersigned as per certificate dt.26.06.2013 arising out of OA No. 116 of 2011 issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks & Financial Institutions Act, 1993.

Now under the provision of section 28(4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **13.02.2019.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **14th day of December, 2018.**
Sd/- (R.P. Patnaik)
Recovery Officer



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA Cuttack- 753014
**R.P. No. 167/2017/ CTC**
(Arising out of OA No. 335 of 2015)
Form no. ITCP- I
**NOTICE OF DEMAND TO THE CERTIFICATE DEBTORS**
(See Rule- 48 of the Second Schedule as referred to in section 29 of Recovery of Debts due to Bank & Financial Institutions Act. 1993)

**Utkal Grameen Bank, Sakhipara Evening Branch, At: Sakhipara, Po/Dist: Sambalpur, Pin - 768001**
Certificate Holder Bank
vs
**Shri Prasanna Kumar Behera & Ors** Certificate Debtors
To,
1. Shri Prasanna Kumar Behera, S/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
2. Yasobanti Behera, W/o: Late Hemanta Kumar Behera, At: Qr. No. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
3. Shri Prasanta Kumar Behera,S/o: Late Hemanta Kumar Behera, At: Qr. R5/15, Jagannath Colony, P.O: Budharaja, Dist.: Sambalpur, Pin: 765004
4. Pranati Behera, D/o: Late Hemanta Kumar Behera, At: Qr. No. R5/ 15, Jagannath Colony, P.O: Budharaja, Dist.: Sambalpur, Pin: 765004
5. Shri Bibhas Barai, S/o: Manoranjan Barai, At: Deheripali, P.O: Budharaja, Dist.: Sambalpur, Pin: 765004

Take notice that Certificate arising out of **OA No. 335 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 24,76,651.00 **(Rupees Twenty Four Lac Seventy Six Thousand Six Hundred Fifty One only)** together with interest till realisation of the dues, cost, charges as per the certificate, the details of which are given below:

| | |
|---|---|
| 1. Decretal Dues | : Rs. 24,76,651.00 |
| 2. Cost of the suit as allowed (+) | : Rs. 27,000.00 |
| 3. Interest @ 13.25 % with quarterly rests from 13.05.2018 to 27.03.2018 | : Rs.11,27,417.00 |
| **TOTAL** | **: Rs. 36,31,068.00** |

**(Rupees Thirty Six Lac Thirty One Thousand Sixty Eight only)** with interest @ 13. 25% p.a. with quarterly rests from 28.03.2018 till realization of the entire dues.
2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act. 1993.
3. In Addition to the aforesaid amount, you will also be liable for all future interest, costs, charges and expenses in-curred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.01.2019** and report the details of payment made by you.

Give under my hand & seal at Cuttack on this 28th day of November, 2018
**Sd./- S. R. Parida**
**Recovery Officer**



No.75-i
District Mineral Foundation, Angul
Development and Welfare of Mining Affected Areas & People
NOW HIRING DOCTORS (Attractive Packages)
We Are Looking for Professional Individuals to Join Our Team

| | | | |
|---|---|---|---|
| O & G Specialist | : 1 No. | Anesthesia Specialist | : 4 Nos. |
| Pediatrics Specialist | : 4 Nos. | ENT Specialist | : 1 No. |
| Medicine Specialist | : 2 Nos. | MO (MBBS) | : 15 Nos. |
| Surgery Specialist | : 2 Nos. | Dental Surgeon | : 3 Nos. |

Send Application To
DMF Cell, DRDA Angul, Pin: 759122, Odisha
Or dmfangul@gmail.com
Last Date 31.01.2019
For More Details Please visit www.angul.nic.in
24012/11/0026/1819
-Sd-
Collector & Chairperson – Cum-Managing Trustee, DMF, Angul



**COURT OF THE RECOVERY OFFICER**
**DEBTS RECOVERY TRIBUNAL, CUTTACK**
Plot No. C-71, Sector-7, CDA, Cuttack-753014
R.P. No. 45/2012/CTC
(Arising out of OA No. 354 of 2009)
**NOTICE FOR SETTLING A SALE PROCLAMATION**
(See Rule 53 of the Second Schedule as referred to in Section 29 of Recovery of Debts due to Banks & Financial Institutions Act, 1993)

**State Bank of India, SARC,** Madhupatna, Cuttack-753010, PS: Madhupatna, Town/Dist.: Cuttack ...Certificate Holder Bank
Vs.
**Sri Subhranshu Kumar Jena & Ors.** ...Certificate Debtors
To,
1. **Sri Subhranshu Kumar Jena,** S/o- Sudhansu Sekhar Jena, At: Kalyani Nagar, PS: Madhupatna, Town/Dist.: Cuttack, And also at E-103, Ashraya Apartment, Professorpara, PO: Cuttack-753012, PS: Malgodown, Town/Dist.: Cuttack.

WHEREAS in execution of Recovery Certificate No. **OA No. 354 of 2009,** dt.08.03.2012 issued by the Hon'ble Presiding Officer, Debts Recovery Tribunal, Cuttack u/s 19(22) of the Recovery of Debts due to Banks and Financial Institutions Act, 1993, the undersigned has ordered the sale of the under mentioned immovable properties.

**Schedule of Property:**
Property consisting of flat situated at Ashraya Apartment, Flat No. E/103, 4th Floor, Khata No.: 918, Plot No.: 2093, Area: 1021 sqft. (SBA), Unit-23, Professor Para, P.S: Madhupatna, Cuttack Town-753012, standing in the name of Shri Subhranshu Kumar Jena.

You are hereby informed that the (date) **04.02.2019** has been fixed for drawing up the proclamation of sale and settling the term thereof. You are hereby informed to bring to the notice of the undersigned any encumbrances, charges, claims of liabilities of the said properties or any portion thereof.

Given under my hand & seal at Cuttack on this **28th day of December, 2018.**
Sd/- (S. R. Parida)
Recovery Officer


ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


**RAVENSHAW UNIVERSITY**
**CUTTACK- 753003, ODISHA**
**WALK- IN -INTERVIEW**
Applications are invited for walk-in-interview for engagement of Guest faculty / Visiting faculty in **Physics, Botany, Geology, Education, Integrated B.Ed., Applied Geography, Economics, Odia, English, Hindi and Sanskrit** of Ravenshaw University. For details please visit 'www.ravenshawuniversity.ac.in'.
*No.* 52 */ Dt.* 7.1.2019
Registrar



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର



## ସଂକ୍ଷେପରେ

### ଟ୍ରେଲର୍ ଚକାବାଜି ମହିଳା ବନରକ୍ଷୀ ଆହତ

**ଲହୁଣୀପଡା, ୧୦।୧ (ଡି.ଏନ.ଏ):** ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଦର୍ଜିଂ ନିକଟସ୍ଥ ସାଲେଇପାଲିଠାରେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ଟ୍ରଲର୍ ଚକାବାଜି ଜଣେ ମହିଳା ବନରକ୍ଷୀ ଗୁରୁତର ଆହତ ହୋଇଛନ୍ତି। ବାଙ୍କି ରେଞ୍ଜ ବିରତୋଲା ବିଟରେ ବନରକ୍ଷୀ ଭାବେ କାମ କରୁଥିବା ହେମବତୀ ସାହୁ କାମ ସାରି ରାଜାମୁଣ୍ଡାକୁ ସ୍କୁଟି ଯୋଗେ ଫେରୁଥିଲେ। ବିପରୀତ ଦିଗରୁ ଏକ ଟ୍ରେଲର୍ ଗାଡି ଯାଉଥିଲା । ସାଲେଇପାଲି ଛକ ନିକଟରେ ଟ୍ରେଲର୍‌ର ଚକା ଖୋଲିଯାଇ ହେମବତୀଙ୍କ ସ୍କୁଟିରେ ବାଡେଇ ହୋଇଥିଲା। ଫଳରେ ସ୍କୁଟି ଭାଙ୍ଗି ଯିବା ସହିତ ହେମବତୀ ପଡିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ନିଆଯାଇଛି। ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଇବ୍ ନଗରରେ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼, ୧୦।୧ (ଡି.ଏନ୍.ଏ):** ସ୍ଥାନୀୟ ଇବ୍‌ନଗର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୩ ଓ ୧୪ ତାରିଖ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ବୈଠକ ଗୁରୁବାର ବାଲ୍ମିକୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୩ ଅପରାହ୍ନ ୩ରୁ କଳସ ଶୋଭାଯାତ୍ରା ଓ ସନ୍ଧ୍ୟାରେ ଦୀପଯଜ୍ଞ, ୧୪ତାରିଖ ସକାଳ ୮ରୁ ୨ଟା ପର୍ଯ୍ୟନ୍ତ ଯଜ୍ଞ ପୂର୍ଣ୍ଣାହୃତି, ପ୍ରସାଦସେବନ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଇବ୍ ନଗର ଗାୟତ୍ରୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

### ଜିଲା ଭାଜପା ଉପସଭାପତିଙ୍କ ଇସ୍ତଫା

**ସୁନ୍ଦରଗଡ଼, ୧୦।୧ (ଡି.ଏନ୍.ଏ):** ଜଣାଶୁଣା ଆଇନଜୀବୀ, ଜିଲା ଭାଜପାର ବରିଷ୍ଠ ନେତା ତଥା ଜିଲା ଉପସଭାପତି ଶ୍ୟାମସୁନ୍ଦର ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଦଳରେ ବିଭିନ୍ନ ପଦପଦବୀରେ ରହିଆସିଥିବା ମିଶ୍ର ବର୍ତ୍ତମାନ ଦଳରେ ବ୍ୟବସାୟିକ ଢାଞ୍ଚାରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଚାଲୁଥିବା ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ସଭ୍ୟମାନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଦଳରେ ଚାଲିଥିବା ଗୋଷ୍ଠୀ ବିବାଦ ରାଜନୀତି ଓ ଜିଲାର ଆଖିଦୃଶିଆ ବିକାଶମୂଳକ କାର୍ଯ୍ୟ ନ ହେବା ସାଧାରଣରେ ଆଲୋଚନା ହେଉଛି। ଏହି ମର୍ମରେ ମିଶ୍ର ତାଙ୍କ ଇସ୍ତଫାପତ୍ର ଜିଲା ସଭାପତିଙ୍କୁ ପ୍ରଦାନ କରି ଏହାର ଏକ କିତା ଲେଖାଏଁ ନକଲ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ସମ୍ପାଦକଙ୍କ ନିକଟକୁ ପଠାଇଛନ୍ତି।

### କୁଆଁରମୁଣ୍ଡା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ

**କୁଆଁରମୁଣ୍ଡା,୧୦।୧(ଡି.ଏନ.ଏ.):** କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ପର୍ଯ୍ୟବେକ୍ଷକ ଭାବେ ଧନଞ୍ଜୟ ମହାନନ୍ଦିଆ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିବାସୀ ଯୁବ ସଙ୍ଗଠକ ଧନଞ୍ଜୟଙ୍କୁ ନୂତନଭାବେ ଏହି ଦାୟିତ୍ୱ ମିଳିଛି। ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁରଙ୍କ ସହ ଅନ୍ୟମାନେ ସୁପ୍ରିମୋଙ୍କ ନିଷ୍ପତ୍ତିକୁ ସାଧୁବାଦ ଜଣାଉଛନ୍ତି। ସୂଚନାଥାଉକି, କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ପର୍ଯ୍ୟବେକ୍ଷକଭାବେ ଯାଜପୁର ଜିଲାର ପ୍ରଭାତ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା।

---

ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସରକାରୀ ନିୟମକୁ ବେଖାତିର

# ସୂଚନା ଫଳକ ନ ଥାଇ ଚାଲିଛି କାମ

**ହେମଗିର, ୧୦।୧ (ଡି.ଏନ.ଏ)**

ସରକାର ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସୂଚନାଫଳକ ତିଆରି କରି ଲଗାଇବା ବାଧ୍ୟତାମୂଳକ କରିଛନ୍ତି। ଯାହାଦ୍ୱାରା ସମ୍ପୃକ୍ତ ଉନ୍ନୟନ କାର୍ଯ୍ୟରେ ପ୍ରତ୍ୟେକ ସରକାରୀ ଅର୍ଥର ଖର୍ଚ୍ଚ ସର୍ବସାଧାରଣ ଜାଣି ପାରିବେ। ତାହା ସହ ଅନ୍ୟ ତଥ୍ୟ ମଧ୍ୟ ଜାଣିପାରିବେ। କିନ୍ତୁ କେତେଜଣ ଅସାଧୁ ସରକାରୀ ଅଧିକାରୀ ସରକାରଙ୍କ ଏହି ନିୟମକୁ ବେଖାତିର କରି ସୂଚନାଫଳକ ଲଗାଉନାହାନ୍ତି। ସୂଚନାଫଳକ ଲଗା ନ ଯିବା ସମ୍ପର୍କରେ ପଚାରିଲେ ସମ୍ପୃକ୍ତ ସରକାରୀ ଅଧିକାରୀମାନେ ଧମକ ମଧ୍ୟ ଦେଉଛନ୍ତି। ଏପରି ଘଟଣା ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଦେଖିବାକୁ ମିଳିଛି। ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଜଳଯୋଗାଣ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଥି ମଧ୍ୟରୁ କଅଁରକେଲାଠାରେ କାର୍ଯ୍ୟ ସରିଥିବା ବେଳେ ଟାଙ୍ଗରଡିହି, ସୁମରାଠାରେ କାର୍ଯ୍ୟ ଚାଲୁରହିଛି। ଏ ଗୁଡିକ ସରକାରଙ୍କ ବସୁଧା ଯୋଜନାରେ କରାଯାଇଛି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ପ୍ରାୟ ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ କାର୍ଯ୍ୟଗୁଡିକ ଉତ୍କୃଷ୍ଟ ମାନର ହୋଇ ନ ଥିବା ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପ୍ରକଳ୍ପ ନିକଟରେ ସୂଚନାଫଳକ ମଧ୍ୟ ଲଗାଯାଇନାହିଁ। ଯାହାକି ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାରଙ୍କ ସହ ସଲାସୁତୁରା କରି କାର୍ଯ୍ୟ କରୁଛନ୍ତି ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି। ଏନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ହେମଗିର ବ୍ଲକ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଧମକପୂର୍ଣ୍ଣ ସ୍ୱରରେ କହୁଛନ୍ତି, ସୂଚନାଫଳକ ଲେଖିନାହୁଁ। ଯାହା ପାରୁଛନ୍ତି ଲେଖି ଦିଅନ୍ତୁ। ଆମର କୌଣସି ଅସୁବିଧା ହେବ ନାହିଁ ବୋଲି ବିଭାଗୀୟ ଯନ୍ତ୍ରୀ ପି.ସି ଟୁଡୁ କହିଥିଲେ। ଏନେଇ ସମ୍ପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ସୂଚନାଫଳକ ନ ଦେବା ଭୁଲ ବୋଲି କହିଛନ୍ତି। ଏହାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।



ହେମଗିର ବ୍ଲକରେ ବିନାଫଳକରେ ଚାଲିଛି ଉନ୍ନୟନ କାର୍ଯ୍ୟ।

**ହେମଗିର ବ୍ଲକ**

- ହେଉଛି କୋଟି କୋଟି ଟଙ୍କାର ପ୍ରକଳ୍ପ କାମ
- ବ୍ୟୟ ଅଟକଳ ତଥ୍ୟ ଲୋକେ ଜାଣିପାରୁନାହାନ୍ତି
- ନିର୍ବାହୀ ଯନ୍ତ୍ରୀ କହିଲେ ଫଳକ ନ ଦେବା ଭୁଲ୍

# ଡ୍ରେନ୍‌ର ଆବର୍ଜନା ପାଣିରେ ଭାସୁଛି କୁଆଁରମୁଣ୍ଡା ଚେକଗେଟ୍ ରାସ୍ତା

**କୁଆଁରମୁଣ୍ଡା, ୧୦।୧ (ଡି.ଏନ.ଏ.)**

ସ୍ୱଚ୍ଛ ଭାରତ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଏହି ଯୋଜନା କେତେଦୂର କାର୍ଯ୍ୟରେ ପରିଣତ ହେଉଛି, ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସୁନ୍ଦରଗଡ଼ ଜିଲା ଆଦିବାସୀବହୁଳ କୁଆଁରମୁଣ୍ଡା ବ୍ଲକର ପ୍ରବେଶ ପଥ କୁହାଯାଉଥିବା ଚେକ୍‌ଗେଟ ରାସ୍ତା। ଦୀର୍ଘ ୧୮ ଦିନରୁ ଊର୍ଦ୍ଧ୍ୱ ହେଲା ରାସ୍ତା ପାର୍ଶ୍ୱସ୍ଥ ଡ୍ରେନ ଫାଟି ମଇଳା ପାଣି ରାସ୍ତାରେ ଜମା ହେଉଛି। ଫଳରେ ପଚା ଓ ଆବର୍ଜନାରେ ଛକ ରାସ୍ତା ଭାସୁଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରୁଛି। ଏପରିକି ଏହି ରାସ୍ତା ଦେଇ ଲୋକମାନେ ଯିବାକୁ ଆଦୌ ପସନ୍ତ କରୁନାହାନ୍ତି। ଅନ୍ୟ ପକ୍ଷରେ ବାଇକ୍ ଆରୋହୀମାନେ ମଧ୍ୟ ଏହି ଆବର୍ଜନାପୂର୍ଣ୍ଣ ରାସ୍ତାରେ ଗଲାବେଳେ ସମୟେ ସମୟେ ପାଣି ଛିଟିକି ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି। ଏହା ସହ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ସମାରୋହ ପାଳନ ହେଉଥିବାରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏଠାକୁ ଆସିବାର ବନ୍ଦୋବସ୍ତ ହୋଇଛି। ଏହି ପରିସ୍ଥିତିରେ କୁଆଁରମୁଣ୍ଡା ବ୍ଲକର ପ୍ରବେଶ ପଥ ଡ୍ରେନର ପଚା ପାଣିରେ ଭାସିବା ନିଶ୍ଚିତଭାବେ ଦୁଃଖ ଓ ପରିତାପର ବିଷୟ।



ରାସ୍ତା ଉପରେ ମଇଳା ପାଣି।

# ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବେଦବ୍ୟାସ, ୧୦।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା (ଖ) ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ୬ଟାରେ ରାଜ୍ୟ ସରକାରଙ୍କର ଆର୍ଥିକ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଁ ହିରୋ ମୁଁ ଓଡ଼ିଶା କଲୁଙ୍ଗା କରତକଳ ପରିସର ମଧ୍ୟରେ ପାଳିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଯୁବ ଆଇନଜୀବୀ ଉପେନ୍ଦ୍ର ବଘାର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବିଜୁ ଯୁବ ବାହିନୀ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଁ ହିରୋ ମୁଁ ଓଡିଶା ନିଶ୍ଚିତ ଭାବେ ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବ ବୋଲି କହିଥିଲେ। କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳ (ବିଜେଡି)ର ସଭାପତି ଯୁବ ନେତା ଶୁକଦେବ ନନହାରଙ୍କ ନେତୃତ୍ୱରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଁ ହିରୋ ମୁଁ ଓଡିଶା ଅବସରରେ ଲାଠିକଟା ବ୍ଲକ ବିଜେଡି ସଭାପତି ମହମ୍ମଦ ଛୋଟାବାବୁ, ବିଜୁ ଯୁବ ବାହିନୀର ସଭାପତି ବିଜୟ କିଷାନ, ସମ୍ପାଦକ ଲିବନ ଡୁଙ୍ଗଡୁଙ୍ଗ, ଯୁବନେତା ଫଗୁ କିଷାନ, ସୁରେଶ ପ୍ରସାଦ, ରଞ୍ଜନ କୁମାର ବେହେରା, କିଶୋର ଖେସ, ସୁଧିର ଭଇଁଷା, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ଫୁଲକି କିଷାନ, ଅଜିତ ଡୁଙ୍ଗଡୁଙ୍ଗ, ନିରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟସହ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଓ ଯୁବକମାନଙ୍କୁ ମୁଖ୍ୟଅତିଥି ମାନପତ୍ର ସହ ପୁରସ୍କୃତ କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକ, ଛାତ୍ରୀଛାତ୍ର, ପ୍ରତିଭାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନମୋହି ଦେଇଥିଲା। ବିଶେଷ ଶୀତ ସତ୍ତ୍ୱେ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରିଥିଲେ। ଶେଷରେ ଯୁବ ନେତା ତଥା କଲୁଙ୍ଗା(ଖ) ପଞ୍ଚାୟତର ବିଜେଡି ସଭାପତି ଶୁକଦେବ ନନହାର ଧନ୍ୟବାଦ ଅର୍ପଣ କରିଥିଲେ।



ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମର ଏକ ବିଶେଷ ମୂହୂର୍ତ୍ତ।

# ସଦର ବ୍ଲକରେ କଂଗ୍ରେସ କର୍ମୀ ସମ୍ମିଳନୀ

**ସୁନ୍ଦରଗଡ଼, ୧୦।୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ବ୍ଲକ କଂଗ୍ରେସ କମିଟିର ଏକ କର୍ମୀ ସମ୍ମିଳନୀ ବାରଗାଡ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ତାରାଚାନ୍ଦ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀର ପ୍ରାରମ୍ଭରେ ଦିବଂଗତ କର୍ମୀମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମିଳନୀରେ ଦୀନବନ୍ଧୁ ନାଏକ, ଭଜମନ ପଶାୟତ, ଅନିରୁଦ୍ଧ ଠେମରିଆ, ବିଜୟ ଚୌଧୁରୀ ପ୍ରମୁଖ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ କଂଗ୍ରେସ ଦଳକୁ କିଭଳି ଅଧିକ କ୍ରିୟାଶୀଳ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। କର୍ମୀମାନଙ୍କୁ ଏକଜୁଟ ହୋଇ କାମ କରିବାକୁ କହିଥିଲେ। ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବିନୀତା ନାଏକ, ସମ୍ପାଦିକା ଅନୀତା ବିଶ୍ୱାଳ ଯୋଗଦେଇ ଆଗାମୀ ଦିନରେ ମହିଳା କଂଗ୍ରେସକୁ ସୁଦୃଢ କରି ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ମହିଳା କର୍ମୀଙ୍କୁ ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟିର ଉପସଭାପତି ଅଜିତ ପ୍ରସାଦ, ନଗର କଂଗ୍ରେସ କମିଟି ସଭାପତି ନରେନ୍ଦ୍ର ସିଂ, ବାରଗାଡ ସରପଞ୍ଚ କପିଳେଶ୍ୱର ଢାମେଲ, ନବୀନ ତାଉଡିଆ, ସୁବେଶ ପଟେଲ, ଦିଲ୍ଲୀପ ପଟେଲ, ଦିଲ୍ଲୀପ ବିଜୟ ଦାଶ, ନରେନ୍ଦ୍ର ଶେଖର ଦେଓ, ଯୁବ କଂଗ୍ରେସ ସଭାପତି ମଣ୍ଟି ରକ୍ସା, ମିଡିଆ ସେଲର ଅଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରୀ ବିଭାଗର ଚଢ଼ାଉ: ୩ ଗିରଫ

**ଲହୁଣୀପଡା, ୧୦।୧ (ଡି.ଏନ.ଏ)**

ଲହୁଣୀପଡା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ ଓ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଲହୁଣୀପଡା ଅବକାରୀ ସବ୍‌ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡି ଓ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁସୁମଟୋଲାର ବୁଧୁଆ ଲାକ୍ରା, ଲୁସା ସୁରିନ, ବୁଧୁ ବରୁଆଙ୍କ ଘରେ ଚଢ଼ାଉ କରି ପ୍ରାୟ ୨୫୦ କେଜି ମହୁଲପୋଚ ଓ ୩୫ ଲିଟର ମହୁଲ ମଦ ଓ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଉକ୍ତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।



ଅବକାରୀ ବିଭାଗର କର୍ମଚାରୀଙ୍କ ସହିତ ଗିରଫ ବ୍ୟକ୍ତି ଓ ଜବତ ସାମଗ୍ରୀ।

ରାଜ୍ୟସ୍ତରୀୟ ଆର୍‌ଏସ୍‌ଏକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ଜୟ ଜଗନ୍ନାଥ କ୍ଲବ

**ସୁନ୍ଦରଗଡ,୧୦।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଫୁଟବଲ ରେଫରୀ ମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟସ ଆସୋସିଏଶନ୍ ଓ କିଞ୍ଜିର୍ମା ଏସଡିବିଏଲ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚତୁର୍ଥ ଆର୍‌ଏସ୍‌ଏ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଆୟୋଜିତ ଖେଳକୁ ପ୍ରଫେସର ଡ. ଗୌରୀଶଙ୍କର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କିଞ୍ଜିର୍ମା ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ଚୌଧୁରୀ, ଯୋଗୀମାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ, ସଦର ବ୍ଲକ ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା ଯୋଗଦେଇଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଜୟ ଜଗନ୍ନାଥ କ୍ଲବ ଫୁଲଧୂଡି ଓ ଏସଡିବିଏଲ କ୍ଲବ କିଞ୍ଜିର୍ମା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ୧-୧ ଗୋଲଦେଇ ସମାନ ସ୍ଥିତିରେ ରହିବାରୁ ପେନାଲିଟୀ ମାଧ୍ୟମରେ ଜୟଜଗନ୍ନାଥ କ୍ଲବ ଫୁଲଧୂଡି ଦଳ ୩-୧ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ଫୁଲଧୂଡି ଦଳର ଗୋଲକିପର ରୋଶନ ମାଝିଙ୍କୁ ମ୍ୟାନ ଅପ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରୀ କୁମରମଣି ଛତ୍ରିଆ, ଅଶୋକ ପାଣ୍ଡବ, ଲକ୍ଷ୍ମଣ ସେଠ, କ୍ଷେତ୍ରମଣି ଦେହୁରୀ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବତନ ଖେଳାଳି ହରିହର ନାଏକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ କମିଟିର ଆବାହକ ଅଶ୍ୱିନୀ କୁମାର ନାଏକ, ସମ୍ପାଦକ ସୁଶୀଲ ପଟେଲ, କାର୍ତ୍ତିକ ସୁନ୍ୟାନୀ, ସୁଶାନ୍ତ ଶେଖର ଷଣ୍ଢ, ହେମନ୍ତ ଦାଶ, ଆଦିତ୍ୟ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ଶୁକ୍ରବାର ଗତବର୍ଷର ଚାମ୍ପିୟନ ବରଗଡର ୟୁନାଇଟେଡ ସ୍ପୋର୍ଟସ କ୍ଲବ ଓ ଜୟଜଗନ୍ନାଥ କ୍ଲବ ଫୁଲଧୂଡି ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଏକଲ ବିଦ୍ୟାଳୟର ସାପ୍ତାହିକ କ୍ରୀଡ଼ା ପ୍ରତିଯୋଗିତା

**ବଡ଼ଗାଁ, ୧୦।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ଛାମୁଣ୍ଡା ଗ୍ରାମରେ ଗୁରୁବାର ମହପଡା, ରାଏଡିହି, ଛାମୁଣ୍ଡା ଓ ବିର୍ସୁ ଗ୍ରାମର ଏକଲ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାପ୍ତାହିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ପୂର୍ବତନ ଅଧକ୍ଷ ପରମାନନ୍ଦ ବାଗ ମୁଖ୍ୟଅତିଥି ଓ ଗତିବିଧି ସମିତି କର୍ମକର୍ତ୍ତା ପ୍ରେମାନନ୍ଦ ଛତ୍ରିଆ, ସଂସ୍କାର ସମିତି ସଭ୍ୟ ବାବୁରାମ ନାଏକ, ଅବସରପ୍ରାପ୍ତ ଶିକ୍ଷକ ବିମ୍ବାଧର ନାଏକ, ଗ୍ରାମ ସମିତି ସଭ୍ୟ ସୁରେଶ ବେହେରା, ଶିକ୍ଷା ପ୍ରମୁଖ ପଙ୍କଜିନୀ ଲାକ୍ରା, ଗତିବିଧି ପ୍ରମୁଖ ଜେମା ମାଝି, ଆଚାର୍ଯ୍ୟ ବିନତି ମାଝି ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ବାଗ ଛାତ୍ରୀଛାତ୍ରମାନେ ଦୈନନ୍ଦିନ ଖେଳ ଅଭ୍ୟାସ କରିବାକୁ ପରାମର୍ଶ ଦେବା ସହ ଆମେ କାହିଁକି ଖେଳିବା ସେ ନେଇ ବୁଝାଇଥିଲେ। ଏହା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଆୟୋଜିତ ୧୦୦ ମିଟର ଦୌଡରେ ଲିପିକା କିଷାନ (ବାଳିକା) ଓ ତେଜରାଜ କିଷାନ (ବାଳକ), ମ୍ୟୁଜିକ ଚେୟାରରେ ନମିତା ବାଗ, ଗଗନ ରଉଡିଆ, ବେଙ୍ଗଡିଆଁରେ ତ୍ରିବେଣୀ ମାଝି ଓ ବଣ୍ଟି ବାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁଟିରେ ବର୍ଷା ମାଝି, ଗୁଡଲି କିଷାନ, ପଙ୍କଜିନୀ କିଷାନ, ଅଙ୍କ କଷାରେ ଜ୍ୟୋତିର୍ମୟୀ ଜୟପୁରିଆ, ମମତା କିଷାନ, ଅଞ୍ଜଳୀ ନାଏକ ଓ ବାଳକ ବିଭାଗରେ କିଶୋର ମହାନନ୍ଦିଆ, ଗଗନ ଓ ବଣ୍ଟି ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଗତିବିଧି ପ୍ରମୁଖ ତଥା ପୂର୍ବତନ ସମିତି ସଭ୍ୟା ଜେମା ମାଝି ମଞ୍ଚ ପରିଚାଳନା କରିଥିଲେ। ପଙ୍କଜିନୀ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।



ମୁଖ୍ୟଅତିଥି ପରମାନନ୍ଦ ବାଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଜାତୀୟ ଗ୍ରାମୀଣ ସ୍କାଉଟ୍ ଗାଇଡ୍ ରେଞ୍ଜର, ରୋଭର ମହୋତ୍ସବର ଦ୍ୱିତୀୟ ଦିବସ

# ସ୍କାଉଟ୍ ସାମାଜିକ ସେବାର ପ୍ରତୀକ, ମାଧ୍ୟମ

**୨୩ ରାଜ୍ୟର ୩ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ ଗାଇଡ୍ ରେଞ୍ଜର ରୋଭରଙ୍କ ଯୋଗଦାନ**

**ବଡ଼ଗାଁ, ୧୦।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଗ୍ରାମୀଣ ସ୍କାଉଟ୍, ଗାଇଡ୍ ରେଞ୍ଜର ରୋଭର ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଅତିଥି ଭାବେ ଯୋଗଦେଇଥିଲେ। ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ସ୍କାଉଟ୍ ଗାଇଡ୍ ରାଜ୍ୟ ସଭାପତି କାଳୀପ୍ରସାଦ ମିଶ୍ର, ଜିଲା ସଭାପତି ନାରାୟଣ ପତି, ଦିଲ୍ଲୀ ସ୍କାଉଟ୍ ଗାଇଡର ସଂଯୋଜକ ଅମର ବାହାଦୁର କ୍ଷେତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଓରାମ ସ୍କାଉଟ୍ ସାମାଜିକ ସେବାର ପ୍ରତୀକ ଓ ମାଧ୍ୟମ ବୋଲି କହିଥିଲେ। ଏହା ସହ ଅନୁଷ୍ଠାନର ଉଲ୍ଲେଖନୀୟ କାର୍ଯ୍ୟ ବଡଗାଁ ମାଟିକୁ ଗୌରବାନ୍ୱିତ କରିଥିବା କହିଥିଲେ। ମହୋତ୍ସବରେ ଦେଶର ୨୩ଟି ରାଜ୍ୟର ୩ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ ଗାଇଡ୍ ରେଞ୍ଜର ରୋଭର ଯୋଗଦେଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ, ପରିବେଷଣ କରାଯାଉଛି। ପଞ୍ଚ ଦିବସୀୟ ଏହି ମହୋତ୍ସବରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣଙ୍କ ଯୋଗଦାନ ବଢୁଥିବା ଦେଖାଯାଉଛି।




କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଅନ୍ୟମାନେ ଉପସ୍ଥିତ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ
ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଲିଟିଲ ଷ୍ଟାର ସ୍କୁଲରେ ବିଜ୍ଞାନ ମେଳା

ଝାରସୁଗୁଡ଼ା ଅଫିସ,୧୦।୧- ଝାରସୁଗୁଡ଼ା ସରବାହାଲସ୍ଥିତ ଲିଟିଲ ଷ୍ଟାର୍ ପବ୍ଲିକ୍ ସ୍କୁଲର ନୂତନ ଗୃହ ଉଦ୍‌ଘାଟନ ଅନୁଷ୍ଠିତ ହୋଇଛି। ଗୁରୁବାର ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଏହି ସ୍କୁଲ କୋଠା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ବିଜ୍ଞାନ ମେଳାକୁ ଅତିଥିମାନେ ବୁଲି ଦେଖିଥିଲେ। ଅନ୍ୟତମ ଅତିଥି ପ୍ରଫେସର ଟହଲୁ ସାହୁ, ଲେଖିକା ପ୍ରଣତି ପଟ୍ଟନାୟକ, ସ୍କୁଲ ଅଧକ୍ଷା ସବିନା ଖାଁ, ନିର୍ଦ୍ଦେଶକ ଗୁରୁଫାନ ଖାଁ ଉପସ୍ଥିତ ଥିଲେ। ନୂତନ ଗୃହ ପାଇଁ ଜମି ଦାନ କରିଥିବା ଖୁଣ୍ଟାର ହେମନ୍ତ ପାଣ୍ଡେ, ଉମାକାନ୍ତ ନାଥଙ୍କୁ ଜିଲାପାଳ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ, ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ଶିକ୍ଷୟିତ୍ରୀ ଅପରାଜିତା ଦାସ ଓ ପୁତୁଲରାଣୀ ଘୋଷଙ୍କ ସମେତ ତୃପ୍ତି ରାୟ, ସ୍ୱାଗତିକା ପ୍ରଧାନ, ଏସ୍.କେ. ଇଶାକ, ଏମ୍.ଡି ଜମାଲ, ମଲ୍ଲିକ ଇନାମ୍ ପ୍ରମୁଖ ପରିଚାଳନା କରିଥିଲେ।

### ବ୍ରଜରାଜନଗର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବ୍ରଜରାଜନଗର,୧୦।୧(ଡି.ଏନ୍.ଏ.)-** ବ୍ରଜରାଜନଗର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ସଚ୍ଚିଦାନନ୍ଦ ବକ୍ସି ମୁଖ୍ୟଅତିଥି, ପ୍ରଫେସର ବିଶ୍ୱଜିତ ଖମାରୀ, ଆର୍.ଏନ୍. ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଥ୍‌ଲେଟିକ୍ ଆୟୋଜକ କମିଟିର ପ୍ରଫେସର ସୁପ୍ରକାଶ ଚୌଧୁରୀ ଖେଳ ପରିଚାଳନା କରିଥିଲେ। ଶକ୍ତିପୀଠ ମା' ରାମଚଣ୍ଡୀଙ୍କଠାରୁ ଏକ ମଶାଲ ଶୋଭାଯାତ୍ରା ଗୋଲଛକ, ଇଏସ୍ଆଇ ଛକ ଦେଇ ଖେଳପଡ଼ିଆରେ ପହଞ୍ଚିଥିଲା। ପରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଚଳିତବର୍ଷ ୬ଶହ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି। ଅଧାପକ ବିକାଶ ରଞ୍ଜନ ପଟେଲ, ଋତୁପର୍ଣ୍ଣା ମହାନ୍ତି, ବିକାଶ ନାଏକ, ପୁଷ୍ପା ସାହୁ, ମୋନାଲିସା ଦାଶ, ଆଶିଷ ଅଗସ୍ତି ପ୍ରମୁଖ ସହାୟତା କରିଥିଲେ।

#### କାଳିଆ ଯୋଜନା: ଯୋଡ଼ି ହେବାକୁ ୬୩ ହଜାର ଆଶାୟୀ

# ଭାଗଚାଷୀ ଚିହ୍ନଟ ହେବେ କେମିତି

**ଝାରସୁଗୁଡ଼ା ଅଫିସ, ୧୦।୧**

ସଦ୍ୟସମାପ୍ତ ନିର୍ବାଚନରେ କଂଗ୍ରେସ ୩ ରାଜ୍ୟରେ ସରକାର ଗଠନ କରିବା ପରେ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ କୃଷିଋଣ ଛାଡ଼ ଘୋଷଣା କରିଛି। ଏହାପରେ ରାଜ୍ୟ କଂଗ୍ରେସ ମଧ୍ୟ କୃଷିଋଣ ଛାଡ଼ କରିବାକୁ ରାଜ୍ୟ ସାରା ବୁଲି ବୁଲି କହୁଛି। ହେଲେ ଠିକ୍ ସମୟରେ ରାଜ୍ୟ ସରକାର କୃଷକଙ୍କ ସ୍ୱାର୍ଥରେ ଘୋଷଣା କରିଛନ୍ତି 'କାଳିଆ' ଯୋଜନା। ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଚାଷୀ, କୃଷି ଶ୍ରମିକ, ଭାଗଚାଷୀ ତଥା ଅସମର୍ଥ କୃଷି ପରିବାର ବିଭିନ୍ନ ସୁବିଧା ଓ ସହାୟତା ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ବହୁ ଉଚ୍ଚସ୍ତରୀୟ ବୈଠକ ହୋଇଥିଲେ ମଧ ଭାଗଚାଷୀ ଚିହ୍ନଟ ନେଇ କୌଣସି ବିଧିବଦ୍ଧ ପ୍ରକ୍ରିୟା ସ୍ଥିରୀକୃତ ହୋଇପାରି ନାହିଁ। ତେଣୁ ଏହି ଯୋଜନାରେ ଭାଗଚାଷୀ କିପରି ଉପକୃତ ହେବେ ତାହା ଏବେ ବଡ଼ ପ୍ରଶ୍ନ। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା ଜିଲାର ୨୨,୩୮୨ ଚାଷୀଙ୍କ ନାମ ସମ୍ଭାବ୍ୟ ତାଲିକାରେ ସ୍ଥାନ ପାଇଛି। ଗୁରୁବାର ସୁଦ୍ଧା ନୂତନ ଭାବେ ଏହି ଯୋଜନାରେ ଯୋଡ଼ି ହେବାକୁ ୬୩,୮୯୦ ଜଣ ଆବେଦନ କରିସାରିଲେଣି। ଆବେଦନ ପାଇଁ ଆହୁରି ୫ ଦିନ ରହିଥିବାରୁ ଆଶାୟୀଙ୍କ ତାଲିକା ଲକ୍ଷେ ଛୁଇଁବ ବୋଲି ଅନୁମାନ କରାଯାଉଛି। ଏପରି ସ୍ଥଳେ ସ୍ୱଳ୍ପ ସମୟରେ ଏତେ ସଂଖ୍ୟକ ଆବେଦନକାରୀଙ୍କୁ ଚିହ୍ନଟ କରି ତାଲିକାଭୁକ୍ତ କରିବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି।

୨୦୦୫ ଚାଷୀ ଗଣନା ଅନୁସାରେ ଝାରସୁଗୁଡ଼ା ଜିଲାରେ ୮୭,୬୮୩ ହେକ୍ଟର ଜମି ରହିଛି। ଯେଉଁଥିରୁ ୪୭,୬୫୦ ହେକ୍ଟର ଜମିରେ ଧାନ ଚାଷ କରାଯାଉଥିବା ବେଳେ ୪୦,୦୩୩ ହେକ୍ଟର ଜମିରେ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରାଯାଉଛି। ଉପରୋକ୍ତ ଗଣନା ମୁତାବକ, ଜିଲାରେ ୨୪,୩୦୯ କ୍ଷୁଦ୍ରଚାଷୀ, ୧୩,୦୫୯ ନାମମାତ୍ର ଚାଷୀ ଏବଂ ୧୮,୫୬୨ ଜଣ କୃଷି ଶ୍ରମିକ ଚିହ୍ନଟ କରାଯାଇଛି। ଏହିପରି ଭାବେ ସହାୟତା ପାଇବାକୁ ଥିବା ଚାଷୀ ଓ କୃଷି ଶ୍ରମିକ ସଂଖ୍ୟା ୫୫,୯୩୦। ଏହାପରେ ଆଉ କୌଣସି ଗଣନା କିମ୍ବା ଚିହ୍ନଟ ହୋଇ ନ ଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ସରକାର ଜିଲାକୁ ପଠାଇଥିବା ସମ୍ଭାବ୍ୟ ତାଲିକରେ ୨୨,୩୮୨ ଏବଂ ଆବେଦନକାରୀଙ୍କ ସଂଖ୍ୟା ଏବେ ସୁଦ୍ଧା ୬୩,୮୯୦କୁ ମିଶାଇ ମୋଟ ୮୬,୨୭୨ ହୋଇସାରିଲେଣି। ଆହୁରି ୫ ଦିନ ବାକି ଥିବାରୁ ଏହି ସଂଖ୍ୟା ଲକ୍ଷେ ଟପିବ ବୋଲି କୃଷି ବିଭାଗ ଅନୁମାନ କରୁଛି। ଏପରି ସ୍ଥଳେ ଆବେଦନ କରିଥିବା ଭାଗଚାଷୀ କେଉଁ ତାଲିକାରେ ସାମିଲ ହେବେ ଏବଂ ପ୍ରଶାସନ ସେମାନଙ୍କୁ କିପରି ଚିହ୍ନଟ କରି ତାଲିକଭୁକ୍ତ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରଙ୍କ ଘୋଷଣା ପରେ ହିତାଧିକାରୀ ତାଲିକାରେ ଯୋଡ଼ିହେବାକୁ ହିଁ ଆବେଦନ କରାଯାଉଛି। ତାଲିକାରୁ ବାଦ୍ ପଡ଼ିବା ପାଇଁ ଫର୍ମ ପକାଇଥିବା ଆବେଦନକାରୀଙ୍କ ସଂଖ୍ୟା ଅତି ନଗଣ୍ୟ ଥିବା ତଥ୍ୟରୁ ଜଣାପଡ଼ିଛି। ବୁଧବାର ସୁଦ୍ଧା ଝାରସୁଗୁଡ଼ା ବ୍ଲକର ୩୨ ଜଣ, ଲଖନପୁରର ୨୭ ଜଣ, କୋଲାବିରାର ୬୬ ଜଣ, କିର୍ମିରାର ୭୯ ଜଣ ଏବଂ ଲଇକେରା ବ୍ଲକର ୭୧ଙ୍କୁ ମିଶାଇ ମୋଟ ୨୭୫ ଜଣ ତାଲିକାରୁ ବାଦ୍ ପଡ଼ିବାକୁ ଆବେଦନ କରିଛନ୍ତି।

## ଜାତୀୟ ସିପକ୍‌ଟାକ୍ରରେ ବିଇଏମ୍‌ଏସ୍ ଛାତ୍ର

**ବେଲପାହାଡ଼,୧୦।୧ (ଡି.ଏନ୍.ଏ.)**



କୋଚ୍‌ଙ୍କ ସହିତ ରାଜ୍।

ବୁଧବାରଠାରୁ ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ୧୭ ବର୍ଷରୁ କମ୍ ଜାତୀୟ ବିଦ୍ୟାଳୟ ସମୂହ ସିପକ୍‌ଟାକ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ (ବିଇଏମ୍‌ଏସ୍) ଛାତ୍ର ରାଜ୍ ସିଂ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି। ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଉଛନ୍ତି। ଗତବର୍ଷ ଆୟୋଜିତ ଜାତୀୟ ସିପକ୍‌ଟାକ୍ର ପ୍ରତିଯୋଗିତାରେ ରାଜ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ହାସଲ କରିଥିଲେ। ଏଥର ମଧ ତାଙ୍କୁ ସଫଳତା ମିଳିବ ବୋଲି କୋଚ୍ ମହାପାତ୍ର ଆଶା ପ୍ରକାଶ କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା ଅଫିସ,୧୦।୧**

୨୦୧୯ ସାଧରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଗୁରୁବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ୨ରୁ ୩ଦିନ ଧରି ପରେଡ୍ ଅଭ୍ୟାସ ପରେ ୨୬ ତାରିଖ ପ୍ରତ୍ୟୁଷରେ ରାମଧୂନ୍, ପ୍ରଭାତଫେରି, ସକାଳ ୯ଟାରେ ମନମୋହନ ସ୍କୁଲ ପଡ଼ିଆରେ ଜାତୀୟ ପତାକା ଉତ୍ତୋଳନ ହେବ। ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ, ମାତୃମଙ୍ଗଳ କେନ୍ଦ୍ର, କୁଷ୍ଠ କଲୋନୀ, ଉପକାରାଗାର, ନିରାଶ୍ରୟ, ମାନସିକ ଅସୁସ୍ଥ ଏବଂ ବୃଦ୍ଧାଶ୍ରମରେ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯିବ। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଚାଷୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବୈଠକରେ କ୍ରୀଡ଼ା ସଂଘର ତାପସରାୟ ଚୌଧୁରୀ, ବରିଷ୍ଠ ନାଗରିକ ସଙ୍ଘର ବାଲଗୋବିନ୍ଦ ମିଶ୍ର, ଅର୍ଜ୍ଜୁନ ମୋର ପ୍ରମୁଖ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ବିବରଣୀ ପାଠ କରିଥିଲେ।


ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ବିଶ୍ୱ ହିନ୍ଦୀ ଦିବସ ପାଳିତ

**କିର୍ମିରା,୧୦।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବାଗଡିହିଠାରେ କିର୍ମିରା ପ୍ରେସ କ୍ଲବ ଓ ନବଭାରତ ମିଳିତ ସହଯୋଗରେ ସ୍ଥାନୀୟ ରାଧାକୃଷ୍ଣ ଧର୍ମଶାଳାରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷା ଆମକୁ ଏକ ସୂତ୍ରରେ ବାନ୍ଧି ରଖିପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଗଡିହି ବ୍ରାହ୍ମଣ ସମାଜ ସଭାପତି ମାତାଦିନ ଶର୍ମା, ଅଧ୍ୟାପିକା ମୀନା ସୋନି, ତବସ୍ସୁମ୍ ବାନୋ, ଆଇନଜୀବୀ ସ୍ୱପ୍ନା ସାହୁ, ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କର୍ମଚାରୀ ସୌଭାଗ୍ୟ ପଟେଲ, ଜୟରାମ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କାଜଲ ଶର୍ମା, ପ୍ରୀତି ଶର୍ମା, ଶୋଭା ଅଗ୍ରୱାଲ, ପିଙ୍କି ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ରାଧେଶ୍ୟାମ ମିଶ୍ର, ଗୋପାଳ କଲାର, ତ୍ରିନାଥ ଗୁଆଲ, କ୍ଷୀରେନ୍ଦ୍ର ବିଶ୍ୱାଳ, ଚୂଡ଼ାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ କ୍ଲବର ଅଜୟ ଶର୍ମା, ଆର୍ତ୍ତତ୍ରାଣ ସାହୁ, ଡିଲେଶ୍ୱର ବାଗ, କୁଞ୍ଜବିହାରୀ ପଟେଲ, ବୁଲୁ ସାହୁ, ସ୍ୱେଚ୍ଛାସେବୀ ବୁଲୁ ପାଢ଼ୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।


ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ୨ ଟ୍ରେଲର୍।

## ୨ ଟ୍ରେଲର ଧକ୍କା, ଡ୍ରାଇଭର ମୃତ

**ବେଲପାହାଡ଼,୧୦।୧ (ଡି.ଏନ୍.ଏ.)**

୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଓଭରବ୍ରିଜରେ ବୁଧବାର ବିଳମ୍ବିତ ରାତିରେ ଦୁଇଟି କୋଇଲା ବୋଝେଇ ଟ୍ରେଲର ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଡାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡାଇଭରଙ୍କ ନାମ ଶୋଭନ ପାଶୱାନ (୩୦)। ତାଙ୍କ ଘର ବିହାର ଔରଙ୍ଗାବାଦ ଜିଲା ମହୁଲି ଗାଁରେ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୨ଟାରେ ଏହି ଦୁର୍ଘଟଣା ଘଟିଛି। ସିଜି୧୧–ଏବି୭୨୧୧ନଂ ଟ୍ରେଲର ଝାରସୁଗୁଡ଼ା ପଟୁ ଛତିଶଗଡ଼ ଆଡ଼କୁ ଯାଉଥିବାବେଳେ ସିଜି୧୩–ୱାଇ୯୩୧୦ନଂ ଟ୍ରେଲର୍ ଛତିଶଗଡ଼ ପଟୁ ଝାରସୁଗୁଡ଼ା ଆଡ଼କୁ ଆସୁଥିଲା। ବ୍ରିଜ ଉପରେ ମୁହିଁମୁହିଁ ଧକ୍କା ହୋଇଥିଲା। ଛତିଶଗଡ଼ ଆଡ଼କୁ ଯାଉଥିବା ଟ୍ରେଲରର ଡାଇଭର ଶୋଭନ ଗାଡ଼ି ମଧ୍ୟରେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ପୋଲିସ ମୃତଦେହ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରେଲର ଦୁଇଟି ଓଭରବ୍ରିଜ୍ ଉପରେ ରହିଥିବାରୁ ଗୁରୁବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଏ ସଂକ୍ରାନ୍ତରେ ବେଲପାହାଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ଟିଆର୍ଏଲ୍ ଶବଗୃହରେ ମୃତଦେହକୁ ରଖିଛି। ଦୁର୍ଘଟଣା ପରେ ସିଜି୧୩–ୱାଇ୯୩୧୦ନଂ ବିଶିଷ୍ଟ ଟ୍ରେଲର ଡାଇଭର ଫେରାର୍ ହୋଇଯାଇଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲଇକେରା,୧୦।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅଧକ୍ଷ ଦିଲୀପ କୁମାର ପଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ବିଧାୟକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକିଶୋର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ଡ. ପ୍ରଭାସ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ଆମୋଦ ପ୍ରମୋଦର ଆବଶ୍ୟକତା ରହିଥିବା କହିଥିଲେ। ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ଗୋପାଳ ସାହୁ କଂସ ବେଶରେ ଯୋଗଦେଇ ଭଲ ମଣିଷ ହେବାକୁ ହେଲେ ଶିକ୍ଷାର ଆବଶ୍ୟକତା ରହିଥିବା କହିଥିଲେ। ମନୋରଞ୍ଜନ ସକାଶେ ସେ ଅନେକ ସଂଳାପ କହି ନିଜ କଳାନୈପୁଣ୍ୟ ଦେଖାଇଥିଲେ। ତହସିଲଦାର ତପନ ଦେବ ଚକ୍ରବର୍ତ୍ତୀ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ, ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ସୁଧାଂଶୁ ଶେଖର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧକ୍ଷ ପଟେଲ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ସୁଦୀପ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସୁପ୍ରଭା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ସଭାମଞ୍ଚରେ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ଗୋପାଳ ସାହୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ସମାସିଂହା ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କୋଲାବିରା,୧୦।୧(ଡି.ଏନ୍.ଏ.)**

କୋଲାବିରା ବ୍ଲକ ସାମସିଂହାସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ତୁଳାରାମ ସେନାପତିଙ୍କ ଅଧକ୍ଷତାରେ ଗୁରୁବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଗୁରୁଚରଣ ସାହୁ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ାର ସମନ୍ୱୟ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପଟେଲ, ଅବସରପ୍ରାପ୍ତ ଖେଳ ଶିକ୍ଷକ କରୁଣାକର ସେଠ, କ୍ଷୀରୋଦ ଗୌନ୍ତିଆ, ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ କରୁଣାକର ସେଠ, ସନ୍ତୋଷ ଦାସ ଏବଂ ଟଙ୍କଧର ପଶାୟତ ଖେଳ ପରିଚାଳନା କରିଥିବାବେଳେ ଗଣେଶରାମ ପଟେଲ, ସତ୍ୟ ନାରାୟଣ ପଟେଲ, ପ୍ରମିଳା ବେହେରା, ଯୋଗେଶ୍ୱର ସେନାପତି, ସୁନନ୍ଦ ରଣା ପ୍ରମୁଖ ସହଯୋଗ କରିଥିଲେ। ୧୫୨ ଜଣ ଛାତ୍ରୀଛାତ୍ର କ୍ରୀଡ଼ାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ରାଉରକେଲା ବିଜୟୀ

**କିର୍ମିରା,୧୦।୧ (ଡି.ଏନ୍.ଏ.)**

କିର୍ମିରା ବ୍ଲକ ଡୁଲେଶରା ଗ୍ରାମ କ୍ରିକେଟ ପଡ଼ିଆରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଗୁରୁବାର ରାଉରକେଲା ମାରୁତି କ୍ଲବ ଏବଂ ସୁନ୍ଦରଗଡ଼ କୁତ୍ରା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଉରକେଲା ବିଜୟୀ ହୋଇଛି। ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ, ଜିଲା କ୍ରିକେଟ ଆସୋସିଏଶନ୍ ସଭାପତି ପ୍ରଜ୍ୱଳ ପଟେଲ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥିବୃନ୍ଦ।

## ରଙ୍ଗ୍ ପରବ୍ ନାଟ୍ୟୋତ୍ସବ ଆରମ୍ଭ

**ବେଲପାହାଡ଼,୧୦।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳର ନାଟ୍ୟ ଅନୁଷ୍ଠାନ ମିରର୍ ଥିଏଟରର ରୌପ୍ୟ ଜୟନ୍ତୀ ଅବସରରେ ଟିଆର୍‌ଏଲ ଷ୍ଟାଡିୟମରେ ବୁଧବାରଠାରୁ ଜାତୀୟ ନାଟ୍ୟ ଉତ୍ସବ ରଙ୍ଗ୍ ପରବ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ ଏବଂ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ. ତାରାପଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଟକ ମାଧ୍ୟମରେ ସମାଜରେ ଭଲ କାମ ପାଇଁ ସଚେତନତା ସୃଷ୍ଟି ହେବା ସହ କଳାର ବିକାଶ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମିରର୍ ଥିଏଟର ପ୍ରତିଷ୍ଠାତା ସୁବାସ ପ୍ରଧାନ ଅନୁଷ୍ଠାନର ଦୀର୍ଘ ଯାତ୍ରା ଓ ସଫଳତା ଉପସ୍ଥାପନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ସମ୍ବଲପୁର ଶ୍ରୀକଲଚରାଲ ଆସୋସିଏଶନର କଳାକାର ନାଟକ ପରିବେଷଣ କରିଥିଲେ। ନାଟ୍ୟକାର ସତ୍ୟରଞ୍ଜନ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ବନ୍ୟପ୍ରାଣୀ ଓ ମଣିଷ ମଧ୍ୟର ରହି ଆସିଥିବା ନିବିଡ଼ ସମ୍ପର୍କ ଏବଂ ସ୍ନେହଭାବକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ନାଟ୍ୟ ଉତ୍ସବ ଚାଲିବ।


ରଙ୍ଗ୍ ପରବ୍ ଉତ୍ସବରେ ସମ୍ବଲପୁର ଶ୍ରୀ କଲଚରାଲ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକର ଏକ ଦୃଶ୍ୟ।